# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୨୧/୨୦୨୫ (୧୮ ପୃଷ୍ଠା+ଛୁଟିଦିନ) Bhubaneswar, Sunday, September 21/2025 Page 18 ₹ 7.00 | BERHAMPUR

୫୧ଶ ଭାଗ ୨୯୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 297 ମୂଲ୍ୟ₹୭/-





Celebrating
60
Years of
Anokha Swad
DIAMOND JUBILEE
KP GROUP
KAMLA PASAND
Celebrating
60
YEARS
अनोखा स्वाद
No Tobacco, No Nicotine
• Not recommended for minors
• Chewing of pan masala is injurious to health

# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୨୧/୨୦୨୫ | Bhubaneswar, Sunday, September 21/2025 | ପୃଷ୍ଠା-୧





## ନିର୍ମାଣହେବ ନୂତନ ଲୋକସେବା ଭବନ

**ଭୁବନେଶ୍ୱର,୨୦।୯(ସୁନିତ୍ ମିଶ୍ର)**

ରାଜ୍ୟରେ ନିର୍ମାଣ ହେବ ନୂତନ ଲୋକସେବା ଭବନ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ଲୋକସେବା ଭବନ କିପରି ହେବ ତା'ର ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବାର ଦାୟିତ୍ୱ ଓଡ଼ିଶା ସେତୁ ଓ ନିର୍ମାଣ ନିଗମକୁ ଦିଆଯାଇଛି। ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ପକ୍ଷରୁ ଏହାର ପରିବର୍ଦ୍ଧିତ ଯୋଜନାର ପୃଷ୍ଠା-୨

### ମୋହନଲାଲ୍‌ଙ୍କୁ ଦାଦାସାହେବ ଫାଲ୍‌କେ



ପୃଷ୍ଠା-୧୦

**ଆଜିର ସମ୍ପାଦକୀୟ**

**ଜ୍ଞାନ ଓ ଆତ୍ମବିଜ୍ଞାନ**

# ଏଚ୍-୧ବି ଭିଜା ଫି' ୮୮ ଲକ୍ଷ ଟଙ୍କା

- **ବୃଦ୍ଧି ଘୋଷଣା କଲେ ରାଷ୍ଟ୍ରପତି ଟ୍ରମ୍ପ୍**
- **୭୦% ଭାରତୀୟ ହିତାଧିକାରୀ ହେବେ ପ୍ରଭାବିତ**

**ଆମେରିକାରେ ଏଚ୍-୧ ଭିଜା ଫି' ବହୁ ପରିମାଣରେ ବୃଦ୍ଧି କରାଯାଇଥିବାରୁ ସେଠାକୁ ଯାଇ ବସବାସ କରିବାକୁ ଚାହୁଁଥିବା ଭାରତୀୟମାନେ ଅଧିକ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶୁକ୍ରବାର ଏଚ୍-୧ବି ଭିଜା ଫି'କୁ ବାର୍ଷିକ ୧ ଲକ୍ଷ ଡଲାର ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି, ଯାହାକି ପୂର୍ବରୁ ୨,୦୦୦-୫,୦୦୦ ଡଲାର ପଡୁଥିଲା। ଏହି ଭିଜା ବଳରେ ଆମେରିକାରେ ଜଣେ ଭାରତୀୟ ପ୍ରଫେସନାଲ ରହିବାକୁ ଚାହୁଁଥିଲେ ସେପ୍ଟେମ୍ବର ୨୧ ମଧ୍ୟରାତ୍ରିରୁ ତାଙ୍କୁ ପ୍ରାୟ ୮୮ ଲକ୍ଷ ଟଙ୍କା ଦେବାକୁ ପଡ଼ିବ। ଆମେରିକା ଲଟେରି ଜରିଆରେ ବର୍ଷକୁ ୮୫,୦୦୦ ଏଚ୍-୧ବି ଭିଜା ଜାରି କରିଥାଏ। ସେଥିରୁ ୭୦%ରୁ ଅଧିକ ଭିଜାଧାରୀ ହେଉଛନ୍ତି ଭାରତୀୟ। ଚାଇନା ଏହି କ୍ଷେତ୍ରରେ ୧୧.୭% ଭିଜାଧାରୀଙ୍କୁ ନେଇ ଦ୍ୱିତୀୟରେ ରହିଛି। ତେଣୁ ଟ୍ରମ୍ପ୍‌ଙ୍କ ନିଷ୍ପତ୍ତି ଫଳରେ ଆଗକୁ ଭାରତୀୟ ପ୍ରଯୁକ୍ତି ପ୍ରଫେସନାଲ ଓ ଅନ୍ୟ ପେସାଦାରମାନେ ଏବଂ ଭାରତର ଟେକ୍ କମ୍ପାନୀଗୁଡ଼ିକ ବହୁଳ ପ୍ରଭାବିତ ହେବେ ବୋଲି ବିଶେଷଜ୍ଞମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।**




**ୱାଶିଂଟନ୍/ ନୂଆଦିଲ୍ଲୀ, ୨୦।୯(ପି.ଟି./ ରଏଟର୍ସ)**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏଚ୍-୧ବି ଭିଜା ଫି' ୧୦୦,୦୦୦ ଡଲାର (ପ୍ରାୟ ୮୮ ଲକ୍ଷ ଟଙ୍କା) ପର୍ଯ୍ୟନ୍ତ ବୃଦ୍ଧି ନେଇ ଏକ ଘୋଷଣାନାମାରେ ସ୍ୱାକ୍ଷର କରିଛନ୍ତି। ଟ୍ରମ୍ପ୍‌ଙ୍କ ଏହି ପଦକ୍ଷେପ ଆମେରିକାରେ ବସବାସ କରୁଥିବା ଭାରତୀୟ ପ୍ରଫେସନାଲମାନଙ୍କୁ ନକାରାତ୍ମକ ଭାବେ ପ୍ରଭାବିତ କରିବ ବୋଲି କୁହାଯାଉଛି।

ରାଷ୍ଟ୍ରପତି ଟ୍ରମ୍ପ୍ ଶୁକ୍ରବାର 'ରେଷ୍ଟ୍ରିକ୍ସନ ଅନ୍ ଏଣ୍ଟ୍ରି ଅଫ୍ ସାର୍ଟେନ୍ ନନ୍‌ଇମିଗ୍ରାଣ୍ଟ ୱାର୍କର୍ସ' ପ୍ରୋକ୍ଲାମେଶନ୍‌ରେ ସ୍ୱାକ୍ଷର କରିଛନ୍ତି। ଏଚ୍-୧ବି ଭିଜା କାର୍ଯ୍ୟକ୍ରମ 'ଜାତୀୟ ସୁରକ୍ଷା ପ୍ରତି ଏକ ବିପଦ' ବୋଲି ସେ କହିଛନ୍ତି। ଆପ୍ରବାସନ ଆଇନଜୀବୀ ଓ କମ୍ପାନୀଗୁଡ଼ିକ ବର୍ତ୍ତମାନ ଆମେରିକା ବାହାରେ କୌଣସି କାର୍ଯ୍ୟ କିମ୍ବା ଛୁଟି ପାଇଁ ଥିବା ଏଚ୍-୧ବି ଭିଜାଧାରୀ କିମ୍ବା ସେମାନଙ୍କ ପରିବାର ସଦସ୍ୟମାନଙ୍କୁ ୨୪ ଘଣ୍ଟା ଭିତରେ ଫେରିଆସିବାକୁ ପରାମର୍ଶ ଦେଇଛନ୍ତି। ସେପ୍ଟେମ୍ବର ୨୧ ରାତି ୧୨ଟା ୦୧ ମିନିଟ୍‌ରେ ଏହି ପ୍ରୋକ୍ଲାମେଶନ୍ କାର୍ଯ୍ୟକାରୀ ହେଉଥିବାରୁ ଉକ୍ତ ଅବଧି ମଧ୍ୟରେ ସେମାନେ ଆମେରିକା ନ ଫେରିଲେ ପରବର୍ତ୍ତୀ ସମୟରେ ସେମାନଙ୍କୁ ପ୍ରବେଶ ଅନୁମତି ମିଳିବ ନାହିଁ।

କଂଗ୍ରେସମ୍ୟାନ୍ ରାଜା କ୍ରିଷ୍ଣା ଏଚ୍-୧ବି ଭିଜା ଫି' ବୃଦ୍ଧି ନିଷ୍ପତ୍ତିକୁ 'ଉଚ୍ଚ ଦକ୍ଷତାସମ୍ପନ୍ନ ଶ୍ରମିକଙ୍କଠାରୁ ଆମେରିକାକୁ ବିଚ୍ଛିନ୍ନ କରିବା ପାଇଁ ଉଦ୍ଦିଷ୍ଟ ଏକ ଉଦ୍ୟମ' ରୂପେ ଅଭିହିତ କରିଛନ୍ତି। ଏହି ବର୍ଗର ହାଇସ୍କିଲ୍ଡ ୱାର୍କରମାନେ ଆମେରିକାର ପୃଷ୍ଠା-୨

**ଏଚ୍-୧ବି ଉପରେ ସର୍ବାଧିକ ନିର୍ଭରଶୀଳ**

| ଟେକ୍ କମ୍ପାନୀ | ମଞ୍ଜୁରୀପ୍ରାପ୍ତ ଭିଜା ସଂଖ୍ୟା |
|---|---|
| ଆମାଜନ୍ | ୧୦,୦୪୪ |
| ଟିସିଏସ୍ | ୫,୫୦୫ |
| ମାଇକ୍ରୋସଫ୍ଟ | ୫,୧୮୯ |
| ମେଟା | ୫,୧୨୩ |
| ଆପଲ | ୪,୨୦୨ |
| ଗୁଗଲ | ୪,୧୮୧ |
| ଡେଲୋଇଟ | ୨,୩୫୩ |
| ଇନ୍‌ଫୋସିସ | ୨,୦୦୪ |
| ୱିପ୍ରୋ | ୧,୫୨୩ |
| ଟେକ୍ ମହିନ୍ଦ୍ରା ଆମେରିକାସ୍ | ୯୫୧ |

* ୟୁଏସ୍‌ସିଆଇଏସ୍ ପକ୍ଷରୁ ଜାରି ୨୦୨୫ର ତଥ୍ୟ




No.T-85

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

✻✻✻✻✻✻✻✻✻✻

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସପ୍ତଦଶ ବିଧାନସଭାର ଚତୁର୍ଥ ଅଧିବେଶନ ବଳବତ୍ତର ଥିବା ହେତୁ ଆସନ୍ତା ସୋମବାର, ଇଂରାଜୀ ତା 22/09/2025 ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ।** ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0193/2526



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ନବମାତୃକା ପୂଜା ଅଭ୍ୟର୍ଥନା କମିଟି ପକ୍ଷରୁ ୧୩ତମ ନବମାତୃକା ପୂଜା ୨୦୨୫, ସ୍ଥାନ: ସହିଦ ନଗର ସ୍ଥିତ ଆର୍ଯ୍ୟ ସମାଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସପ୍ତକ ଫାଉଣ୍ଡେଶନ୍ ପକ୍ଷରୁ ଦେବରାଜ ସାମନ୍ତରାୟଙ୍କ ୮୭ତମ ଜନ୍ମ ଦିବସ ପାଳନ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଏମ୍ସର ୧୩ତମ ବାର୍ଷିକ ଉତ୍ସବ, ସ୍ଥାନ: ଏମ୍ସ ଅଡ଼ିଟୋରିୟମ୍, ସମୟ: ଅପରାହ୍ନ ୩ଟା ୪୫।
- ବନ୍ଧୁଘର ସାହିତ୍ୟ ପିଣ୍ଡା ପକ୍ଷରୁ ମାସିକ ସାହିତ୍ୟ ଆସର,ସ୍ଥାନ: ସମ୍ହସ୍ପିଟାଲ ଗୋଲେଇ ଛକ ନିକଟସ୍ଥ ବନ୍ଧୁ ଘର, ସମୟ: ଅପରାହ୍ନ ୪ଟା ୩୦।
- ଗାଜା ଷ୍ଟ୍ରିପ ପାଲେଷ୍ଟାଇନ୍ ସଲିଡ଼ରିଟି ମିଟିଙ୍ଗ, ସ୍ଥାନ: ମାଷ୍ଟର କ୍ୟାଣ୍ଟିନ୍ ଛକ, ସମୟ: ଅପରାହ୍ନ ୫ଟା ୩୦।

## କଟକ
- ବସନ୍ତ ନାୟକ ଫାଉଣ୍ଡେଶନ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା ଓ ଚଷମା ବିତରଣ, ସ୍ଥାନ: ବାରବାଟୀ ପ୍ୟାଲେସ୍, ବାରବାଟୀ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଅହମଦୀୟା ମୁସଲିମ ଜମାତ କଟକ ପକ୍ଷରୁ ତୃତୀୟ ବିଶ୍ୱଯୁଦ୍ଧ ବନ୍ଦ ହେଉ ଶୀର୍ଷକରେ ବ୍ୟାନର ପ୍ରଦର୍ଶନୀ, ସ୍ଥାନ: ବାଦାମବାଡ଼ି ଟ୍ରାଫିକ ଛକ, ସମୟ: ସକାଳ ୯ଟା।
- ମହାଳୟା ଅବସରରେ ସାମୂହିକ ତିଳତର୍ପଣ, ସ୍ଥାନ: ଶ୍ରୀଶ୍ରୀ ଗୋପିନାଥ ଜିଉ ମନ୍ଦିର ପ୍ରାଙ୍ଗଣ, ରାଉସା ପାଟଣା, ସମୟ: ପୂର୍ବାହ୍ନ ୧୦ଟା।
- ବନ୍ଦେ ଉତ୍କଳ ପକ୍ଷରୁ ଡକ୍ଟର ବ୍ରଜ ମୋହନ ମହାନ୍ତିଙ୍କ ସ୍ମୃତିସଭା, ସ୍ଥାନ: ମା' ଶାରଳା ସଦନ, ବଙ୍ଗାଳିସାହି, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ଓଡ଼ିଶା ପ୍ରୋ ଟି୨୦ ଲିଗ୍ର ପଞ୍ଚମ ଦିବସ, ସ୍ଥାନ: ବାରବାଟୀ ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା।
- ବନ୍ଦେ ଉତ୍କଳ ପକ୍ଷରୁ ଡକ୍ଟର ବ୍ରଜ ମୋହନ ମହାନ୍ତିଙ୍କ ସ୍ମୃତିସଭା, ସ୍ଥାନ: ମା' ଶାରଳା ସଦନ, ବଙ୍ଗାଳିସାହି, ସମୟ: ସନ୍ଧ୍ୟା ୬ଟା।
- ପୋଲିସ ପଦାଧିକାରୀ କଲ୍ୟାଣ ସମିତିର ବାର୍ଷିକ ଉତ୍ସବ, ସ୍ଥାନ: କଟକ କ୍ଲବ ଆନେକ୍ସ-୧, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର
- ଜିଲାସ୍ତରୀୟ ମୋଦି ବିକାଶ ମାରାଥନ୍, ସ୍ଥାନ: ଜଗନ୍ନାଥ ମନ୍ଦିର ସମ୍ମୁଖ, ନୀଳଗିରି, ସମୟ: ସକାଳ ୮ଟା।
- ପ୍ରଧାନମନ୍ତ୍ରୀ ଜନ୍ମ ଦିବସ ଓ ସେବା ପକ୍ଷରେ ଭାଜପା ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଚନ୍ଦନେଶ୍ୱର ନୂତନ ଯାତ୍ରୀନିବାସ, ଚନ୍ଦନେଶ୍ୱର, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ସେବା ପକ୍ଷ ଅବସରରେ ଜିଲାସ୍ତରୀୟ ମାରାଥନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଡାହାଣୀଗଡିଆ ଛକ, ଭଦ୍ରକ, ସମୟ: ସକାଳ ୭ଟା ୩୦।
- ସମ୍ପର୍କ ପତ୍ରିକା ଉନ୍ମୋଚନ, ସ୍ଥାନ: ବିଜୁ ସ୍ମୃତି ଭବନ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆତ୍ମନିର୍ଭରଶୀଳ ଭାରତ ଓ ନୂତନ ଜିଏସ୍ଟି ବିଷୟରେ ଜିଲାସ୍ତରୀୟ ଆଲୋଚନା, ସ୍ଥାନ: ଜିଲା ଭାଜପା କାର୍ଯ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ବାବା ଗଜାନନଙ୍କ ଭସାଣି ଉତ୍ସବ, ସ୍ଥାନ: କଦମବେଡ଼ା, ଭଦ୍ରକ, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର
- ସେବା ପଖୱାଡ଼ା ମାରାଥନ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର, ସମୟ: ସକାଳ ୬ ଟା ୧୫।
- ଚତୁର୍ଥ ନକ୍ଆଉଟ ଫୁଟ୍ବଲ ଟୁର୍ନାମେଣ୍ଟ, ସ୍ଥାନ: ଟୁଙ୍ଗୁଲେଇସାହି ଖେଳପଡ଼ିଆ, ବସାସାହି, ଚମ୍ପୁଆ, ସମୟ: ପୂର୍ବାହ୍ନ ୧୦ ଟା।
- ସଂସଦ ଖେଳ ମହୋତ୍ସବ, ସ୍ଥାନ – କେନ୍ଦୁଝର ଷ୍ଟାଡିୟମ, ସମୟ – ପୂର୍ବାହ୍ନ ୧୦ ଟା
- ଗୋଣ୍ଡ ସାଂସ୍କୃତିକ ସମାଜ ଓଡିଶା ଶାଖା ର ପ୍ରସ୍ତୁତି ବୈଠକ, ସ୍ଥାନ: ଲଙ୍ଗଲକଣ୍ଟି, ଢ଼େଙ୍କିକୋଟ୍, ସ୍ଥାନ: ପୂର୍ବାହ୍ନ ୧୦ ଟା।
- ଲକ୍ଷ୍ମୀନାରାୟଣ ମନ୍ଦିରରେ ପୂଜାର୍ଚ୍ଚନା, ଭଜନ କୀର୍ତ୍ତନ, ସ୍ଥାନ: ଓରାଳୀ, ଛେନାପଦି, ସମୟ: ସକାଳ ୬ ଟା ଓ ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ବିଦ୍ୟାଳୟର ପ୍ଲାଟିନମ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ, ମୋରଡା, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର
- ଓଏସଇବି ବୈଷୟିକ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ, ସ୍ଥାନ: ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ, ସମୟ: ପୂର୍ବାହ୍ନ ୧୦ଟା।
- ଆରଏସ୍ଏସ୍ର ଶତାବ୍ଦୀ ବର୍ଷ କାର୍ଯ୍ୟକ୍ରମ ନେଇ ସାମ୍ବାଦିକ ସମ୍ମିଳନୀ, ସ୍ଥାନ: ଉତ୍କଳ ଆଶ୍ରମ, ସମୟ: ପୂର୍ବାହ୍ନ ୧୦ଟା।

## ଗଞ୍ଜାମ
- ଭାଜପା ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ବୁଗୁଡ଼ା କଳିଙ୍ଗ ବ୍ଲେଡ୍ ସଂଘ ବଡଦାଣ୍ଡ, ସମୟ: ସକାଳ: ୯ ଟା।

## କନ୍ଧମାଳ
- ମିନି ମାରାଥନ, ସ୍ଥାନ: ଫୁଲବାଣୀ କରୋନେଶନ ପଡ଼ିଆ, ସମୟ: ସକାଳ ୭ ଟା।
- ସାଂଜାସରୁ ଉନ୍ନୟନ ଟ୍ରଷ୍ଟର ବୈଠକ, ସ୍ଥାନ: ଦାରିଙ୍ଗବାଡି ବ୍ଲକ୍ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଗଜପତି
- ସେବା ପଖୱାଡା ମାରାଥନ କାର୍ଯ୍ୟକ୍ରମ, ସ୍ଥାନ: ଗଜପତି ଷ୍ଟାଡିୟମ, ସମୟ: ସକାଳ ୬ ଟା ୧୫।
- ବିଦେଶରେ ପୁରସ୍କୃତ ନୃତ୍ୟ ଶିଳ୍ପୀଙ୍କୁ ଅଭିନନ୍ଦନ ସମାରୋହ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପାରଳାଖେମୁଣ୍ଡି, ସମୟ: ପୂର୍ବାହ୍ନ ୧୦ ଟା ୩୦।

## ଢେଙ୍କାନାଳ
- ସେବା ପକ୍ଷ ପାଇଁ ଜିଲାସ୍ତରୀୟ ମାରାଥନ, ସ୍ଥାନ: ଆଞ୍ଚଳିକ ପରିବହନ ଟେଷ୍ଟିଂ କେନ୍ଦ୍ର, ମହିଷାପାଟ, ସମୟ–ସକାଳ ୬ଟା
- ପୂର୍ବତନ ସୈନିକ ସଂଘ ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ବଜରଙ୍ଗ କ୍ଲବ ପରିସର, ସମୟ: ସକାଳ ସାଢେ ୮ଟା।
- ଆରୟୁ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ସୂର୍ଯ୍ୟ ହୋଟେଲ, ଢେଙ୍କାନାଳ, ସମୟ: ସନ୍ଧ୍ୟା ସାଢେ ୬ଟା।

## ଅନୁଗୋଳ
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା କୃଷି ମହୋତ୍ସବ, ସ୍ଥାନ: ଅନୁଗୋଳ ବିଜୁ ମଇଦାନ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍ସିଂହପୁର
- ସେବା ପକ୍ଷ ଉତ୍ସବରେ ମିନି ମାରାଥନ, ସ୍ଥାନ: ଯୋଗଧାରୀ (ନୂଆବସ୍ ଷ୍ଟାଣ୍ଡ ନିକଟ)ରୁ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ପର୍ଯ୍ୟନ୍ତ ମିନିମାରାଥନ, ଜଗତ୍ସିଂହପୁର,ସମୟ: ସକାଳ ୭ଟା।
- ରୋଟାରି କ୍ଲବ ପକ୍ଷରୁ ବୈଠକ, ସ୍ଥାନ: ପାରାଦୀପ କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱକର୍ମା ପୂଜା ମଣ୍ଡପ ଅଞ୍ଚଳରେ ଟ୍ରେଲର ଆସୋସିଏଶନ ପକ୍ଷରୁ ଶୁଦ୍ଧ ପାନୀୟଜଳ ସେବା, ସ୍ଥାନ ପୂଜା ମଣ୍ଡପ ଅଞ୍ଚଳ, ନୁଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ବାଲିଘର ମାସିକ ସାହିତ୍ୟ ପତ୍ରିକାର ପୂଜା ସଂଖ୍ୟା ଉନ୍ମୋଚନ, ସ୍ଥାନ: ମା' ଉତ୍ତରେଶ୍ୱରୀ ମନ୍ଦିର ପରିସର, ଇବ୍ରିସିଂ, ତିର୍ତ୍ତୋଲ, ସମୟ: ଅପରାହ୍ନ ୪ଟା।
- ଜଗନ୍ନାଥ ଟ୍ରକ୍ ମାଲିକସଂଘ ପୂଜା ମଣ୍ଡପ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ, ବଡ଼ପଡ଼ିଆ ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସ୍ଷ୍ଟାଣ୍ଡ, ସମୟ:ସକାଳ ୬ଟା।
- ଜିଲା ଭାଜପା ପକ୍ଷରୁ ଜିଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଇନ୍ଡୋର ଷ୍ଟାଡ଼ିୟମ୍, ଇଚ୍ଛାପୁର, କେନ୍ଦ୍ରାପଡା ସହର, ସମୟ:ସକାଳ ୯ଟା।
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ପକ୍ଷରେ ଗଣଦୌଡ, ସ୍ଥାନ:ତିନିମୁହାଣୀ ଛକ, କେନ୍ଦ୍ରାପଡା ସହର, ସମୟ:ସକାଳ ୭ଟା।

## ଯାଜପୁର
- ଜିଲାସ୍ତରୀୟ ମାରାଥନ, ସ୍ଥାନ: ଯାଜପୁର ଏନ୍ସି କଲେଜଠାରୁ ଇନ୍ଡୋର ଷ୍ଟାଡିୟମ, ସମୟ: ସକାଳ ୭ଟା।
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀ ସ୍ୱାଗତ କାର୍ଯ୍ୟକ୍ରମ, ସ୍ଥାନ: କୃପାସିନ୍ଧୁ ବିଦ୍ୟା ଭବନ, ବରୀ, ସମୟ: ଅପରାହ୍ନ ୫ ଟା।

## ନୟାଗଡ଼
- ବିମଳାଙ୍କ ଷୋଡଶ ପୂଜାର ଅଷ୍ଟମ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା।
- ସତ୍ୟସାଇ ବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ଗଣିଆ ବ୍ଲକ କାଳିକାପ୍ରସାଦ ସହ ଆଖପାଖ ଗାଁ, ସମୟ: ସକାଳ ୮ଟାରୁ ରାତି ସାଢ଼େ ୯ଟା।
- ନାରାୟଣୀଙ୍କ ଷୋଡଶ ପୂଜାର ଅଷ୍ଟମ ଦିବସ, ସ୍ଥାନ:ଭାପୁର ବ୍ଲକର ପଥରଚକଡା ପୀଠ, ସମୟ: ସକାଳ ୮ଟା।
- ସେବା ପକ୍ଷର ମାରାଥନ ରାଲି, ସ୍ଥାନ:ନୟାଗଡ ଜଗନ୍ନାଥ ମନ୍ଦିରଠାରୁ ନୟାଗଡ ଷ୍ଟାଡିୟମ, ସମୟ: ସକାଳ ସାଢ଼େ ୬ଟା।
- ମହାଳୟା ଶ୍ରାଦ୍ଧ, ସ୍ଥାନ:ନୟାଗଡ ଜଗନ୍ନାଥ ମନ୍ଦିର, ସମୟ: ସକାଳ ସାଢ଼େ ୬ଟା ରୁ ଆରମ୍ଭ।

## ରାୟଗଡ଼ା
- ସେବା ପଖୱାଡ଼ା ପାଳନ ଅବସରରେ ଜିଲାସ୍ତରୀୟ ମାରାଥନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖ, ରାୟଗଡ଼ା, ସମୟ: ସକାଳ ୬ଟା।

## ନବରଙ୍ଗପୁର
- ଦୁର୍ଗାପୂଜା ଉପଲକ୍ଷେ ପୋଲିସ ପକ୍ଷରୁ ଶାନ୍ତି କମିଟି ବୈଠକ, ସ୍ଥାନ: ଉମରକୋଟ ଥାନା, ସମୟ ପୂର୍ବାହ୍ନ: ୧୧ଟା।

## କୋରାପୁଟ
- ଜିଲାସ୍ତରୀୟ ମାରାଥନ କାର୍ଯ୍ୟକ୍ରମ, ସ୍ଥାନ : ସ୍ପୋର୍ଟସ କମ୍ପ୍ଲେକ୍ସ, କୋରାପୁଟ, ସମୟ: ସକାଳ ୬ଟା ୩୦।
- ଜିଲାସ୍ତରୀୟ ହିନ୍ଦୀ ଦିବସ ସମାରୋହ, ସ୍ଥାନ: ଅଲିଶାନ ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ଜିପିଏଲଏଫ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ, ସ୍ଥାନ: ବିଡିଓଙ୍କ କାର୍ଯ୍ୟାଳୟ, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୦ଟା।
- ସେମିଳିଗୁଡ଼ା ଉପଖଣ୍ଡ ମାନ୍ୟତା ଦାବି ନେଇ ସମାବେଶ, ସ୍ଥାନ: ବସ୍ଷ୍ଟାଣ୍ଡ, ସେମିଳିଗୁଡ଼ା, ସମୟ: ଅପରାହ୍ନ ୪ଟା।

## ସମ୍ବଲପୁର
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ମା' ସମଲେଇଙ୍କ ଧବଳମୁଖୀ ବେଶ ଦର୍ଶନ ନୀତି, ସ୍ଥାନ : ସମଲେଶ୍ୱରୀ ମନ୍ଦିର, ସମୟ : ପ୍ରାତଃ ୪ଟା ୩୦।
- ପଶ୍ଚିମ ଓଡ଼ିଶା ବ୍ରାହ୍ମଣ ସମାଜ ପକ୍ଷରୁ ସାମୂହିକ ତିଳ ତର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ମହାନଦୀ ଆୟୋଦ୍ଧା ସରୋବର ଘାଟ, ସମୟ: ସକାଳ ୭ଟା ୪୫।
- ସାମୂହିକ ତିଳତର୍ପଣ ନୀତି, ସ୍ଥାନ : କୁଲଥକାନୀ ହରଡଜୋର, ସମୟ : ସକାଳ ୮ଟା
- ଜିଲାସ୍ତରୀୟ ବ୍ୟାଟମିଣ୍ଟନ ଟୁର୍ନାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଇଣ୍ଡୋର ହଲ , ସମୟ : ସକାଳ ୮ଟା।
- ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମାରୋହ, ସ୍ଥାନ: ଆଇଆଇଏମ୍ ସ୍ଥିତ କୋଣାର୍କ ପ୍ରେକ୍ଷାଳୟ, ସମୟ: ସକାଳ ୯ଟା।
- କଳାକାର ମହାସଂଘର ବୈଠକ, ସ୍ଥାନ ଜିଲା ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର
- ସେବା ସପ୍ତାହ ଉପଲକ୍ଷେ ଲୋଇସିଂହାରେ ଗଣଦୌଡ଼, ସ୍ଥାନ: ରାମମନ୍ଦିରରୁ ଅଗ୍ରସେନ ଭବନ, ଲୋଇସିଂହା, ସମୟ: ସକାଳ ୯ ଟା
- ଜିଏସଟି ୨.୦କୁ ନେଇ ଲୋଇସିଂହା ବ୍ୟବସାୟୀଙ୍କ ସହ ମନ୍ତ୍ରୀଙ୍କ ଆଲୋଚନା,ସ୍ଥାନ: କଲ୍ୟାଣମଣ୍ଡପ, ଲୋଇସିଂହା, ସମୟ : ସନ୍ଧ୍ୟା ୫ଟା

## ରାଉରକେଲା
- ଭାଜପା ପକ୍ଷରୁ ଜିଏସ୍ଟି ସମ୍ପର୍କିତ କର୍ମଶାଳା, ସ୍ଥାନ: ସେକ୍ଟର-୩ (ବି-୩୩), ସମୟ: ପୂର୍ବାହ୍ନ ୧୧ଟା।
- ରୋଟାରୀ କ୍ଲବ ଅଫ୍ ଅର୍ବାନ ପକ୍ଷରୁ ଗୋ ସେବା ଅଭିଯାନ, ସ୍ଥାନ: ସେକ୍ଟର-୧୪, ନନ୍ଦଗାଁ, ସମୟ: ପୂର୍ବାହ୍ନ ୧୧ଟା।
- ନବରାତ୍ର ପୂଜା ଆରମ୍ଭ, ସ୍ଥାନ:ସେକ୍ଟର-୨, ଗାୟତ୍ରୀ ପୀଠ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜିଏସ୍ଟି ସମ୍ପର୍କିତ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୪ ବି/୩୩, ସମୟ: ପୂର୍ବାହ୍ନ ୧୧ଟା।
- ଚଲୋ ଜିତେ ହେଁ ଚଳଚ୍ଚିତ୍ର ପ୍ରଦର୍ଶନ, ସ୍ଥାନ: ଫୁଟୋନ ମଲ୍, ସମୟ: ଅପରାହ୍ନ ୩ଟା।
- ଶାରଦୀୟ କବିତା ଆସର, ସ୍ଥାନ: ମଧୁସୂଦନ ପାଠାଗାର, ଛେଣ୍ଡ, ସମୟ: ଅପରାହ୍ନ ୫ଟା।
- ନବରାତ୍ରି ପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ଜଗଦା ମା' ବାଟ ମଙ୍ଗଳା ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ସିପିସି ନାଇଟ୍, ସ୍ଥାନ: ସେକ୍ଟର- -୧୭ ପେଟ୍ରୋଲ ପମ୍ପ ପଛପଟ, ସମୟ: ସନ୍ଧ୍ୟା ୬ଟା।
- ବାସନ୍ତୀ ପାଠାଗାରରେ ମାସିକ ସାହିତ୍ୟ ସଭା, ସ୍ଥାନ: ବାସନ୍ତୀ ପାଠାଗାର, ବାସନ୍ତୀ କଲୋନି, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼
- ସୁପ୍ରିୟା ସ୍ମାରକୀ ଫୁଟବଲ, ସ୍ଥାନ:ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼, ସମୟ: ଅପରାହ୍ନ ୨ଟା।

## କଳାହାଣ୍ଡି
- କଳାହାଣ୍ଡି ବ୍ରାହ୍ମଣ ସମାଜ ପକ୍ଷରୁ ସାମୂହିକ ତିଳତର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ଜଳେଶ୍ୱର ମନ୍ଦିର, ସମୟ: ପୂର୍ବାହ୍ନ ୯ଟା ୩୦।
- ଅଗ୍ରସେନ ଜୟନ୍ତୀ ଉପଲକ୍ଷେ କ୍ରିକେଟ ମ୍ୟାଚ୍, ସ୍ଥାନ: ଜୁନାଗଡ଼ ବିଜୁ ପଟ୍ଟନାୟକ ଷ୍ଟାଡିୟମ, ସମୟ: ସକାଳ ୯ଟା।

## ବୌଦ୍ଧ
- ଜିଲାସ୍ତରୀୟ ମାରାଥନ ଉତ୍ସବ, ସ୍ଥାନ: ଜିଲା ସଂଗ୍ରହାଳୟ ବୌଦ୍ଧ, ସମୟ: ସକାଳ ୭ଟା।

## ଦେବଗଡ଼
- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ଭୋର୍ ୪ଟା।
- ଜିଲାସ୍ତରୀୟ ମାରାଥନ, ସ୍ଥାନ: ଦେବଗଡ଼ ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରୁ ଇଣ୍ଡୋର ଷ୍ଟାଡିୟମ, ସମୟ: ସକାଳ ୬ଟା ୩୦।
- ବିକାଶିତ ଭାରତ -୨୦୪୭- ସେବା ପର୍ବ ବିଷୟ ବସ୍ତୁ ଉପରେ ଏକ ଦିବସୀୟ କର୍ମଶାଳା ସହ ଚିତ୍ରକଳା ପ୍ରତିଯୋଗିତା, ସ୍ଥାନ: ସେଣ୍ଟର୍ ଫର୍ କଲଚର,ଦେବଗଡ଼, ସମୟ: ସକାଳ ୯ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ, କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ନାଗରିକ କମିଟିର ଜରୁରୀକାଳୀନ ବୈଠକ, ସ୍ଥାନ: ସେଣ୍ଟର୍ ଫର୍ କଲଚର୍, ଦେବଗଡ଼, ସମୟ: ଅପରାହ୍ନ ୪ଟା ୩୦।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଯାହା ମନ ଯେଢ଼େ**
**ତାହା ପ୍ରଭୁ ତେଢ଼େ।**

ଯାଦୃଶୀ ଭାବନା ଯସ୍ୟ, ସଦ୍ଧି ର୍ଭବତିତାଦୃଶୀ। ମନ ଘେନି ଫଳ। ମନ ଉଚ୍ଚ ହେଲେ ଭଲ ଫଳ ମିଳିଥାଏ। ନିଷ୍ଠା, ଆନ୍ତରିକତା ତଥା ମନୋଭାବ ଅନୁସାରେ ମଣିଷ ଫଳ ପାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯାହାଙ୍କର ବାପ ମୂଳ ଲାଗୁଥିଲା**
**ଗାଁ ଗୋଠିଆଙ୍କ ମେଳରେ**
**ତାହାଘର ପୁଅ ସୁଆରି ଚିଲା**
**ପାଦ ଲାଗୁନାହିଁ ତଳରେ।**

ସମୟକ୍ରମେ ଛୋଟରୁ ବଡ଼ ହୋଇଥିବା ଲୋକଟିର ମନରେ ଦର୍ପ ବା ଗର୍ବ ଜାତ ହୋଇଥାଏ। ଧରାକୁ ସରା ମନେକରିବା ସହ ତା'ର ପାଦ ତଳେ ଲାଗି ନ ଥାଏ। ଏପରିସ୍ଥଳେ ତା'ର ପରିବର୍ତ୍ତିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଏଚ୍-୧ବି ଭିଜା..

ଶ୍ରମଶକ୍ତିକୁ ଦୀର୍ଘ ସମୟ ଧରି ସୁଦୃଢ଼ କରିବା ସହ ନବଉନ୍ମେଷ ଦିଗରେ ଟାଣିନେଇ ଶିଳ୍ପ ପ୍ରତିଷ୍ଠାରେ ସହାୟକ ହୋଇଛନ୍ତି, ଯାହାକି ଅନେକ ନିଯୁତ ଆମେରିକୀୟଙ୍କୁ ନିଯୁକ୍ତି ପ୍ରଦାନ କରିଥାଏ ବୋଲି କହି ସେ ଟ୍ରମ୍ପଙ୍କ ପଦକ୍ଷେପକୁ ସମାଲୋଚନା କରିଛନ୍ତି। ସେହିପରି ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନ୍ଙ୍କ ପ୍ରାକ୍ତନ ପରାମର୍ଶଦାତା ତଥା ଆପ୍ରବାସନ ନୀତି ସମ୍ପର୍କିତ ଏସୀୟ ଆମେରିକୀୟ ସମୁଦାୟର ନେତା ଅଜୟ ଭୁଟୋରିଆ ଟ୍ରମ୍ପଙ୍କ ନିଷ୍ପତ୍ତି ଆମେରିକୀୟ ପ୍ରଯୁକ୍ତି କ୍ଷେତ୍ର ପାଇଁ ସଙ୍କଟ ସୃଷ୍ଟି ହୋଇପାରେ ବୋଲି ସତର୍କ କରାଇଛନ୍ତି। ଏଚ୍-୧ବି ଭିଜା କାର୍ଯ୍ୟକ୍ରମ ଇନୋଭେଶନ୍ ପାଇଁ ଏକ ଲାଇଫ୍ଲାଇନ୍, ଯାହାକି ସାରା ବିଶ୍ୱରୁ ଶୀର୍ଷ ମେଧାସମ୍ପନ୍ନ ବ୍ୟକ୍ତିମାନଙ୍କୁ ଆକର୍ଷିତ କରିଥାଏ। ଏହି ଭିଜା ପାଇଁ ବର୍ତ୍ତମାନ ମୋଟ ୨,୦୦୦ରୁ ୫,୦୦୦ ଡଲାର ଆବଶ୍ୟକ ହେଉଥିବାବେଳେ ଏଥିରେ ଏତେ ବଡ଼ ବୃଦ୍ଧି ଘଟାଇବା ଯୋଗୁ ଦେଶର କ୍ଷୁଦ୍ର ବ୍ୟବସାୟ ଓ ବିବିଧ କ୍ଷେତ୍ରର ଷ୍ଟାର୍ଟଅପମାନେ ବହୁଳ ପ୍ରଭାବିତ ହେବେ ବୋଲି ଅଜୟ କହିଛନ୍ତି। ସମ୍ପ୍ରତି ଏଚ୍-୧ବି ଭିଜା ଫି ୨,୦୦୦ରୁ ୫,୦୦୦ ଡଲାର ପର୍ଯ୍ୟନ୍ତ ରହିଛି। ନିଯୁକ୍ତିଦାତାଙ୍କ ବ୍ୟବସାୟର ଆକାର ଓ ଅନ୍ୟ ଖର୍ଚ୍ଚ ଉପରେ ଫି' ଦେୟ ନିର୍ଭର କରିଥାଏ। ଭାରତୀୟ ଟେକ୍ ପ୍ରଫେଶନାଲଙ୍କ ମହଲରେ ସବୁଠୁ ଲୋକପ୍ରିୟ ଏଚ୍-୧ବି ଭିଜା ୩ ବର୍ଷ ପାଇଁ ବୈଧ ରହିଥାଏ, ଯାହାକୁ ଅବଧି ଶେଷ ହେବା ପୂର୍ବରୁ ପରବର୍ତ୍ତୀ ୩ ବର୍ଷ ପାଇଁ ନବୀକରଣ କରାଯାଇଥାଏ।

ଟ୍ରମ୍ପଙ୍କ ନିଷ୍ପତ୍ତି ଟେକ୍ କମ୍ପାନୀଗୁଡ଼ିକ ଦ୍ୱାରା ନିଯୁକ୍ତି ପାଉଥିବା ଭାରତୀୟ ଟେକ୍ନୋଲୋଜି ପ୍ରଫେଶନାଲ ଓ ଅନ୍ୟ ପେସାଦାରଙ୍କୁ ସର୍ବାଧିକ ପ୍ରଭାବିତ କରିବ। ୨୦୨୫ରେ ୫,୫୦୫ ମଞ୍ଜୁରୀପ୍ରାପ୍ତ ଏଚ୍-୧ବି ଭିଜା ସହ ଟାଟା କନ୍ସଲ୍ଟାନ୍ସି ସର୍ଭିସେସ୍ (ଟିସିଏସ୍) ଏହାର ଦ୍ୱିତୀୟ ସର୍ବାଧିକ ହିତାଧିକାରୀ। ଆମାଜନ୍ ଏହି କ୍ଷେତ୍ରରେ ସବା ଆଗରେ ରହିଛି, ଯାହାର ୧୦,୦୪୪ ୱାର୍କର ଏଚ୍-୧ବି ଭିଜାଧାରୀ ବୋଲି ଆମେରିକା ସିଟିଜେନ୍ଶିପ୍ ଆଣ୍ଡ ଇମିଗ୍ରେଶନ୍ ସର୍ଭିସେସ୍ (ୟୁଏସ୍ସିଆଇଏସ୍) ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟ ସର୍ବାଧିକ ହିତାଧିକାରୀଙ୍କ ମଧ୍ୟରେ ରହିଛନ୍ତି ମାଇକ୍ରୋସଫ୍ଟ (୫,୧୮୯), ମେଟା (୫,୧୨୩), ଆପଲ (୪,୨୦୨), ଗୁଗଲ (୪,୧୮୧), ଡେଲୋଇଟ୍ (୨,୩୫୩), ଇନ୍ଫୋସିସ୍ (୨,୦୦୪), ୱିପ୍ରୋ (୧,୫୨୩) ଓ ଟେକ୍ ମହିନ୍ଦ୍ରା ଆମେରିକାସ୍ (୯୫୧)।

ଏହି ଘୋଷଣା ସହ ଟ୍ରମ୍ପ୍ କହିଛନ୍ତି, ଏଚ୍-୧ବି ଭିଜା କାର୍ଯ୍ୟକ୍ରମ ଅତିରିକ୍ତ, ଉଚ୍ଚ ଦକ୍ଷତାସମ୍ପନ୍ନ କାର୍ଯ୍ୟ ପାଇଁ ଅମେରିକାକୁ ଅସ୍ଥାୟୀ ଶ୍ରମିକଙ୍କୁ ଆଣିବା ସକାଶେ ଉଦ୍ଦିଷ୍ଟ ଥିଲା। କିନ୍ତୁ ସେମାନେ ଏଥିରେ ସହଯୋଗୀ ହେବା ପରିବର୍ତ୍ତେ ଉଦ୍ଦେଶ୍ୟମୂଳକ ଭାବେ ଶୋଷଣ କରୁଛନ୍ତି। ଫଳରେ ସ୍ୱଳ୍ପ ବେତନଭୋଗୀ ଓ ସ୍ୱଳ୍ପ ଦକ୍ଷତାସମ୍ପନ୍ନ ଆମେରିକୀୟ ଶ୍ରମିକ ପ୍ରଭାବିତ ହେଉଛନ୍ତି। ଏଚ୍-୧ବି କାର୍ଯ୍ୟକ୍ରମର ଦୁରୁପଯୋଗ ଜାତୀୟ ନିରାପତ୍ତା ପାଇଁ ଏକ ବିପଦ ପାଲଟିଛି। ଘରୋଇ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ ଏଚ୍-୧ବି ଉପରେ ନିର୍ଭରଶୀଳ ଆଉଟ୍ସୋର୍ସିଂ କମ୍ପାନୀଗୁଡ଼ିକୁ ଚିହ୍ନଟ କରିବା ସହ ସେମାନଙ୍କ ଠକେଇ, ମନି ଲଣ୍ଡରିଂ ଷଡ଼ଯନ୍ତ୍ର ଓ ବିଦେଶୀ ଶ୍ରମିକଙ୍କୁ ଆମେରିକାକୁ ଟାଣିବା ନେଇ ଅନ୍ୟ ବେଆଇନ କାର୍ଯ୍ୟକଳାପର ତଦନ୍ତ କରିଛନ୍ତି। ଟ୍ରମ୍ପ୍ ଆହୁରି କହିଛନ୍ତି, ଏହି ଭିଜା କାର୍ଯ୍ୟକ୍ରମର ବ୍ୟବହାରକାରୀ କମ୍ପାନୀଗୁଡ଼ିକ ଉପରେ ଏହା କଷାଯିବା ଜରୁରୀ ହୋଇପଡ଼ିଥିଲା। ଅନ୍ୟପକ୍ଷେ ବିଦେଶୀ ଶ୍ରମିକଙ୍କୁ ଏଚ୍-୧ବି ଭିଜା ଜରିଆରେ ନିଯୁକ୍ତି ପ୍ରଦାନ କରୁଥିବା ଟେକ୍ନୋଲୋଜି ସିଇଓମାନେ ଏହି ପଦକ୍ଷେପକୁ ନେଇ ଚିନ୍ତାରେ ପଡ଼ିଯାଇଛନ୍ତି। ଏହି ଅବସରରେ ଟ୍ରମ୍ପ୍ ନିର୍ଦ୍ଦେଶ ଦେଇଛନ୍ତି, ୧୦୦,୦୦୦ ଡଲାର ଦେୟ ପଇଠ କରି ନ ଥିବା ଆବେଦନକାରୀଙ୍କ ପିଟିଶନକୁ ଗୃହ ସୁରକ୍ଷା ସଚିବ ରଦ୍ଦ କରିବେ। ହ୍ୱାଇଟ୍ ହାଉସ୍ ଷ୍ଟାଫ୍ ସେକ୍ରେଟାରି ୱିଲ୍ ସ୍କାର୍ଫ କହିଛନ୍ତି, ଦେଶରେ ଏଚ୍-୧ବି ଅଣଆପ୍ରବାସୀ ଭିଜା କାର୍ଯ୍ୟକ୍ରମର ସବୁଠୁ ଅଧିକ ଦୁରୁପଯୋଗ କରାଯାଇଛି। ନୂଆ ପଦକ୍ଷେପ ଫଳରେ ଏଣିକି କେବଳ ଉଚ୍ଚ ଦକ୍ଷତାସମ୍ପନ୍ନ ଶ୍ରମିକମାନେ ହିଁ ଆମେରିକାକୁ ଆସିବେ।

### ନିର୍ମାଣହେବ ନୂତନ ...

ମାଷ୍ଟର ପ୍ଲାନ୍ ତିଆରି ମଧ୍ୟ କରାଯାଉଛି ବୋଲି ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉତ୍ତର ରଖିଛନ୍ତି।

ବିଜେଡି ସଦସ୍ୟ ସୁବାସିନୀ ଜେନାଙ୍କ ପକ୍ଷରୁ ବିଧାନସଭାରେ ପଚରାଯାଇଥିବା ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ପ୍ରସ୍ତୁତ ହେଉଥିବା ନୂତନ ଲୋକସେବା ଭବନର ମାଷ୍ଟର ପ୍ଲାନ୍ ଅନୁମୋଦନ ହେବାପରେ ପରବର୍ତ୍ତୀ ପଦକ୍ଷେପ ଅନୁଯାୟୀ ବିସ୍ତୃତ ବ୍ୟୟ ଅଟକଳ କରାଯିବ। ଏହାପରେ ତାହା ସରକାରଙ୍କ ଅନୁମୋଦନ ପାଇଁ ପଠାଯିବ। ବର୍ତ୍ତମାନର ସଚିବାଳୟ ବା ଲୋକସେବା ଭବନ କୋଠା ୬୮ ବର୍ଷ ପୁରାତନ। ଏହି ପୁରାତନ କୋଠା ପରିସରରେ ଗୁରୁତର ପାର୍କିଂ ସମସ୍ୟା ପରିଲକ୍ଷିତ ହେଉଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ୧୯୫୯ ନଭେମ୍ବର ୧୨ରେ ତତ୍କାଳୀନ ସ୍ୱରାଷ୍ଟ୍ର ମନ୍ତ୍ରୀ ଗୋବିନ୍ଦ ବଲ୍ଲଭ ପନ୍ତ ରାଜ୍ୟ ସଚିବାଳୟକୁ ଉଦ୍ଘାଟନ କରିଥିଲେ। ପରେ ୨୦୧୯ ଜୁଲାଇ ୩୦ରେ ସଚିବାଳୟ ନାମକୁ ପରିବର୍ତ୍ତନ କରାଯାଇ ଲୋକସେବା ଭବନ ନାମରେ ନାମିତ କରାଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ବୃହସ୍ପତିଙ୍କ ଦୃଷ୍ଟିରେ ମଙ୍ଗଳ ରହିଥିବାରୁ ଶାରୀରିକ ସୁସ୍ଥତା ପୂର୍ବପରି ରହିବ। ପାପଗ୍ରହ ପ୍ରଭାବରୁ ସନ୍ତାନ ହେତୁକ କିଛିଟା ସମସ୍ୟା ମନକୁ ବିଚଳିତ କରିପାରେ। ସମ୍ମୁଖରେ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ ପ୍ରକାରର କଥା କହୁଥିବାର ଶୁଣିବାକୁ ପାଇବେ। ଆର୍ଥିକ ସ୍ଥିତି ଦୁର୍ବଳ ହେବା କାରଣରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଟକି ରହିବ।

**ବୃଷ**
ସାମଗ୍ରିକ ଦୃଷ୍ଟିକୋଣରୁ ଦ୍ୱିଜା ନକ୍ଷତ୍ର ସକାଶେ ଦିନଟି ପ୍ରୀତିପ୍ରଦ ରହିବ। ଆପଣଙ୍କ କଥା ଓ କାମର ପରିପ୍ରକାଶ ସାମାଜିକ କ୍ଷେତ୍ରରେ ସମ୍ମାନର ପୃଷ୍ଠପୋଷକ ସାଜିବ। ଶନିଙ୍କ ପ୍ରତ୍ୟକ୍ଷ ଦୃଷ୍ଟି ରବିଙ୍କ ଉପରେ ପଡୁଥିବାରୁ ପାରିବାରିକ କ୍ଷେତ୍ରରେ ମନୋମାଳିନ୍ୟ ଘଟିପାରେ। ଉପରିସ୍ଥଙ୍କ ସହ ମତାନ୍ତର ଘଟିପାରେ।

**ମିଥୁନ**
ମଙ୍ଗଳଙ୍କ କୁପ୍ରଭାବରୁ ମାନସିକ ଉତ୍ତେଜନା ବୃଦ୍ଧି ପାଇବା ସହ ପାରିବାରିକ କଳହ ଲାଗିପାରେ। କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ପ୍ରଶାସନ, ରାଜନୀତି, ସଙ୍ଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସିତ ହେବେ। ସନ୍ତାନଙ୍କ ବୈବାହିକ ସମ୍ବନ୍ଧ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହେବ।

**କର୍କଟ**
ରବି ଓ ବୁଧଙ୍କ ଯୋଗୁ ପ୍ରିୟଜନଙ୍କ ସହାନୁଭୂତି ପାଇବା ସାଙ୍ଗକୁ କାର୍ଯ୍ୟ ହାସଲ କରିବେ। ସଭାସମିତି ଓ ଆନୁଷ୍ଠାନିକ କାମକୁ ଅଗ୍ରଗାମୀ କରାଇବାରେ ସମର୍ଥ ହୋଇପାରନ୍ତି। ଶିଳ୍ପ, ଯାତ୍ରା, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ବିଦ୍ରୋହ ଓ ଅଶାନ୍ତି ବଢ଼ିବ। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ପ୍ରତିଯୋଗିତାରେ ସଫଳତା ଅର୍ଜନ କରିବେ।

**ସିଂହ**
ଦ୍ୱିତୀୟ ଭାବରେ ରବି ଓ ବୁଧଙ୍କ ସ୍ଥିତି ଆପଣଙ୍କ ଓଜସ୍ୱିନୀ ଭାଷା ଗୁଣଗ୍ରାହୀଙ୍କ ଦ୍ୱାରା ପ୍ରଶଂସିତ ହେବ। ଆର୍ଥିକ ଉନ୍ନତି ସହ ସମ୍ମାନଜନକ ସ୍ଥିତିରେ ଦିନଟି ସ୍ମରଣୀୟ ରହିବ। କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। କଚେରି ମାମଲାର ଶୁଣାଣିରୁ ମନ ଖୁସି ରହିବ। ବ୍ୟବସାୟ ଓ ପରିବହନରେ ଲାଭବାନ୍ ହେବେ।

**କନ୍ୟା**
ମଙ୍ଗଳଙ୍କ ପ୍ରଭାବରେ ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କିମ୍ବା ପରିବହନ କ୍ଷେତ୍ରରେ ଅଧିକ କିଛି ଆଶା କାରଣରୁ କଳହର ସମ୍ଭାବନା ରହିଛି। ଆଜିର ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ କାମ ମଧ୍ୟ ହୋଇଯିବ। ସହକର୍ମୀଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଖବରଟିଏ ପାଇ ଖୁସି ଅନୁଭବ କରିବେ।

**ତୁଳା**
ଲାଭ ଓ ବ୍ୟୟାଧିପ ଏକତ୍ର ଅବସ୍ଥାନ କରୁଥିବାରୁ ଆଜି ଯେତିକି ପାଇବେ, ତାହାଠାରୁ ଅଧିକ ଖର୍ଚ୍ଚ କରିବେ। ଶତ୍ରୁଠାରୁ ଦୂରତା ରଖିବା ଭଲ ହେବ, ନଚେତ୍ ହଇରାଣ ହେବାକୁ ପଡ଼ିପାରେ। ବିଭିନ୍ନ ସମସ୍ୟା ମଧ୍ୟରେ ବୁଡ଼ିରହି ନିଜର କାମଗୁଡ଼ିକୁ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢ଼ିଯିବ। ଶିଳ୍ପ, ସାମ୍ବାଦିକତା ଓ ଅର୍ଥ ସମ୍ବନ୍ଧିତ କାମରେ ସଫଳତା ପାଇବେ।

**ବିଛା**
ତୃତୀୟ ଭାବରେ ଗ୍ରହମାନେ ସମ୍ପର୍କୀୟଙ୍କ ସାହାଯ୍ୟ ଲାଭକରି ଅଭିଳଷିତ କାର୍ଯ୍ୟ ସାଧନ କରିବେ। ଚନ୍ଦ୍ରଙ୍କ ଶୁଭ ସଂସ୍ଥାନରୁ ଯେଉଁ କାମରେ ହାତ ଦେବେ ନିଶ୍ଚିତ ସଫଳତା ମିଳିବ। ପରିବହନ, ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କରିପାରନ୍ତି। ଘରୋଇ ବ୍ୟାପାରରେ ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ।

**ଧନୁ**
କର୍ମସ୍ଥାନର ଯୋଗଫଳ ସ୍ୱରୂପ ନିଜ ଲୋକମାନଙ୍କ ସାନ୍ନିଧ୍ୟ ଲାଭକରି ପୂର୍ବ ସଂକଳ୍ପ ସାଧନ କ୍ଷେତ୍ରରେ ସମର୍ଥ ହେବେ। ପରିବାରରେ ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରିବେ। ବାଟରେ ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ। ନୂତନ ସ୍ଥାନ ପରିଦର୍ଶନ ସୁଯୋଗ ପାଇବାର ବିଶେଷ ସମ୍ଭାବନା ରହିଛି।

**ମକର**
ଭାଗ୍ୟାଧିପତିଙ୍କ ଦୃଷ୍ଟିରେ ରାଶ୍ୟାଧିପତି ରହିଥିବାରୁ ଆପଣଙ୍କ କାର୍ଯ୍ୟ ସଫଳ ହେବ। ଉପରିସ୍ଥମାନେ କାମ ହାସଲ ସକାଶେ ସହଯୋଗ ଲୋଡ଼ିପାରନ୍ତି। ଆର୍ଥିକ ସ୍ଥିତି ମନ୍ଦ ହେବନି, କିନ୍ତୁ ଆବଶ୍ୟକତା ପୂର୍ଣ୍ଣ ହେବା କାଠିକର ପାଠ ହେବ। ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି, ଲେଖାପଢ଼ା ପ୍ରଭୃତିରୁ ସୁଫଳ ପାଇବେ।

**କୁମ୍ଭ**
ଗୁରୁକ୍ଷେତ୍ରସ୍ଥ ରାଶ୍ୟାଧିପତିଙ୍କ ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ। ନୀଚାଭିମୁଖୀ ଶୁକ୍ରଙ୍କ ଯୋଗୁ ପରିବାରରେ କଳହ ଲାଗିପାରେ। ସଭାସମିତିରେ ତର୍କବିତର୍କଜନିତ ଉତ୍ତେଜନାମୂଳକ ପରିସ୍ଥିତିର ଆଶଙ୍କା ରହିଛି। କଳା, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି ଓ ସାହିତ୍ୟକ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମୀନ**
ଆଜି କର୍ମାଧିପତିଙ୍କ ସ୍ୱଗୃହକୁ ଦୃଷ୍ଟି ଯୋଗୁ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି, ସେପରି କିଛି ହେବନି। ରବି ଓ ବୁଧଙ୍କ ପ୍ରଭାବରେ ପରିବାରରେ ସମାଲୋଚିତ ହେବେ। ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ ନଚେତ୍ ସମସ୍ୟା ଉପୁଜିପାରେ। ଯାତ୍ରା ସମୟରେ କୌଣସି ଅପରିଚିତ ବ୍ୟକ୍ତିକୁ ବିଶ୍ୱାସ କରି ଖାଲରେ ପଡ଼ିପାରନ୍ତି।

ଆଜି ସେପ୍ଟେମ୍ବର ୨୧ ତାରିଖ, ଅନ୍ତର୍ଜାତୀୟ ଶାନ୍ତିଦିବସ, ଆଶ୍ୱିନ କୃଷ୍ଣପକ୍ଷର ମହାଳୟା ଶ୍ରାଦ୍ଧ, ଫୁଲୁରି ବ୍ରତ, ବଜ୍ରକାଳିକା ପୂଜା, ସୂର୍ଯ୍ୟମହତୀ ଓ କରତୋୟା ସ୍ନାନ ଯୋଗ (ଆଜି ଆଂଶିକ କେତୁଗ୍ରସ୍ତ ସୂର୍ଯ୍ୟୋପରାଗ, ଭାରତ ଓ ଓଡ଼ିଶାକୁ ଅଦୃଶ୍ୟ ହେତୁ ପାଳନୀୟ ନୁହେଁ), ରାଶି ନକ୍ଷତ୍ର- ସକାଳ ଘ.୦୯।୩୨ମି. ପର୍ଯ୍ୟନ୍ତ ପୂର୍ବାଫାଲ୍ଗୁନୀ/ସିଂହ, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୨୬ ଗତେ ଘ.୦୮।୫୧ ମଧ୍ୟେ, ଘ.୦୧।୦୯ ଗତେ ଘ.୦୩।୧୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୧୦ ଗତେ ଘ.୦୫।୪୦ ମଧ୍ୟେ ରାହୁକାଳ।

# ଭୁବନେଶ୍ୱର କ୍ଲବ୍ ନିର୍ବାଚନ, ଫଳାଫଳ ଆଜି

## ସରିଲା ଇ-ଭୋଟିଂ, ଆଜି ବାଲଟ୍ ଭୋଟ







ଭୁବନେଶ୍ୱର,୨୦।୯(ସୁନିତ୍ ମିଶ୍ର)

ଭୁବନେଶ୍ୱର କ୍ଲବ୍ କାର୍ଯ୍ୟକର୍ତ୍ତା ନିର୍ବାଚନ ୨୦୨୫-୨୭ ଶନିବାର ଠାରୁ ଆରମ୍ଭ ହୋଇଛି। କ୍ଲବ୍‌ର ଯେଉଁ ଭୋଟରମାନେ ବାହାରେ ଅଛନ୍ତି, ସେମାନେ ଶନିବାର ପୂର୍ବାହ୍ନ ୯ଟାରୁ ଅପରାହ୍ନ ୫ଟା ମଧ୍ୟରେ ଇ-ଭୋଟିଂ ଜରିଆରେ ମତଦାନ କରିସାରିଛନ୍ତି। ରବିବାର ଏଥିପାଇଁ ପୂର୍ବାହ୍ନ ୧୧ଟାରୁ ୫ଟା ମଧ୍ୟରେ ବାଲଟ୍ ଭୋଟିଂ କରାଯିବ। ମିଳିଥିବା ସୂଚନା ମୁତାବକ, ଉକ୍ତ ନିର୍ବାଚନରେ ମୋଟ୍ ୨୩୨୧ ଜଣ ବୈଧ ଭୋଟର ରହିଥିବାବେଳେ ସେମାନଙ୍କ ମଧ୍ୟରୁ ୧୯୯୨ ବ୍ୟକ୍ତିଗତ ଏବଂ ୩୯୯ ଜଣ କର୍ପୋରେଟ ଭୋଟର ଅଛନ୍ତି। ଏହି ନିର୍ବାଚନରେ ସଭାପତି ପଦ ଲାଗି ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ବର୍ତ୍ତମାନର କ୍ଲବ୍ ସଭାପତି ଅସୀତ ତ୍ରିପାଠୀ ଏବଂ ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ବର୍ତ୍ତମାନ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି)ର ଅଧ୍ୟକ୍ଷ ପ୍ରଦୀପ ଜେନାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି। ଅସୀତ ତୃତୀୟ ଥର ଲାଗି ସଭାପତି ପଦ ପାଇଁ ନିର୍ବାଚନ ଲଢୁଥିବାବେଳେ ତାଙ୍କ ବିରୋଧରେ ପ୍ରଥମ ଥର ପ୍ରଦୀପ ମଇଦାନକୁ ଓହ୍ଲାଇଛନ୍ତି। ଗୋଟିଏ ପଟେ ପ୍ରଗତିକୁ ସମର୍ଥନ ବୋଲି ଅସୀତ ସ୍ଲୋଗାନ ଦେଇଥିବାବେଳେ ପରିବର୍ତ୍ତନର ସ୍ୱର ଦେଇ ପ୍ରଦୀପ ଭୋଟ ମାଗିଛନ୍ତି। କ୍ଲବ୍‌ର ଏହି ନିର୍ବାଚନରେ ସଭାପତି ପଦ ସହିତ ଉପସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦକ ଏବଂ କାର୍ଯ୍ୟକାରିଣୀ କମିଟି ସଦସ୍ୟ ପାଇଁ ନିର୍ବାଚନ ହେବ। ପ୍ରଦୀପଙ୍କ ଦଳରେ ଉପସଭାପତି ପଦ ଲାଗି ଡାକ୍ତର ପି.ଭି. ମୋହନ, ସମ୍ପାଦକ ପଦରେ ପୂର୍ବତନ ଆଇପିଏସ୍ ଅଧିକାରୀ ଲଳିତ ଦାସ, ଯୁଗ୍ମ ସମ୍ପାଦକ ପାଇଁ ପ୍ରଶାନ୍ତ ନାଥ ପ୍ରାର୍ଥୀ ହୋଇଛନ୍ତି। ସେହିପରି ଏହି ଦଳରେ ଏକ୍‌ଜିକ୍ୟୁଟିଭ କମିଟି ସଦସ୍ୟ ଲାଗି ଅଶୋକ ଚିଞ୍ଚେଲା, ରାଜଦୀପ ମହାନ୍ତି, ପ୍ରକାଶ ମହାନ୍ତି, ଡାକ୍ତର ମନୋଜ ଲାଠ, ଅକ୍ଷୟ ଖଣ୍ଡେଲୱାଲ ଏବଂ ପି. ଦାସ ମହାପାତ୍ର ପ୍ରାର୍ଥୀ ହୋଇଛନ୍ତି। ସେହିପରି ଅସୀତଙ୍କ ଦଳରେ ଉପସଭାପତି ପ୍ରାର୍ଥୀ ଭାବେ ପ୍ରଗତି କୁମାର ମହାନ୍ତି, ସମ୍ପାଦକ ପ୍ରାର୍ଥୀ ଭାବେ ଟୁଟୁଲ କିଶୋର ଦାସ, ଯୁଗ୍ମ ସମ୍ପାଦକ ଭାବେ ସମ୍ବିତ ମହାନ୍ତି ପ୍ରାର୍ଥୀ ହୋଇଛନ୍ତି। ତାଙ୍କ ଦଳରେ କାର୍ଯ୍ୟକାରିଣୀ କମିଟି ସଦସ୍ୟ ପଦ ପାଇଁ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଅନିଲ କୁମାର ସାମଲ, ଦେବବ୍ରତ ବିଶ୍ୱାଳ, କଲ୍ୟାଣ ସୁନ୍ଦର ଛୋଟରାୟ, ମାନସ ରଞ୍ଜନ ଦାସ, ଓମ୍‌ପ୍ରକାଶ ରଏ ଏବଂ ସଞ୍ଜୟ ଲାଠ ପ୍ରାର୍ଥୀ ହୋଇଛନ୍ତି। ସୂଚନାଯୋଗ୍ୟ, ଏହି ନିର୍ବାଚନ ଲାଗି ଗତ ସେପ୍ଟେମ୍ବର ୧ରେ କ୍ଲବ୍ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଥିଲା। ଏଥିପାଇଁ ଗତ ୧୦ରୁ ୧୩ ତାରିଖ ପର୍ଯ୍ୟନ୍ତ ମଧ୍ୟାହ୍ନ ୧୨ଟାରୁ ୩ଟା ଏବଂ ସନ୍ଧ୍ୟା ୭ଟାରୁ ୯ଟା ପର୍ଯ୍ୟନ୍ତ ନାମାଙ୍କନ ଦାଖଲ ସମୟ ରହିଥିଲା। ୧୩ରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯାଇଥିଲା। ସେହିଦିନ ବୈଧ ନାମାଙ୍କନପତ୍ରଗୁଡ଼ିକ ଘୋଷଣା କରାଯାଇଥିଲା। ୧୫ରେ ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ ରହିଥିଲା। ଏହି ନିର୍ବାଚନ ଲାଗି ଇ-ଭୋଟିଂ ପ୍ରକ୍ରିୟା ଶନିବାର ଶେଷ ହୋଇଛି। ରବିବାର ବାଲଟ ଭୋଟିଂ ହେବ। ରବିବାର ସନ୍ଧ୍ୟା ୬ଟାରୁ ଭୋଟ କାଉଣ୍ଟିଂ ହୋଇ ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ। ବାଲଟ୍ ଭୋଟିଂ ଆରମ୍ଭ ହେବା ପୂର୍ବରୁ ସକାଳ ୯ଟାରୁ ୧୧ଟା ପର୍ଯ୍ୟନ୍ତ ଆନୁଆଲ ଜେନେରାଲ ବଡି ମିଟିଂ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

# ଭୁବନେଶ୍ୱର-କୋଣାର୍କ ରେଳଲାଇନର ଚୂଡ଼ାନ୍ତ ଲୋକେଶନ ସର୍ଭେକୁ ଅନୁମୋଦନ

ଭୁବନେଶ୍ୱର,୨୦।୯(ସୁନିତ୍ ମିଶ୍ର)

ବହୁ ପ୍ରତୀକ୍ଷିତ କୋଣାର୍କ-ଭୁବନେଶ୍ୱର ରେଳପଥକୁ ନିକଟରେ ରେଳ ମନ୍ତ୍ରଣାଳୟ ପକ୍ଷରୁ ମଞ୍ଜୁର ମିଳିଛି। ଏହି ଉପଲବ୍ଧି ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଚିଠି ମାଧ୍ୟମରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜ୍ଞାପନ କରିବା ସହିତ ଉକ୍ତ ରେଳପଥକୁ ନିମାପଡ଼ା ଓ ଗୋପ ସହ ସଂଯୁକ୍ତ କରିବା ପାଇଁ ଅନୁରୋଧ କରିଥିଲେ। ଏହାଦ୍ୱାରା ନିମାପଡ଼ା ଓ ଗୋପ ଅଞ୍ଚଳରେ ପର୍ଯ୍ୟଟନସ୍ଥଳୀର ବିକାଶ ହେବା ସହ ଆଞ୍ଚଳିକ ପରିବହନ ଓ ଯୋଗାଯୋଗ ମଧ୍ୟ ସୁଗମ ହୋଇପାରିବ ବୋଲି ଉପମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଥିଲେ। ଏହି ଚିଠିର ଉତ୍ତର ଦେଇ ରେଳ ମନ୍ତ୍ରଣାଳୟ ଉକ୍ତ ପ୍ରସ୍ତାବକୁ ଗ୍ରହଣକରିବା ସହ କୋଣାର୍କ -ଭୁବନେଶ୍ୱର ରେଳପଥର ଡିଟେଲ୍ଡ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର୍)ପାଇଁ ଗୋପ ଓ ନିମାପଡ଼ାରେ ଫାଇନାଲ ଲୋକେଶନ ସର୍ଭେ ନିମନ୍ତେ ମଞ୍ଜୁରୀ ଦେଇଛନ୍ତି। ଏହି ମଞ୍ଜୁରୀ ପାଇଁ ଉପମୁଖ୍ୟମନ୍ତ୍ରୀ ରେଳମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।




# ତୃତୀୟ ଦିନ ବି ବିଧାନସଭା ଅଚଳ

ଭୁବନେଶ୍ୱର,୨୦।୯(ସୁନିତ୍ ମିଶ୍ର)

- ଦିନକ ଭିତରେ ମୋଟ୍ ୧୬ ମିନିଟ୍ ଚାଲିଲା ଗୃହ କାର୍ଯ୍ୟ
- ଜର୍ଜ ତିର୍କୀଙ୍କ ପାଇଁ ଶୋକ ପ୍ରସ୍ତାବ ଆଗତ
- ସାର ପ୍ରସଙ୍ଗରେ ବାରମ୍ବାର ହଟ୍ଟଗୋଳ ପରେ ରାଜ୍ୟପାଳଙ୍କୁ ଭେଟିଲା ବିଜେଡି

ଲଗାତର ୩ୟ ଦିନ ଶନିବାର ମଧ୍ୟ ବିଧାନସଭା ଗୃହ କାର୍ଯ୍ୟ ଅଚଳ ହୋଇଥିଲା। ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇ ମାତ୍ର ୧୦ଟା ୪୩ ଅର୍ଥାତ୍ ୧୩ ମିନିଟ୍ ଚାଲିଥିବାବେଳେ ଦ୍ୱିତୀୟାର୍ଦ୍ଧରେ ମାତ୍ର ୩ ମିନିଟ୍ ଗୃହ କାର୍ଯ୍ୟ ଚାଲିଥିଲା। ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ଦିନରେ ମାତ୍ର ୧୬ମିନିଟ୍ ପାଇଁ ଗୃହ ଚାଲିପାରିଛି। ପୂର୍ବାହ୍ନରେ ଗୃହ କାର୍ଯ୍ୟ ଆରମ୍ଭ ହେବା କ୍ଷଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କ ଦେହାନ୍ତ ହୋଇଥିବା କାରଣରୁ ଶୋକପ୍ରସ୍ତାବ ଆଗତ କରିଥିଲେ। ଏହାପରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଏବଂ ସିପିଆଇ(ଏମ୍) ବିଧାୟକ ଲକ୍ଷଣ ମୁଣ୍ଡା ଶୋକ ପ୍ରସ୍ତାବକୁ ସମର୍ଥନ ଦେଇଥିଲେ। ପରେ ବାଚସ୍ପତି ସୁରମା ପାଢ଼ୀ ୧ ମିନିଟ୍ ପାଇଁ ନୀରବ ପ୍ରାର୍ଥନା କରିବାକୁ ଅନୁରୋଧ କରିଥିଲେ। ନୀରବ ପ୍ରାର୍ଥନା ସରିବା କ୍ଷଣି ପ୍ରଶ୍ନୋତ୍ତର କାର୍ଯ୍ୟ ଆରମ୍ଭ ହୋଇଥିଲା। ପୂର୍ତ୍ତ ବିଭାଗ ସମ୍ବନ୍ଧିତ ଏକ ପ୍ରଶ୍ନର ଉତ୍ତର ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ରଖିବା ବେଳକୁ ବିରୋଧୀ ବିଜେଡି ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଆସି ସାର ପ୍ରସଙ୍ଗରେ ହୋହଲ୍ଲା ଏବଂ ନାରାବାଜି ଆରମ୍ଭ କରିଦେଇଥିଲେ। ବିଜେଡି ସଦସ୍ୟମାନେ ହାତରେ ପୋଷ୍ଟର ଏବଂ ବ୍ୟାନର ଧରି ଗୃହ ଭିତରେ ହଟ୍ଟଗୋଳ ଆରମ୍ଭ କରିଦେଇଥିଲେ। ଗୃହ କାର୍ଯ୍ୟରେ ସହଯୋଗକରି ବିଜେଡି ସଦସ୍ୟମାନଙ୍କୁ ନିଜ ଆସନକୁ ଯିବା ପାଇଁ ବାଚସ୍ପତି ନିବେଦନ କରିଥିଲେ। ହେଲେ ବିରୋଧୀ ସଦସ୍ୟମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ସେଥିଲାଗି ଗୃହ କାର୍ଯ୍ୟକୁ ବାଚସ୍ପତି ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଦେଇଥିଲେ। ପରେ ଜର୍ଜ ତିର୍କୀଙ୍କ ପାର୍ଥିବ ଶରୀର ବିଧାନସଭା ପରିସରକୁ ଅଣାଯାଇଥିଲା। ସେଠାରେ ତାଙ୍କ ମରଶରୀରକୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଏହି ଅବସରରେ ବାଚସ୍ପତି, ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭକରି ଉଭୟ ଶାସକ ଏବଂ ବିରୋଧୀ ଦଳର ସଦସ୍ୟମାନେ ଉପସ୍ଥିତ ରହି ତାଙ୍କ ମରଶରୀର ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେହିପରି ଦ୍ୱିତୀୟାର୍ଦ୍ଧରେ ୪ଟା ବେଳକୁ ଗୃହକାର୍ଯ୍ୟ ଆରମ୍ଭ ନ ହେଉଣୁ ବିଜେଡି ସଦସ୍ୟମାନେ ସାର ପ୍ରସଙ୍ଗରେ ପୁଣିଥରେ ନାରାବାଜି ଏବଂ ହଟ୍ଟଗୋଳ ଆରମ୍ଭ କରିଥିଲେ। ବାଚସ୍ପତି ପ୍ରାୟ ୩ଥର ବିଜେଡି ସଦସ୍ୟମାନଙ୍କୁ ନିଜ ଆସନକୁ ଯାଇ ବସିବା ପାଇଁ ଅନୁରୋଧ କରିଥିଲେ। ୪ଟା ୩ ମିନିଟ୍ ସମୟରେ ଆସନ୍ତା ସୋମବାର ସକାଳ ୧୦ଟା୩୦ ପର୍ଯ୍ୟନ୍ତ ଗୃହକାର୍ଯ୍ୟକୁ ବାଚସ୍ପତି ମୁଲତବୀ ଘୋଷଣା କରିଥିଲେ। ଏହିପରି ଦ୍ୱିତୀୟାର୍ଦ୍ଧରେ ଗୃହକାର୍ଯ୍ୟ ମାତ୍ର ୩ ମିନିଟ୍ ଚାଲିପାରିଥିଲା। ପରେ ବିଜେଡି ସଦସ୍ୟମାନେ ରାଜଭବନ ଯାଇ ରାଜ୍ୟପାଳଙ୍କୁ ଭେଟିବା ସହ ସାର ସମସ୍ୟାରେ ତାଙ୍କର ହସ୍ତକ୍ଷେପ ଲୋଡ଼ିଛନ୍ତି।

ONGC ENERGY: Now AND Next
ओएनजीसी
ONGC
ONGC ENERGY: Now AND Next

## ଓଏନଜିସି କ୍ରୀଡା ଛାତ୍ରବୃତ୍ତି ଯୋଜନା 2025-26

ଓଏନଜିସି 21ଟି ଖେଳ ପାଇଁ 15,000/- ରୁ 30,000/- ଟଙ୍କା ପର୍ଯ୍ୟନ୍ତ ପ୍ରତିମାସ ଭତ୍ତା ଆକାରରେ 2025-26 ବର୍ଷ ପାଇଁ 250ଟି ଖେଳ ଛାତ୍ରବୃତ୍ତି ଅନ୍‌ଲାଇନ୍‌ରେ ଆବେଦନ ଆମନ୍ତ୍ରଣ କରୁଛି। ଏହି ଛାତ୍ରବୃତ୍ତି 15 ରୁ 20 ବର୍ଷ ବୟସର ଅର୍ଥାଭାବ ଓ ପ୍ରତିଭାଶାଳୀ କ୍ରୀଡାବିତ୍‌ଙ୍କ ପାଇଁ ଯାହାଙ୍କର ଅଭିଭାବକଙ୍କର ବାର୍ଷିକ ଆୟ 5 ଲକ୍ଷ ଟଙ୍କାରୁ କମ୍।

ଆଗ୍ରହୀ କ୍ରୀଡାବିତ୍‌ମାନେ ଓଏନଜିସିର ଅଧିକୃତ ୱେବ୍‌ସାଇଟ୍ **https://sportsscholarship.ongc.co.in** ରେ 22.09.2025 (ସକାଳ 11:00ଟା) ଠାରୁ 21.10.2025 (ଅପରାହ୍ନ 04:00ଟା) ପର୍ଯ୍ୟନ୍ତ ଆବେଦନ କରିପାରିବେ। ଆବେଦନ କରିବା ପୂର୍ବରୁ ଦୟାକରି ପୋର୍ଟାଲରେ ଦିଆଯାଇଥିବା ନିୟମ ଓ ସର୍ତ୍ତାବଳୀ ପଢ଼ିନିଅନ୍ତୁ। ଆବେଦନ କେବଳ ଅନ୍‌ଲାଇନ୍ ମାଧ୍ୟମରେ ଗ୍ରହଣ କରାଯିବ।

ଯଦି ପ୍ରାର୍ଥୀମାନେ ନକଲି ଦସ୍ତାବିଜ ଦାଖଲ କରନ୍ତି, ତେବେ ସେମାନଙ୍କର ଆବେଦନ ଖାରଜ କରାଯିବ ଏବଂ ଓଏନଜିସି ସେମାନଙ୍କ ବିରୁଦ୍ଧରେ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ନେଇ ପାରିବ।

# ତ୍ରିଶୂଳିଆରେ ହେବ ୨ୟ ବ୍ରିଜ୍: ମନ୍ତ୍ରୀ ହରିଚନ୍ଦନ

ଭୁବନେଶ୍ୱର,୨୦।୯(ସୁନିତ୍ ମିଶ୍ର)

କଟକ-ଭୁବନେଶ୍ୱର ଦ୍ୱୈତନଗରୀରେ ଭିଡ଼ ନିୟନ୍ତ୍ରଣ ପାଇଁ ରାଜ୍ୟ ସରକାର ବଡ଼ ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶନିବାର ବିଧାନସଭାରେ ସୂଚନା ଦେଇ କହିଛନ୍ତି, ତ୍ରିଶୂଳିଆରେ ଦ୍ୱିତୀୟ ବ୍ରିଜ୍ ନିର୍ମାଣ ହେବ। ଏହି ବ୍ରିଜ୍ କାର୍ଯ୍ୟ ବର୍ତ୍ତମାନ ଟେଣ୍ଡର ପର୍ଯ୍ୟାୟରେ ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ପାଖରେ ରହିଛି। ଉକ୍ତ ପ୍ରକଳ୍ପ ପାଇଁ ୨୯୭ କୋଟି ୫୯ ଲକ୍ଷ ୯୧ ହଜାର ୧୯୩ ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ ଟେଣ୍ଡର ପ୍ରକ୍ରିୟା ଜାରି ରହିଛି। ଟେଣ୍ଡର ସରିବାର ୩୬ ମାସ ମଧ୍ୟରେ ଏହି ବ୍ରିଜ୍‌ର ନିର୍ମାଣ କାର୍ଯ୍ୟ ଶେଷକରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ସେ କହିଛନ୍ତି। କଂଗ୍ରେସ ସଦସ୍ୟା ସୋଫିଆ ଫିର୍ଦ୍ଦୋସଙ୍କ ଏକ ଅଣତାରକା ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ଏହି ବ୍ରିଜ୍‌ର ଡିପିଆର୍ ସମ୍ପୂର୍ଣ୍ଣ ହୋଇସାରିଛି ଏବଂ ଏଥିଲାଗି ପ୍ରଶାସନିକ ମଞ୍ଜୁରୀ ମଧ୍ୟ ମିଳିଛି।



ତୁମେ ଯେଉଁ ଊର୍ଦ୍ଧ୍ୱ ଆଧ୍ୟାତ୍ମିକ ସ୍ତରକୁ ଯିବାକୁ ଚାହୁଁଛ-ସେଠାରେ ପହଞ୍ଚି ପାରିବା ବିଷୟରେ ତୁମେ ସଂପୂର୍ଣ୍ଣ ନିଶ୍ଚିତ ହେବା ପୂର୍ବରୁ ତୁମ ଭିତରେ ବିଚାର ବୁଦ୍ଧିକୁ ଅବଶ୍ୟ ସଜାଗ ଓ ସକ୍ରିୟ ରଖିବ। ତା'ହେଲେ ଯାଇ ତୁମେ ପଥଚ୍ୟୁତ ବା ପଦସ୍ଖଳନ ହୋଇଯିବାର ଆଶଙ୍କାରୁ ନିଜକୁ ରକ୍ଷା କରିପାରିବ। -ଶ୍ରୀମା

# ଜ୍ଞାନ ଓ ଆତ୍ମବିଜ୍ଞାନ



ଆକାର ପଟେଲ

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆର୍‌ଏସ୍‌ଏସ୍) ଏହାର ଶତବାର୍ଷିକୀ ପାଳନ କରୁଛି। ସାଂସ୍କୃତିକ ବିଶେଷକରି ରାଜନୈତିକ କ୍ଷେତ୍ରରେ ଏହାର ଲମ୍ବା ସଫଳତାର ଇତିହାସ ବଖାଣୁଛି। ହିନ୍ଦୁତ୍ୱ ବିଚାରଧାରାର ସ୍ରୋତ ଭାବେ ଜଣାଶୁଣା ଏହି ସଂସ୍ଥା ବିଷୟରେ ଯେଉଁ ପାଠକେ ଜାଣନ୍ତି ସେମାନେ ଏହି ସ୍ତମ୍ଭରୁ ଜାଣିପାରିବେ ଏହାର ବିଶେଷ ଅର୍ଥ କ'ଣ ବା ଏହା କେଉଁ ସିଦ୍ଧାନ୍ତକୁ ପ୍ରତିପାଦିତ କରେ। ଆର୍‌ଏସ୍‌ଏସ୍‌ରେ ସବୁଠୁ ଅଧିକ ଦିନ(୩୩ ବର୍ଷ- ୧୯୪୦-୧୯୭୩) ସେବା ଯୋଗାଇଛନ୍ତି ଏମ୍‌ଏସ୍ ଗୋଲ୍‌ୱାଲକର। ତାଙ୍କ ବହି 'ବଞ୍ଚ ଅଫ୍ ଥଟ୍ସ' ଏଠାରେ ଆଲୋଚନାର ବିଷୟ ଏବଂ ଦେଖିବା ଏହା କ'ଣ କହେ। ଏହା ହେଉଛି ଗୋଲ୍‌ୱାଲକରଙ୍କ ଅଭିଭାଷଣ ଓ ସାକ୍ଷାତ୍‌କାରର ଏକ ସଙ୍କଳନ। ଏଥିରେ ଗୋଲ୍‌ୱାଲକର କହିଛନ୍ତି, ଆର୍‌ଏସ୍‌ଏସ୍ ନିଜକୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ବୋଲି କହେ, କିନ୍ତୁ ହିନ୍ଦୁ ସ୍ୱୟଂସେବକ ନୁହେଁ; କାରଣ ବାସ୍ତବରେ ରାଷ୍ଟ୍ରୀୟ ଅର୍ଥ ହେଉଛି ହିନ୍ଦୁ। ଏଣୁ ହିନ୍ଦୁ ଶବ୍ଦ ବ୍ୟବହାର କରାଯିବାର ଆବଶ୍ୟକତା ନାହିଁ। ଆର୍‌ଏସ୍‌ଏସ୍‌ର ପ୍ରଥମ ମୁଖ୍ୟ କେଶବ ହେଡଗେୱାର କହିଥିଲେ, ଯଦି ଆମେ ହିନ୍ଦୁ ଶବ୍ଦ ବ୍ୟବହାର କରିବା, ତେବେ ଏଥିରୁ ବୁଝାପଡ଼ିବ ଯେ, ଆମେ ଏହି ଦେଶର ଅସଂଖ୍ୟ ସମୁଦାୟରୁ ଆମକୁ କେବଳ ଗୋଟିଏ ବୋଲି ମାନୁଛୁ ଏବଂ ଦେଶର ନାଗରିକ ଭାବେ ଆମର ବାସ୍ତବ ସ୍ଥିତିକୁ ଅନୁଭବ କରୁନାହୁଁ।

ସଂଘୀୟବାଦ ଏକ ସମସ୍ୟା ଥିଲା ଏବଂ ସାହସର ସହ ସମ୍ବିଧାନ ସଂଶୋଧନ କରି ଏକକ ସରକାର ଘୋଷଣା କରିବା ଏକମାତ୍ର ବାଟ ଥିଲା ବୋଲି ପୁସ୍ତକରେ କୁହାଯାଇଛି। ଦେଶ ଏକ ଓ ଲୋକେ ଏକ ଥିବାରୁ ଭାରତରେ କେବଳ ଗୋଟିଏ ସରକାର ଏବଂ ଗୋଟିଏ ବ୍ୟବସ୍ଥାପିକା ସଭା ହେବା ଦରକାର। କାର୍ଯ୍ୟପାଳିକା କ୍ଷମତା ବଣ୍ଟନ ହୋଇପାରିବ, କିନ୍ତୁ ବୈଧାନିକ ବ୍ୟବସ୍ଥାପିକା କ୍ଷମତା ଗୋଟିଏ ହେବା ଉଚିତ ଏବଂ ତାହାକୁ ରାଜ୍ୟଗୁଡ଼ିକୁ ହସ୍ତାନ୍ତର କରାଯାଇପାରିବ ନାହିଁ। ସାରା ଦେଶ ପାଇଁ ଗୋଟିଏ କେନ୍ଦ୍ରୀୟ ବ୍ୟବସ୍ଥାପିକା ସଭା ଗଣତନ୍ତ୍ରର ଚାହିଦାକୁ ପୂରଣ କରିବା ଉଚିତ। ଭାରତ ବିଶ୍ୱରେ ସ୍ୱତନ୍ତ୍ର, କାରଣ ଏହା ଯାହା ଦେଇଛି ଆଉ କେହି ଦେଇପାରିନାହାନ୍ତି ଏବଂ ତାହା ହେଉଛି ହିନ୍ଦୁ ବିଚାରଧାରା। ହିନ୍ଦୁ ବିଚାରର ଉତ୍କୃଷ୍ଟତା ହେଉଛି ଏହା କେବଳ ଆତ୍ମାର ସ୍ୱରୂପ ସମ୍ପର୍କରେ ଜାଣିଛି। ଗୋଲ୍‌ୱାଲକର କହିଛନ୍ତି, ଯିଶୁ ସୈତାନଙ୍କୁ ଦେଖିଥିଲେ, ପ୍ରଫେଟ ଗାବ୍ରିଏଲଙ୍କୁ ସାକ୍ଷାତ କରିଥିଲେ। ହେଲେ କେବଳ ଭାରତରେ ଋଷିମୁନୀମାନେ ଈଶ୍ୱରଙ୍କୁ ଦେଖିଥିଲେ। ପାଶ୍ଚାତ୍ୟବାସୀ ଯେତେ ବିଜ୍ଞାନକୁ ବୁଝିଥାଆନ୍ତୁ ନା କାହିଁକି, ସେମାନେ ଆତ୍ମବିଜ୍ଞାନ ସମ୍ବନ୍ଧରେ ଅଜ୍ଞ। ତେବେ ଭାରତ ପ୍ରଦାନ କରିଥିବା ଏହି ଭିନ୍ନ ସିଦ୍ଧାନ୍ତ ଏବେ ସଙ୍କଟରେ, କାରଣ ହିନ୍ଦୁମାନେ ସେମାନଙ୍କ ପୁରାତନ ଜ୍ଞାନଠାରୁ ଦୂରେଇ ଯାଉଛନ୍ତି। ଭାରତରେ ଆର୍‌ଏସ୍‌ଏସ୍ ତାହାର ପୁନରୁଦ୍ଧାର କରିବା ସହ ହିନ୍ଦୁ ସମାଜକୁ ସଙ୍ଗଠିତ କରିବା ଉଚିତ। ବ୍ୟକ୍ତି ନିଜକୁ ବୃହତ୍ ରାଷ୍ଟ୍ରରେ ସାମିଲ କରିବା ଉଚିତ, ନଚେତ୍ ସାମାଜିକ ସମ୍ବନ୍ଧ ବା ଏକତା ନଷ୍ଟ ହୋଇଯିବ, ଯାହାକୁ ହିନ୍ଦୁ ଦର୍ଶନ ପ୍ରୋତ୍ସାହିତ କରିଥିଲା ଏବଂ ହିନ୍ଦୁମାନଙ୍କୁ ସୁଖୀ କରିଥିଲା। ସମସ୍ତ ହିନ୍ଦୁଙ୍କର ଏହି ବିଶେଷ ହିନ୍ଦୁ ଜ୍ଞାନ ନ ଥିଲା, କେବଳ କେତେଜଣଙ୍କର ଏହା ଥିଲା। ସାଧାରଣ ଲୋକଙ୍କୁ ଠିକ୍ ଭାବେ ଶିକ୍ଷିତ ଓ ଜ୍ଞାନୀ କରାଯିବା ଦରକାର। ସେମାନଙ୍କୁ କେବଳ ସାକ୍ଷର କଲେ ଲକ୍ଷ୍ୟ ହାସଲ ହେବ ନାହିଁ, କାରଣ ଏବେ ମଧ୍ୟ ଏହି ସ୍ୱତନ୍ତ୍ର ଜ୍ଞାନର ଅଭାବ ରହିଛି। ସେ କହିଥିଲେ ଲୋକମାନଙ୍କ ଭିତରେ ମଧ୍ୟ ଅସମାନତା ଅଛି ଏବଂ ବିଶେଷଜ୍ଞ ଓ ଯୋଗ୍ୟ ରାଜନେତାଙ୍କୁ ଅଣଦେଖା କରାଯାଉଥିବାରୁ ଗଣତନ୍ତ୍ର ତ୍ରୁଟିପୂର୍ଣ୍ଣ। ସାମଗ୍ରିକ ଭାବେ ପଞ୍ଚାୟତଗୁଡ଼ିକ ଯେତେବେଳେ ଜାତି ଧାରାରେ ଚାଲୁଥିଲା ସେତେବେଳେ ସବୁଠୁ ଭଲ କାମ କରୁଥିଲା। ଏଣୁ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତାମୂଳକ ନ ହୋଇ ସର୍ବସମ୍ମତ ଆଧାରିତ ହେବା ଉଚିତ।

ଭାରତ ମହାସାଗରରୁ ହିମାଳୟ ପର୍ଯ୍ୟନ୍ତ ପରିବ୍ୟାପ୍ତ। ସେଥିପାଇଁ କେବଳ ପର୍ବତର ପାଦଦେଶ ଯାଏ ନୁହେଁ, ବରଂ ତା' ପରେ ଉତ୍ତର ପାର୍ଶ୍ୱରେ ମଧ୍ୟ ପୂର୍ବଜଙ୍କର ତୀର୍ଥସ୍ଥଳ(କୈଳାସ ମାନସରୋବର) ରହିଥିଲା। ତିବ୍ବତ ଥିଲା ଦେବତାଙ୍କ ନିବାସ। ହିନ୍ଦୁମାନେ ଆଫଗାନିସ୍ତାନ, ବର୍ମା, ଇରାନ ଏବଂ ଲଙ୍କା ଦଖଲ କରିଥିବା ବିଷୟ ହିନ୍ଦୁ ପୁରାଣଗୁଡ଼ିକରେ ବର୍ଣ୍ଣନା ରହିଛି। ଅନେକ ହଜାର ବର୍ଷ ଧରି ଭାରତ ମାତା ତାଙ୍କ ଦୁଇ ହାତ ଇରାନରୁ ସିଙ୍ଗାପୁର ଯାଏ ଦୁଇ ସାଗରରେ ବୁଡ଼ାଇ ରଖିବା ସହ ଶ୍ରୀଲଙ୍କାକୁ ଏକ ପଦ୍ମ ପାଖୁଡ଼ା ଭାବେ ତାଙ୍କ ପବିତ୍ର ପାଦରେ ଅର୍ପଣ କରାଯାଇଥିଲା। ଭୂମି ପୂଜନ କରାଯାଉଥିଲା, କାରଣ ସାରା ପୃଥିବୀ ଥିଲା ପବିତ୍ର, କିନ୍ତୁ ଭାରତମାତା ଥିଲେ ସବୁଠୁ ପବିତ୍ର। ଜ୍ଞାନ ମାଧ୍ୟମରେ ତାଙ୍କ ସହ ଜଡ଼ିତ ହେବାପାଇଁ ସେ ଚାହିଁ ନ ଥିଲେ, ବରଂ ତାଙ୍କର ଦରକାର ଥିଲା ସମ୍ପୂର୍ଣ୍ଣ ସମର୍ପଣ। ବିଭାଜନ ଗ୍ରହଣୀୟ ନ ଥିଲା, କାରଣ ଏହା ଦୁଇ ଭାଇ ମଧ୍ୟରେ ସମ୍ପତ୍ତି ଭାଗ ନ ଥିଲା। ବୁଝାମଣା ଭାବେ ମା'କୁ କେହି ଭାଗ କରେ ନାହିଁ। ହିନ୍ଦୁ ରାଷ୍ଟ୍ରର ଧାରଣା କେବଳ ରାଜନୈତିକ ଓ ଆର୍ଥିକ ଅଧିକାରଗୁଡ଼ିକର ସମଷ୍ଟି ନ ଥିଲା। ରାଜନୈତିକ କିମ୍ବା ନ୍ୟାୟିକ ନୁହେଁ, ବରଂ ଏହା ଥିଲା ମୁଖ୍ୟତଃ ସାଂସ୍କୃତିକ। ଏହା ଈଶ୍ୱରଙ୍କ ଅନୁଭବର ଇଚ୍ଛା ମାଧ୍ୟମରେ ନିଜକୁ ପରିପ୍ରକାଶ କରିଥିଲା। ଏହା ଥିଲା ଜୀବନ୍ତ ଦେବତା, କୌଣସି ମୂର୍ତ୍ତି କିମ୍ବା ଅଭୌତିକ ରୂପ ନୁହେଁ। ଆମ ଲୋକେ ହେଉଛନ୍ତି ଆମ ଦେବତା, ଯାହା ଆମ ପୂର୍ବଜ କହିଥିଲେ। କିନ୍ତୁ ସେମାନେ ଆମ ସମସ୍ତଙ୍କ କଥା ଭାବି ନ ଥିଲେ। ରାମକୃଷ୍ଣ ପରମହଂସ ଓ ବିବେକାନନ୍ଦ କହିଥିଲେ- ଲୋକଙ୍କ ସେବା କର। କିନ୍ତୁ ମାନବତା ଦୃଷ୍ଟିରୁ ମଣିଷ ଖୁବ୍ ବ୍ୟାପକ ଥିଲା। ନିର୍ଦ୍ଦିଷ୍ଟ ସୀମା ଭିତରେ ଏହା ସର୍ବଶକ୍ତିମାନ ହେବା ଉଚିତ। ଏଠି ମଣିଷ କହିଲେ କେବଳ ହିନ୍ଦୁ ଲୋକଙ୍କୁ ବୁଝାଏ। ପୂର୍ବଜମାନେ ହିନ୍ଦୁ ଶବ୍ଦ ବ୍ୟବହାର କରି ନ ଥିଲେ। କିନ୍ତୁ ଋଗ୍‌ବେଦରେ ସେମାନେ କହିଥିଲେ ଯେ, ସୂର୍ଯ୍ୟ ଓ ଚନ୍ଦ୍ର ହେଉଛନ୍ତି ତାଙ୍କ ଆଖି, ଆକାଶ ଓ ନକ୍ଷତ୍ର ତାଙ୍କ ନାଭିରୁ ସୃଷ୍ଟି। ବ୍ରାହ୍ମଣ ହେଉଛି ମୁଣ୍ଡ, ରାଜା ହେଉଛି ହାତ, ବୈଶ୍ୟ ହେଉଛି ଜଙ୍ଘ ଏବଂ ଶୂଦ୍ର ହେଉଛି ପାଦ। ଯେଉଁ ଲୋକଙ୍କର ଏହି ଚାରିସ୍ତର ବ୍ୟବସ୍ଥା ଥିଲା ସେମାନେ ଥିଲେ ଦେବତା। ଏଭଳି ଜାତିର ସେବା ଓ ପୂଜାକୁ ସେତେବେଳେ ସମାଜ ଈଶ୍ୱରଙ୍କ ସେବା ବୋଲି କହିଥିଲା।

Email:aakar.patel@gmail.com

# ଆଗେ ନିଜକୁ, ପରେ ଅନ୍ୟକୁ



ଡ. ମନୋଜ କୁମାର ମହାନ୍ତି

ଚାଇନାର ବିଶିଷ୍ଟ ଦାର୍ଶନିକ ତଥା ନୈତିକ ପ୍ରଚାରକ କନ୍‌ଫୁସିଅସ ସଦାସର୍ବଦା ଗୋଟାଏ କଥା ନିଜ ଦେଶ ତଥା ବିଶ୍ୱର ସମସ୍ତ ଜନମାନସକୁ ମନେ ପକାଉଥିଲେ: ସ୍ୱପରିବର୍ତ୍ତନ ହିଁ ବିଶ୍ୱ ପରିବର୍ତ୍ତନ। ତାଙ୍କର ଏହି ନୈତିକ ବାଣୀ ସେ ବିଶେଷକରି ନିଜ ଦେଶର ଶାସକଗୋଷ୍ଠୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରିବାକୁ ଚାହିଁଥିଲେ,କାରଣ ଶାସକଗୋଷ୍ଠୀଙ୍କ ଉପରେ ଦେଶର ଦାୟିତ୍ୱ ନିହିତ। ସମସ୍ତ ନୈତିକ ମୂଲ୍ୟବୋଧ ସହ ନିଜ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନାର ଗୁରୁଦାୟିତ୍ୱ ଶାସକ, ସମସ୍ତ ଉଚ୍ଚପଦସ୍ଥ ଓ ଅଧୀନସ୍ଥ କର୍ମଚାରୀଙ୍କ ଉପରେ ନ୍ୟସ୍ତ। କାରଣ ଦେଶର ପ୍ରଗତି ଓ ସୁରକ୍ଷାର ଦାୟିତ୍ୱ ସେମାନଙ୍କ ଉପରେ। ସେମାନେ ଯେଉଁଭଳି ଆଦର୍ଶରେ ନିଜକୁ ପରିଚାଳିତ କରିବେ, ଜନତା ସେଭଳି ପଥକୁ ଅନୁସରଣ କରିବେ। ଦେଶର ସ୍ଥିତି ମଧ୍ୟ ଅନୁରୂପ ହେବ। ଶାସକ ଯଦି ନୀତିଭ୍ରଷ୍ଟ ହୁଏ, ଦୁଶ୍ଚରିତ୍ରବାନ ସହ ଦୁର୍ନୀତିଖୋର ହୁଏ ତେବେ ତାହା ରାଜ୍ୟ ତଥା ପ୍ରଜାଙ୍କ ପାଇଁ ଅହିତକର ହୋଇଥାଏ। ବାସ୍ତବରେ କନ୍‌ଫୁସିଅସଙ୍କର ଏହି ବାଣୀ ସମଗ୍ର ମାନବଜାତି ପାଇଁ ଅତ୍ୟନ୍ତ ଆବଶ୍ୟକ। ଏହା ସାଧାରଣ ଭାବରେ ବୁଝାଯାଏ ଯଦି ଜଗତର ପରିବର୍ତ୍ତନ ଚାହୁଁଛନ୍ତି ତେବେ ନିଜର ପରିବର୍ତ୍ତନ ଜରୁରୀ। ଅର୍ଥାତ୍ ଅନ୍ୟକୁ ଖାଲି ଦୋଷ ଦେଲେ ଚଳିବ ନାହିଁ। ଅନ୍ୟକୁ ଦୋଷ ଦେବା ପୂର୍ବରୁ ନିଜର ଦୋଷାଦୋଷକୁ ସଂଶୋଧନ କରିବା ପ୍ରତ୍ୟେକ ମଣିଷର ପ୍ରାଥମିକ ଦାୟିତ୍ୱ। ଖାଲି କନ୍‌ଫୁସିଅସ ନୁହନ୍ତି ଭାରତର ଅନେକ ବିଶିଷ୍ଟ ଜନନାୟକ, ପ୍ରବାଦ ପୁରୁଷ ଓ ଆଧ୍ୟାତ୍ମିକ ଗୁରୁ ମଧ୍ୟ କହିବା ସହ ନିଜେ ପାଳନ କରିଛନ୍ତି। ରାମକୃଷ୍ଣ ପରମହଂସଙ୍କଠାରୁ ଜାତିର ପିତା ମହାତ୍ମା ଗାନ୍ଧୀ ପର୍ଯ୍ୟନ୍ତ ସେଇ ଏକା ପ୍ରକାରର ନୈତିକ ଚିନ୍ତାଧାରା ଉଭୟ ବାକ୍ୟ ଓ କର୍ମରେ ଦେଖିବାକୁ ମିଳିଛି।

ରାମକୃଷ୍ଣ ପରମହଂସ ଜଣେ ଶ୍ରେଷ୍ଠସାଧକ ଓ କାଳୀମା'ଙ୍କ ଉପାସକ ଭାବେ ପଶ୍ଚିମବଙ୍ଗରେ ବେଶ୍ ପରିଚିତ ଥିଲେ। ସେଥିପାଇଁ ଅନେକ ଲୋକ ତାଙ୍କ ପାଖକୁ ଆସି ଉପଦେଶ ନେଇ ନିଜ ଜୀବନ ତଥା କର୍ମରେ ପ୍ରୟୋଗ କରୁଥିଲେ। ଥରେ ଜଣେ ମା' ରାମକୃଷ୍ଣଙ୍କ ପାଖକୁ ଆସି କହିଲେ ବାବା; ଆପଣ ତ ଅନେକ ଲୋକଙ୍କୁ ଉପଦେଶ ମାଧ୍ୟମରେ ଉଚିତ ମାର୍ଗକୁ ଆଣୁଛନ୍ତି, ମୋ ପୁଅକୁ ଟିକେ ମାର୍ଗ ଦେଖାନ୍ତେନି! ସେ ବହୁ ମିଠାପ୍ରିୟ। ମିଠା ଖାଇବା କିଛି ଖରାପ କଥା ନୁହେଁ, କିନ୍ତୁ ଅତ୍ୟଧିକ ଖାଇବା ଦ୍ୱାରା କୃମି ଓ ଦଶିପୋକ ଭଳି ରୋଗଜୀବାଣୁ ଆକ୍ରମଣରେ ସେ ବାରମ୍ବାର ପୀଡିତ ହେଉଛି। ରାମକୃଷ୍ଣ ହସିଲେ ଏବଂ କହିଲେ, ଠିକ୍ ଅଛି ତୁମେ ଘରକୁ ଯାଇ ପୁଅକୁ ମୋ ପାଖକୁ ପଠେଇଦେବ। ପ୍ରତିଦିନ ପୁଅ ଆସେ ରାମକୃଷ୍ଣଙ୍କୁ ଦେଖାକରେ, ନମସ୍କାର କରି କିଛି କଥାଶୁଣି ପୁଣି ଘରକୁ ଫେରିଯାଏ। ଏମିତି ଗୋଟେ ସପ୍ତାହ ପର୍ଯ୍ୟନ୍ତ ପିଲାଟିର ଯିବାଆସିବା ଲାଗିରହିଲା। ରାମକୃଷ୍ଣଙ୍କ ସଂସ୍ପର୍ଶରେ ଆସି ପିଲାଟିର ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଲା। କିନ୍ତୁ ଯେଉଁ ସମସ୍ୟାର ସମାଧାନ ପାଇଁ ପୁଅକୁ ରାମକୃଷ୍ଣଙ୍କ ପାଖକୁ ପଠାଯାଇଥିଲା ସେଥିରେ କୌଣସି ଉନ୍ନତି ପରିଲକ୍ଷିତ ହେଲାନାହିଁ କି ସେ ସମସ୍ୟାର ସମାଧାନ ହେଲାନାହିଁ। ସାତଦିନ ମଧ୍ୟରେ ମିଠା ପ୍ରତି ପିଲାଟିର କୌଣସି ପ୍ରକାରର ଅନାଗ୍ରହ ଦେଖିବାକୁ ମିଳିଲା ନାହିଁ। ମା' ପୁନଶ୍ଚ ରାମକୃଷ୍ଣଙ୍କ ନିକଟକୁ ଗଲେ। ହାତଯୋଡି ପଚାରିଲେ, ବିଗତ ଏକ ସପ୍ତାହ ହୋଇଗଲାଣି କିନ୍ତୁ ପୁଅର ମିଠା ପ୍ରତି ଅନାଗ୍ରହ ମୁଁ କାହିଁ ଦେଖିପାରୁନାହିଁ, ଆପଣ କାହିଁକି ତାକୁ ମିଠା ଖାଇବା ପାଇଁ ବାରଣ କରୁନାହାନ୍ତି। ରାମକୃଷ୍ଣ ହସିଲେ ଏବଂ ପ୍ରତ୍ୟୁତ୍ତର ଦେଲେ; ମୁଁ ନିଜେ ଏ ପର୍ଯ୍ୟନ୍ତ ମିଠା ପ୍ରତି କୌଣସି ଅନାସକ୍ତ ଭାବ ମନରେ ଆଣି ପାରିନାହିଁ। ଯେ ପର୍ଯ୍ୟନ୍ତ ମୁଁ ଏହାକୁ ସମ୍ପୂର୍ଣ୍ଣ ତ୍ୟାଗ ନ କରିଛି ସେ ପର୍ଯ୍ୟନ୍ତ ଅନ୍ୟକୁ ଉପଦେଶ ଦେବା ହାସ୍ୟାସ୍ପଦ। ଅନ୍ୟକୁ ନୀତିବାଣୀ ଓ ଉପଦେଶ ଦେବା ପୂର୍ବରୁ ମୁଁ ତାହା କେତେମାତ୍ରାରେ ମୋ ନିଜ ଜୀବନରେ ଓ କର୍ମକ୍ଷେତ୍ରରେ ପ୍ରୟୋଗ କରିଛି ତାହା ହିଁ ପ୍ରମୁଖ ସମସ୍ୟା।

ଏ ସମାଜରେ ଉପଦେଶ ଦେବା ଲୋକ ଅନେକ, କିନ୍ତୁ ସେମାନେ ସେମାନଙ୍କ ଜୀବନରେ କେତେମାତ୍ରାରେ ସେଇ ଉପଦେଶକୁ ବ୍ରତଭାବେ ପାଳନ କରନ୍ତି ତାହା ହିଁ ବାସ୍ତବିକତା। ଶିକ୍ଷାରୁ ସ୍ୱାସ୍ଥ୍ୟ, ପୁଣି କୃଷିରୁ ଶିଳ୍ପଯାଏ ଆମେ କର୍ତ୍ତବ୍ୟକୁ କେତେ ସଚେତନର ସହ ପାଳନ କରୁଛେ ତାହା ହିଁ ନୈତିକତାର ଆଧାରବିନ୍ଦୁ। ଉପଦେଶ ଏଠି ଶସ୍ତାରେ ମିଳେ ବୋଲି ସମସ୍ତେ ଜାଣନ୍ତି କିନ୍ତୁ ସେହି ଆଦର୍ଶକୁ ଅନୁସରଣ କରିବା କେତେଜଣଙ୍କର ନୈତିକ ଦାୟିତ୍ୱ ତାହା ଆଜିର ଦିନରେ ଆଲୋଚନାର ବିଷୟ। ଅନ୍ୟର ଦୋଷ ବାଛିବା, ତାକୁ ସମାଲୋଚନା, ଆକ୍ଷେପ ଓ ଅଭିଯୋଗ କରି ପୁନଶ୍ଚ ନିଜକୁ ଉକ୍ତ ମାର୍ଗରେ ପରିଚାଳନା କରିବା ସମାଜ ପାଇଁ କେତେ ଗ୍ରହଣୀୟ? ଚାଲୁଣିର ବିନ୍ଧ ଗଣିବା ପୂର୍ବରୁ ଛୁଞ୍ଚି ନିଶ୍ଚିତଭାବେ ନିଜର ଅକ୍ଷମତାକୁ ଅନୁଭବ କରିବା ଦରକାର। ଗାନ୍ଧିଜୀ ନିଜକୁ ସମୟାନୁବର୍ତ୍ତିତା କରିବା ପାଇଁ ଅଣ୍ଟାରେ ଘଡି ଝୁଲେଇ ଯାତାୟାତ କରୁଥିଲେ। ସାବରମତୀ



ଆଶ୍ରମରେ ନିୟମ ଅନୁସାରେ ସନ୍ଧ୍ୟା ୬ଘଟିକା ସୁଦ୍ଧା ଯିଏ ଯେଉଁଠି ଥିବ ଆସି ନିର୍ଦ୍ଧାରିତ ସମୟରେ ପହଞ୍ଚିବାକୁ ପ୍ରଚେଷ୍ଟା କରିବ। ଯଦି ପହଞ୍ଚିବାରେ କିଞ୍ଚିତ ବିଳମ୍ବ ହୁଏ ତେବେ ଫାଟକ ବାହାରେ ତାଙ୍କୁ ରହିବାକୁ ପଡ଼ିବ। ଏହାକୁ ସମ୍ପୂର୍ଣ୍ଣଭାବେ ପାଳନ କରିବାକୁ ସମସ୍ତ କର୍ମକର୍ତ୍ତାଙ୍କୁ ସଚେତନ କରାଗଲା। ଏହା ମଧ୍ୟ ପାଳନ ହେଲା। ଦିନେ ଗାନ୍ଧୀ ତାଙ୍କର କୌଣସି କାମରେ ବାହାରକୁ ଯାଇ ଫେରିବାରେ କିଛି ସମୟ ବିଳମ୍ବରେ ଫାଟକ ପାଖରେ ପହଞ୍ଚି ଦେଖିଲେ ଯେ ନିର୍ଦ୍ଧାରିତ ସମୟ ଅନୁସାରେ ଫାଟକରେ ଚାବି ପଡ଼ିଛି। ଏହା ଦେଖି ସେ ଅତ୍ୟନ୍ତ ଖୁସି ଅନୁଭବ କଲେ ଏବଂ କାହାକୁ କିଛି ନ କହି ଫାଟକ ବାହାରେ ସେ ସାରାରାତି ବିନା ଦ୍ୱିଧାରେ କଟାଇଥିଲେ।

କିନ୍ତୁ କାହିଁକି କେଜାଣି ଭାରତର ସାଧାରଣ ଜନତାଙ୍କ ଚିନ୍ତାଧାରା ଓ କାର୍ଯ୍ୟକଳାପ ଏହାର ସମ୍ପୂର୍ଣ୍ଣ ବିପରୀତ। ଏଠି ସତ୍ୟ ପଥେ, ଧର୍ମ ପଥେ, ନ୍ୟାୟ ପଥରେ ପଥିକ ହେବା ପାଇଁ ପ୍ରତିଦିନ ପ୍ରାର୍ଥନା ଆବୃତ୍ତି କରୁଥିବା ଲୋକମାନେ ମିଛ, ଅଧର୍ମ ଓ ଅନ୍ୟାୟକୁ ନିଜର ହାତବାରିଶ କରି ସାରିଛନ୍ତି। ଶେଷରେ ଆସି ଲମ୍ବାଧାଡ଼ି ମଝିରେ ଧସେଇ ପଶି କାମ ହାସଲ କରିବା ଆମର ଜନ୍ମଗତ ଅଧିକାର ଭାବନ୍ତି। ସବୁବେଳେ ଅଳ୍ପ ବିନିଯୋଗରେ ଅଧିକ ଲାଭରେ ଲାଗିଥାନ୍ତି। ପଡ଼ୋଶୀକୁ ବଳକା ରନ୍ଧାଖାଦ୍ୟ ଦେଇ ଯେମିତି ନିଜର ବଡ଼ପଣିଆକୁ ଦେଖାନ୍ତି। ମନ୍ଦିର ପ୍ରବେଶ ଦ୍ୱାରରେ ବସିଥିବା ଭିକାରୀଙ୍କୁ ଟଙ୍କେ ଦି' ଟଙ୍କା ଦେଇ ନିଜକୁ ଦାନୀ ବୋଲି ମନେକରିବା, ନିଜ ପିନ୍ଧାଲୁଗା ଫାଟି ଚିରି ପୁରୁଣା ହେଲା ପରେ ନିଜ ଘରଅଳିଆ ମୁକ୍ତ କରିବା ପାଇଁ କାହାକୁ ଦେବା କେଉଁ ମାନବିକତାର ପରିଚୟ। ଯଦି ଦେବାର ଅଛି ଖଣ୍ଡେ ନୂଆବସ୍ତ୍ର ଦାନ କରାଯାଉ। ଏଠି ଶହେରୁ ଅନେଶତ ଲୋକ ଅନ୍ୟ ଉପରେ ପ୍ରତିକ୍ଷେତ୍ରରେ ଦୋଷ ଲଦିବାରେ ବ୍ୟସ୍ତ।

ସ୍ୱଚ୍ଛ ଭାରତ ଅଭିଯାନର ମୁଖ୍ୟ ଲକ୍ଷ୍ୟ ଥିଲା ଦେଶର କୋଣଅନୁକୋଣରୁ ଅଳିଆ ଆବର୍ଜନାମୁକ୍ତ ରଖିବା। ରାସ୍ତାଘାଟ, ନଦୀନାଳ, ଚିକିତ୍ସାଳୟ, ରେଳଷ୍ଟେଶନ, ବସ୍‌ଷ୍ଟାଣ୍ଡ ଆଦିକୁ ସଫାସୁତୁରା ରଖିବାର ଦାୟିତ୍ୱ ଆମ ସମସ୍ତଙ୍କର। ରାସ୍ତାର ଦୁଇପାର୍ଶ୍ୱରେ ମଳମୂତ୍ର ତ୍ୟାଗ, ସରକାରୀ କାର୍ଯ୍ୟାଳୟର କାନ୍ଥବାଡ଼ରେ ପାନ ଗୁଟ୍‌ଖା ଛେପ, ଶୌଚାଳୟରେ ମଳମୂତ୍ର ତ୍ୟାଗକରି ତାକୁ ଅପରିଷ୍କାର ଅସ୍ୱଚ୍ଛ ଛାଡ଼ିଦେଇଯିବା ଏହା ମଣିଷର ନା ପଶୁର କାମ? ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଚପରାସିଠାରୁ କିରାଣି ଓ ଅନ୍ୟାନ୍ୟ ଅଧିକାରୀବୃନ୍ଦ ବିନା ହାତଗୁଞ୍ଜାରେ ଫାଇଲ ଏ ଟେବୁଲରୁ ଆର ଟେବୁଲକୁ ଆଗଉ ନାହାନ୍ତି। ସେମାନଙ୍କୁ ସହଯୋଗ କରୁଛେ ଆମେ। ଦୁର୍ନୀତିକୁ ରୋକିବ କିଏ ବରଂ ତାହା ବଢ଼ିବଢ଼ି ଚାଲିଛି। ଆମେ ସମସ୍ତେ ସୁବିଧା ଗଳିରାସ୍ତା ଖୋଜୁଛେ। କଳେବଳେ କୌଶଳେ ଖସିଗଲେ ହେଲା। ଆମ କାମ ହେଇଗଲେ ହେଲା। ପୁଣି ସେଇ ଗଳାବାଟରେ ପଥିକ ହେବା ପାଇଁ ଅନ୍ୟକୁ ଉପଦେଶ ଦିଅନ୍ତି। କେବେ କାହାକୁ ସୁବୁଦ୍ଧି ଦେବା ପୂର୍ବରୁ ନିଜ ଭିତରେ ଥିବା କୁବୁଦ୍ଧିକୁ ତ୍ୟାଗ କରାଯାଉ। ନିଜ କାନ୍ଧରେ ବନ୍ଧୁକ ରଖି ଗୁଳି ଫୁଟାଇବାକୁ କେହି ଇଚ୍ଛାକରୁନି, କାରଣ ବନ୍ଧୁକର ବୋଝ କିଏ ସହିବ? ନିଜକୁ ଦୋଷମୁକ୍ତ କରିବା ଆଳରେ ଆଳସ୍ୟ, ଅନ୍ୟାୟ ଓ ଅନୀତିକୁ ପ୍ରଶ୍ରୟ ଦେଉନାହାନ୍ତି ତ?

ଅଧ୍ୟାପକ, ବିଏନ୍‌ଏମ୍ଏ ମହାବିଦ୍ୟାଳୟ, ଭଦ୍ରକ
ମୋ: ୮୮୯୫୩୪୧୦୩୩

# ଶୃଙ୍ଖଳାର ଅଭାବ



ଗାୟତ୍ରୀ ସିଂହ

କୁହାଯାଏ ମହାପ୍ରଭୁଙ୍କ ଡୋରି ନ ଲାଗିଲେ ତାଙ୍କୁ ଦର୍ଶନ କରି ହୁଏ ନାହିଁ। ସେ ଭାବରେ ସେ ଭକ୍ତିରେ ସେ ସମର୍ପଣରେ ମିଳନ୍ତି। ଯିଏ ଯେପରି ଭାବରେ ତାଙ୍କୁ ପୂଜେ ସେ ସେପରି ଭାବେ ପାଇଥାଏ। ଯାହାର ମନ ଯେଡ଼େ ତାହାର ପ୍ରଭୁ ସେଡ଼େ। ଚାରିଧାମ ମଧ୍ୟରେ ଶ୍ରେଷ୍ଠ ହେଉଛି ଶ୍ରୀକ୍ଷେତ୍ର ପୁରୁଷୋତ୍ତମ ଧାମ। ସବୁବେଳେ ସବୁ ସମୟରେ ଭକ୍ତ ଓ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହିଥାଏ ପୁରୀରେ। କାଳିଆର ଟିକେ ଦର୍ଶନ ପାଇବା ପାଇଁ ଭକ୍ତ ଟିଏ ବ୍ୟାକୁଳ ହୋଇଥାଏ। ବିଶ୍ୱର କୋଣ ଅନୁକୋଣରୁ ଭକ୍ତଙ୍କ ସୁଅ ଛୁଟିଥାଏ। ଲୟ କେବଳ ଜଗା ଦର୍ଶନ। କୋଶ କୋଶ ଦୂରରୁ ବ୍ୟୟ ବହୁଳ ଯାତ୍ରା କରି, ଧାଡ଼ିରେ ଘଣ୍ଟା ଘଣ୍ଟା ଅପେକ୍ଷା କରିବା ପରେ ଯଦି ଭଲରେ ଜଗାର ଦର୍ଶନ ଟିକେ ନ ମିଳେ ତାହେଲେ ଭକ୍ତଟିଏ ନିଜେ ନିଜକୁ ଧିକ୍କାରି ଥାଏ। ତା' ଭକ୍ତିରେ ବୋଧେ କେଉଁଠି ତ୍ରୁଟି ରହିଗଲା। କେଉଁଠି ନା କେଉଁଠି କିଛି ଊଣା ହୋଇଗଲା ବୋଲି ମନେକରେ।

ସୁବ୍ୟବସ୍ଥିତ ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ତରଫରୁ ବାରମ୍ବାର ପଦକ୍ଷେପ ନିଆଯାଉଛି। କିନ୍ତୁ ଦୃଶ୍ୟମାନ ହୁଏ ଯଥା ପୂର୍ବ ତଥା ପରମ୍। ସେହି ସମାନ ଦୃଶ୍ୟ, ଠେଲା ପେଲା। ଭିଡ଼ ଅନିୟନ୍ତ୍ରଣ। ବଡ଼ଦାଣ୍ଡରୁ ବ୍ୟାରିକେଡ଼ ଲମ୍ବିଛି ମନ୍ଦିର ପର୍ଯ୍ୟନ୍ତ। ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ ବି ମୁତୟନ। ତା' ସତ୍ତ୍ୱେ ଲୋକଙ୍କ ମଧ୍ୟରେ ଶୃଙ୍ଖଳାର ଅଭାବ ହେଉ କି ସଚେତନତାର ଅଭାବ ହେଉ ଜଗାକୁ ଦର୍ଶନ କରିବା ଲକ୍ଷ୍ୟ ନେଇ ଠେଲା ଠେଲି କରି ପ୍ରଥମେ ଦର୍ଶନ କରିବାର ମାନସିକତା ନେଇ ମାଡ଼ି ଯାଉଛନ୍ତି। ମନ୍ଦିର ଭିତରେ ଯେତିକି ଭକ୍ତ ସୁରୁଖୁରୁରେ ଦର୍ଶନ କରିବାର କ୍ଷମତା ରହିଛି ସେତିକି ଭକ୍ତଙ୍କୁ ଯଦି ଭିତରକୁ ଛଡ଼ା ଯାଆନ୍ତା ତା'ହେଲେ ଏତେ ବିଶୃଙ୍ଖଳା ହୁଅନ୍ତା ନାହିଁ। ସମସ୍ତେ ଶାନ୍ତିରେ ଭକ୍ତିଭାବରେ ଶୃଙ୍ଖଳିତ ଦର୍ଶନ କରିପାରନ୍ତେ। ଏକା ଥରରେ ଅନେକ ଭକ୍ତଙ୍କୁ ଭିତରକୁ ଛାଡ଼ିଦେବା ଫଳରେ ପ୍ରତ୍ୟେକ ଦିନ କିଛି ନା କିଛି ଅଘଟଣ ଘଟି ଚାଲିଛି। ପୋଲିସ କେବଳ ନୀରବଦ୍ରଷ୍ଟା। ପୋଲିସ ଭିଡ଼ ନିୟନ୍ତ୍ରଣ କରି କରି ଯେମିତି ଥକି ଗଲେଣି। ଏସବୁ ଦୃଶ୍ୟ ତାଙ୍କ ପାଇଁ ନିତିଦିନିଆ ଘଟଣା ହୋଇଗଲାଣି।

ବୟସ ହେଲା ପରେ ସବୁ ମଣିଷର ଅଭିଳାଷ ଥାଏ ଶ୍ରୀକ୍ଷେତ୍ର ଯିବି ବଡ଼ଦାଣ୍ଡ ଧୂଳିଟିକେ ନେଇ ମୁଣ୍ଡରେ ମାରି ହେବି, ବାଇଶି ପାହାଚରେ ଗଡ଼ିବି, ଜଗତର ନାଥ ଜଗନ୍ନାଥଙ୍କୁ ଦର୍ଶନ କରିବି। ହେଲେ ଏସବୁ ଏବେ ସ୍ୱପ୍ନ। ଆଉ ବୟସ୍କଙ୍କୁ ମନ୍ଦିରରେ ବିଶେଷ ଦେଖିବାକୁ ମିଳୁନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ। ପ୍ରଥମତଃ ପ୍ରଶାସନ ତରଫରୁ ଯେଉଁ ନୀତି ନିୟମ ହୋଇଛି ସେଥିରେ ବୟସ୍କଙ୍କ ଦର୍ଶନ ପାଇଁ କୌଣସି ସୁବ୍ୟବସ୍ଥା ନାହିଁ।



ବ୍ୟାରିକେଡ୍‌ରେ ଘଣ୍ଟା ଘଣ୍ଟା ଠିଆ ହୋଇ ଅପେକ୍ଷା କରିବା ପାଇଁ ତାଙ୍କ ପାଖରେ ଆଉ ବଳ ବୟସ ନାହିଁ। ତା'ପରେ ମନ୍ଦିର ଭିତରେ ଯେଉଁ ଠେଲା ପେଲା ପରିବାର ଲୋକେ ବୟସ୍କ ଗୁରୁଜନମାନଙ୍କୁ ଆଉ ଆଣିବାକୁ ଉଚିତ ମନେକରୁ ନାହାନ୍ତି। ଭିଡ଼ ଭିତରେ ନିଜେ ନିଜକୁ ସମ୍ଭାଳିବା କଷ୍ଟକର ହୋଇପଡ଼େ। ବୟସ୍କ ଲୋକ ତ ଅଣନିଃଶ୍ୱାସି ହୋଇ ଖସି ପଡ଼ିବେ। ଠାକୁରଙ୍କୁ ମୁଣ୍ଡିଆ ମାରିବା ଦୂରେ ଥାଉ ହାତଯୋଡ଼ି ନମସ୍କାରଟିଏ ମଧ୍ୟ ମନ୍ଦିର ଭିତରେ କରି ହୁଏନି। ବାହାରେ ଆସି ଭକ୍ତଟିଏ ଶ୍ରୀମନ୍ଦିରକୁ ଚାହିଁ ହାତ ଟେକି ଦିଏ। ଅନେକ ଭକ୍ତ ଭିଡ଼ ଦେଖି ବଡ଼ଦାଣ୍ଡରେ ଠିଆ ହୋଇ ଜୟ ଜଗନ୍ନାଥ କହି ହାତ ଟେକି ଦିଅନ୍ତି। ଏମିତି କେତେଦିନ ଚାଲିଥିବ? ଏହାର କ'ଣ କିଛି ପ୍ରତିକାର ନାହିଁ? ମହାବାହୁଙ୍କୁ ଆଖି ପୂରେଇ ମନଭରି ଦର୍ଶନ କରିବାର ଆଶା ବିଶ୍ୱାସ ଭରସା ଓ ଭକ୍ତିଭାବର ସ୍ୱଚ୍ଛ ମନଟିଏ ନେଇ ଭକ୍ତର ଯେଉଁ ଆଗମନ ହୋଇଥାଏ ଶ୍ରୀକ୍ଷେତ୍ରରୁ ଫେରିଲା ବେଳେ କ'ଣ ସେପରି ମଧୁର ଅନୁଭୂତିଟିଏ ନେଇ ଭକ୍ତଟିଏ ଫେରିପାରିବ ନାହିଁ।

ପ୍ରାୟ ପ୍ରତ୍ୟେକ ଦିନ ଗଣମାଧ୍ୟମରେ ଶ୍ରୀମନ୍ଦିରର ଦର୍ଶନ ବ୍ୟବସ୍ଥା ଉପରେ ଆଲୋଚନା ହେଉଛି। ବାରମ୍ବାର ଭକ୍ତର ଅଭିଯୋଗ ଆସୁଛି, ହେଲେ କୌଣସି ପ୍ରତିକାର ନାହିଁ କି ପରିବର୍ତ୍ତନ ନାହିଁ। କୋଟି କୋଟି ଭକ୍ତଙ୍କ ଭକ୍ତି ଭାବନା ସହିତ କାହିଁକି ଏ ଅବହେଳା ଏ ଅଣଦେଖା। ଦିନକୁ ଦିନ ଶ୍ରୀମନ୍ଦିର ପରିଚାଳନାରେ ସଂସ୍କାର ଅଣାଯାଇଛି ବୋଲି କୁହାଯାଉଛି। ହେଲେ ସେଇ ସମାନ ଘଟଣା। ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ଏବଂ ମନ୍ଦିର ଭିତରେ ବ୍ୟାରିକେଡ୍‌ରେ ଭକ୍ତମାନେ ଶୃଙ୍ଖଳିତ ଭାବରେ ଧାଡ଼ିରେ ଶ୍ରୀଜୀଉଙ୍କୁ ଦର୍ଶନ କରିବା ପାଇଁ ଅପେକ୍ଷା କରୁଛନ୍ତି। ଯେତେବେଳେ ଭକ୍ତମାନେ ପାହାଚ ଦେଇ ଭିତରେ ପ୍ରବେଶ କରୁଛନ୍ତି ନାଟମଣ୍ଡପ ଓ ଜଗମୋହନରେ କୌଣସି ବ୍ୟାରିକେଡ୍ ବ୍ୟବସ୍ଥା ନ ଥିବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସମ୍ଭବ ଠେଲା ପେଲା ଧସ୍ତା ଧସ୍ତି ଆରମ୍ଭ ହୋଇଯାଉଛି। ଦର୍ଶନରେ ବିଳମ୍ବ ହେଲେ ବି ଶାନ୍ତି ଶୃଙ୍ଖଳାର ସହିତ ଦର୍ଶନ ଯଦି ସମ୍ଭବ ହୁଅନ୍ତା ତେବେ ଭକ୍ତଟିଏ ତିକ୍ତ ଅନୁଭୂତି ନେଇ ଫେରନ୍ତା ନାହିଁ। ଶ୍ରୀମନ୍ଦିର ନୂତନ ପରିଚାଳନା କମିଟି ଗଠନ ପରେ ନାଟ ମଣ୍ଡପରେ ଧାଡ଼ି ଦର୍ଶନ ବ୍ୟବସ୍ଥାକୁ ବିଚାରକୁ ନିଆଯାଇଛି। ମହାପ୍ରଭୁଙ୍କର ଏତିକି ସୁଦୟା ହେଉ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହୋଇ ସଫଳ ହେଉ। ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଏଇ ଭାବ ସବୁବେଳେ ରହିଥାଉ। ପ୍ରଶାସନ, ପୋଲିସ ଓ ଲକ୍ଷ ଲକ୍ଷ ଭକ୍ତ ସମସ୍ତେ ସଚେତନ ହୁଅନ୍ତୁ। ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ପାଇଁ ସମସ୍ତଙ୍କର ସମାନ ଭୂମିକା ରହିଛି। ସମସ୍ତେ ସମସ୍ତଙ୍କୁ ସହଯୋଗ କରନ୍ତୁ। ପ୍ରଭୁ ଶ୍ରୀ ଜଗନ୍ନାଥ ଆମର, ଜଗନ୍ନାଥ ସଂସ୍କୃତି ଆମର। ଆମର ଗର୍ବ ଆଉ ଗୌରବ ଯେ ଆମେ ଶ୍ରୀଜଗନ୍ନାଥ ମାଟିର। ଏ ମାଟିର ମହକ ମଧୁର ଅନୁଭୂତି ଦେଶ ବିଦେଶକୁ ଛୁଟି ପୁରୁଷୋତ୍ତମ କ୍ଷେତ୍ରର ଐତିହ୍ୟ ବୃଦ୍ଧି ହେଉଥାଉ।

ଆଠମଲ୍ଲିକ, ଅନୁଗୋଳ
ମୋ: ୭୬୦୬୯୫୭୪୪୫

## ଏଇ ଭାରତରେ

ସମ୍ମିଳିତ ଭାବେ କାମ କଲେ ସଫଳତା ଶୀଘ୍ର ଆସେ, ଯାହାର ପ୍ରମାଣ ମିଳିଛି ତାମିଲନାଡୁରୁ। ଏହି ରାଜ୍ୟର ଏଲାଥୁର ହ୍ରଦ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ନୂଆ ଜୀବନ ପାଇଛି। ଏରୋଡର ନାମ୍ବିୟୁର ତହସିଲର ଏଲାଥୁର ଟାଉନ ପଞ୍ଚାୟତରେ ଥିବା ଏହି ହ୍ରଦର ପୁନରୁଦ୍ଧାର ହେବା ପରେ ଏବେ ତାହା ୧୮୭ ପ୍ରଜାତିର ଚଢ଼େଇଙ୍କର ସୁରକ୍ଷିତ ସ୍ଥାନ ପାଲଟି ଯାଇଛି। ଏଥିରେ ଅନେକ ବିଦେଶୀ ପକ୍ଷୀ ବି ଅଛନ୍ତି। ତାମିଲନାଡୁ ସରକାର ଏହି ହ୍ରଦକୁ ରାଜ୍ୟର ତୃତୀୟ ଜୈବବିବିଧତା ଅଞ୍ଚଳର ମାନ୍ୟତା ଦେଇଛନ୍ତି। ଏକଦା ୩୭.୪୨ ହେକ୍ଟର ପରିମିତ ଏହି ହ୍ରଦର ଜଳସ୍ତର କମିଯିବା ସହ ପରିବେଶ ପକ୍ଷୀଙ୍କ ପାଇଁ ଅନୁପଯୋଗୀ ଥିଲା। ଏହାକୁ ଜବରଦଖଲ କରାଯିବା ସହ ଶିଳ୍ପର ବର୍ଜ୍ୟ ଯୋଗୁ ଏହାର ପାଣି ପ୍ରଦୂଷିତ ହୋଇଯାଇଥିଲା। ଏବେ ହ୍ରଦକୁ ପକ୍ଷୀଙ୍କ ଆଗମନ ପରେ ସ୍ଥାନୀୟ ଲୋକେ ଓ ପଞ୍ଚାୟତ ସଦସ୍ୟଙ୍କୁ ନେଇ ଜୈବବିବିଧତା ପରିଚାଳନା କମିଟି ଗଠନ କରାଯାଇଛି। ପକ୍ଷୀଙ୍କ ସୁରକ୍ଷା, ହ୍ରଦର ରକ୍ଷଣାବେକ୍ଷଣ ବିଷୟରେ ଏହା ଧ୍ୟାନ ଦେଉଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୧ ସେପ୍ଟେମ୍ବର ୧୯୭୬

- ଚିଲିର ସ୍ୱାଧୀନତା ଦିବସ ପାଳନ କରୁଥିବା ଦଳେ ଲୋକଙ୍କ ଉପରେ ଏକ ଲରୀ ମାଡ଼ିଯିବା ଫଳରେ ୨୩ ଜଣ ଲୋକ ନିହତ।
- ସ୍ୱୀଡେନର ସାମ୍ପ୍ରତିକ ସାଧାରଣ ନିର୍ବାଚନରେ ପ୍ରଧାନମନ୍ତ୍ରୀ ଓଲଫ ପାମେ ତାଙ୍କ ଦଳ ସୋସିଆଲ ଡେମୋକ୍ରାଟ୍ ପାର୍ଟିର ପରାଜୟ ସ୍ୱୀକାର କରିଛନ୍ତି।
- ତୁର୍କୀ ଏୟାରଲାଇନ୍‌ସର ବୋଇଙ୍ଗ୍ ୭୨୭ ବିମାନଟି ଗୋଟିଏ ପର୍ବତ ଚୂଡ଼ାରେ ଧକ୍କା ଖାଇବା ଫଳରେ ବିମାନଯାତ୍ରୀଙ୍କ ମଧ୍ୟରୁ ୧୫ଜଣଙ୍କ ମୃତ୍ୟୁ।

## ଚିରନ୍ତନୀ

ସେ ଚାହାଣି ଲାଗି
ଧରାର ଯୌବନ ରହେ ଯୁଗେ ଯୁଗେ
କେତେ ନିଶି ଜାଗି
ସେ ଚାହାଣି ଲାଗି
ବ୍ରହ୍ମଚାରୀ ଯୋଗେଶ୍ୱର ଯୋଗନିଦ୍ରା ଯାଏ କେତେ ଭାଙ୍ଗି
ସେ ଚାହାଣି ଯଉବନେ ଜଗାଏ ପ୍ରଳୟ
ମରୁପଥେ ବୁହାଏ ମଳୟ ।

-(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | | | | | | 1 | |
| | 7 | | 4 | | | | | |
| 3 | 1 | | | | 5 | 9 | | 6 |
| 6 | | 4 | | | | 2 | | 5 |
| 5 | | | | | | 6 | | |
| | 3 | | | | | | | |
| 1 | | | | | 3 | | | 2 |
| | | | | 9 | 2 | | | |
| | 5 | | | | 4 | | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 4 | 3 | 5 | 9 | 2 | 6 | 1 | 8 |
| 6 | 8 | 2 | 7 | 4 | 1 | 3 | 5 | 9 |
| 9 | 1 | 5 | 3 | 6 | 8 | 4 | 2 | 7 |
| 5 | 6 | 9 | 1 | 7 | 4 | 8 | 3 | 2 |
| 3 | 7 | 4 | 8 | 2 | 6 | 5 | 9 | 1 |
| 1 | 2 | 8 | 9 | 5 | 3 | 7 | 6 | 4 |
| 4 | 9 | 7 | 6 | 1 | 5 | 2 | 8 | 3 |
| 8 | 5 | 1 | 2 | 3 | 7 | 9 | 4 | 6 |
| 2 | 3 | 6 | 4 | 8 | 9 | 1 | 7 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆତ୍ମହତ୍ୟା ରୋକିବା ସମସ୍ତଙ୍କ ଦାୟିତ୍ୱ

ମହାଶୟ,

୨୦୨୫ରେ ଓଡ଼ିଶାରେ ଆତ୍ମହତ୍ୟା ପରିସ୍ଥିତି ବଢୁଥିବା ସାର୍ବଜନୀନ ସ୍ୱାସ୍ଥ୍ୟ ସମସ୍ୟାକୁ ସ୍ପଷ୍ଟ କରୁଛି, ଯାହା ବହୁମୁଖୀ ହସ୍ତକ୍ଷେପ ଏବଂ ଜନସଚେତନତାର ବୃଦ୍ଧିପାଇଁ ଦାବି କରୁଛି। ସମାଜରୁ ଆତ୍ମହତ୍ୟାକୁ ଆମେ କିପରି ରୋକିପାରିବା ତାହା ଗୁରୁତ୍ୱପୂର୍ଣ୍ଣ ବିଷୟ। ପ୍ରଥମେ ଆମକୁ ଲୋକଙ୍କ ମନରେ ଆତ୍ମହତ୍ୟା ଏବଂ ମାନସିକ ସ୍ୱାସ୍ଥ୍ୟ ପ୍ରତି ଥିବା ଭାବନାକୁ ଦୂର କରିବାକୁ ପଡ଼ିବ। କିପରି ଆମେ ସଚେତନତା ସୃଷ୍ଟି କରିବା, ଦୃଢ଼ ସାମାଜିକ ସମର୍ଥନ- ବନ୍ଧୁ, ପରିବାର ଏବଂ ପରାମର୍ଶଦାତାଙ୍କ ସହିତ ସହାୟକ ଦୃଢ଼ ସମ୍ପର୍କ ଆତ୍ମହତ୍ୟା ଚିନ୍ତାଧାରା ଅନୁଭବ କରିବାର ସମ୍ଭାବନା କମ୍ କରିଥାଏ। ସେହିଭଳି ସ୍ଥିରତା ଏବଂ ମୁକାବିଲା କରିବାର ଦକ୍ଷତା, ସମସ୍ୟା ସମାଧାନ କରିବାର ଦକ୍ଷତା, ଚାପ ପରିଚାଳନା କୌଶଳ ଇତ୍ୟାଦି ଆମକୁ ଆତ୍ମହତ୍ୟା ରୋକିବାରେ ସହାୟକ ହୁଏ। ପ୍ରାରମ୍ଭିକ ଚିହ୍ନଟ ଏବଂ ହସ୍ତକ୍ଷେପ ଦ୍ୱାରା ଆମେ ଆତ୍ମହତ୍ୟାକୁ ରୋକିବାରେ ସମର୍ଥ ହେବା। ମାନସିକ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବା ଉଚିତ। ଆତ୍ମହତ୍ୟା ଚିନ୍ତା କରୁଥିବା ବ୍ୟକ୍ତିମାନେ ପ୍ରକୃତରେ ମୃତ୍ୟୁକୁ ଇଚ୍ଛା କରୁ ନ ଥାନ୍ତି। ସେମାନେ ନିଜ ମନର ଯନ୍ତ୍ରଣାରୁ ମୁକ୍ତି ଚାହାନ୍ତି, ବରଂ ମନର ଶାନ୍ତି ଓ ସମର୍ଥନ ଚାହାନ୍ତି। ଉପଯୁକ୍ତ ସହାୟତା ମିଳିଲେ ସେମାନଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିପାରେ। ଆତ୍ମହତ୍ୟା ରୋକିବା ହେଉଛି ସମସ୍ତଙ୍କର ଦାୟିତ୍ୱ। ଆତ୍ମହତ୍ୟା ସହିତ ଜଡ଼ିତ ବିପଦ କାରଣ, ଚେତାବନୀ ସଙ୍କେତ ଓ ସୁରକ୍ଷା କାରଣକୁ ବୁଝି, ଆମେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସହାୟତା କରି ସଶକ୍ତ କରିପାରିବା। ଯଦି ଆପଣ ଆତ୍ମହତ୍ୟାର ଚେତାବନୀ ସଙ୍କେତ ଲକ୍ଷ୍ୟ କରନ୍ତି, ତେବେ ସାହାଯ୍ୟ ପାଇଁ ହାତ ବଢ଼ାଇବାକୁ ସଂକୋଚ କରନ୍ତୁ ନାହିଁ। ଏହା କରିବା କଷ୍ଟକର ହୋଇପାରେ, କିନ୍ତୁ ଏହା ଏକ ଜୀବନ ରକ୍ଷା କରିପାରିବ।

- ସୁଶ୍ରୀ ସମ୍ୟକ୍‌ଦର୍ଶିନୀ ନନ୍ଦ, ମନସ୍ତତ୍ତ୍ୱବିତ୍, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ନବରଙ୍ଗପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ବନ୍ଦ ଥିବା ୭୦ ମଦ ଦୋକାନ ଖୋଲିବ

**୪ ନୂଆ ମଦ ଦୋକାନ, ୩ ମଦ କାରଖାନା ଖୋଲିବାକୁ ପ୍ରସ୍ତାବ ରହିଛି**

**କଟକରେ ୧, ଢେଙ୍କାନାଳରେ ଖୋଲିବ ୨ମଦ କାରଖାନା**

ଭୁବନେଶ୍ୱର,୨୦।୯(ସୁନିତ୍ ମିଶ୍ର)

ରାଜ୍ୟରେ ୭୦ଟି ମଦ ଦୋକାନ ବନ୍ଦ ରହିଥିଲା। ଏହାକୁ ଖୋଲିବା ପାଇଁ ରାଜ୍ୟ ସରକାରଙ୍କ ଅବକାରୀ ବିଭାଗ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଛି। ସେଥିମଧ୍ୟରୁ ବାଲେଶ୍ୱରରେ ସର୍ବାଧିକ ୧୭ ମଦ ଦୋକାନ ବନ୍ଦ ରହିଥିବା ଜଣାପଡ଼ିଛି। ସେହିପରି ଗଞ୍ଜାମରେ ୧୦, ବଲାଙ୍ଗୀର ୨, ବ୍ରହ୍ମପୁର ୪, କଟକ ୭, କନ୍ଧମାଳ ୩, କେନ୍ଦୁଝର ୩, ମାଲକାନାଗିରି ୧, ମୟୂରଭଞ୍ଜ ୮, ନୟାଗଡ଼ ୯, ରାଉରକେଲା ୫ ଏବଂ ସମ୍ବଲପୁରର ଗୋଟିଏ ମଦ ଦୋକାନ ବନ୍ଦ ରହିଛି। ଏସବୁକୁ ଖୋଲିବା ପାଇଁ ଅବକାରୀ ବିଭାଗ ଅନୁମତି ପ୍ରଦାନ କରିଥିବା ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶନିବାର ଗୃହରେ ସୂଚନା ଦେଇଛନ୍ତି।

ଭାଜପା ସଦସ୍ୟ ଅଖିଳ ଚନ୍ଦ୍ର ନାଏକ ଶନିବାର ବିଧାନସଭାରେ ପଚାରିଥିବା ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ହରିଚନ୍ଦନ ଏହି ଉତ୍ତର ରଖିବା ସହ ଆହୁରି କହିଛନ୍ତି, ଏହାବାଦ୍ ରାଜ୍ୟରେ ଆଉ ୪ଟି ନୂଆ ଠିକିଖୋଲା ମଦ ଦୋକାନ ଓ ୩ଟି ମଦ କାରଖାନା ଖୋଲିବା ପାଇଁ ବିଭାଗ ପାଖରେ ପ୍ରସ୍ତାବ ଅଛି। ଖୋଲିବାକୁ ଥିବା ୩ଟି ମଦ କାରଖାନା ମଧ୍ୟରୁ ୨ଟି ଢେଙ୍କାନାଳ ଏବଂ ଗୋଟିଏ କଟକରେ ଖୋଲିବ। କଟକଠାରେ ଅଭିରା ଡିଷ୍ଟିଲେରି ପ୍ରାଇଭେଟ୍ ଲିମିଟେଡ୍ ଏବଂ ଢେଙ୍କାନାଳରେ ଇନ୍‌ଡାଲକ ସ୍ପିରିଟ୍ସ ପ୍ରାଇଭେଟ୍ ଲିମିଟେଡ୍ ଏବଂ ପିଆଣ୍ଡଏ ବଟଲର୍ସ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ମଦ କାରଖାନା ଖୋଲାଯିବ।

# ବିଦ୍ୟୁତ୍ ସଂସ୍ପର୍ଶରେ ପ୍ରାଣ ହରାଇଲେ ୨ ସମ୍ପର୍କୀୟ ଭାଇ

ଜଳେଶ୍ୱର(ନବୀନ ସାହୁ/ ସତ୍ୟରଞ୍ଜନ ପ୍ରଧାନ),୨୦।୯


ଘଟଣାସ୍ଥଳରେ ପୋଲିସ ଓ ଗ୍ରାମବାସୀ।

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ନେତୁଆ ପଞ୍ଚାୟତ କପାସୁଦା ଗ୍ରାମରେ ଶନିବାର ଏକ ଦୁଃଖଦ ଘଟଣା ଘଟିଛି। ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ ସମ୍ପର୍କୀୟ ଭାଇଙ୍କ ପ୍ରାଣଯାଇଛି। ୨ଜଣଙ୍କୁ ହରାଇ ପରିବାର ଲୋକେ ଦୁଃଖରେ ଭାଙ୍ଗିପଡିଛନ୍ତି।

ଶନିବାର ସକାଳ ୭ଟା ବେଳେ କପାସୁଦା ଗ୍ରାମର ରବୀନ୍ଦ୍ର ଜେନା (୫୦)ବିଲକୁ ଘାସ କାଟିବା ପାଇଁ ଆସିଥିଲେ। ବିଲ ଉପର ଦେଇ ଏକ ସେଲୋ ପଏଣ୍ଟକୁ ୧୧କେଭି ବିଦ୍ୟୁତ୍ ତାର ସଂଯୋଗ ହୋଇଛି। ରବୀନ୍ଦ୍ର ସେହି ବାଟଦେଇ ଯାଉଥିବା ବେଳେ ବିଲରେ ଛିଣ୍ଡି ପଡ଼ିଥିବା ୧୧ କେଭି ତାର ସଂସ୍ପର୍ଶରେ ଆସି ସେହିଠାରେ ହିଁ ଟଳି ପଡ଼ିଥିଲେ। ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ କକା ପୁଅ ଜଗନ୍ନାଥ ଜେନା ବିଲକୁ ଆସି ଭାଇ ପଡ଼ିଥିବା ଦେଖିଥିଲେ। ସେ ଉଦ୍ଧାର କରିବାକୁ ଯାଇ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିଲେ। ଏ ସମ୍ପର୍କରେ ଗ୍ରାମବାସୀ ଅପରାହ୍ନ ୩ଟା ବେଳେ ଜାଣିବା ପରେ ଜଳେଶ୍ୱର ପୋଲିସକୁ ଖବର ଦେଇଥିଲେ। ପୋଲିସ ଅଧିକାରୀ ଜୟନ୍ତ ବେହେରା ଏବଂ ଅନ୍ୟ ପୋଲିସ ଅଧିକାରୀ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ବିଦ୍ୟୁତ୍ ବିଭାଗର ଖାମଖିଆଲ ନୀତି ପାଇଁ ଏସବୁ ହୋଇଥିବା ପରିବାର ଲୋକେ ଓ ଗ୍ରାମବାସୀ ଅଭିଯୋଗ କରି କ୍ଷତିପୂରଣ ଦାବି କରିଛନ୍ତି। ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ଲାଗି ଜଳେଶ୍ୱର ଜିକେଭିଇଁର ହସ୍ପିଟାଲ୍ ପଠାଇଛି।

# ଧସିଲା ବୈତରଣୀ ନଦୀବନ୍ଧ

**ପାଣିରେ ପଡ଼ିଲା ୮୩ ଲକ୍ଷ ଟଙ୍କା**

ଚାନ୍ଦବାଲି,୨୦।୯(କିଷାନ ପାତ୍ର)


ଚାନ୍ଦବାଲି ଏନ୍ଏସି ଅଧୀନ କୁହ୍ଲି ଗ୍ରାମ ନିକଟରେ ନଦୀବନ୍ଧ ଧସିଯାଇଛି।

ଭଦ୍ରକ ଜିଲା ଚାନ୍ଦବାଲି ଏନ୍ଏସି ଅଧୀନ କୁହ୍ଲି ଗ୍ରାମ ନିକଟରେ ବୈତରଣୀ ନଦୀବନ୍ଧ ଧସିଯାଇଛି। ୧୦ ଦିନ ହେଲା ନିର୍ମାଣ କରାଯାଇଥିବା ବେଳେ ପ୍ରାୟ ୫୦ ଫୁଟ୍ ଲମ୍ବର ପଥରପ୍ୟାକିଂ ଶନିବାର ଅପରାହ୍ନରେ ହଠାତ୍ ନଦୀକୁ ଧସିଯାଇଛି। ଫଳରେ କୁହ୍ଲୀ ଗ୍ରାମର ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ନିମ୍ନମାନର କାମ ତଥା ଛୋଟ ଛୋଟ ପଥରରେ କାମ ହୋଇଥିବା ବେଳେ ନଦୀର ଗଭୀରତା ପର୍ଯ୍ୟନ୍ତ ପଥର ଯାଇ ନ ଥିବାରୁ ଏମିତି ଧସିଯାଇଥିବା ଗ୍ରାମବାସୀ କହିଛନ୍ତି। ପଥର ବନ୍ଧ ଧସିଯିବା ପରେ ଜଣେ ବ୍ୟକ୍ତିଙ୍କ ଘରଟି ବିପଦପୂର୍ଣ୍ଣ ହୋଇ ନଦୀ ଆଡ଼କୁ ଢଳି ରହିଛି।

ଏହି ଗ୍ରାମର ସୁରକ୍ଷା ନିମନ୍ତେ ନଦୀବନ୍ଧ ନିର୍ମାଣ ପାଇଁ ୮୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଚାନ୍ଦବାଲି ଜଳସମ୍ପଦ ବିଭାଗ ପକ୍ଷରୁ ନଦୀବନ୍ଧ ନିର୍ମାଣ କାର୍ଯ୍ୟ ଚାଲିଥିଲା। ନିମ୍ନମାନର କାମ ଯୋଗୁ ୮୩ଲକ୍ଷ ଟଙ୍କା ପାଣିରେ ପଡ଼ିଲା ବୋଲି ଅଭିଯୋଗ ହେଉଛି। ଅନ୍ୟପଟେ ବିଭାଗୀୟ ଏଇଙ୍କ ବଦଳରେ ଏସ୍‌ଡିଓ ନିର୍ମାଣ କାର୍ଯ୍ୟ ତଦାରଖ କରୁଥିଲେ। ଘଟଣା ସମ୍ପର୍କରେ ଏସ୍‌ଡିଓ ସୁରଜ ମଲ୍ଲିକ କହିଛନ୍ତି, ସେଠାରେ ଆଗକୁ କାମ ହେବ। କାମ ଆରମ୍ଭ ପର୍ଯ୍ୟାୟରେ ବଡ଼ ପଥର ଦେବାକୁ ଠିକାଦାରଙ୍କୁ ତାଗିଦ୍ କରାଯାଇଛି। ସୋମବାର ସ୍ଥିତି ଅନୁଧ୍ୟାନ ପରେ ପଦକ୍ଷେପ ନିଆଯିବ।

# ସୁଭଦ୍ରାର ୩ୟ କିସ୍ତିରେ କଟିଛି ୭ ଲକ୍ଷ ୬୬ ହଜାରଙ୍କ ନାମ

ଭୁବନେଶ୍ୱର,୨୦।୯(ସୁନିତ୍ ମିଶ୍ର)

**ବର୍ତ୍ତମାନ ସୁଦ୍ଧା ଆବେଦନ କରିଛନ୍ତି ୧,୦୯,୮୭,୮୯୪ ମହିଳା**

ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିରେ ୩ ଲକ୍ଷ ୯୯ ହଜାର ୦୧୯ ଜଣ, ଦ୍ୱିତୀୟ କିସ୍ତିରେ ୫ ଲକ୍ଷ ୮୨ ହଜାର ୮୦୪ ଜଣ ଏବଂ ୩ୟ କିସ୍ତିରେ ୭ ଲକ୍ଷ ୬୬ ହଜାର ୫୮୯ ଜଣ ହିତାଧିକାରୀଙ୍କ ନାମ କଟିଥିବା ବେଳେ ୧ ଲକ୍ଷ ୦୭ ହଜାର ୯୩୦ ଜଣ ମହିଳାଙ୍କ ନାମ ନୂତନ ଭାବେ ଯୋଡ଼ିହୋଇଛି। ସୁଭଦ୍ରା ପୋର୍ଟାଲରେ ଜୀବିତ ମହିଳାଙ୍କୁ ମୃତ ବୋଲି ଦର୍ଶାଯାଇଥିବା ଘଟଣାର ତର୍ଜମା କରାଯାଉଛି। ସେହିପରି ୧ ଲକ୍ଷ ୮୩ ହଜାର ୭୫୮ ଜଣ ମହିଳା ପ୍ରଥମ କିସ୍ତି ପରେ ଦ୍ୱିତୀୟ କିସ୍ତି ବେଳକୁ ଆଉ ଟଙ୍କା ପାଇନାହାନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।

ବିଧାୟକ ଚକ୍ରମଣି କହଁର ଶନିବାର ବିଧାନସଭାରେ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ୯୫ ହଜାର ୮୫୩ ଜଣ ମହିଳାଙ୍କୁ ଏକାବେଳେ ୩ଟି କିସ୍ତିର ଟଙ୍କା ଦିଆଯାଇଛି। ସୁଭଦ୍ରା ନିର୍ଦ୍ଦେଶାବଳୀ ଅନୁଯାୟୀ, ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ଧାର୍ଯ୍ୟ ଜୁଲାଇ ୨୦୨୪ ସୁଦ୍ଧା ମହିଳାଙ୍କ ବୟସ ୨୧ ବର୍ଷ କିମ୍ବା ତା'ଠାରୁ ଅଧିକ ଏବଂ ୬୦ ବର୍ଷରୁ କମ୍ ହେବା ଆବଶ୍ୟକ। ଆବେଦନକାରୀଙ୍କ ଜନ୍ମ ତାରିଖ ୨ ଜୁଲାଇ ୧୯୬୪ଠାରୁ ୧ଜୁଲାଇ ୨୦୦୪ ପର୍ଯ୍ୟନ୍ତ ହେବା ଉଚିତ। ୨୦୨୪-୨୫ ପାଇଁ ଯଦି ଜଣେ ମହିଳା ୧ ଜୁଲାଇ ୨୦୨୪ ପରେ ୨୧ ବର୍ଷ ବୟସ ଅତିକ୍ରମ କରିବେ ତେବେ ଯୋଜନା ଅବଧିର ଅବଶିଷ୍ଟ ବର୍ଷଗୁଡିକ ପାଇଁ ତାଙ୍କୁ ବାର୍ଷିକ ୧୦ ହଜାର ଟଙ୍କା ମିଳିବ। ସେହିପରି ଯେଉଁ ମହିଳା ୧ ଜୁଲାଇ ୨୦୨୪ ପରେ ୬୦ ବର୍ଷ ପୂରଣ କରିବେ ତାଙ୍କୁ ଯୋଜନା ଅବଧିର ଅବଶିଷ୍ଟ ବର୍ଷଗୁଡିକ ପାଇଁ ଏହି ସହାୟତା ଦିଆଯିବ ନାହିଁ। ବର୍ତ୍ତମାନ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିରେ ୧,୦୨,୮୦,୦୯୨ ଜଣ , ୨ୟ କିସ୍ତିରେ ୧,୦୦,୯୬,୩୦୭ ଜଣ ଏବଂ ୩ୟ କିସ୍ତିରେ ୯୬,୯୬,୯୫୫ ଜଣ ମହିଳାଙ୍କୁ ସାମିଲ କରାଯାଇଛି। ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଆରମ୍ଭରୁ ବର୍ତ୍ତମାନ ସୁଦ୍ଧା ସରକାରଙ୍କ ନିକଟରେ ୧,୦୯,୮୭, ୮୯୪ ଜଣ ମହିଳା ଆବେଦନ କରିଥିବା ଉପମୁଖ୍ୟମନ୍ତ୍ରୀ କହିଛନ୍ତି।


# ବଡ଼ଠାକୁର ପଡ଼ିଯିବାର ତଦନ୍ତ ରିପୋର୍ଟ ସର୍ବସାଧାରଣଙ୍କୁ ଦିଆଯାଇନି: ମନ୍ତ୍ରୀ

ଭୁବନେଶ୍ୱର,୨୦।୯(ସୁନିତ୍ ମିଶ୍ର)

- **ଶ୍ରୀମନ୍ଦିର ପରିଚାଳନା କମିଟି ପାଖରେ ରହିଛି ରିପୋର୍ଟ**
- **ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ଦଳାଚକଟା ରିପୋର୍ଟର ତର୍ଜମା ଚାଲିଛି**
- **ଦଶମୂଳ ମୋଦକ ଚୋରି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ଅମୂଳକ**

୨୦୨୪ ରଥଯାତ୍ରାରେ ଗୁଣ୍ଡିଚା ମନ୍ଦିରକୁ ପହଣ୍ଡି ବିଜେ ସମୟରେ ପ୍ରଭୁ ବଳଭଦ୍ର(ବଡ଼ଠାକୁର) ମୁହଁ ମାଡ଼ି ପଡ଼ିଯିବା ଘଟଣାର ତଦନ୍ତ ସମ୍ପର୍କିତ ତଥ୍ୟ ସର୍ବସାଧାରଣରେ ପ୍ରକାଶ କରାଯାଇ ନାହିଁ। ଏ ସମ୍ପର୍କିତ ତଦନ୍ତ ରିପୋର୍ଟ ୨୦୨୪ ଅଗଷ୍ଟ ୩୦ରେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଉପସ୍ଥାପନ ହୋଇଛି ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶନିବାର ଗୃହରେ ସୂଚନା ଦେଇଛନ୍ତି। ବିଧାନସଭାରେ ବିଜେଡି ସଦସ୍ୟ ଅନନ୍ତ ନାରାୟଣ ଜେନା ଏବଂ ତୁଷାରକାନ୍ତି ବେହେରା ପଚାରିଥିବା ଏକ ଅଣତାରକା ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ୨୦୨୫ ରଥଯାତ୍ରା ଶୃଙ୍ଖଳାର ସହ ସମାପନ ହୋଇଛି। ଶ୍ରୀଜଗନ୍ନାଥ, ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କୁ ପହଣ୍ଡିରେ ତଳକୁ ଆଣିବାବେଳେ ଆବଶ୍ୟକ ସଂଖ୍ୟକ ସେବକ ମୁତୟନ ରହି ଆଡ଼ପ ମଣ୍ଡପ ପହଣ୍ଡି ବିଜେ କରାଇଥିଲେ। ୨୦୨୫ ରଥଯାତ୍ରା ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ରଥାରୂଢ଼ ଶ୍ରୀବିଗ୍ରହଙ୍କ ରଥ ସମ୍ମୁଖରେ ହୋଇଥିବା ଦଳାଚକଟା ଅଘଟଣର ତଦନ୍ତ କରିବାକୁ ରାଜ୍ୟ ସରକାର ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ନିଯୁକ୍ତ କରିଥିଲେ। ଗୃହ ବିଭାଗ ଜରିଆରେ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ମଧ୍ୟରେ ଉନ୍ନୟନ କମିଶନର ତାଙ୍କ ତଦନ୍ତ ରିପୋର୍ଟ ଗତ ଅଗଷ୍ଟ ୧ତାରିଖରେ ସରକାରଙ୍କୁ ପ୍ରଦାନ କରିଛନ୍ତି। ବର୍ତ୍ତମାନ ସେହି ରିପୋର୍ଟର ତର୍ଜମା ଚାଲିଛି ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି। ମୋଦକ ଚୋରି ନେଇ ଆସିଥିବା ଅଭିଯୋଗର ଉତ୍ତରରେ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ଚଳିତ ବର୍ଷ ଶ୍ରୀମନ୍ଦିରରୁ ମୋଦକ ଚୋରି ଘଟଣା ସମ୍ପର୍କରେ ଅନୁସନ୍ଧାନ କରିବା ପାଇଁ ଏକ ୪ ଜଣିଆ କମିଟି ଗଠନ କରାଯାଇଥିଲା। ସେହି କମିଟି ତାଙ୍କ ରିପୋର୍ଟ ପ୍ରଦାନ କରିଛନ୍ତି। ଏହି ରିପୋର୍ଟରେ କମିଟି ପକ୍ଷରୁ ଦଶମୂଳ ମୋଦକ ଚୋରି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ଅମୂଳକ ବୋଲି ସାବ୍ୟସ୍ତ କରିଛନ୍ତି। ଆବଶ୍ୟକ ସଂଖ୍ୟକ ମୋଦକରେ ଗୁପ୍ତନୀତି ସମ୍ପାଦନ ହୋଇଛି ବୋଲି ସେ କହିଛନ୍ତି।



## ସଂକ୍ଷେପରେ

### ନାଭାଲ କ୍ୟାଡେଟ ଶୁଭମଙ୍କୁ ସମ୍ବର୍ଦ୍ଧନା

ଭଞ୍ଜନଗର,୨୦।୯(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ନାଭାଲ କ୍ୟାଡେଟ କ୍ୟାପ୍ଟେନ ଶୁଭମ ସ୍ୱାଇଁଙ୍କୁ ଶନିବାର କଲେଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଶୁଭମ ମୁମ୍ବାଇର ଲୁନାବାଦଠାରେ ଅଗଷ୍ଟ ୧ରୁ ୨୪ ତାରିଖ ପର୍ଯ୍ୟନ୍ତ ହୋଇଥିବା ସର୍ବଭାରତୀୟ କ୍ୟାମ୍ପରେ ଭାଗନେଇ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିଲେ। ତାଙ୍କର ଏହି ସଫଳତା ପାଇଁ ଶନିବାର କଲେଜ ନାଭାଲ ୱିଙ୍ଗ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟକ୍ଷ ରାଜେନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନାଭାଲ ୱିଙ୍ଗର ଗୌରବମୟ ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାଧ୍ୟାପକ କୁମୁଦ ଚନ୍ଦ୍ର ମହାପାତ୍ର, ହରପ୍ରସାଦ ଶତପଥୀ, ପୂର୍ବତନ ନାଭାଲ ଅଫିସର ଡ. ରବୀନ୍ଦ୍ର ମିଶ୍ର, ସିଟିଓ ବିଭୂତି ଗୌଡ, ଆର୍ମି ୱିଙ୍ଗ ସିଟିଓ ଅର୍ପଣ ପ୍ରଧାନ ଉପସ୍ଥିତ ଥିଲେ।

### ସୁବର୍ଣ୍ଣ ଭରତ ବୃଦ୍ଧାଶ୍ରମ ଶୁଭାରମ୍ଭ

ଛତ୍ରପୁର,୨୦।୯(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଛତ୍ରପୁର ବ୍ଲକ ଅନ୍ତର୍ଗତ ଟାଙ୍ଗଣାପଲ୍ଲିସ୍ଥିତ କେରାଣ୍ଡିତୋଳା ନାରାୟଣପୁରଠାରେ ଏକ ସୁବର୍ଣ୍ଣ ଭରତ ବୃଦ୍ଧାଶ୍ରମ ଶନିବାର ଉଦ୍‌ଘାଟିତ ହୋଇଛି। ବୃଦ୍ଧାଶ୍ରମର ପ୍ରତିଷ୍ଠାତା ହେଉଛନ୍ତି ବୀର କିଶୋର ପ୍ରଧାନ। କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଡା. ସୁର କିଶୋର ମିଶ୍ର, ମୁଖ୍ୟ ଅତିଥି ଭାବେ ଡା. ଇନ୍ଦିରା ପାଳ, ସମ୍ମାନିତ ଅତିଥି ଭାବେ ଡା. ମନୋଜ ସେଠୀ, ଗ୍ରାମ୍ୟ କମିଟି ସଭାପତି ଅମରେଶ୍ୱର ସାହୁ ଏବଂ ଅବସରପ୍ରାପ୍ତ ଶିକ୍ଷକ କୋରା ମହାରଣା ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ୪୦ ଶଯ୍ୟା ବିଶିଷ୍ଟ ଏହି ବୃଦ୍ଧାଶ୍ରମ ହେବ ସମାଜରେ ପରିତ୍ୟକ୍ତ, ନିଷ୍ପେଷିତ, ଅବହେଳିତ ବୃଦ୍ଧାବୃଦ୍ଧଙ୍କ ଆଶ୍ରୟ ସ୍ଥଳୀ। ଏଠାରେ ସେମାନଙ୍କ ରହିବା, ଖାଇବା ପିଇବା ଏବଂ ସ୍ୱାସ୍ଥ୍ୟାବସ୍ଥାର ଯତ୍ନ ନିଆଯିବ ବୋଲି ପ୍ରତିଷ୍ଠାତା କହିଛନ୍ତି।

### ମା’ କୁରେଇଶୁଣୀଙ୍କ ବାଲିଯାତ୍ରା ଉଦ୍‌ଯାପିତ

ରାମଗିରି,୨୦।୯(ବୃନ୍ଦାବନ ଗୌଡ଼)

ଆର.ଉଦୟଗିରି ବ୍ଲକ ରାମଗିରି ସ୍ଥିତ ପ୍ରସିଦ୍ଧ ମା’ କୁରେଇଶୁଣୀଙ୍କ ବାଲିଯାତ୍ରା ଶୁକ୍ରବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଛି। ମା’ଙ୍କ ୧୨ ଦିନିଆ ବାଲିଯାତ୍ରାର ଅନ୍ତିମ ଦିବସରେ ମା’ବେଜୁଙ୍କ ଜରିଆରେ କଣ୍ଟା ଦୋଳି ଏବଂ ନିଆଁରେ ଚାଲିବା ଦେଖିବାକୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମା’ ନିଜେ ନିଆଁରେ ଚାଲିବା ପରେ ଶ୍ରଦ୍ଧାଳୁମାନେ ମଧ୍ୟ ନିଆଁରେ ଚାଲିଥିଲେ। ଗ୍ରାମବାସୀ ଓ ମନ୍ଦିର ପରିଚାଳନା କମିଟି ସହଯୋଗରେ ଯାତ୍ରା ହୋଇଥିଲା। ରାମଗିରି ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ସ୍ଥାନୀୟ ଯୁବକସଂଘ ସହଯୋଗ କରିଥିଲେ। ଏହି ଅବସରରେ ରାମଗିରି ଯୁବକମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ମହିଷାସୁର ବଦ୍ଧ ପରିବେଷଣ କରାଯାଇଥିଲା।

# ସାର ବଣ୍ଟନ କେନ୍ଦ୍ରକୁ ଧସେଇ ପଶିଲେ ମହିଳା ଚାଷୀ

ଧରାକୋଟ,୨୦।୯(ବିଷ୍ଣୁ କେଶରୀ ଆଚାର୍ଯ୍ୟ)


ସାର ନେବାକୁ ମହିଳା ଚାଷୀ ଲଗାଇଥିବା ଲମ୍ବା ଲାଇନ। ।

ସାର ଆସୁଛି ହେଲେ ସମୁଦ୍ରକୁ ସଂଙ୍ଖେ ପରି। ଫଳରେ ଗଞ୍ଜାମ ଜିଲାର ଧରାକୋଟ ବ୍ଲକରେ ସାର ଅଭାବ ଦୂର ହୋଇପାରୁନି। ଫଳରେ ସବୁଠି ଚାଷୀ ଅସନ୍ତୋଷ ଦେଖିବାକୁ ମିଳୁଛି। ଏପରି ଅସନ୍ତୋଷରୁ ଏକ ସମବାୟ ସମିତିରେ ସାର ବଣ୍ଟନ ଅଧାରୁ ବନ୍ଦ ରହିଛି। ଖବରରୁ ଜଣାପଡିଛି ବଳରାମପୁର ସମବାୟ ସମିତିକୁ ନିକଟରେ ୪୫୦ ବସ୍ତା ସାର ଆସିଥିଲା। ଏହି ସାର ନେବାକୁ ଶନିବାର ଲୋକଙ୍କ ଲମ୍ବା ଲାଇନ ଦେଖିବାକୁ ମିଳିଥିଲା। ନୋଡାଲ ଅଧିକାରୀ ତଥା ତହସିଲଦାର ଲମ୍ବୋଦର ମାର୍ଣ୍ଡି, ବ୍ଲକ କୃଷି ଅଧିକାରୀ ବିଶ୍ୱନାଥ ବେହେରା, ସହ କୃଷି ଅଧିକାରୀ ଅନିଲ ବେହେରା ପ୍ରମୁଖ ବଳରାମ ପୁରରେ ପହଞ୍ଚି ସ୍ଥିତି ପରଖିବା ବେଳେ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ବଡଗଡ ପୋଲିସ ଉପସ୍ଥିତ ଥିଲା। ୧୫୦ ଜଣ ଚାଷୀ ସାର ନେବାପରେ ହଠାତ ମହିଳା ଚାଷୀମାନେ ଉତକ୍ଷିପ୍ତ ହୋଇ ସମବାୟ ସମିତିକୁ ଧସେଇ ପଶ ସେମାନଙ୍କୁ ସାର ଦେବାକୁ ଜିଦ ଧରିବାରୁ ଅଧାରୁ ବଣ୍ଟନ ପ୍ରକ୍ରିୟା ବନ୍ଦ ହୋଇଯାଇଥିଲା। ସୀମିତ ସଂଖ୍ୟକ ସାର ପ୍ୟାକେଟ ତୁଳନାରେ ଚାଷୀଙ୍କ ସଂଖ୍ୟା ବହୁ ଅଧିକ ରହିଥିଲା। ଫଳରେ ଗଣ୍ଡଗୋଳ ଆଶଙ୍କାରେ ଅଧାରୁ ଏହି ପ୍ରକ୍ରିୟା ବନ୍ଦ ରହିଥିଲା, ବହୁ ଚାଷୀ ସାର ନ ପାଇ ନିରାଶରେ ଫେରିଥିଲେ।ଘଟଣା ସମ୍ପର୍କରେ

#### ଅଧାରୁ ସାର ବଣ୍ଟା ବନ୍ଦ

ତହସିଲଦାର ଲମ୍ବୋଦର ମାରାଣ୍ଡିଙ୍କ ସହ ଯୋଗାଯୋଗ ବେଳେ ସାର ଯୋଗାଣ ଠିକ ରେ ଚାଲିଥିବା ବେଳେ ମହିଳା ଚାଷୀ ମାନେ ଲାଇନ ଭାଙ୍ଗି ସାର ନେବାକୁ ଜିଦ ଧରିବାରୁ ବଣ୍ଟନ ପ୍ରକ୍ରିୟା ବନ୍ଦ ହୋଇଯାଇଥିଲା ବୋଲି ପ୍ରକାଶ କରିଛନ୍ତି। ବ୍ଲକ କୃଷି ଅଧିକାରୀ ବେହେରାଙ୍କୁ ଏନେଇ ପଚାରିବାରୁ ସେ କହିଲେ, ଧରାକୋଟ ବ୍ଲକରେ ରହିଥିବା ସମସ୍ତ ୧୫ଟି ସମବାୟ ସମିତିକୁ ଚାଷୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ୩ ଗାଡି ଲେଖାଏ ସାର ସବୁ ସମବାୟ ସମିତିକୁ ଯୋଗାଇ ଦେବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖାଯାଇଛି। ଖୁବ ଶୀଘ୍ର ସାର ପହଞ୍ଚିବ ଏବଂ ଚାଷୀମାନଙ୍କୁ ପ୍ରଦାନ କରାଯିବ ବୋଲି କହିଛନ୍ତି।

# ମୁଖ୍ୟ ସଡ଼କରେ ବିପଜ୍ଜନକ ଗର୍ତ୍ତ, ପ୍ରତିକାର ଦାବି

ବୁଗୁଡ଼ା,୨୦।୯(କାଳିଚରଣ ଦାଶ)

ବୁଗୁଡ଼ା-ପୋଲସରା ମୁଖ୍ୟ ସଡକର ଗୋଳିଆ ବ୍ରିଜ୍ ନିକଟ ଭୂତବନ୍ଧ ସମ୍ମୁଖ ରାସ୍ତାରେ ଥିବା ଗର୍ତ୍ତ ଅନେକ ଦୁର୍ଘଟଣାର କାରଣ ପାଲଟିଛି। ବିଶେଷକରି ରାତିରେ ଗୋଳିଆ ଅଭିମୁଖେ ଯାଉଥିବା ଯାନବାହାନ ଚାଳକ ଏହି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ତେଣୁ ଦୁର୍ଘଟଣାକୁ ଏଡାଇବା ପାଇଁ ଏହାର ଅସ୍ଥାୟୀ ପ୍ରତିକାର ଭାବେ ଲୋକେ ସେହି ଗର୍ତ୍ତରେ ଲାଲ ପତାକା ପୋତିଛନ୍ତି। ତେବେ ସ୍ଥାନୀୟ ପୂର୍ତ୍ତ



ବିଭାଗର ଦୃଷ୍ଟି ଆଢୁଆଳରେ ରହିଥିବା ଏହି ବିପଦଜ୍ଜନକ ଗର୍ତ୍ତ ଯୋଗୁସୃଷ୍ଟ ସମସ୍ୟାର ସ୍ଥାୟୀ ପ୍ରତିକାର ନିମନ୍ତେ ସାଧାରଣରେ ଦାବି ହେଉଛି।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ



ଛାତ୍ରୀଙ୍କ ବାହାରିଥିବା ସ୍ୱଚ୍ଛତା ଶୋଭାଯାତ୍ରା।

ରାଇକିଆ, ୨୦।୯ (ପ୍ରଦୀପ ବେହେରା)

ରାଇକିଆ ଜୀବନ ଜ୍ୟୋତି ମହାବିଦ୍ୟାଳୟ ପରିସରରେ ଶନିବାର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟ କ୍ରମେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମର ପ୍ରାରମ୍ଭିକ ଦିବସରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ରଥଙ୍କ ତତ୍ତ୍ୱାବଧାନରେ ଜାତୀୟ ସେବା ଯୋଜନାର ୟୁନିଟ-୧ ସଂଯୋଜକ ସାରଙ୍ଗଧର ମାମ୍ବାଲାକା ଓ ୟୁନିଟ-୨ର ଫିର୍ଦୋଷୀ ପ୍ରଧାନ ଏବଂ ଯୁବ ରେଡକ୍ରସର ସଂଯୋଜକ ବିଶ୍ୱବିହାରୀ ଦଳେଇ ଏହାର ଦାୟୀତ୍ୱ ବହନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଡା.ସନ୍ତୋଷ ନାୟକ, ଦିଲ୍ଲୀପ ନାୟକ, ପ୍ରମୋଦ ନାୟକ, ବିଶ୍ୱବିହାରୀ ଦଳେଇ, ସୁକାନ୍ତ ନାୟକ, ଗୀତାଞ୍ଜଳି ଗନ୍ତାୟତ, ବେଣୁପାଣି ମହାପାତ୍ର, ଜଗନ୍ନାଥ ଦାସ ସମେତ ମହାବିଦ୍ୟାଳୟର ସମସ୍ତ ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଶ୍ରେଣୀ କକ୍ଷ, ମହାବିଦ୍ୟାଳୟ ପରିସର ଓ ଖେଳ ପଡିଆ ଆଦିର ସଫେଇ କରିଥିଲେ।

# ସୁନାମି ମୁକାବିଲା ପାଇଁ ଜିଲାସ୍ତରୀୟ ବୈଠକ

ଛତ୍ରପୁର,୨୦।୯(ସନ୍ତୋଷ ପାଢ଼ୀ/ ଦିଲ୍ଲୀପ ସାମଲ)

ଗଞ୍ଜାମ ଜିଲା ସୁନାମି ମୁକାବିଲା ପାଇଁ ଜିଲାସ୍ତରୀୟ ବୈଠକ ଶନିବାର ଜିଲାପାଳଙ୍କ ସଭାବନା ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ଦେବଦତ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ଜିଲା ଜରୁରୀକାଳୀନ ବିଭାଗର ଡେପୁଟି କଲେକ୍ଟର ଅଭିଷେକ ସାହୁ ସମସ୍ତଙ୍କୁ ସ୍ୱାଗତ କରିବା ସହ କହିଥିଲେ ଯେ, ଗଞ୍ଜାମ ଜିଲ୍ଲା ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଜିଲା। ଏହା ଉପକୂଳବର୍ତ୍ତି ଜିଲ୍ଲା ହୋଇଥିବାରୁ ବାତ୍ୟା ଓ ସୁନାମୀ ପ୍ରବଣ ଜିଲା ଭାବେ ପରିଚିତ। ଗଞ୍ଜାମ ଜିଲ୍ଲାର ୪ଟି ବ୍ଲକର ୪୨ଟି ଗ୍ରାମ ଓ ୨ଟି ବିଜ୍ଞାପିତ ଅଞ୍ଚଳ ପରିଷଦର ୨୩ ଗୋଟି ୱାର୍ଡ ସୁନାମି ପ୍ରବଣ ଅଟେ। ସୁନାମୀ ମୁକାବିଲା ନିମନ୍ତେ ସମସ୍ତ ପ୍ରକାର ପ୍ରସ୍ତୁତି କାର୍ଯ୍ୟକ୍ରମ ସରକାର ହାତକୁ ନେଇଛନ୍ତି। ୨୦୨୦ ମସିହାରେ ଜିଲ୍ଲାର ଭେଙ୍କଟ ରାୟପୁର ଗ୍ରାମ ଏବଂ ୨୦୨୪ ମସିହାରେ ପ୍ରୟାଗୀ, କଣ୍ଟିଆଗଡ,ଉପୁଲାପୁଟି ଓ ମାର୍କଣ୍ଡି ଗ୍ରାମକୁ ସୁନାମୀ ରେଡି ଗ୍ରାମ ଭାବେ ମାନ୍ୟତା ମିଳିଥିବା କହିଥିଲେ। ଏହି ବର୍ଷ ଶେଷ ସୁଦ୍ଧା ଆହୁରି ୧୫ ଗ୍ରାମ ଯଥା ଗଞ୍ଜାମ ବ୍ଲକର ପାଳିବନ୍ଧ ଲକ୍ଷ୍ମୀପୁର, କଲରାବାଡି,


ବୈଠକରେ ଏଡିଏମ ଓ ଅନ୍ୟମାନେ ଆଲୋଚନା କରୁଛନ୍ତି ।

ମୟୁରପଦା, ରଙ୍ଗେଇଲୁଣ୍ଡା ବ୍ଲକର ଲଉଡିଗାଁ, କିର୍ତ୍ତିପୁର, ନୂଆ ଗୋଳାବନ୍ଧ, ହାତୀପାଦ, ୧୦୦୮ ଓଡିଆରପି, ଚିକିଟି ବ୍ଲକର ଏକସିଙ୍ଗି, ଅଲଡିପୁର, ରାମେୟାପାଟଣା, ଛତ୍ରପୁର ବ୍ଲକର ଅଗସ୍ତିନୂଆଗାଁ, ନୋଳିଆ ନୂଆଗାଁ କେ ଆର୍ଯ୍ୟପଲ୍ଲୀକୁ ସୁନାମି ରେଡି ଗ୍ରାମ ଭାବେ ଘୋଷଣା କରାଯିବାପାଇଁ ସ୍ଥିର କରାଯାଇଛି। ବନ୍ୟା, ବାତ୍ୟା, ସୁନାମୀ ପ୍ରାକୃତିକ ଦୁର୍ବିପାକ ଭଳି ସର୍ପାଘାତ ଓ ବଜ୍ରାଘାତରୁ ମଧ୍ୟ ରକ୍ଷା ପାଇବା ପାଇଁ ସଚେତନତା ଜରୁରୀ ହୋଇ ପଡିଥିବା କହିଥିଲେ। ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରିବାକୁ ହେଲେ ପ୍ରାକ ସତର୍କତା ଓ ସଚେତନତା ନିହାତି ଜରୁରୀ। ସୁନାମି ଆସିବାର ଦୁଇ ଘଣ୍ଟା ପୂ ର୍ବରୁ ଜଣାପଡିଥାଏ। ବୈଠକରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲାପାଳ କହିଥିଲେଯେ, ଜିଲ୍ଲାର ରଙ୍ଗେଇଲୁଣ୍ଡା, ଗଞ୍ଜାମ, ଛତ୍ରପୁର ଓ ଚିକିଟି ଏହି ଚାରିଗୋଟି ବ୍ଲକ ସୁନାମି ପ୍ରବଣ ଅଟେ। ଜିଲାର ସମସ୍ତ ବିଭାଗର ସମନ୍ୱୟରେ ସୁନାମି ଭଳି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିପାରିବା। ବିପର୍ଯ୍ୟୟ ସମୟରେ ପଛଘୁଞ୍ଚା ନ ଦେଇ ନିଜନିଜ କର୍ତ୍ତବ୍ୟରେ ଲାଗିପଡିଲେ ଆମେ ଏହାର ସହଜରେ ମୁକାବିଲା କରିପାରିବା। ଜିଲ୍ଲା ପ୍ରକଳ୍ପ ଅଧିକାରୀ ଦେବେନ୍ଦ୍ର ନାୟକ ସୁନାମି ସମୟରେ କିପରି ସତର୍କତା ଅବଲମ୍ବନ କରାଯାଇପାରିବ ସେ ସମ୍ପର୍କରେ ସବିଶେଷ ବୁଝାଇ ଥିଲେ। ନଭେମ୍ବର ୫ ତାରିଖକୁ ବିଶ୍ୱ ସୁ ନାମୀ ଦିବସ ଭାବେ ପାଳନ କରାଯାଉଛି ।

### ଅନ୍ତର୍ଜାତୀୟ ବେଳାଭୂମି ସଫେଇ ଦିବସ ପାଳିତ

ଚିକିଟି,୨୦।୯ (ପ୍ରକାଶ ଚନ୍ଦ୍ର ସାହୁ)

ଅନ୍ତର୍ଜାତୀୟ ବେଳାଭୂମି ସଫେଇ ଦିବସ ଅବସରରେ ଚିକିଟି ବ୍ଲକ୍ ଅନ୍ତର୍ଗତ ସୁନାପୁର ବେଳାଭୂମିରେ ଶନିବାର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଅତିରିକ୍ତ ଜିଲାପାଳ ତଥା ପ୍ରକଳ୍ପ ନିର୍ଦ୍ଦେଶକ ସୁନୀଲ କେରକେଟା ଯୋଗଦେଇଥିବା ବେଳେ ଚିକିଟି ତହସିଲଦାର ବିଶ୍ୱରଞ୍ଜନ କହଁର, ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ, ସୁନାପୁର ସମିତି ସଭ୍ୟ ଅମୂଲ୍ୟ ବେହେରା, ସୁନାପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ଗାୟତ୍ରୀ ଦାସ, ସୁନାପୁର ରାଜସ୍ୱ ନିରୀକ୍ଷକ ହରିହର ବେହେରା, ମେରାଇନ ଥାନା ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ବେଳାଭୂମିରେ ପଡ଼ିଥିବା ଅଳିଆକୁ ସଫା ପରିବା ସହିତ ସମସ୍ତଙ୍କୁ ସଚେତନତା କରିଥିଲେ। ଏହି କାର୍ଯ୍ୟକ୍ରମରେ ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦର ସଫେଇ ଦାୟିତ୍ୱରେ ଥିବା ସମସ୍ତ କର୍ମଚାରୀ, ସୁନାପୁର ପଞ୍ଚାୟତର ସମସ୍ତ ଅଙ୍ଗନୱାଡି କର୍ମୀ, ସହାୟକ, ଆଶାକର୍ମୀ, ସୁନାପୁରର ଯୁବଗୋଷ୍ଠୀ ସହଯୋଗ କରିଥିଲେ।

# ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଫୁଲବାଣୀ, ୨୦।୯ (ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଟିକାବାଲି ଏଏମ୍‌ସିଏସ୍ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ନେତୃତ୍ୱରେ ଏଚ୍‌ଆଇଭି, ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ୱାତୀ ସ୍ୱେଚ୍ଛାସେବୀ ସଂଗଠନର ପ୍ରକଳ୍ପ ସଂଯୋଜକ ବିଶ୍ୱରଞ୍ଜନ କର ଏହି ରୋଗର ଲକ୍ଷଣ, କିପରି ବ୍ୟାପେ ଏବଂ ଏହାର ନିରାକାରଣ କିପରି କରିପାରିବା ତାହା ଆଲୋଚନା କରିଥିଲେ। ଯୁବ ରେଡ଼କ୍ରସର ସଂଯୋଜକ ଅଧ୍ୟାପକ ରତନ ଡିଗାଲ, ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ଚମ୍ପା ସୋରେନ, ଅଧ୍ୟାପକ ଜ୍ଞାନରଞ୍ଜନ ଭୋଇ ପରିଚାଳନା କରିଥିଲେ। ସ୍ୱାତୀ କର୍ମୀ ବିଷ୍ଣୁପ୍ରିୟା ପ୍ରଧାନ ଏବଂ ଅଞ୍ଜନା ବେହେରା ସହଯୋଗ କରିଥିଲେ। ବିଷୟବସ୍ତୁକୁ ନେଇ କୁଇଜ ପ୍ରତିଯୋଗିତା ହୋଇଥିଲା।ପ୍ରଥମ ସ୍ଥାନ ଛାତ୍ରୀ ଶ୍ରଦ୍ଧାଞ୍ଜଳି ପଟ୍ଟନାୟକ, ଦ୍ୱିତୀୟ ସ୍ଥାନ ଅଙ୍କିତା ପ୍ରିୟଦର୍ଶିନୀ, ଛାତ୍ର ଶିବୁ ପ୍ରଧାନ ତୃତୀୟ ସ୍ଥାନ ପାଇ ମାନପତ୍ର ସହ ଟ୍ରଫି ଗ୍ରହଣ କରିଥିଲେ।

# ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

ଗଞ୍ଜାମ,୨୦।୯(ବିଦ୍ୟାଧର ସାହୁ)

ରାମଗଡ଼ ପଞ୍ଚାୟତ ଅନ୍ତର୍ଗତ ରଘୁନାଥପୁର ମୟୂର ବିହାରଠାରେ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଗୋପାଳ କୃଷ୍ଣ ଉଚ୍ଚବିଦ୍ୟାଳୟ ସୁବଳୟାର ବିଜ୍ଞାନ ଶିକ୍ଷୟିତ୍ରୀ ମନୀଷା ବିଶ୍ୱାସ ଓ ଲଙ୍ଗଳେଶ୍ୱର ହାଇସ୍କୁଲର ଗଣିତ ଶିକ୍ଷକ ପ୍ରମୋଦ ମହାରଣା ଯୋଗଦେଇ ଶିଶୁଙ୍କ ପ୍ରକଳ୍ପଗଡ଼ିକୁ ଅନୁଧ୍ୟାନ କରି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଚିହ୍ନଟ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗୁରୁମା ଅଞ୍ଜନା ମୁଦୁଲି ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ପଣ୍ଡା ସଂଯୋଜନା କରିଥିଲେ। ଏହିଅବସରରେ ମୁଖ୍ୟ ଅତିଥି ଭାବେ ସିଏସ୍‌ଆର୍ ଆଦାନୀ ଫାଉଣ୍ଡେଶନ ମୁଖ୍ୟ ଦେବଦତ୍ତ ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ରୂପେ ରମ୍ଭା ସରକାରୀ ଡାକ୍ତରଖାନାର



ବିଜ୍ଞାନ ମେଳାରେ ଅତିଥିଙ୍କ ସହ ବିଦ୍ୟାର୍ଥୀ

ଡା. ମୀରା ପଣ୍ଡା ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିଲା ବେଳେ ଗୁରୁମା ସସ୍ମିତା ମହାରଥୀ ଧନ୍ୟବାଦ ଅର୍ପଣ କରିଥିଲେ। ରାମଗଡ଼ ଅଞ୍ଚଳର ପୂର୍ବତନ ନାଏବ ସରପଞ୍ଚ କାମେଶ୍ୱର ପଲାଇଙ୍କ ସହ ରମ୍ଭା ଯୁବନେତା ରାମ ପ୍ରସାଦ ସେନାପତି ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସମସ୍ତ ଗୁରୁମା ଗୁରୁଜୀ ଜ୍ୟୋତିର୍ମୟୀ ଦାଶ, ଦୀପା ସାହୁ, ସ୍ୱପ୍ନାରାଣୀ ପାତ୍ର, ପି. ସନ୍ଧ୍ୟା ପ୍ରଧାନ, ମାମାଲି ସାହୁ, ଜାଗୃତି ସାହୁ, ବିଦେଶିନୀ ମାଳୀ, ପୂଜା ସ୍ୱାଇଁ, ସିଲି ପଲାଇ, ସୁନିତା ସାହୁ, ସୂର୍ଯ୍ୟ କାନ୍ତି ନାହାକ, ସ୍ମୃତିରେଖା ବେହେରା, ଦୁଃଶାସନ ସାହୁଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

### ସନ୍ତୋଷୀ ମା’ମନ୍ଦିରର ବାର୍ଷିକୋତ୍ସବ

ଛତ୍ରପୁର,୨୦।୯ (ଦିଲ୍ଲୀପ ସାମଲ)

ସ୍ଥାନୀୟ ରିକାପଲ୍ଲୀ ମୋଚି ସାହିର ଥିବା ଜୟ ସନ୍ତୋଷୀ ମା’ମନ୍ଦିରର ୪୦ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଛି। ଶୁକ୍ରବାର ସକାଳେ ରୀତିନୀତି ଅନୁସାରେ ପୂଜାରମ୍ଭ ହୋଇଥିବା ବେଳେ ମଧ୍ୟାହ୍ନରେ ଅନ୍ନଯଜ୍ଞ ଏବଂ ସନ୍ଧ୍ୟାରେ ବିରାଟ ପଟୁଆରରେ ମା’ଙ୍କୁ ସମଗ୍ର ସହର ପରିକ୍ରମା କରାଯାଇଥିଲା। ମନ୍ଦିର ପରିଚାଳନା କମିଟିର ସଭାପତି ଏନ୍.ସୂର୍ଯ୍ୟନାରାୟଣ, ସମ୍ପାଦକ ଏନ୍.ଶିବପ୍ରସାଦ, ପରିଚାଳକ ଏନ୍.ପ୍ରକାଶ, ପ୍ରଚାରକ ଏସ୍.ମାଧବୀ ରାଓ, ଉପଦେଷ୍ଟା ଆର୍.ନାଗେଶ୍ୱର, ଆଇନ ପରାମର୍ଶଦାତା ଏନ୍.ଗୋପୀ, କୋଷାଧ୍ୟକ୍ଷ ଏନ୍.ମଧୁଙ୍କ ମନ୍ଦିର କମିଟିର ଅନ୍ୟାନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।

#### ସୁସ୍ଥ ନାରୀ, ସଶକ୍ତ ଅଭିଯାନ

# ମହିଳାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଦାରିଙ୍ଗବାଡି, ୨୦।୯ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସୁସ୍ଥ ନାରୀ ଓ ସଶକ୍ତ ଅଭିଯାନ କାର୍ଯ୍ୟକ୍ରମ ଜରିଆରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏହାକୁ ବ୍ଲକ୍ ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ବିଡିଓ ପ୍ରୀତିରଞ୍ଜନ ରଥ, ତହସିଲଦାର ଧୀରଜ ପାତ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନଚାର୍ଜ ଡା. ଜାକେଶ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ବିପିଏମ୍ ଶାନ୍ତନୁ ସାହୁ ଓ ଅନ୍ୟକର୍ମଚାରୀମାନେ ପରିଚାଳନା କରିଥିଲେ। ଫୁଲବାଣୀ ମେଡିକାଲ କଲେଜରୁ ବିଶେଷଜ୍ଞ ଦଳ ଡା. ଅରୁଣ ଟୁଡୁଙ୍କ ସମେତ ବାଲିଗୁଡ଼ା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରୁ ଡା.ସ୍ୱରୂପ ରଞ୍ଜନ ନନ୍ଦ ପହଞ୍ଚି ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମେଡିସିନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ଦାରିଙ୍ଗବାଡ଼ିରେ ପ୍ରଥମଥର ପାଇଁ ଆୟୋଜନ କରାଯାଇଥିବାରୁ ବିଭିନ୍ନ ପଞ୍ଚାୟତର ଦୁର୍ଗମ ଗାଁରୁ ମହିଳାମାନେ ପହଞ୍ଚି ଡାଇବେଟିକ୍, ରକ୍ତଚାପ, ଶିକଲସେଲ, ଚର୍ମ ରୋଗ ସମେତ ମହିଳାଙ୍କ ବିଭିନ୍ନ ରୋଗ ସମ୍ପର୍କରେ ପରୀକ୍ଷା କରାଯିବା ସହ ସଚେତନ କରାଇଛନ୍ତି।

# ଘୁମୁସର ଉତ୍ତର ବନଖଣ୍ଡକୁ ୩୭ ପଦକ

ଭଞ୍ଜନଗର,୨୦।୯(ବାବୁଲା ପ୍ରଧାନ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଖେଳ ପଡିଆରେ ୧୯ ଓ ୨୦ ତାରିଖ ଦୁଇଦିନ ଧରି ଚାଲିଥିବା ଜୋନାଲ ଫରେଷ୍ଟ ସ୍ପୋର୍ଟସ ମିଟ ୨୦୨୫ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ଓ ଭୁବନେଶ୍ୱର ସର୍କଲର ୩୨ଟି ବନଖଣ୍ଡର ଶତାଧିକ ବନରକ୍ଷୀ, ବନପାଳ, ରେଞ୍ଜର, ଏସିଏଫ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପଦକ ବିଜୟୀ ହୋଇଛନ୍ତି। ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡକୁ ୩୭ଟି ପଦକ ମିଳିଥିବା ଜଣାପଡିଛି । ପ୍ରଥମ ଥର

#### ମୋଟ ୨୦ଜଣ ପଦକ ବିଜୟୀ ବନ କର୍ମଚାରୀ

ପାଇଁ ଏହି ବନଖଣ୍ଡ କର୍ମଚାରୀ ଜୋନାଲ ଫରେଷ୍ଟ ସ୍ପୋର୍ଟସ ମିଟ୍‌ରେ ସର୍ବାଧିକ ପଦକ ବିଜୟୀ ହୋଇଛନ୍ତି। ଡିଏଫଓ ହିମାଂଶୁ ଶେଖର ମହାନ୍ତି ଏବଂ ଅନ୍ୟ ଅଧିକାରୀ ମାନେ ପ୍ରତିଯୋଗିତାରେ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଶାନ୍ତ ବେହେରା ୪ଟି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିବା ବେଳେ ଅନୁପ ବିଷୋୟୀ ୩ଟି , ଶରତ ମହାନ୍ତି ୪, ଜୀନାନନ୍ଦ ତ୍ରିପାଠୀ ୩, ପି.ମୋହନ ୪, ସୋନମ କହଁର ୩ , ଦିଲିପ ଦାସ ୨, ଚନ୍ଦ୍ର ଶେଖର ପାଣିଗ୍ରାହୀ ୩, ପୃଥ୍ୱୀରାଜ ପ୍ରଧାନ ୧, ମନ୍ଦିପ ଦଳେଇ ୨, ବିବେକାନନ୍ଦ ପଟ୍ଟନାୟକ ୧, ପ୍ରଶାନ୍ତ ସାହୁ ୧, ଜିତେନ୍ଦ୍ର ସେଠୀ ୧, ଗୁରୁ ନାୟକ ୧, ଶ୍ରୀମନ ପ୍ରଧାନ ଗୋଟିଏ ପଦକ ବିଜୟୀ ହୋଇଛନ୍ତି । ପ୍ରଥମ ଦିବସରେ ବ୍ରହ୍ମପୁର ଆରଡିସି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ଆର୍‌ସିସିଏଫ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଘୁମୁସର ଉତ୍ତର ବନଖଣ୍ଡର ପଦକ ବିଜୟୀ କର୍ମଚାରୀଙ୍କୁ ଡିଏଫଓ ଆଗାମୀ ଦିନରେ ସମ୍ବର୍ଦ୍ଧିତ କରିବେ।

# ଅକ୍ଟୋବର ଆସିଲେ ଚିନ୍ତାରେ ଜିଲାବାସୀ

ପାରଳାଖେମୁଣ୍ଡି,୨୦।୯(ଗିରିଧାରୀ ପରିଚ୍ଛା)

ଅକ୍ଟୋବର ମାସ ଆସିଲେ ଗଜପତି ଜିଲାବାସୀଙ୍କ ମନରେ ଭୟ ପଶୁଛି। ଜିଲା ପ୍ରତିବର୍ଷ ଗତ ୧୦ ବର୍ଷ ଧରି ଏହି ମାସରେ କୌଣସି ନା କୌଣସି ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରିଆସୁଛି। ଏଭଳି ସ୍ଥଳେ ପାଣିପାଗ ବିଭାଗ ଆଗକୁ ଏଲଲିନୋ ପ୍ରଭାବରୁ ବାତ୍ୟା ସମ୍ଭାବନା ଥିବା ସୂଚନା ଗଣମାଧ୍ୟମରେ ପ୍ରକାଶ ପରେ ଗଜପତିରେ ଭୂସ୍ଖଳନ ପ୍ରଭାବିତ ଅଞ୍ଚଳ ଚିହ୍ନଟ ହୋଇଥିବା ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ମନରେ ଭୟ ଲାଗିରହିଛି।

ପୂର୍ବରୁ ଗଜପତି ଜିଲା ହୁଡ୍‌ହୁଡ୍, ଫାଇଲିନ ଭଳି ବାତ୍ୟାକୁ ସାମ୍ନା କରି ଆଂଶିକ ପ୍ରଭାବିତ ହୋଇଥିଲା। ୨୦୧୮ ଅକ୍ଟୋବର ୧୦ରେ ତିତ୍‌ଲି ବାତ୍ୟାର କରାଳ ରୂପ ଲୋକଙ୍କ ମନରୁ ଏଯାଏ ଲିଭିନି। ବାତ୍ୟା ପ୍ରଭାବରେ ଜିଲାରେ ପ୍ରାଣ ହରାଇଥିଲେ ୪୩ ଜଣ। ଏହି ମୃତକଙ୍କ ମଧ୍ୟରେ ରାୟଗଡ଼ ବ୍ଲକର ୩୯ ଜଣ ଥିବାବେଳେ ୪ ଜଣ ଆର. ଉଦୟଗିରି ବ୍ଲକର ଥିଲେ। ଏଥିସହ ୪୦ଟି ଗ୍ରାମ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିଲା। ଉଚ୍ଚ ସ୍ଥାନରେ ରହିଆସୁଥିବା ଲୋକେ ଥଇଥାନ ପାଇଁ ଅନେକ ସମୟରେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି, ମାତ୍ର ପ୍ରଶାସନ କୌଣସି ପଦକ୍ଷେପ ନେଇ ନ ଥିବା ଗ୍ରାମବାସୀ ସଲିମ ଗମାଙ୍ଗ, ବୁରେନ ଭୂୟାଁ, ଅରେଶ ଚନ୍ଦ୍ର ଭୋମାଲ ଅଭିଯୋଗ କରିଛନ୍ତି। ତେବେ ଜିଲାର ୭ଟି ବ୍ଲକରେ ୧୩୬ଟି ସମ୍ବେଦନଶୀଳ ଅଞ୍ଚଳ ଚିହ୍ନଟ ହୋଇଛି। ଗୁମ୍ମା ବ୍ଲକରେ ୨୯ଟି ଅଞ୍ଚଳ, ରାୟଗଡ ବ୍ଲକରେ ୨୫ଟି, ଆର. ଉଦୟଗିରି ବ୍ଲକରେ ୭ଟି, ନୂଆଗଡ଼ ବ୍ଲକରେ ୧୨ଟି, ମୋହନା ବ୍ଲକରେ ୪୧ଟି, ଗୋସାଣି ବ୍ଲକରେ ୧୩ଟି ଓ କାଶୀନଗର ବ୍ଲକରେ ୯ଟି ଅଞ୍ଚଳକୁ ସମ୍ବେଦନଶୀଳ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଛି। ଅନ୍ୟପକ୍ଷରେ ଗଜପତି ଜିଲାକୁ କୌଣସି ପ୍ରାକୃତିକ ବିପର୍ଯ୍ୟୟ ଆସିବା ସୂଚନା ମିଳିଲେ, ମୁକାବିଲା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା, ନିରାପଦ ସ୍ଥାନରେ ଖାଇବା ବ୍ୟବସ୍ଥା କରାଯାଉଥିବା ଜିଲାପାଳ ମଧୁମିତା କହିଛନ୍ତି। ଉଚ୍ଚ ସ୍ଥାନରେ ରହୁଥିବା ଲୋକଙ୍କ ସମସ୍ୟାର ସ୍ଥାୟୀ ସମାଧାନ ଲାଗି ଚେଷ୍ଟା ଜାରିଥିବା ଜିଲାପାଳ କହିଛନ୍ତି।

# ପ୍ରଧାନମନ୍ତ୍ରୀ ମୋଦୀ, ପ୍ରଯୁକ୍ତିର ଚାମ୍ପିୟନ

ମାନେପକାନ୍ତୁ ପୂର୍ବରୁ ସରକାରୀ ଦସ୍ତାବିଜ ପାଇବା କିପରି ଏକ ବଡ଼ କଥା ଥିଲା? ବହୁବାର ଯାତ୍ରା, ଲମ୍ବା ଧାଡ଼ି, ଅଧିକ ଖର୍ଚ୍ଚ କରିବାକୁ ପଡୁଥିଲା? କିନ୍ତୁ ବର୍ତ୍ତମାନ ଏସବୁ ଆପଣଙ୍କ ଫୋନ୍‌ରେ ହୋଇପାରୁଛି। ଏହି ରୂପାନ୍ତରଣ ଅଚାନକ ହୋଇନାହିଁ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଯୁକ୍ତିକୁ ଭାରତର ସର୍ବୋତ୍ତମ ସମାନତା ସ୍ତରରେ ନେଇ ପହଞ୍ଚାଇଛନ୍ତି। ମୁମ୍ବାଇର ରାସ୍ତାକଡ଼ର ବିକାଳି ସମାନ ୟୁପିଆଇ ଦେୟ ବ୍ୟବସ୍ଥା ବ୍ୟବହାର କରେ, ଯେପରି ଜଣେ କର୍ପୋରେଟ୍ ଏକ୍‌ଜିକ୍ୟୁଟିଭ କରିଥାଆନ୍ତି। ତାଙ୍କ ଦୃଷ୍ଟିରେ ପ୍ରଯୁକ୍ତି ସାନବଡ଼ ଦେଖେନି।

ଏହି ରୂପାନ୍ତରଣ ତାଙ୍କ ଅନ୍ତ୍ୟୋଦୟର ମୂଳ ଦର୍ଶନକୁ ଦର୍ଶାଉଛି, ଯେଉଁଠି ଧାଡ଼ିର ଶେଷରେ ଥିବା ବ୍ୟକ୍ତି ନିକଟରେ କିଭଳି ପହଞ୍ଚିବ। ପ୍ରତିଟି ଡିଜିଟାଲ ପଦକ୍ଷେପର ଲକ୍ଷ୍ୟ ସମସ୍ତଙ୍କ ପାଇଁ ପ୍ରଯୁକ୍ତିକୁ ଗଣତାନ୍ତ୍ରିକ କରିବା। ଗୁଜରାଟରେ ଯାହା ପରୀକ୍ଷଣ ଭାବେ ଆରମ୍ଭ ହୋଇଥିଲା, ତାହା ଭାରତର ଡିଜିଟାଲ ବିପ୍ଳବର ଆଧାର ପାଲଟିଗଲା।

## ଗୁଜରାଟ: ଯେଉଁଠାରୁ ଏହା ଆରମ୍ଭ ହୋଇଥିଲା

ମୁଖ୍ୟମନ୍ତ୍ରୀ ଭାବେ ମୋଦିଜୀ ପ୍ରଯୁକ୍ତି ଓ ଅଭିନବତ୍ୱ ମାଧ୍ୟମରେ ଗୁଜରାଟରେ ବଡ଼ ପରିବର୍ତ୍ତନ ଆଣିଥିଲେ। ୨୦୦୩ରେ ଶୁଭାରମ୍ଭ ହୋଇଥିବା ଜ୍ୟୋତିଗ୍ରାମ ଯୋଜନା ଫିଡର ସେପାରେଶନ ପ୍ରଯୁକ୍ତି ବ୍ୟବହାର କରିଥିଲା। କୃଷି ବିଦ୍ୟୁତ୍ ମାଧ୍ୟମରେ ଭୂଗର୍ଭ ଜଳସ୍ତର କମିଯାଇଥିଲା ବେଳେ ଗ୍ରାମୀଣ ଉଦ୍ୟୋଗଗୁଡ଼ିକ ୨୪ ଘଣ୍ଟିଆ ବିଦ୍ୟୁତ୍ ଯୋଗାଣ ସହ ସ୍ଥିତିରେ ବ୍ୟାପକ ପରିବର୍ତ୍ତନ ଆଣିଲା।

ମହିଳାମାନେ ରାତିରେ ପଢ଼ିପାରିଲେ ଓ କ୍ଷୁଦ୍ର ବ୍ୟବସାୟରେ ଉନ୍ନତି ଘଟିଲା ଏବଂ ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ପଳାୟନ ହ୍ରାସ ପାଇଲା। ଏକ ଅଧ୍ୟୟନ ଅନୁଯାୟୀ, ୧,୧୧୫ କୋଟି ଟଙ୍କାର ନିବେଶ ମାତ୍ର ଅଢ଼େଇ ବର୍ଷରେ ଅସୁଲ ହୋଇଥିଲା। ପ୍ରଧାନମନ୍ତ୍ରୀ ୨୦୧୨ରେ ନର୍ମଦା କେନାଲରେ ସୋଲାର ପ୍ୟାନେଲ ସ୍ଥାପନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ପ୍ରକଳ୍ପ ବାର୍ଷିକ ୧୬ ମିଲିୟନ ୟୁନିଟ୍ ଉତ୍ପାଦନ କରେ, ଯାହା ୧୬ ହଜାର ପରିବାର ପାଇଁ ଯଥେଷ୍ଟ। ଏହା ବାଷ୍ପୀକରଣ ହାରକୁ ଧୀର କରି ଜଳର ଉପଲବ୍ଧତାକୁ ବଢ଼ାଇଥିଲା।

ଏହି ଦୁଇ ପ୍ରକାର ଉପକାର ଆଣିବାର ଚିନ୍ତାଧାରା ପ୍ରଯୁକ୍ତିକୁ ନେଇ ମୋଦୀଙ୍କ ଦୂରଦୃଷ୍ଟିକୁ ପ୍ରଦର୍ଶନ କରେ। ମାତ୍ର ଗୋଟିଏ ପଦକ୍ଷେପ ମାଧ୍ୟମରେ ଏହା ବହୁବିଧ ସମସ୍ୟାର ସମାଧାନ କରିଥିଲା। ଜଳ ସଂରକ୍ଷଣ କରି ସ୍ୱଚ୍ଛ ଶକ୍ତି ସୃଷ୍ଟି କରିବା ହେଉଛି ତାଙ୍କ ଭିଜନ୍। ଏହା ଏକକ ସମାଧାନଗୁଡ଼ିକରୁ ଅଧିକ ଦକ୍ଷତା ଓ ପ୍ରଭାବ ପ୍ରଦର୍ଶନ କରିଥିଲା। ଏହି ପ୍ରଯୁକ୍ତିକୁ ବୈଶ୍ୱିକ ସ୍ତରରେ ଆମେରିକା ଓ ସ୍ପେନ୍ ଗ୍ରହଣ କରିଥିବାରୁ ଉଦ୍ଭାବନର ପ୍ରଭାବଶାଳିତା ବିଶ୍ୱସନୀୟ ହୋଇପାରିଛି।

ଇ-ଧାରା ବ୍ୟବସ୍ଥା ଜମିଜମା ରେକର୍ଡକୁ ଡିଜିଟାଲ କରିଦେଇଛି। ନାଗରିକମାନେ ମୁଖ୍ୟମନ୍ତ୍ରୀଙ୍କୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଭେଟିବା SWAGAT ଯୋଗୁ ସମ୍ଭବ ହୋଇଛି। ଅନ୍‌ଲାଇନ ଯୋଗୁ ଦୁର୍ନୀତି ହ୍ରାସ ପାଇଛି। ଏଭଳି ପଦକ୍ଷେପ ଦୁର୍ନୀତିକୁ କମାଇଥିବା ସହ ସହଜରେ ସରକାରୀ ସେବା ଉପଲବ୍ଧତାରେ ଉନ୍ନତି ଘଟାଇଥିଲା। ସେ ଶାସନ ଉପରେ ଜନସାଧାରଣଙ୍କ ବିଶ୍ୱାସକୁ ପୁନଃସ୍ଥାପନ କରିଥିଲେ, ଯାହା ଗୁଜରାଟରେ ପର୍ଯ୍ୟାୟକ୍ରମେ ନିର୍ବାଚନ ସଫଳତାରେ ପ୍ରତିଫଳିତ ହୋଇଥିଲା।

## ନ୍ୟାଶନାଲ କାନ୍‌ଭାସ

୨୦୧୪ରେ ମୋଦୀ ଗୁଜରାଟର ଅଭିଜ୍ଞତା ଓ ହାସଲ କରିଥିବା ଶିକ୍ଷାକୁ ଦିଲ୍ଲୀକୁ ନେଇଥିଲେ, କିନ୍ତୁ ସ୍ଥିତି ଭିନ୍ନ ଥିଲା। ତାଙ୍କ ନେତୃତ୍ୱରେ ବିଶ୍ୱର ସବୁଠାରୁ ସମାବେଶୀ ଡିଜିଟାଲ ପବ୍ଲିକ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚର 'ଇଣ୍ଡିଆ ଷ୍ଟାକ୍' ବଡ଼ ଆକାର ନେଇଥିଲା। ଜେଏଏମ୍ ଟ୍ରିନିଟି ଏହାର ମୂଳଦୁଆ ପକାଇଥିଲା। ଜନ ଧନ ଆକାଉଣ୍ଟଗୁଡ଼ିକ ୫୩ କୋଟିରୁ ଅଧିକ ଲୋକଙ୍କୁ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ଆଣିଥିଲା। ପୂର୍ବରୁ ଆର୍ଥିକ ଦିଗରୁ ବାଦ୍ ପଡ଼ିଥିବା ଲୋକଙ୍କୁ ଏହା ପ୍ରଥମ ଥର ପାଇଁ ଔପଚାରିକ ଅର୍ଥନୀତିକୁ ଆଣିଥିଲା।

ନଗଦ ଉପରେ ନିର୍ଭରଶୀଳ ରାସ୍ତାକଡ଼ ବିକାଳି, ଦିନ ମଜୁରିଆ ଓ ଗ୍ରାମୀଣ ପରିବାରଗୁଡ଼ିକର ଏବେ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହା ସେମାନଙ୍କୁ ସୁରକ୍ଷିତ ଭାବେ ସଞ୍ଚୟ କରିବା, ସରକାରୀ ଲାଭ ସିଧାସଳଖ ପାଇବା ଏବଂ ସହଜରେ ଋଣ ପାଇବାରେ ସହାୟକ ହୋଇପାରିଛି।

ଆଧାର ନାଗରିକଙ୍କୁ ଡିଜିଟାଲ ପରିଚୟ ପ୍ରଦାନ କରିଛି। ଅଦ୍ୟାବଧି ୧୪୨ କୋଟି ଲୋକ ଏଥିରେ ନିଜ ନାମ ପଞ୍ଜୀକୃତ କରିସାରିଲେଣି। ଏହା ଦ୍ୱାରା ବହୁବିଧ ଦସ୍ତାବିଜ ଯାଞ୍ଚ କରିବା ଅପେକ୍ଷା ସରକାରୀ ସେବା ପାଇବା ସହଜ ହୋଇଯାଇଛି। ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର (ଡିବିଟି) ମଧ୍ୟସ୍ଥଙ୍କୁ ହଟେଇ ଦେଇଥିବା ବେଳେ ଦୁର୍ନୀତିକୁ ରୋକିବାରେ ଅନେକାଂଶରେ ସଫଳ ହୋଇଛି। ଡିବିଟି ଯୋଗୁ ଏପର୍ଯ୍ୟନ୍ତ ୪ ଲକ୍ଷ ୩୦ ହଜାର କୋଟି ଟଙ୍କାରୁ ଅଧିକ ସଞ୍ଚୟ ହୋଇପାରିଛି। ଏହି ସଞ୍ଚୟ ଅର୍ଥରେ ଅଧିକ ବିଦ୍ୟାଳୟ, ହସ୍ପିଟାଲ ଏବଂ ଭିତ୍ତିଭୂମି ପ୍ରକଳ୍ପ ନିର୍ମାଣ ହୋଇପାରିଛି।

ପୂର୍ବରୁ ଗ୍ରାହକଙ୍କ ଯାଞ୍ଚ ଏକ ଜଟିଳ ପ୍ରକ୍ରିୟା ଥିଲା। ଏହା ବ୍ୟକ୍ତିଗତ ଦସ୍ତାବିଜ ଯାଞ୍ଚ, ନିୟମ ପୁସ୍ତିକା ଏବଂ ଏକାଧିକ ଟଚ୍‌ପଏଣ୍ଟ ଆବଶ୍ୟକ କରୁଥିଲା। ଏହା ସେବାପ୍ରଦାନକାରୀଙ୍କୁ ପ୍ରତି ଯାଞ୍ଚ ପାଇଁ ଅନେକ ଶହ ଟଙ୍କା ଖର୍ଚ୍ଚ କରାଉଥିଲା।

ଆଧାରଭିତ୍ତିକ ଇ-କେୱାଇସି ଦ୍ୱାରା ପ୍ରମାଣନ ଯାଞ୍ଚ କାର୍ଯ୍ୟ ମାତ୍ର ୫ ଟଙ୍କାରେ ହୋଇପାରୁଛି। ଏପରିକି ଏବେ ସବୁଠାରୁ ଛୋଟ କାରବାର ମଧ୍ୟ ଆର୍ଥିକ ଦୃଷ୍ଟିରୁ ସୁବିଧାଜନକ ହୋଇପାରିଛି। ୟୁପିଆଇ ଭାରତର ପେମେଣ୍ଟ ବ୍ୟବସ୍ଥାରେ ବଡ଼ ପରିବର୍ତ୍ତନ ଆଣିଛି। ଶୁଭାରମ୍ଭ ହେବାଠାରୁ ୫୫ କୋଟିରୁ ଅଧିକ ବ୍ୟବହାରକାରୀ ଏହାର କାରବାର କରିସାରିଲେଣି। ଅଗଷ୍ଟ ୨୦୨୫ରେ ୨୦ ବିଲିୟନରୁ ଅଧିକ କାରବାର ହୋଇଛି, ଯାହାର ମୂଲ୍ୟ ୨୪ ଲକ୍ଷ ୮୫ ହଜାର କୋଟି ହୋଇଥିଲା। ଘଣ୍ଟା ଘଣ୍ଟା ଧରି ବ୍ୟାଙ୍କରେ ଧାଡ଼ିରେ ଛିଡ଼ା ହୋଇ ଯେଉଁ କାରବାର କରିବାକୁ ପଡୁଥିଲା, ତାହା ମାତ୍ର ଦୁଇ ସେକେଣ୍ଡ ଫୋନ ସ୍କାନ୍ ଯୋଗୁ ହୋଇପାରୁଛି। ବ୍ୟାଙ୍କ ଯିବା, ଧାଡ଼ିରେ ରହିବା ଏବଂ ଅନେକ କାଗଜପତ୍ର କାମ ଅପ୍ରଚଳିତ ହୋଇଗଲାଣି। ଏବେ ତୁରନ୍ତ କ୍ୟୁଆର୍ କୋଡ୍ ପେମେଣ୍ଟ ଦ୍ୱାରା ସବୁକିଛି ବଦଳିଯାଇଛି।

ଭାରତ ଆଜି ବିଶ୍ୱର ଅର୍ଦ୍ଧେକ ରିଅଲ-ଟାଇମ୍ ଡିଜିଟାଲ ପେମେଣ୍ଟକୁ ପରିଚାଳନା କରୁଛି। ଏକ ଦଶନ୍ଧି ପୂର୍ବେ ଭାରତ ମୁଖ୍ୟତଃ ନଗଦ କାରବାର ଉପରେ ନିର୍ଭର କରୁଥିଲା। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୃଷ୍ଟିକୋଣ ଜେଏଏମ୍ ଟ୍ରିନିଟି ଏବଂ ୟୁପିଆଇ ଭିତ୍ତିଭୂମିକୁ ବୃହତ୍ ଆକାର ଦେଇଛି। ଯେତେବେଳେ କୋଭିଡ୍ ମହାମାରୀ ଆସିଥିଲା, ସେତେବେଳେ ପ୍ରଧାନମନ୍ତ୍ରୀ ମୋଦୀ ଡିଜିଟାଲ କାରବାରକୁ ଉତ୍ସାହିତ କରିଥିଲେ। ଫଳସ୍ୱରୂପ, ୟୁପିଆଇ ଏବେ ବିଶ୍ୱବ୍ୟାପୀ ଭିଜାଠାରୁ ଅଧିକ କାରବାର ପ୍ରକ୍ରିୟାରେ ରହିଛି। ବର୍ତ୍ତମାନ ଗୋଟେ ମୋବାଇଲ ଫୋନ୍ ଏକ ବ୍ୟାଙ୍କ, ଏକ ପେମେଣ୍ଟ ଗେଟ୍‌ୱେ ଏବଂ ଏକ ସର୍ଭିସ ସେଣ୍ଟର ପାଲଟିଯାଇଛି।

PRAGATI (ପ୍ରଗତି) ଶାସନ କ୍ଷେତ୍ରରେ ଉତ୍ତରଦାୟିତ୍ୱ ଆଣିଦେଇଛି। ଏହି ମଞ୍ଚ ମାଧ୍ୟମରେ ଭିଡିଓ କନ୍‌ଫରେନ୍ସ ଜରିଆରେ ପ୍ରଧାନମନ୍ତ୍ରୀ ମାସିକିଆ ପ୍ରକଳ୍ପ ତଦାରଖ କରୁଛନ୍ତି। ଯେତେବେଳେ ଅଧିକାରୀମାନେ ଜାଣୁଛନ୍ତି ଯେ ଲାଇଭ୍ ଭିଡିଓ ମାଧ୍ୟମରେ ପ୍ରଧାନମନ୍ତ୍ରୀ ସେମାନଙ୍କ କାର୍ଯ୍ୟର ସମୀକ୍ଷା କରୁଛନ୍ତି, ସେତେବେଳେ ଉତ୍ତରଦାୟିତ୍ୱ ବଢ଼ିଯାଉଛି। ଉଦାହରଣ ସ୍ୱରୂପ, ଏକ



ଅଶ୍ୱିନୀ ବୈଷ୍ଣବ

ବିଳମ୍ବିତ ରାଜପଥ ପ୍ରକଳ୍ପ ପ୍ରଗତି ବୈଠକ ଯୋଗୁ ତୁରନ୍ତ ଧ୍ୟାନ ଆକର୍ଷଣ କରୁଛି। ଅଧିକାରୀମାନେ କାହିଁକି ବିଳମ୍ବ ହେଲା ତାହାର ବ୍ୟାଖ୍ୟା କରୁଛନ୍ତି। ଏହା କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛି ଓ ତାହାର ଲାଭ ନାଗରିକଙ୍କ ପାଖରେ ପହଞ୍ଚୁଛି।

## ସମସ୍ତଙ୍କ ପାଇଁ ପ୍ରଯୁକ୍ତି

ପ୍ରଯୁକ୍ତି କୃଷି ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିପାରିଛି। ହରିୟାଣାର କୃଷକ ଜଗଦେବ ସିଂହଙ୍କ ଦୃଷ୍ଟାନ୍ତ ଦେଖାଯାଉ। ଏବେ ଫସଲ ସଂକ୍ରାନ୍ତ ନିଷ୍ପତ୍ତି ନେବା ପାଇଁ ସେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଆପ୍ ବ୍ୟବହାର କରୁଛନ୍ତି। ସେ ତାଙ୍କ ଫୋନ୍ ମାଧ୍ୟମରେ ଠିକ୍ ପାଣିପାଗ ସୂଚନା ପାଇବା ସହ ମୃତ୍ତିକା ସ୍ୱାସ୍ଥ୍ୟ ସଂକ୍ରାନ୍ତ ତଥ୍ୟ ପାଇପାରୁଛନ୍ତି। ପିଏମ୍-କିଷାନ ଯୋଜନା ୧୧ କୋଟି କୃଷକଙ୍କୁ ଡିଜିଟାଲ ଭାବରେ ସିଧାସଳଖ ଆୟ ସହାୟତା ପ୍ରଦାନ କରୁଛି।

ଡିଜିଲକର୍ ଏବେ ୫୭ କୋଟିରୁ ଅଧିକ ବ୍ୟବହାରକାରୀଙ୍କ ୯୬୭ କୋଟି ଦସ୍ତାବିଜକୁ ଡିଜିଟାଲ ଭାବରେ ସାଇତି ରଖିଛି। ଆପଣଙ୍କ ଡ୍ରାଇଭିଂ ଲାଇସେନ୍ସ, ଡିଗ୍ରୀ ସାର୍ଟିଫିକେଟ, ଆଧାର ଏବଂ ଅନ୍ୟାନ୍ୟ ସରକାରୀ କାଗଜପତ୍ରକୁ ଆପଣ ଫୋନ୍‌ରେ ସୁରକ୍ଷିତ ରଖିପାରୁଛନ୍ତି। ରାସ୍ତାରେ ଥିବା ବେଳେ ପୋଲିସ ଯାଞ୍ଚ ବେଳେ ବ୍ୟକ୍ତିଗତ କାଗଜପତ୍ର ଖୋଜିବା ଆଉ ଦରକାର ପଡୁନାହିଁ। କେବଳ ଡିଜିଲକରରୁ ଆପଣ ଡିଜିଟାଲ ଲାଇସେନ୍ସ ଦେଖାଇପାରୁଛନ୍ତି। ଆଧାର ପ୍ରମାଣପତ୍ର ବ୍ୟବହାର କରାଯାଇ ଆୟକର ରିଟର୍ନ ଭରିବା ସହଜ ହୋଇଗଲାଣି। ପୂର୍ବରୁ ଯେଉଁ ଡକ୍ୟୁମେଣ୍ଟ ଫୋଲ୍ଡର୍ ବୋହିବାକୁ ପଡୁଥିଲା, ତା' ପରିବର୍ତ୍ତେ ଆପଣଙ୍କ ପକେଟରେ ଥିବା ଡିଜିଟାଲ ପ୍ରମାଣ ଯଥେଷ୍ଟ ରହୁଛି।

## ମହାକାଶ ଏବଂ ଅଭିନବତ୍ୱ:

ଦିନେ ଯାହା ଅସମ୍ଭବ ପରି ଦିଶୁଥିଲା, ତାହା ଭାରତ ସଫଳତାର ସହ କରିପାରୁଛି। ପ୍ରଥମ ପ୍ରଚେଷ୍ଟାରେ ମଙ୍ଗଳରେ ପହଞ୍ଚିବା ଏବଂ ତାହା ମଧ୍ୟ ଏକ ହଲିଉଡ୍ ମୁଭିରୁ କମ୍ ବଜେଟରେ ସମ୍ଭବ ହୋଇପାରିଛି। ମାର୍ସ ଅର୍ବିଟର୍ ମିଶନ ଖର୍ଚ୍ଚ ମାତ୍ର ୪୫୦ କୋଟି ଟଙ୍କା ହୋଇପାରିବା ଭାରତୀୟ ଇଞ୍ଜିନିୟରିଂର ବିଶ୍ୱସ୍ତରୀୟ ଚମତ୍କାରିତାକୁ ଦର୍ଶାଉଛି। ଚନ୍ଦ୍ରଯାନ-୩ ଭାରତକୁ ଚନ୍ଦ୍ରରେ ସୂକ୍ଷ୍ମ ଅବତରଣ କରି ସଫଳତା ଦେବାରେ ଚତୁର୍ଥ ଦେଶ ହୋଇଥିବା ବେଳେ ଚନ୍ଦ୍ରର ଦକ୍ଷିଣ ମେରୁରେ ପହଞ୍ଚିଥିବା ପ୍ରଥମ ଦେଶ ହୋଇପାରିଥିଲା। ଇସ୍ରୋ ଏକ ମିଶନ୍‌ରେ ୧୦୪ ଉପଗ୍ରହ ଉତ୍କ୍ଷେପଣ କରି ବିଶ୍ୱ ରେକର୍ଡ ସ୍ଥାପନ କରିଛି। ଭାରତୀୟ ରକେଟ୍‌ଗୁଡ଼ିକ ଏବେ ୩୪ ଦେଶର ଉପଗ୍ରହ ବହନ କରୁଛି। ଗଗନଯାନ ମିଶନ ଭାରତକୁ ସ୍ୱଦେଶୀ ଜ୍ଞାନକୌଶଳ ବ୍ୟବହାର କରି ମାନବକୁ ମହାକାଶକୁ ପଠାଇଥିବାରେ ଚତୁର୍ଥ ଦେଶ ହେବାକୁ ଯାଉଛି। ପ୍ରଧାନମନ୍ତ୍ରୀ ମୋଦୀ ଆମର ବୈଜ୍ଞାନିକମାନଙ୍କ ସହିତ କାନ୍ଧରେ କାନ୍ଧ ମିଶାଇ ଠିଆ ହୋଇଥିଲେ ଏବଂ ସେମାନଙ୍କ ଦକ୍ଷତାରେ ଶତପ୍ରତିଶତ ବିଶ୍ୱାସ ରଖିଥିଲେ।

## ବିଶ୍ୱ ନେତୃତ୍ୱ:

ଯେତେବେଳେ କୋଭିଡ୍-୧୯ ଦେଖାଦେଇଥିଲା, ବିଶ୍ୱ ଟିକା ବଣ୍ଟନ ଅବ୍ୟବସ୍ଥା ସହିତ ସଂଘର୍ଷ କରୁଥିଲା। ଭାରତ ତା'ର ଶକ୍ତି ମାଧ୍ୟମରେ ସ୍ଥିତିର ମୁକାବିଲା କରିଥିଲା। କୋୱିନ ପ୍ଲାଟ୍‌ଫର୍ମ ଏଭଳି ସମୟରେ ଆସିଥିଲା ଯେ, ବିଶ୍ୱର ସର୍ବବୃହତ୍ ଟିକାକରଣ ଅଭିଯାନ ପାଇଁ ଏକ ବ୍ୟାପକ ଡିଜିଟାଲ ସମାଧାନ ଆଣିଦେଇଥିଲା। ଏହା ୨୦୦ କୋଟି ଟିକା ଡୋଜ୍ ଡିଜିଟାଲ ଯଥାର୍ଥତାର ସହିତ ପରିଚାଳନା କରିଥିଲା। ବିନା କୌଣସି କଳାବଜର ଓ କୌଣସି ପକ୍ଷପାତରେ ଏହା ବଣ୍ଟନରେ ସ୍ୱଚ୍ଛତା ବଜାୟ ରଖିଥିଲା। ଅବ୍ୟବହୃତ ଟିକାଗୁଡ଼ିକ ଉଚ୍ଚ ଚାହିଦା ଥିବା ଅଞ୍ଚଳକୁ ଯୋଗାଇ ଦିଆଯାଇଥିଲା। ପ୍ରଯୁକ୍ତି ରାଜନୈତିକ ଇଚ୍ଛାଶକ୍ତି ଦ୍ୱାରା ପରିଚାଳିତ ହେଲେ ବିପୁଳ ମାତ୍ରାରେ ଓ ନ୍ୟାୟସଙ୍ଗତ ଭାବେ ତାହା ପ୍ରଦାନ କରିପାରିବ ବୋଲି ଏହି ସଫଳତା ଦର୍ଶାଇଥିଲା।

## ଉତ୍ପାଦନ ବିପ୍ଳବ:

ଉତ୍ପାଦ ନିର୍ମାଣ ବିଷୟରେ ଆପଣ ମୌଳିକ ଜ୍ଞାନ ଆହରଣ ନ କରି ଚିପ୍ ନିର୍ମାଣକୁ ଯାଇପାରିବେ ନାହିଁ। ଏହା କୋଡିଂ ଶିଖିବା ପରି; ଆପ୍ ନିର୍ମାଣ ପୂର୍ବରୁ ଆପଣ 'ହେଲୋ ୱାର୍ଲ୍ଡ' ସହିତ ଆରମ୍ଭ କରନ୍ତି।

ଇଲେକ୍‌ଟ୍ରୋନିକ୍ସ ଉତ୍ପାଦନ ସମାନ ଦିଗକୁ ଅନୁସରଣ କରେ। ଦେଶଗୁଡ଼ିକ ପ୍ରଥମେ ଏସେମ୍ବ୍ଲି (ଏକାଠି) କରନ୍ତି, ତା'ପରେ ସବ୍-ମଡ୍ୟୁଲ, କମ୍ପୋନେଣ୍ଟ ଏବଂ ଉପକରଣକୁ ଯାଆନ୍ତି। ଭାରତର ଯାତ୍ରା ସେହିଭଳି ପଥ ଦେଇ ଯାଇଛି। ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ଯୋଗୁ ଆମର ଇଲେକ୍‌ଟ୍ରୋନିକ୍ସ ଉତ୍ପାଦନରେ ଦୃଢ଼ ଭିତ୍ତିଭୂମି ଏବେ ଉନ୍ନତ ସେମିକଣ୍ଡକ୍ଟର୍ ଉତ୍ପାଦନ ଆଡ଼କୁ ପାଦ ବଢ଼ାଇଛି।

ବିଶ୍ୱର ୨୦ ପ୍ରତିଶତରୁ ଅଧିକ ଚିପ୍ ଡିଜାଇନରଙ୍କୁ ନେଇ ଭାରତ ଦୀର୍ଘ ସମୟ ଧରି ଡିଜାଇନ ପ୍ରତିଭାଙ୍କ ହବ୍ ପାଲଟିଛି। ଦେଶରେ ଏବେ ଉନ୍ନତ 2nm, 3nm ଏବଂ 7nm ଚିପ୍ସଗୁଡ଼ିକର ଡିଜାଇନ କ୍ଷମତା ଅଛି। ଏଗୁଡ଼ିକ ବିଶ୍ୱ ପାଇଁ ଭାରତରେ ଡିଜାଇନ ହେଉଛି। ବର୍ତ୍ତମାନର ଫୋକସ ଫାବ୍ ଏବଂ ପ୍ୟାକେଜିଂ ସୁବିଧା ସୃଷ୍ଟିରେ ରହିଛି, ଯାହା ପ୍ରାକୃତିକ ଅଭ୍ୟୁଦୟକୁ ପ୍ରତିନିଧିତ୍ୱ କରେ। ବିନିର୍ମାଣ କ୍ଷେତ୍ର ଊର୍ଦ୍ଧ୍ୱକୁ ଯାଇ ସେମିକଣ୍ଡକ୍ଟର୍ ଉତ୍ପାଦନକୁ ଫିଡ୍ କରୁଥିବା ରାସାୟନିକ, ଗ୍ୟାସ୍ ଏବଂ ବିଶେଷ ସାମଗ୍ରୀଗୁଡ଼ିକ ମଧ୍ୟ ସହାୟକ ହେଉଛି। ଏହା ଏକ ପୂର୍ଣ୍ଣ ଇକୋସିଷ୍ଟମ ସୃଷ୍ଟି କରେ, ତାହାକୁ କେବଳ କାରଖାନା ଭାବେ ଦେଖାଯାଇ ନ ପାରେ। ଏହି କ୍ଷେତ୍ରଗୁଡ଼ିକର ଅଭ୍ୟୁଦୟ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମୂଲ୍ୟଯୁକ୍ତ ଶୃଙ୍ଖଳର ସ୍ପଷ୍ଟ ବୁଝାମଣା ଦ୍ୱାରା ସମ୍ଭବ ହୋଇଛି।

## ବୁଦ୍ଧିମତ୍ତା ସହିତ ଭିତ୍ତିଭୂମି:

ପିଏମ୍ ଗତି ଶକ୍ତି ପୋର୍ଟାଲ ଜିଆଇଏସ୍ ପ୍ରଯୁକ୍ତି ବ୍ୟବହାର କରେ। ପ୍ରତ୍ୟେକ ଭିତ୍ତିଭୂମି ପ୍ରକଳ୍ପକୁ ଡିଜିଟାଲି ମ୍ୟାପ୍ କରାଯାଇଥାଏ। ସଡ଼କ, ରେଳପଥ, ବିମାନବନ୍ଦର ଏବଂ ବନ୍ଦରଗୁଡ଼ିକର ଏକକାଳୀନ ଯୋଜନା ସ୍ଥିର କରାଯାଏ। ସିଲୋରେ କାମ କରିବା ଆଉ ନାହିଁ। ଦୁର୍ବଳ ସମନ୍ୱୟ ଯୋଗୁ ବିଳମ୍ବ ଆଉ ନାହିଁ। ଇଣ୍ଡିଆ ଏଆଇ ମିଶନ ମାଧ୍ୟମରେ ୩୮,୦୦୦ରୁ ଅଧିକ ଜିପିୟୁ ବିଶ୍ୱମୂଲ୍ୟର ଏକ ତୃତୀୟାଂଶରେ ଉପଲବ୍ଧ ହେଲାଣି। ଏହା ଷ୍ଟାର୍ଟଅପ୍, ଗବେଷକ ଏବଂ ଛାତ୍ରମାନଙ୍କୁ ସିଲିକନ୍ ଭ୍ୟାଲି ସ୍ତରର କମ୍ପ୍ୟୁଟି ପ୍ରତି ଘଣ୍ଟା ହାରରେ ୬୭ ଟଙ୍କାରେ ଦେଇଛି। ଏଆଇକୋଶ ପ୍ଲାଟଫର୍ମ ୨,୦୦୦ରୁ ଅଧିକ ଡେଟାସେଟ ହୋଷ୍ଟ କରେ, ଯାହା ପାଣିପାଗରୁ ମୃତ୍ତିକା ସ୍ୱାସ୍ଥ୍ୟ ପର୍ଯ୍ୟନ୍ତ ରହିଛି। ଏଗୁଡ଼ିକ ଭାରତର ଭାଷା, ଆଇନ, ସ୍ୱାସ୍ଥ୍ୟ ବ୍ୟବସ୍ଥା ଏବଂ ଫାଇନାନ୍ସ ପାଇଁ ବିକଶିତ ସ୍ୱଦେଶୀ LLMଗୁଡ଼ିକୁ ଦକ୍ଷ କରିପାରିବ।

ପ୍ରଧାନମନ୍ତ୍ରୀ ମୋଦୀଙ୍କର ପ୍ରଯୁକ୍ତି ଅଭିଜ୍ଞତା ଭାରତର ଅନନ୍ୟ ଏଆଇ ରେଗୁଲେଶନ ଦୃଷ୍ଟିକୋଣରେ ମଧ୍ୟ ପ୍ରତିଫଳିତ ହୁଏ। ସେ ବଜାର ଅଭିମୁଖୀ ନମୁନା କିମ୍ବା ରାଷ୍ଟ୍ର-ନିୟନ୍ତ୍ରିତ ଦୃଷ୍ଟିକୋଣରୁ ଭିନ୍ନ ଏକ ଅନନ୍ୟ ଟେକ୍ନୋ-ଲିଗାଲ ଫ୍ରେମ୍‌ୱର୍କ କଳ୍ପନା କରନ୍ତି। ଅଭିନବତ୍ୱକୁ ରୋକିପାରୁଥିବା କଠୋର ନିୟମାବଳୀ ବଦଳରେ ସରକାର ପ୍ରଯୁକ୍ତିଗତ ସୁରକ୍ଷାରେ ନିବେଶ କରନ୍ତି। ବିଶ୍ୱବିଦ୍ୟାଳୟ ଏବଂ ଆଇଆଇଟିଗୁଡ଼ିକ ଡିପ୍‌ଫେକ୍ସ, ବ୍ୟକ୍ତିଗତ ଅନ୍ତରଙ୍ଗଜନିତ ଉଦ୍‌ବେଗ ଏବଂ ସାଇବର ନିରାପତ୍ତା ବିପଦକୁ ସମ୍ଭାଳିବା ପାଇଁ ଏଆଇ ପରିଚାଳିତ ଟୁଲ୍ ବିକଶିତ କରନ୍ତି। ଏହି ଦୃଷ୍ଟିକୋଣ ଉଦ୍ଭାବନକୁ ପ୍ରୋତ୍ସାହିତ କରେ ଏବଂ ଦାୟିତ୍ୱପୂର୍ଣ୍ଣ ନିୟୋଜନକୁ ନିଶ୍ଚିତ କରେ।

## ଇନଫ୍ରାଷ୍ଟ୍ରକ୍ଚର୍ ପାଇଁ ପ୍ରଯୁକ୍ତି:

କେଭଡିଆର ଷ୍ଟାଚ୍ୟୁ ଅଫ୍ ୟୁନିଟି ୧୮୨ ମିଟର୍ ଉଚ୍ଚ ଓ ତାହା ବିଶ୍ୱର ସର୍ବୋଚ୍ଚ ପ୍ରତିମୂର୍ତ୍ତି ଭାବେ ଉଭା ହୋଇଛି। ୩ଡି ମଡେଲିଂ ଓ ବ୍ରୋଞ୍ଜ୍ କ୍ଲାଡିଂ ପ୍ରଯୁକ୍ତି ବ୍ୟବହାର କରାଯାଇ ନିର୍ମିତ ହୋଇଥିବା ଏହି ଷ୍ଟାଚ୍ୟୁ ବାର୍ଷିକ ୫୮ ଲକ୍ଷ ପର୍ଯ୍ୟଟକଙ୍କୁ ଆକର୍ଷଣ କରେ। ଏହି ପ୍ରକଳ୍ପ ଅନେକ ହଜାର ନିଯୁକ୍ତି ସୃଷ୍ଟି କରିଛି ଏବଂ କେଭଡିଆକୁ ଏକ ପର୍ଯ୍ୟଟନ ହବ୍‌ରେ ପରିଣତ କରିଛି।

୩୫୯ ମିଟର୍ ଉଚ୍ଚ ଚେନାବ ରେଳ ବ୍ରିଜ୍ କଶ୍ମୀରକୁ ଭାରତର ଅବଶିଷ୍ଟ ଅଂଶ ସହିତ ଯୋଡ଼ିବାରେ ସକ୍ଷମ ହୋଇଛି। ଆଇଜଲ ରେଳପଥରେ ଅଭିନବ ହିମାଳୟ ଟନେଲିଂ ପଦ୍ଧତି ବ୍ୟବହାର କରାଯାଇଛି। ଏହା ପାହାଡ଼ିଆ ଟନେଲ ଏବଂ ବ୍ରିଜ୍ ମଧ୍ୟରେ ଯାଇଛି। ଆଧୁନିକ ଇଞ୍ଜିନିୟରିଂ କୌଶଳରେ ନିର୍ମିତ ନୂଆ ପମ୍ବନ ବ୍ରିଜ୍ ଶତାବ୍ଦୀ ପୁରୁଣା ଢାଞ୍ଚାକୁ ବଦଳାଇଦେଇଛି। ଏଗୁଡ଼ିକ କେବଳ ଇଞ୍ଜିନିୟରିଂ ଚମତ୍କାରିତା ନୁହେଁ, ଏସବୁ ପ୍ରଯୁକ୍ତି ଓ ଦୃଢ଼ତା ମାଧ୍ୟମରେ ଭାରତକୁ ଯୋଡ଼ିବାରେ ମୋଦୀ ଜୀଙ୍କ ଦୃଷ୍ଟିକୋଣକୁ ପ୍ରତିନିଧିତ୍ୱ କରନ୍ତି।

## ମାନବ ସଂଯୋଗ:

ପ୍ରଧାନମନ୍ତ୍ରୀ ମୋଦୀ ପ୍ରଯୁକ୍ତିକୁ ବୁଝନ୍ତି, କିନ୍ତୁ ତା'ଠାରୁ ଅଧିକ ସେ ଲୋକଙ୍କୁ ବୁଝିଛନ୍ତି। ତାଙ୍କର ଅନ୍ତ୍ୟୋଦୟ ଦୃଷ୍ଟିକୋଣ ପ୍ରତ୍ୟେକ ଡିଜିଟାଲ ଉଦ୍ୟମକୁ ପରିଚାଳିତ କରେ। ୟୁପିଆଇ ଏକାଧିକ ଭାଷାରେ କାର୍ଯ୍ୟ କରେ। ଅତ୍ୟନ୍ତ ଗରିବ କୃଷକଙ୍କର ସମାନ ଡିଜିଟାଲ ପରିଚୟ ଥାଏ, ଯେପରି ସବୁଠୁ ଧନୀ ଉଦ୍ୟୋଗପତିଙ୍କର ଅଛି। ସିଙ୍ଗାପୁରରୁ ଫ୍ରାନ୍ସ ପର୍ଯ୍ୟନ୍ତ ଦେଶଗୁଡ଼ିକ ୟୁପିଆଇ ସହିତ ଏକୀଭୂତ ହୋଇଛନ୍ତି। ସମାବେଶୀ ବିକାଶ ପାଇଁ ଡିଜିଟାଲ ପବ୍ଲିକ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଜରୁରୀ ବୋଲି ଜି୨୦ ମତ ଦେଇଥାଏ। ଜାପାନ ଏହା ପାଇଁ ଏକ ପେଟେଣ୍ଟ ଦେଇଛି। ଯାହା ଭାରତ ପାଇଁ ସମାଧାନ ଆଣିବା ନେଇ ଆରମ୍ଭ ହୋଇଥିଲା, ତାହା ବିଶ୍ୱର ଡିଜିଟାଲ ଗଣତନ୍ତ୍ରର ଟେମ୍ପଲେଟ୍ ହୋଇଗଲା।

ଗୁଜରାଟରେ ମୋଦୀଙ୍କ ଆଦ୍ୟ ପ୍ରୟୋଗରୁ ଡିଜିଟାଲ ଇଣ୍ଡିଆର ଶୁଭାରମ୍ଭ ଯାଏ ହୋଇଥିବା ଯାତ୍ରାରେ ପ୍ରଯୁକ୍ତିର ଶକ୍ତି ପ୍ରତିଟି ଜୀବନକୁ ପରିବର୍ତ୍ତନ କରିଥିବା ଦର୍ଶାଉଛି। ସେ ପ୍ରଯୁକ୍ତିକୁ ଶାସନର ବ୍ୟାକରଣ କରିଦେଇଛନ୍ତି। ପ୍ରଧାନମନ୍ତ୍ରୀ ଦେଖାଇଛନ୍ତି ଯେ, ଯେତେବେଳେ ନେତାମାନେ ପ୍ରଯୁକ୍ତିକୁ ମାନବଜାତି ସହ ଆଲିଙ୍ଗନ କରନ୍ତି, ସମଗ୍ର ଦେଶ ଭବିଷ୍ୟତ ଆଡ଼କୁ ଲମ୍ଫ ପ୍ରଦାନ କରିପାରେ।

**- ଲେଖକ ରେଳ, ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ**

# ଟ୍ରମ୍ପଙ୍କ ସଂଶୋଧନ ମନ୍ତବ୍ୟ ପାଇଁ କେନ୍ଦ୍ରକୁ ଅନୁରୋଧ କରିଛି ରାଜ୍ୟ

ଭୁବନେଶ୍ୱର,୨୦।୯(ସୁନିତ୍ ମିଶ୍ର)

### ମହିଳା ପର୍ଯ୍ୟଟକଙ୍କ ଲାଗି ଓଡ଼ିଶା ଅସୁରକ୍ଷିତ ପ୍ରସଙ୍ଗ

କିଛିଦିନ ତଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କ ଦେଶରେ ଏକ ନିର୍ଦ୍ଦେଶାବଳୀ ଜାରିକରି ମହିଳା ପର୍ଯ୍ୟଟକମାନଙ୍କ ପାଇଁ ଓଡ଼ିଶା ସୁରକ୍ଷିତ ନୁହେଁ ବୋଲି କହିଥିଲେ। ଏନେଇ ଖବର ପ୍ରକାଶ ପାଇବା ପରେ ଏହାକୁ ନେଇ ଦେଶ ଭିତରେ ଲୋକମାନଙ୍କ ଭିତରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଏହାପରେ ଓଡ଼ିଶା ପ୍ରତି ବିଦେଶୀ ପର୍ଯ୍ୟଟକମାନଙ୍କ ଭିତରେ ଅନାଦାର ଭାବ ସୃଷ୍ଟି ହୋଇପାରେ ବୋଲି ଆଶଙ୍କା କରାଗଲା। ଏହି ଘଟଣା ପରେ ଟ୍ରମ୍ପଙ୍କ ସଂଶୋଧିତ ମନ୍ତବ୍ୟ ପ୍ରକାଶ କରାଇବା ନେଇ ପଦକ୍ଷେପ ନିଆଯାଇଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ହେଲେ ସରକାରଙ୍କ ପକ୍ଷରୁ ସିଧାସଳଖ ଟ୍ରମ୍ପଙ୍କ ନାମ ଉଲ୍ଲେଖ କରା ନ ଯାଇ ବିଦେଶ ଶାସକ ବୋଲି ଉଲ୍ଲେଖ କରାଯାଇଛି।

ବିଧାନସଭା ସଦସ୍ୟ ଅଶ୍ୱିନୀ କୁମାର ପାତ୍ର ଶନିବାର ଏକ ଅଣତାରକା ପ୍ରଶ୍ନରେ ପଚାରିଛନ୍ତି, ନିକଟରେ ଗଣମାଧ୍ୟମରେ ସମଗ୍ର ଦେଶରେ ପ୍ରକାଶ ପାଇଥିବା ବିଦେଶ ଶାସକଙ୍କ ମନ୍ତବ୍ୟ ଅନୁସାରେ ରାଜ୍ୟ ପର୍ଯ୍ୟଟନ ମହିଳାଙ୍କ ପାଇଁ ସୁରକ୍ଷିତ ନୁହେଁ, ଏଥିଲାଗି ପର୍ଯ୍ୟଟନ ନୀତି ପ୍ରତି ଆଘାତ ଲାଗିଥିବା ସରକାର ଅବଗତ ଅଛନ୍ତି କି? ଯଦି ଅବଗତ ଅଛନ୍ତି ତା'ହେଲେ ଦେଶ, ବିଦେଶରେ ପର୍ଯ୍ୟଟକଙ୍କୁ ଓଡ଼ିଶାକୁ ଆକୃଷ୍ଟ କରିବାକୁ ସରକାରଙ୍କ କ'ଣ ବିଶେଷ କାର୍ଯ୍ୟକ୍ରମ ରହିଛି।

ଏହାର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ନିକଟରେ ଗଣମାଧ୍ୟମରେ ସମଗ୍ର ଦେଶରେ ପ୍ରକାଶ ପାଇଥିବା ବିଦେଶ ଶାସକଙ୍କ ମନ୍ତବ୍ୟ ବିଷୟରେ ସରକାର ଅବଗତ ଅଛନ୍ତି। ବିଦେଶ ଶାସକଙ୍କ ଏହି ମନ୍ତବ୍ୟ ଭିତ୍ତିହୀନ ଓ ତାହାର ସତ୍ୟତା ନାହିଁ। ଏହା ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗୃହ ବିଭାଗ, ଓଡ଼ିଶା ସରକାରଙ୍କୁ ନଥି ସଂଖ୍ୟା ଟିପିଟି-ସିଓଓଡି-ଏମ୍ଆଇଏସ୍‌ସି-୦୦୪୬-୨୦୨୫ ମାଧ୍ୟମରେ ଅବଗତ କରାଯାଇଛି। ପୁନଶ୍ଚ ଓଡ଼ିଶା ସରକାରଙ୍କ ଗୃହ ବିଭାଗ ତାଙ୍କ ପତ୍ର ସଂଖ୍ୟା ୨୨୪୬/ସି ଗତ ସେପ୍ଟେମ୍ବର ୧ ଦ୍ୱାରା ବୈଦେଶିକ ମନ୍ତ୍ରଣାଳୟ ଓ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ଅବଗତ କରାଯିବା ସହିତ ବିଦେଶ ଶାସକଙ୍କ ମନ୍ତବ୍ୟକୁ ସମୀକ୍ଷାକରି ସଂଶୋଧିତ ମନ୍ତବ୍ୟ ପ୍ରକାଶ କରିବା ନିମନ୍ତେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅନୁରୋଧ କରାଯାଇଛି।

**ମ୍ୟାନ୍‌ମାର ଉପକୂଳରେ ଘୂର୍ଣ୍ଣିବଳୟ**

# ଶେଷ ସପ୍ତାହରେ ୩ ଲଘୁଚାପ

ଭୁବନେଶ୍ୱର,୨୦।୯(ବନ୍ଦନା ସେଠୀ)

### ଅକ୍ଟୋବର ପ୍ରଥମ ସପ୍ତାହ ଯାଏ ପ୍ରବଳ ବର୍ଷା

ଚଳିତ ମାସ ଶେଷ ସପ୍ତାହରେ ବଙ୍ଗୋପସାଗରରେ ଦାନା ବାନ୍ଧିବ ୩ ଲଘୁଚାପ। ଏହା ପ୍ରଭାବରେ ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏବେ ମୌସୁମୀଜନିତ ନିମ୍ନଚାପରେଖା ଓ ଟ୍ରଫ୍‌ଲାଇନ ପାଇଁ ରାଜ୍ୟରେ ବର୍ଷା ହେଉଛି। ଇତିମଧ୍ୟରେ ଉତ୍ତର ଆଣ୍ଡାମାନ ତଥା ସଂଲଗ୍ନ ମ୍ୟାନ୍‌ମାର ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ସମୁଦ୍ରପତନରୁ ୩.୧ କି.ମି ଉପର ଯାଏ ଲମ୍ବିଥିବାବେଳେ ୨୨ ତାରିଖ ସୁଦ୍ଧା ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତିକରି ଉତ୍ତର ବଙ୍ଗୋପସାଗର ଅଞ୍ଚଳରେ ପହଞ୍ଚିବ। ଫଳରେ ରାଜ୍ୟରେ ବର୍ଷାର ପରିମାଣ ୨୩ ତାରିଖରୁ ବୃଦ୍ଧି ପାଇବ। ଉକ୍ତ ଘୂର୍ଣ୍ଣିବଳୟଟି ୨୫ ତାରିଖ ସୁଦ୍ଧା ଅଧିକ ଘନୀଭୂତ ହୋଇ ଲଘୁଚାପ ରୂପ ନେବ। ଏହା ପ୍ରଭାବରେ ୨୬ ତାରିଖ ଯାଏ ରାଜ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ମନୋରମା ମହାନ୍ତି ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଭାରତୀୟ ପାଣିପାଗ ସଂସ୍ଥାନ (ଆଇଏମ୍‌ଡି)ର ଆକଳନ ଅନୁସାରେ, ସେପ୍ଟେମ୍ବର ଶେଷସୁଦ୍ଧା ବଙ୍ଗୋପସାଗରରେ ୩ଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଫଳରେ ଅକ୍ଟୋବର ପ୍ରଥମ ସପ୍ତାହ ଯାଏ ଓଡ଼ିଶାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ। ମୁଖ୍ୟତଃ ଉପକୂଳ ଓ ଜିଲାଗୁଡ଼ିକରେ ବର୍ଷାଦ୍ୱାରା ପ୍ରଭାବିତ ହେବା ସମ୍ଭାବନା ଥିବା ଆଇଏମ୍‌ଡି ପକ୍ଷରୁ ସତର୍କ କରାଯାଇଛି। ଆକଳନ ଅନୁଯାୟୀ ପ୍ରଥମ ଲଘୁଚାପଟି ୨୫ ତାରିଖ ସୁଦ୍ଧା ସୃଷ୍ଟି ହେବାକୁ ଥିବାବେଳେ ଦ୍ୱିତୀୟଟି ୨୭ ତାରିଖ ଓ ତୃତୀୟଟି ୩୦ତାରିଖ ବେଳକୁ ସୃଷ୍ଟି ହେବ।

ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଗତ ୨୪ ଘଣ୍ଟାରେ ରାଜ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇଛି। ମୁଖ୍ୟତଃ ପାଗ ମେଘୁଆ ରହିଥିବାବେଳେ ସର୍ବାଧିକ ୭.୭ ସେ.ମି ବର୍ଷା ଗଜପତି ଜିଲା ନୂଆଗଡ଼ ଅଞ୍ଚଳରେ ରେକର୍ଡ କରାଯାଇଛି। ରବିବାର ଓ ସୋମବାର ରାଜ୍ୟର ୧୪ ଜିଲା ବଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ର କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବ। ବର୍ଷା ସମୟରେ ପବନର ବେଗ ଘଣ୍ଟାପ୍ରତି ୩୦ରୁ ୪୦ କି.ମି ରହିବ। ମଙ୍ଗଳବାରଠାରୁ ଲଘୁଚାପ ପ୍ରଭାବରେ ଉତ୍ତର ଓଡ଼ିଶାରେ ବର୍ଷା ପରିମାଣ ବଢ଼ିବ ବୋଲି ସୂଚନା ଦିଆଯାଇଛି।

# ରାଜ୍ୟରେ ଭଡ଼ାରେ ଚାଲିଛି ୨୧,୦୩୦ ଅଙ୍ଗନୱାଡି କେନ୍ଦ୍ର

ଭୁବନେଶ୍ୱର,୨୦।୯(ସୁନିତ୍ ମିଶ୍ର)

ରାଜ୍ୟରେ ମୋଟ୍ ୭୪ ହଜାର ୨୨୪ଟି ଅଙ୍ଗନୱାଡି କେନ୍ଦ୍ର କାର୍ଯ୍ୟରତ। ସେଥିମଧ୍ୟରୁ ୫୩ ହଜାର ୧୯୪ଟି କେନ୍ଦ୍ରର ନିଜସ୍ୱ ଗୃହ ଅଛି। ୨୧ ହଜାର ୦୩୦ଟି ଅଙ୍ଗନୱାଡି କେନ୍ଦ୍ର ବର୍ତ୍ତମାନ ଭଡ଼ାଘରେ ଚାଲିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଭଡ଼ାଗୃହରେ ଚାଲୁଥିବା ଅଙ୍ଗନୱାଡି କେନ୍ଦ୍ରଗୁଡିକର ଭଡ଼ା ବାବଦକୁ ୮୧୮.୧୬ ଲକ୍ଷ ଟଙ୍କା ମଞ୍ଜୁରୀ ଦିଆଯାଇଥିଲା। ୨୦୨୫-୨୬ ଆର୍ଥିକ ବର୍ଷରେ ଅଙ୍ଗନୱାଡିଗୁଡିକ ଭଡ଼ା ବାବଦକୁ ୧୫୮୪ .୨୩ ଲକ୍ଷ ଟଙ୍କା ଅନୁମୋଦନ ଦିଆଯାଇଛି। ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତର ଖର୍ଚ୍ଚ ପାଇଁ ୭୮୬.୧୨ ଲକ୍ଷ ଟଙ୍କା ମଞ୍ଜୁରୀ ଦିଆଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି।

କଂଗ୍ରେସ ସଦସ୍ୟ ପବିତ୍ର ସାଉଁତାଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି, ୨୩,୪୬୦ଟି ଅଙ୍ଗନୱାଡି କେନ୍ଦ୍ରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ସୁବିଧା ଦିଆଯାଇଛି। ୩୭,୨୩୨ଟି କେନ୍ଦ୍ରରେ ଟଏଲଟ ସୁବିଧା ଅଛି। ୫୨,୫୯୦ଟି କେନ୍ଦ୍ରରେ ରୋଷେଇଘର ସୁବିଧା ଅଛି। ୧୨,୧୪୦ ଅଙ୍ଗନୱାଡି କେନ୍ଦ୍ରକୁ ସକ୍ଷମ କେନ୍ଦ୍ର ଭାବେ ଉନ୍ନୀତ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ କେନ୍ଦ୍ର ସରକାର ୭,୨୮୪ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି।

# ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ପାଇଁ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୨୦।୯(ବନ୍ଦନା ସେଠୀ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୭ ତାରିଖରେ ଓଡ଼ିଶା ଗସ୍ତରେ ଆସି ବ୍ରହ୍ମପୁରଠାରେ 'ଜାତୀୟସ୍ତରୀୟ ସେବାପର୍ବ' କାର୍ଯ୍ୟକ୍ରମରେ ଯୋଗଦେବେ। ଏଥିସହ ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟର ଏକାଧିକ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ ଓ ଲୋକାର୍ପଣ କରିବେ। ତେଣୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ନେଇ ଶନିବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଲୋକସେବା ଭବନରେ ସ୍ଥିରୀକୃତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମର ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା



ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ପ୍ରସ୍ତୁତି କାର୍ଯ୍ୟ ସମ୍ପର୍କରେ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

କରିଥିଲେ। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ। ଗଞ୍ଜାମ ଜିଲାପାଳ କୀର୍ତ୍ତିଭାସନ ଭି. ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ। ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ଉପସ୍ଥାପନ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସୂଚୀ ଉପରେ ଆଲୋକପାତ କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମସ୍ଥଳ ଓ ଆଭାସୀ ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ ରହିଥିବାରୁ ସେସବୁକୁ ଉପଯୁକ୍ତ ସମନ୍ୱୟ ଓ ସହଯୋଗର ସହିତ ସମ୍ପାଦନ କରିବାକୁ ମୁଖ୍ୟ ସଚିବ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ସଭାସ୍ଥଳର ମଞ୍ଚ ପ୍ରସ୍ତୁତି, ଅତିଥି ଓ ଦର୍ଶକଙ୍କ ବସିବା, ଇଭେଣ୍ଟ ଚେକ୍‌ଲିଷ୍ଟ ଆଦି ପ୍ରସ୍ତୁତି ଚୂଡ଼ାନ୍ତ କରାଯିବା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା।

## ସଂକ୍ଷେପରେ

### ପୋଖରୀକୁ ଶୌଚ ପାଇଁ ଯାଇଥିବା ଯୁବକଙ୍କୁ ଆକ୍ରମଣ

ବ୍ରହ୍ମପୁର,୨୦।୯(ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୁଲି ପୋଖରୀକୁ ଶୌଚ ହେବାକୁ ଯାଇଥିବା ଜଣେ ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ସଂଘବଦ୍ଧ ଆକ୍ରମଣ କରିଛନ୍ତି । ଏ ନେଇ ଥାନାରେ ଏକ ମାମଲା ରୁଜୁ ହେବା ସହ ପୋଲିସ ତଦନ୍ତ କରୁଛି । ଆଙ୍କୁଲିର ବିକ୍ରମ ନାୟକ ଶନିବାର ସକାଳେ ନିକଟସ୍ଥ ପୋଖରୀକୁ ଶୌଚ ହେବାକୁ ଯାଇଥିଲେ । ଏହି ସମୟରେ ଆଙ୍କୁଲି କୁମ୍ଭାରପଲ୍ଲୀର ଲିଟୁ ପାଣିଗ୍ରାହୀ ନିଜର ୭ରୁ ୮ ଜଣ ସହଯୋଗୀଙ୍କୁ ଧରି ପୋଖରୀ ନିକଟରେ ପହଞ୍ଚି ବିକ୍ରମଙ୍କୁ ଗାଳିଗୁଲଜ କରିବା ସହ ଜାତିଆଣ କଟୁ ମନ୍ତବ୍ୟ ଦେଇଥିଲେ । ଏହି ପୋଖରୀରେ କାହିଁକି ତୁ ଗାଧାଉଛୁ ବୋଲି ସେମାନେ ପ୍ରଶ୍ନ କରିଥିଲେ । ଏ ନେଇ ବିକ୍ରମ ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଆକ୍ରମଣ କରିଥିଲେ । ଆହତ ବିକ୍ରମ ଚିକିତ୍ସା ପାଇଁ ଏମକେସିଜିକୁ ଯାଇ ଚିକିତ୍ସିତ ହୋଇଥିଲେ । ଏହାପରେ ସେ ଥାନାରେ ଅଭିଯୋଗ କରିଥିଲେ।

### ସିଦ୍ଧ ବିନାୟକ ମନ୍ଦିର କମିଟିର ନୂତନ କର୍ମକର୍ତ୍ତା

ବ୍ରହ୍ମପୁର,୨୦।୯(ସ୍ମୃତି ରଞ୍ଜନ ମହାଲିକ)

ଲାଞ୍ଜିପଲୀ ସିଦ୍ଧ ବିନାୟକ ମନ୍ଦିର ମୁଖ୍ୟ ପରିଚାଳନା କମିଟି ପକ୍ଷରୁ ଶନିବାର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । ଏ ନେଇ ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । କମିଟି ପ୍ରତିଷ୍ଠାତା କେ.ଭେଙ୍କଟେଶ୍ୱରୀଙ୍କ ତତ୍ତ୍ୱାବଧାନରେ ନୂତନ କମିଟି ଗଠିତ ହୋଇଥିଲା । ଏଥିରେ ନୂତନ ସଭାପତି ରୂପେ କେ ଭେଙ୍କେଟେଶ୍ୱରୀ, ଉପସଭାପତି ପି ଗଣେଶ ରେଡି, ସଂପାଦକ ଏନ ଉମା ଶଙ୍କର, କୋଷାଧ୍ୟକ୍ଷ ହେମନ୍ତ କୁମାର ସିଂ, ଟ୍ରଷ୍ଟି କୋଷାଧ୍ୟକ୍ଷ ଅଲେଖ ଚନ୍ଦ୍ର ପାଣିଗ୍ରାହୀ ମନୋନୀତ ହୋଇଛନ୍ତି । ସେହିପରି ଟ୍ରଷ୍ଟିର ସଦସ୍ଯ ରୂପେ ଏନ କେଦାରୀ ରେଡି, ପି ଜଗନ୍ନାଥ ରେଡି ମନୋନୀତ ହୋଇଛନ୍ତି ।

### ନାଟ୍ୟ ନିର୍ଦ୍ଦେଶକଙ୍କ ବିୟୋଗରେ ଶୋକ

ବ୍ରହ୍ମପୁର,୨୦।୯(ସ୍ମୃତି ରଞ୍ଜନ ମହାଲିକ)

ନାଟ୍ୟ ନିର୍ଦ୍ଦେଶକ ପଙ୍କଜ ବାରିକଙ୍କ ବିୟୋଗରେ ଜିଲା ନାଟ୍ୟ ନିର୍ଦ୍ଦେଶକ ସଂଘ ଶୋକ ପ୍ରକାଶ କରିଛି । ସ୍ୱର୍ଗତ ପଙ୍କଜ ବାରିକ ପେଶାରେ ଜଣେ ଆଇନଜୀବୀ ହୋଇଥିଲେ ମଧ୍ୟ ସେ ଜଣେ ପ୍ରତିଷ୍ଠିତ ମଂଚ ନାଟ୍ୟ ନିର୍ଦ୍ଦେଶକ ଥିଲେ । ତାଙ୍କର ଶାନ୍ତ, ଅମାୟିକ ଓ ମେଳାପୀ ଥିଲେ । ସଂଘର ସଭାପତି ରାଜ ଗୋପାଳ ପାଢ଼ି ଓ କୋଷାଧ୍ୟକ୍ଷ ଗୌତମ ବାଡତ୍ୟା ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଏଥିସହ ତାଙ୍କ ବିୟୋଗରେ ରାଜ୍ୟ ସଂଘର ସଭାପତି ହରି ସାମନ୍ତ, ସଂପାଦକ ଅକ୍ଷୟ ରଣା, ଜିଲା ସଂପାଦକ ଭାସ୍କର ସେନାପତି, ରମେଶ ମହାରଣା, ମଦନ ମିଶ୍ର, ତିରୁପତି ସାହୁ ଓ କୃଷ୍ଣ ଚନ୍ଦ୍ର ପଣ୍ଡାଙ୍କ ସମେତ ଜିଲା ସଂଘର ସମସ୍ତ ସଦସ୍ୟ ଶୋକ ପ୍ରକାଶ କରିଛନ୍ତି ।

# ସମୁଦ୍ର ତଟକୁ ସ୍ୱଚ୍ଛ ରଖିବା ସମସ୍ତଙ୍କ ଦାୟିତ୍ୱ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ବ୍ରହ୍ମପୁର,୨୦।୯(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମର ଗୋପାଳପୁର ସମୁଦ୍ର ବେଳାଭୂମିରେ ଅନ୍ତର୍ଜାତୀୟ ଉପକୂଳ ସଫେଇ ଦିବସ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ବ୍ରହ୍ମପୁର, ଚେନ୍ନାଇର ଜାତୀୟ ଉପକୂଳ ଗବେଷଣା କେନ୍ଦ୍ର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ବିଭାଗ ଏବଂ ଜାତୀୟ ସେବା ଯୋଜନା ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ହୋଇଥିଲା । କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପରିବେଶ ଏବଂ ସାମୁଦ୍ରିକ ବିଜ୍ଞାନ ବିଭାଗର ଛାତ୍ର ଏବଂ ଅଧ୍ୟାପକ, ଏନଏସଏସ ସ୍ୱେଚ୍ଛାସେବୀ, ସ୍କୁଲ ଏବଂ କଲେଜ ଛାତ୍ର, ସ୍ଥାନୀୟ ଜନସାଧାରଣ, ହୋଟେଲ ସଂଘର ସଦସ୍ୟ ଓ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ । ଏହି ଅବସରରେ ଏକ ସଚେତନତା ରାଲି ହୋଇଥିଲା । ସାମୁଦ୍ରିକ ପରିସଂସ୍ଥାନକୁ ସୁରକ୍ଷା ଦେବା ଆବଶ୍ୟକତା ବିଷୟରେ ସଚେତନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ସଭାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ଗଂଜାମର ଏଡିଏମ (ଜେନେରାଲ) ଡକ୍ଟର ପ୍ରମୋଦ କୁମାର ପୃଷ୍ଟି, ରାଜସ୍ଥାନର ଆଜମେରର ଏମଡିଏସ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କେ.କେ. ଶର୍ମା, ଏସପିସିବି ବ୍ରହ୍ମପୁରର ଆଞ୍ଚଳିକ ଅଧିକାରୀ ଇଂ.ଦୀପକ କୁମାର ସାହୁ, ପରିବେଶ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ବି. ଅଞ୍ଜନ କୁମାର ପୃଷ୍ଟି, ଗୋପାଳପୁର ଏନଏସସିର କାର୍ଯ୍ୟନିର୍ବାହୀ ଅଧିକାରୀ, ଭଞ୍ଜବିହାର ଏନଏସଏସ ସଂଯୋଜକ ପ୍ରଫେସର ଜୟନ୍ତ କୁମାର ପଣ୍ଡା, ଗୋପାଳପୁର କଲେଜର ଅଧ୍ୟକ୍ଷ ରାମ ପ୍ରସାଦ ପଣ୍ଡାଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ । ସମୁଦ୍ର ତଟର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ପ୍ରତିବର୍ଷ ସେପ୍ଟେମ୍ବର ମାସର ତୃତୀୟ ଶନିବାର ପାଳିତ ହେଉଛି । ସମୁଦ୍ର ତଟ ଓ ଜଳାଶୟଗୁଡିକୁ ପରିଷ୍କାର ରଖିବା, ପରିବେଶ ସୁରକ୍ଷା ଓ ସାମୁଦ୍ରିକ ଜୀବଜନ୍ତୁଙ୍କ ସଂରକ୍ଷଣ ପାଇଁ ସଚେତନତା ସୃଷ୍ଟି କରିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତଟରକ୍ଷ ଦିବସର ମହତ୍ତ୍ୱ ସମୁଦ୍ର ତଟଗୁଡିକ କେବଳ ପର୍ଯ୍ୟଟନ ଓ ସୌନ୍ଦର୍ଯ୍ୟର କେନ୍ଦ୍ର ସହିତ ଏହା ସାମୁଦ୍ରିକ ଜୀବବୈଚିତ୍ର୍ୟର ଏକ ଅମୂଲ୍ୟ ଖଜଣା । ପ୍ଲାଷ୍ଟିକ ପ୍ରଦୂଷଣ, ଶିଳ୍ପ ବର୍ଜ୍ୟବସ୍ତୁ ଓ ଅନ୍ୟାନ୍ୟ ଅପରିଷ୍କାର ପଦାର୍ଥ ଯୋଗୁଁ ଆମର ସମୁଦ୍ର ତଟ ଓ ଜଳାଶୟ ପ୍ରଦୂଷିତ ହେଉଛି । ଏହା ସାମୁଦ୍ରିକ ଜୀବଜନ୍ତୁଙ୍କ ପାଇଁ ମାରାତ୍ମକ ବିପଦ ସୃଷ୍ଟି କରୁଛି ଏବଂ ପରିବେଶର ସନ୍ତୁଳନକୁ ନଷ୍ଟ କରୁଛି । ତଟରକ୍ଷ ଦିବସ ଏହି ସମସ୍ୟା ପ୍ରତି ସାରା ବିଶ୍ୱରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି । ଗଞ୍ଜାମରେ ପ୍ରାୟ ୬୦ କିମି ସମୁଦ୍ର ଉପକୂଳ ରହିଛି । କିନ୍ତୁ ସୁନାପୁର, ଗୋପାଳପୁର, ଗୋଖରକୁଦା, ରମ୍ଭା ଆଦି ସ୍ଥାନକୁ ପର୍ଯ୍ୟଟକମାନେ ବୁଲିବାକୁ ଆସନ୍ତି । ଏଥି ସହିତ ଅନ୍ୟାନ୍ୟ ଅଞ୍ଚଳରୁ ଭାସି ଆସୁଥିବା ଆବର୍ଜନା କୂଳରେ ଲାଗୁଛି । ଗୋଖରକୁଦା ଉପକୂଳକୁ ସାମୁଦ୍ରିକ ବିରଳ କଇଁଛ ଓଲିଭ ରିଡଲେମାନେ ଅଣ୍ଡା ଦେବାକୁ ଆସୁଛନ୍ତି । ସାମୁଦ୍ରିକ ଜୀବଜନ୍ତୁଙ୍କ ପାଇଁ ଏହା ବିପଦ ସୃଷ୍ଟି କରୁଛି । ତେଣୁ ବିଭିନ୍ନ ସଂସ୍ଥା ପକ୍ଷରୁ ମିଳିତ ଭାବେ ଏହି ପଦକ୍ଷେପ ନିଆଯାଇଛି ବୋଲି ଅତିଥିମାନେ କହିଥିଲେ । ୧୫ କଲେଜର ୧୨୦ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ । ସମୁଦ୍ର ବେଳାଭୂମିକୁ ସ୍ୱଚ୍ଛ ରଖିବା ସମସ୍ତଙ୍କ ଦାୟିତ୍ୱ । ତେଣୁ ଏଥିପ୍ରତି ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ପ୍ରାୟ ୧ କିମି ବେଳାଭୂମି ସଫେଇ ହୋଇଥିଲା । ୨୫୮.୦୩ କିଲୋ ଅଳିଆ ସଂଗ୍ରହ ହୋଇଥିଲା । ସଂଗୃହୀତ ବର୍ଜ୍ୟବସ୍ତୁକୁ ପୁନରୁଦ୍ଧାର କେନ୍ଦ୍ରରେ ପ୍ରକ୍ରିୟାକରଣ କରିବାକୁ ଗୋପାଳପୁର ଏନଏସିକୁ ହସ୍ତାନ୍ତର କରାଯାଇଥିଲା ।

## ଚାକିରି କରାଇଦେବା କହି ଯୁବକଙ୍କ ୧୦ ଲକ୍ଷ ନେଇଗଲେ

ବ୍ରହ୍ମପୁର,୨୦।୯(ସୁବାସ ଚନ୍ଦ୍ର ପାଢ଼ୀ)

ସରକାରୀ ଚାକିରି କରାଇଦେବା ନାଁରେ ଜଣେ ବ୍ୟକ୍ତିଙ୍କ ଠାରୁ ୧୦ ଲକ୍ଷ ଟଙ୍କା ଠକେଇ ହୋଇଛି । ଏ ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ପରେ ପୋଲିସ ନଂ.୪୭୯/୨୫ ରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି । ଘଟଣାରୁ ପ୍ରକାଶ ଯେ, ଆଙ୍କୁଲି ଗଙ୍ଗାନଗର ୩ୟ ଲାଇନର ପ୍ରଫୁଲ୍ଲ ଚୌଧୁରୀଙ୍କ ପୁଅ ପାଠପଢ଼ା ଶେଷ ପରେ ଚାକିରି ସନ୍ଧାନରେ ରହିଥିଲେ । ଆଜକୁ ବର୍ଷେ ତଳେ ଚିକିଟି ଓଲପୁର ଗ୍ରାମର ନୀଳମାଧବ ବେହେରାଙ୍କ ସହ ପ୍ରଫୁଲ୍ଲଙ୍କ ପରିଚୟ ହୋଇଥିଲା । ପ୍ରଫୁଲ୍ଲଙ୍କ ପୁଅ ପାଇଁ ସରକାରୀ ଚାକିରି କରାଇଦେବେ ବୋଲି ନୀଳମାଧବ ପ୍ରତିଶ୍ରୁତି ଦେଇଥିଲେ । ସେହିକ୍ରମରେ ପ୍ରଫୁଲ୍ଲ ତାଙ୍କୁ ୧୦ ଲକ୍ଷ ଟଙ୍କା ଦେଇଥିଲେ । ଟଙ୍କା ନେବା ପରେ ନୀଳମାଧବ ଚାକିରି ସମ୍ପର୍କିତ କିଛି କାଗଜପତ୍ର ପ୍ରଫୁଲ୍ଲଙ୍କୁ ଦେଇଥିଲେ । ହେଲେ ଟଙ୍କା ନେବାର ଅନେକ ମାସ ପରେ ପ୍ରଫୁଲ୍ଲଙ୍କ ପୁଅଙ୍କୁ ଚାକିରି ମିଳିନଥିଲା । ଏ ନେଇ ପ୍ରଫୁଲ୍ଲ ପ୍ରଶ୍ନ କରିବା ପରେ ନୀଳମାଧବ କୌଣସି ସନ୍ତୋଷଜନକ ଉତ୍ତର ଦେଇନଥିଲେ । ସେହିପରି ପ୍ରଫୁଲ୍ଲ କିମ୍ବା ତାଙ୍କ ପରିବାର ଲୋକଙ୍କ ଫୋନ ଗ୍ରହଣ କରିନଥିଲେ । ଠକେଇର ଶିକାର ହୋଇଥିବା ଜାଣିବା ପରେ ପ୍ରଫୁଲ୍ଲ ବିଭିନ୍ନ ଜାଗାରେ ନୀଳମାଧବଙ୍କୁ ଖୋଜାଖୋଜି କରିଥିଲେ । ହେଲେ ସେ ଠିକଣା ବଦଳାଇ ଦେଇଥିବାରୁ ତାଙ୍କ ପତ୍ତା ମିଳିନଥିଲା । ଏପରିକି ଫୋନ କରି ଟଙ୍କା ମାଗିବାରୁ ନୀଳମାଧବ ଓ ତାଙ୍କ ସହଯୋଗୀମାନେ ପ୍ରଫୁଲ୍ଲଙ୍କୁ ଧମକ ଦେଇଥିଲେ । ଥାନାରେ ଅଭିଯୋଗ କଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ । ଶେଷରେ ଅନ୍ୟ ଉପାୟ ନପାଇ ସେ ଉକ୍ତ ଥାନାରେ ଅଭିଯୋଗ କରିଥିଲେ ।

## ଗଞ୍ଜାମର ପ୍ରବାସୀ ଶ୍ରମିକଙ୍କ ସମସ୍ୟା ସମାଧାନ ପାଇଁ ପାଇଲଟ ପ୍ରକଳ୍ପ

ଛତ୍ରପୁର, ୨୦।୯(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ରାଜ୍ୟରେ ଗଞ୍ଜାମ ଜିଲ୍ଲାରୁ ସର୍ବାଧିକ ଲୋକ ନିଜର ଓ ନିଜ ପରିବାର ଚଳାଇବାକୁ ଦାଦନ ଖଟିବାକୁ ଗାଁ ଛାଡିବାକୁ ବାଧ୍ୟ ହୋଇଛନ୍ତି । ଦିନକୁ ଦିନ ଏହି ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଏପରିକି ସେମାନେ ବାହାରେ ନିର୍ଯାତନାର ଶିକାର ହେଉଛନ୍ତି । କେହି କେହି ମୃତ୍ୟୁବରଣ କରୁଛନ୍ତି । ଅର୍ଥ ରୋଜଗାର ଆଶା ନେଇ ବାହାର ରାଜ୍ୟକୁ ଯାଇଥିବା କେତେ ଜଣ ଶ୍ରମିକଙ୍କ ମୃତଦେହ ଗାଁକୁ ଫେରୁଛି । ପ୍ରବାସୀ ଶ୍ରମିକ ଓ ସେମାନଙ୍କ ପରିବାରର ସମସ୍ୟା ସମାଧାନ କରିବା ସହ ନିଜ ଅଞ୍ଚଳରେ ସେମାନଙ୍କୁ କାମ ଯୋଗାଇଦେବା ପାଇଁ ରାଜ୍ୟ ସରକାର ପ୍ରୟାସ ଆରମ୍ଭ କରିଛନ୍ତି । ଏଥିଲାଗି ପ୍ରଥମ ପର୍ଯ୍ୟାୟରେ ଗଞ୍ଜାମ ଜିଲ୍ଲାର ୩ଟି ବ୍ଲକ ଓ କେନ୍ଦ୍ରାପଡ଼ା ଜିଲ୍ଲାର ୨ଟି ବ୍ଲକରେ ଏକ ପାଇଲଟ ପ୍ରକଳ୍ପ ଆରମ୍ଭ ହୋଇଛି । ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତି ଭାସନଙ୍କ ଦ୍ୱାରା ମୋବାଇଲ ମାଇଗ୍ରେଶନ ରିସୋର୍ସ ସେଣ୍ଟରର ଶୁଭାରମ୍ଭ କରିଛନ୍ତି । ଏହି ସେଣ୍ଟର ପ୍ରବାସୀ, ପୁନଃପ୍ରବାସୀ ଓ ତାଙ୍କ ପରିବାରଙ୍କୁ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସଚେତନ କରିବା ସହିତ ସଚେତନତା ବାର୍ତ୍ତା ପ୍ରଚାର ପ୍ରସାର କରିବ । ପ୍ରଥମ ପର୍ଯ୍ୟାୟରେ ଗଞ୍ଜାମ, ଖଲ୍ଲିକୋଟ ଓ ଚିକିଟି ବ୍ଲକରେ ପାଇଲଟ ଭିତ୍ତିରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ପ୍ରକଳ୍ପ ଆନ୍ତର୍ଜାତୀୟ ପ୍ରବାସନ ସଙ୍ଗଠନ ଓ ଖାଦ୍ୟ ଓ କୃଷି ସଙ୍ଗଠନର ସହଯୋଗରେ ଚାଲିଛି ।

ସୂଚନାଯୋଗ୍ୟ ଗଞ୍ଜାମ ଜିଲ୍ଲାରେ କାମ ମିଳିବାରେ ଅଭାବ, ଚାଷ କାର୍ଯ୍ୟ ପାଇଁ ପାଣି, ଋଣ ଆଦିର ଅଭାବ, ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ଘଟି ଫସଲ ନଷ୍ଟ, ବୀମା ବାବଦରେ କ୍ଷତିପୂରଣ ନ ମିଳିବା କାରଣରୁ ଲୋକେ ଅନ୍ୟ ରାଜ୍ୟ କିମ୍ବା ଦେଶକୁ ପଳାୟନ କରୁଛନ୍ତି । ଗୁଜୁରାଟର ସୁରଟରେ ଗଞ୍ଜାମର ଲକ୍ଷାଧିକ ଲୋକ ପରିବାର ସହ ରହି ଆସୁଛନ୍ତି । ଏଥିସହ ହାଇଦ୍ରାବାଦ, କୋଲକତା, ମାଡ୍ରାସ ଆଦି ରାଜ୍ୟରେ ଗଞ୍ଜାମର ଲୋକେ ଦାଦନ ଖଟୁଛନ୍ତି । ଗଞ୍ଜାମର ସମୁଦ୍ର ଉପକୂଳରେ ରହୁଥିବା ମତ୍ସ୍ୟଜୀବୀମାନେ ମାଛ ଧରିବାରେ ବିଭିନ୍ନ ଅସୁବିଧା ହେତୁ ଗାଁ ଛାଡି ଗୋଆ, ବମ୍ବେ, ମାଡ୍ରାସର ଫିସିଂ ହରବରରେ କାମ କରୁଛନ୍ତି । ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଖାଦ୍ୟ ଓ କୃଷି ସଂଗଠନ ଓ ଅନ୍ତର୍ଜାତୀୟ ସଂଗଠନର ମିଳିତ ନିତ ସହଯୋଗ ଓ ଜାତିସଂଘ ପ୍ରବାସୀ ମଳି ମଲ୍ଟି-ପାର୍ଟନର ପ୍ରବାସ ସଙ୍ଗଠନ ଟ୍ରଷ୍ଟଫଣ୍ଡର ସମର୍ଥନରେ ପ୍ରଥମ ଭ୍ରାମ୍ୟମାଣ ପ୍ରବାସୀ ସାଧନ କେନ୍ଦ୍ର ଅଗଷ୍ଟ ୪ରେ ଆରମ୍ଭ ହୋଇଥିଲା । ଏହି କେନ୍ଦ୍ର ନିଜ ଅଞ୍ଚଳରେ ରୋଜଗାର ଯୋଗାଇ ସେମାନଙ୍କୁ ସ୍ୱାବଲମ୍ବୀ କରିବାକୁ ପ୍ରୟାସ ଆରମ୍ଭ କରିଛି । ଏଥିପାଇଁ ସରକାରଙ୍କ ଦ୍ୱାରା ନିଃଶୁଳ୍କ ପ୍ରବାସୀ ହେଲ୍ପଲାଇନ - ୧୮୦୦-୩୪୫-୭୮୮୫ ଜାରି କରାଯାଇଛି ।

## ଏମକେସିଜିର ସଫେଇ ସୁପରଭାଇଜରଙ୍କୁ ବ୍ଲେଡରେ ଆକ୍ରମଣ

ବ୍ରହ୍ମପୁର,୨୦।୯ (ସୁବାସ ଚନ୍ଦ୍ର ପାଢ଼ୀ)

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମକେସିଜି) ମେଡିକାଲରେ ଆଉଟସୋର୍ସିଂ ସଂସ୍ଥା ଅଧୀନରେ କାର୍ଯ୍ୟ କରୁଥିବା ଜଣେ ସଫେଇ ସୁପରଭାଇଜରଙ୍କୁ ଧାରୁଆ ବ୍ଲେଡରେ ଆକ୍ରମଣ ହୋଇଛି । ସେହି ସଂସ୍ଥାର ଅନ୍ୟ ଜଣେ ସୁପରଭାଇଜର ହିଁ ଏହି ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଆକ୍ରମଣର ଶିକାର ହୋଇଥିବା ସଫେଇ ସୁପରଭାଇଜର ଜଣଙ୍କ ହେଲେ ପୋଲସରା ନିକଟ କଳମ୍ବର ବିଛେଦ କୁମାର ନାୟକ । ଏ ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ପରେ ପୋଲିସ ନଂ.୪୮୦/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ବିଛେଦ ଆଜକୁ 7 ବର୍ଷ ହେବ ଏମକେସିଜିରେ ସଫେଇ ସୁପରଭାଇଜର ଭାବେ କାମ କରୁଛନ୍ତି । ଶୁକ୍ରବାର ରାତ୍ରରେ ଡ୍ୟୁଟି ସରିବା ପରେ ସେ ପୁରୁଣାଇନଡୋର କୋଠାର ଏକ ରୁମକୁ ଦସ୍ତଖତ କରିବାକୁ ଯାଉଥିଲେ । ସେହି ଆଉଟସୋର୍ସିଂ ସଂସ୍ଥାର ଅନ୍ୟତମ ସୁପରଭାଇଜର ଶଙ୍କର ସାମନ୍ତରାୟ ତାଙ୍କ ପଛପଟୁ ଆସି ଏକ ବ୍ଲେଡରେ ଆକ୍ରମଣ କରିଥିଲେ । ଆକ୍ରମଣର ଶିକାର ହେବା ପରେ ବିଛେଦ ଦୌଡି ଯାଇ କୋଠରୀ ଭିତରେ କବାଟ ବନ୍ଦ କରି ରହି ଯାଇଥିଲେ । କିଛି ସମୟପରେ ଅନ୍ୟ ସଫେଇ କର୍ମଚାରୀ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରିବା ସହ ଚିକିତ୍ସା ପାଇଁ ନେଇଥିଲେ । ତେବେ ଶଙ୍କର ମଦ୍ୟପାନ କରି ଏଭଳି କରିଥିବା ବିଛେଦ ନିଜ ଅଭିଯୋଗରେ ଦର୍ଶାଇଛନ୍ତି ।

## ୪ର୍ଥ ବିଶେଷଜ୍ଞ ସେବା ସ୍ୱାସ୍ଥ୍ୟ ଯାଞ୍ଚର ଶୁଭାରମ୍ଭ



କାର୍ଯ୍ୟକ୍ରମରେ ଉପସ୍ଥିତ ମେୟର ଓ ଅନ୍ୟମାନେ ।

ବ୍ରହ୍ମପୁର,୨୦।୯(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଇଏମସି) ପକ୍ଷରୁ ଶନିବାର ଗୁଡସ ରୋଡ ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ନଗର ସ୍ତରୀୟ ସୁସ୍ଥ ନାରୀ ସଶକ୍ତ ଅଭିଯାନ ଅନ୍ତର୍ଗତ ୪ର୍ଥ ବିଶେଷଜ୍ଞ ସ୍ୱାସ୍ଥ୍ୟ ସେବା ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଇଏମସି ମେୟର ସଂଘମିତ୍ରା ଦଳେଇ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିଲେ । ଅନ୍ୟତମ ଅତିଥି ରୂପେ କର୍ପୋରେଟର ନୀଳକଣ୍ଠ ସାହୁ, ପାର୍ବତୀ ପ୍ରଧାନ, ମମତା କୁମାରୀ ପାତ୍ର, ଅତିରିକ୍ତ ସହରାଂଚଳ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ଶରତ କୁମାର ସାମଲ ଓ ସିଟି ପ୍ରୋଗ୍ରାମ ମ୍ୟାନେଜର ଲମ୍ବୋଦର ଦିଗାଲ ପ୍ରମୁଖ ଯୋଗ ଦେଇଥିଲେ । ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା କାର୍ଯ୍ୟକ୍ରମରେ ମହିଳାମାନେ ଅଧିକ ମାତ୍ରାରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ମେୟର କହିଥିଲେ । ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ ବିଶେଷଜ୍ଞ ଚିକିତ୍ସା ଅଧିକାରୀ, ପିଏଚଏମ, ସିପିଏମୟୁ ଓ ଚିକିତ୍ସା କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ ।

## ଶେରଗଡ଼ ବ୍ଲକରେ ୧୮ କି.ମି. ୩୩ କେଭି ଲାଇନ କାର୍ଯ୍ୟକ୍ଷମ

ବ୍ରହ୍ମପୁର,୨୦।୯(ସ୍ମୃତି ରଞ୍ଜନ ମହାଲିକ)

ଟିପିଏସଓଡିଏଲ ପକ୍ଷରୁ ହିଞ୍ଜିଳି ଗ୍ରୀଡ ସବଷ୍ଟେସନରୁ ଶେରଗଡ ପ୍ରାଇମେରୀ ସବଷ୍ଟେସନ ପର୍ଯ୍ୟନ୍ତ ଏକ ନୂତନ ୩୩ କେଭି ଲାଇନ କାର୍ଯ୍ୟକ୍ଷମ ହୋଇଛି । ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ ଯୋଜାନ ଅଧିନରେ ୬ କୋଟି ଟଙ୍କା ମୂଲ୍ୟ ବିନିମୟରେ ଏହାକୁ କାର୍ଯ୍ୟକ୍ଷମ କରାଯାଇଥିବା ବେଳେ ଏହି ନୂତନ ଭିତ୍ତିଭୂମି ପାଖାପାଖି ୪୦ ହଜାର ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଜୁଳି ସେବା ଯୋଗାଇବ । ଶେରଗଡ଼ ବ୍ଲକର ୨୨ ପଞ୍ଚାୟତର ଅଧିବାସୀମାନେ ଏହା ଦ୍ୱାରା ଉପକୃତ ହେବେ । ଏହି ନୂଆ ଲାଇନ ୧୮ କିମି ଲମ୍ବା ହୋଇଥିବା ବେଳେ ଆଡ଼ପଡ଼ା, ଶେରଗଡ଼, କରଡାକଣା ଓ ପଳାଶପୁର ଅଞ୍ଚଳର ଉପଭୋକ୍ତାଙ୍କ ନିମନ୍ତେ ଉଦ୍ଦିଷ୍ଟ ରହିଛି । ବର୍ତ୍ତମାନ ପର୍ଯ୍ୟନ୍ତ ଶେରଗଡ଼ ଗୋଟିଏ ଫିଡର ଉପରେ ନିର୍ଭରଶୀଳ ରହିଆସୁଥିଲା । ତେଣୁ ଲାଇନରେ କୌଣସି ଯାନ୍ତ୍ରିକ ତ୍ରୁଟି କିମ୍ବା ବିଜୁଳି ମରାମତିଜନିକ କାର୍ଯ୍ୟ ହେଲେ, ହଜାର ହଜାର ଉପଭୋକ୍ତାଙ୍କୁ ଏହା ଦ୍ୱାରା ପ୍ରଭାବିତ ହେବାକୁ ପଡୁଥିଲା । ତେଣୁ ହିଞ୍ଜିଳି ଗ୍ରୀଡ ସବଷ୍ଟେସନରୁ ଏକ ନୂଆ ଲାଇନ ଶେରଗଡ଼ ପ୍ରାଇମେରୀ ସବଷ୍ଟେସନକୁ ଅଣଯାଇଛି । ଯାହାଫଳରେ ଉପଭୋକ୍ତାଙ୍କୁ ବିଜୁଳି ଯୋଗାଇବା ନିମନ୍ତେ କମ୍ପାନୀ ପାଖରେ ଏକ ବିକଳ୍ପ ମାର୍ଗ ରହିଛି । ଗ୍ରାହକମାନେ ବର୍ତ୍ତମାନ ଉଚ୍ଚ ଭୋଲଟେଜର ବିଜୁଳି ପାଇବେ । ଜଳସେଚନ ପମ୍ପ ବ୍ୟବହାର ମଧ୍ୟ ସହଜରେ ହୋଇପାରିବ । ଦୋକାନୀ ଓ କ୍ଷୁଦ୍ର ଉଦ୍ୟୋଗମାନେ ବିନା ବାଧାରେ ନିଜ ବ୍ୟବସାୟ ଚଳାଇପାରିବେ । ଶେରଗଡ଼ ଅଞ୍ଚଳର ସାମଗ୍ରିକ ପ୍ରଗତି କ୍ଷେତ୍ରରେ ଏହି ନୂଆ ବିଜୁଳି ଲାଇନ ବିଶେଷ ଭାବେ ସହାୟକ ହେବ । ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ଏହି ପ୍ରକଳ୍ପ ଗ୍ରାମୀଣ ବିଜୁଳି ଭିତ୍ତିଭୂମିକୁ ଅଧିକ ସଶକ୍ତ କରିବା କ୍ଷେତ୍ରରେ କମ୍ପାନୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।

## ଅଙ୍କୁଶପୁର ଆୟୁର୍ବେଦିକ କଲେଜରେ ବିଭିନ୍ନ କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ବ୍ରହ୍ମପୁର,୨୦।୯(ସୁବାସ ଚନ୍ଦ୍ର ପାଢ଼ୀ)

କୁକୁଡାଖଣ୍ଡି ବ୍ଲକ ଅଙ୍କୁଶପୁର ଆୟୁର୍ବେଦିକ କଲେଜ ଓ ହସପିଟାଲରେ ସପ୍ତାହ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି ଅବସରରେ ସ୍ୱାସ୍ଥ୍ୟ ସଚେତନତା ବ୍ୟାଖ୍ୟାନ, ଜନ ଆନ୍ଦୋଳନ, ଜନ ଭାଗିଦାରୀ, କୁଇଜ ପ୍ରତିଯୋଗିତା, ବିଶାଳ ସ୍ୱର୍ଣ୍ଣପ୍ରାଶନ ଶିବିର ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ‘ମା ପାଇଁ ଗଛ ଟିଏ’ ବିଷୟକ କାର୍ଯ୍ୟକ୍ରମ ହୋଇଥିଲା । ଡ଼ା. ଶିବ ପ୍ରସାଦ ରାଉତ, ଡ଼ା. ନିରୋଜ କୁମାର ମିର୍ଧା, ଡ଼ା. ଜିତେନ୍ଦ୍ର କୁମାର ଆଚାର୍ଯ୍ୟ, ଡ଼ା.ସ୍ୱପ୍ନାରାଣୀ ଦୋରା ଓ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟଙ୍କ ସହଭାଗୀତା ଥିଲା । କଲେଜ ଇର୍ଣ୍ଣର୍ନ ଛାତ୍ରୀଛାତ୍ରୀ ଏଥିରେ ଭାଗ ନେଇଥିଲେ । ସତ୍ୟ ସାଇ ସେବା ସଂଗଠନ, ବ୍ରହ୍ମପୁର ଦ୍ୱାରା ସିପିଆର ପ୍ରଶିକ୍ଷଣ କାର୍ଯ୍ୟକ୍ରମ କଲେଜ ପ୍ରାଙ୍ଗଣରେ ହୋଇଥିଲା । କଲେଜ ଅଧ୍ୟକ୍ଷ ପ୍ରଫେସର ଡ଼ା. ଅରୁଣ କୁମାର ଦାସଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ହୋଇଥିଲା । ଆଗାମୀ ୨୩ ତାରିଖ କଲେଜ ପ୍ରାଙ୍ଗଣରେ ମେଗା ସ୍ୱାସ୍ଥ୍ୟ ଶିବିର ହେବ । ଏହାର ସୁଯୋଗ ନେବାକୁ କଲେଜ ପକ୍ଷରୁ କୁହାଯାଇଛି ।

# ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୀକ୍ଷାକଲେ ଡିଜି

### ମାଓବାଦୀ ଗୁଳିରେ ଆଇସିୟୁରେ ଚିକିତ୍ସାଧୀନ ଥିବା ଯବାନଙ୍କୁ ଭେଟିଲେ

ବ୍ରହ୍ମପୁର, ୨୦।୯ (ସୁବାସ ଚନ୍ଦ୍ର ପାଢ଼ୀ)- ଆସନ୍ତା ୨୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ରହ୍ମପୁର ଗସ୍ତରେ ଆସୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ଶନିବାର ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜି) ୱାଇ.ବି. ଖୁରାନିଆ ବ୍ରହ୍ମପୁର ଗସ୍ତକରି ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ସମୀକ୍ଷା କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ସୁରକ୍ଷାରେ ଯେପରି କିଛି ତ୍ରୁଟି ନ ହୁଏ ସେଥିପ୍ରତି ଆଲୋଚନା ବେଳେ ଗୁରୁତ୍ୱାରୋପ କରାଯାଇଛି । ଏହି ସମୟରେ କେତେ ପ୍ଲାଟୁନ ପୋଲିସ ନିୟୋଜନ ହେବେ, ଜନସାଧାରଣଙ୍କ ଯାତାୟାତ ଓ ଗାଡିମୋଟରରେ ଯାତ୍ରୀଙ୍କ ଯାତାୟାତ ଯେପରି ପ୍ରଭାବିତ ନ ହେବ ସେଥିପ୍ରତି ଦୃଷ୍ଟି ରଖିବାକୁ ଡିଜି ଆଲୋଚନା ବେଳେ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ଗଞ୍ଜାମ ଗସ୍ତରେ ଆସି ରଙ୍ଗେଇଲୁଣ୍ଡା ବିମାନ ବନ୍ଦରରେ ଏକ ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଥିବାରୁ ଡିଜି ରଙ୍ଗେଇଲୁଣ୍ଡା ଗସ୍ତ କରି ସଭାସ୍ଥଳି, ସୁରକ୍ଷା, ଟ୍ରାଫିକ ସ୍ଥିତି ସମୀକ୍ଷା କରିଛନ୍ତି । ସଭା କାର୍ଯ୍ୟ ପାଇଁ ଆୟୋଜନ କିପରି ଚାଲିଛି ଓ ବିମାନ ବନ୍ଦରର କାମ କିପରି ଚାଲିଛି ସବିଶେଷ ପଚାରି ବୁଝିଥିଲେ । ଏହି ସମୟରେ ଖଣି ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ପୋଲିସ ଏଡିଜି ସଞ୍ଜୟ କୁମାର, ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର, ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ୍, ଜିଲାପାଳ ଭି. କିର୍ତ୍ତିଭାସନ, ବିଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଉପସ୍ଥିତ ଥିଲେ । ରଙ୍ଗେଇଲୁଣ୍ଡା ଗସ୍ତ ପୂର୍ବରୁ ଡିଜି ଖୁରାନିଆ ଏମ୍‌କେସିଜି ଯାଇ ମାଓବାଦୀଙ୍କ ଗୁଳିରେ ଆହତ ହୋଇ ଆଇସିୟୁରେ ଚିକିତ୍ସାଧୀନ ଥିବା ଯବାନ ପ୍ରେମ ସିଂ ମାଝୀଙ୍କୁ ଭେଟିଥିଲେ । ତାଙ୍କ ପରିବାରକୁ ଭେଟି ଆଲୋଚନା କରିବା ସହ ଯବାନଙ୍କ ଚିକିତ୍ସା କରୁଥିବା ଡାକ୍ତରୀ ଟିମ୍ ସହ ସେ ଆଲୋଚନା କରିଥିଲେ । ରାଜ୍ୟରେ ମାଓବାଦୀ ଦମନ ପାଇଁ ବିଭିନ୍ନ ସ୍ଥାନରେ ଅପରେଶନ ଜାରି ରହିଛି । ରାଜ୍ୟକୁ ମାଓବାଦୀମୁକ୍ତ କରିବାକୁ ନିଷ୍ପତ୍ତି ନିଆଯାଇଛି । ଯବାନଙ୍କ ଅବସ୍ଥା ଭଲ ଅଛି । ତାଙ୍କ ହାତରୁ ଓ ପେଟରୁ ଗୁଳି ବାହାର କରାଯାଇଛି ବୋଲି ଖୁରାନିଆ କହିଛନ୍ତି । ସୂଚନାଯୋଗ୍ୟ, ଗତ ୧୮ରେ କନ୍ଧମାଳ ଜିଲା ଦାରିଙ୍ଗବାଡି-ଗଞ୍ଜାମ ସୀମାନ୍ତ ଗେବିଙ୍ଗିଆ ଜଙ୍ଗଲରେ କୋମ୍ବିଙ୍ଗ ବେଳେ ମାଓବାଦୀଙ୍କ ଗୁଳିରେ ଏସ୍‌ଓଜି ଯବାନ ପ୍ରେମ ସିଂ ମାଝୀ ଆହତ ହୋଇଥିଲେ । ତାଙ୍କୁ ଭଞ୍ଜନଗରରେ ପ୍ରାଥମିକ ଚିକିତ୍ସା ପରେ ଏମ୍‌କେସିଜିକୁ ସ୍ଥାନାନ୍ତର କରାଯାଇଥିଲା । ଉପସ୍ଥିତ ଥିବା ମନ୍ତ୍ରୀ ଜେନା କହିଛନ୍ତି, ପ୍ରେମ ସିଂ ଦେଶ, ମାଟିର ସୁରକ୍ଷା ପାଇଁ ମାଓବାଦୀଙ୍କ ସହ ଲଢ଼େଇ ବେଳେ ଆହତ ହୋଇଛନ୍ତି । ସର୍ଜରି ବିଭାଗ ମୁଖ୍ୟ ପ୍ରଫେସରଙ୍କ ସହ ଆଲୋଚନା କରିଛି । ଭୁବନେଶ୍ୱରରୁ ବରିଷ୍ଠ ନ୍ୟୁରୋ ସର୍ଜରି ଡାକ୍ତର ଆସି ତାଙ୍କର ଚିକିତ୍ସା କରିବେ । ତାଙ୍କୁ ଭଲ କରିବା ପାଇଁ ଆବଶ୍ୟକ ପଡ଼ିଲେ ଭାରତର ଯେକୌଣସି ବଡ ହସ୍ପିଟାଲରେ ଉଚ୍ଚତର ଚିକିତ୍ସା ପାଇଁ ନେବାକୁ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ସେ କହିଛନ୍ତି । ଏନେଇ ସର୍ଜରି ବିଭାଗ ମୁଖ୍ୟ ପ୍ରଫେସର ଡା. ଶିବ ପ୍ରସାଦ ପଟ୍ଟନାୟକ କହିଛନ୍ତି, ତାଙ୍କ ଜୀବନ ବଞ୍ଚାଇବା ପାଇଁ ପ୍ରାଥମିକ ସର୍ଜରି କରାଯାଇଛି । ତାଙ୍କ ଅଣ୍ଟାଠାରୁ ଗୋଡ ପର୍ଯ୍ୟନ୍ତ ଶିରା ପ୍ରଶିରାଗୁଡିକ ଠିକ ଭାବେ କାମ କରୁନାହିଁ । ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବା ପରେ ତାଙ୍କର ଏମ୍‌ଆର୍‌ଆଇ କରାଯିବ ।



ରଙ୍ଗେଇଲୁଣ୍ଡା ଏୟାରପୋର୍ଟରେ ଡିଜି,ଜିଲାପାଳ ଓ ଅନ୍ୟମାନେ ଅନୁଧ୍ୟାନ କରୁଛନ୍ତି ।

# ଭଞ୍ଜବିହାର କ୍ରୀଡା ପାଇଁ ୬୩.୫୩ ଲକ୍ଷ ବଜେଟ

ବ୍ରହ୍ମପୁର, ୨୦।୯(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେଶନିବାର ସିନେଟ ହଲ ଠାରେ ୨୦୨୫-୨୬ ବର୍ଷ ପାଇଁ କ୍ରୀ ପରିଷଦ ପକ୍ଷରୁ ସାଧାରଣ ବାର୍ଷିକ ବୈଠକ ଅନୁଷ୍ଠିତ ହୋଉଥିଲା । ଏହି ବୈଠକରେ ଚଳିତ ବର୍ଷ ୬୩ ଲକ୍ଷ ୫୩ ହଜାର ୧୮୦ ଟଙ୍କାର ବଜେଟ ପ୍ରସ୍ତୁତ କରି ଉପସ୍ଥାପନ କରାଯାଇଛି । ମୁଖ୍ୟ ଅତିଥି ଭାବେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଯୋଗଦେଇ ବିଶ୍ୱବିଦ୍ୟାଳୟ ଏବଂ ଅଧୀନ ସମସ୍ତ କଲେଜର କ୍ରୀଡାବିତ୍ତ ମାନେ ଉତ୍ସାହିତ ହୋଇ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେବେ ସେ ନେଇ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, କୁଳସଚିବ ସଚ୍ଚିଦାନନ୍ଦ ନାୟକ,ପୂର୍ବତନ କ୍ରୀଡ଼ା ପରିଷଦର ସମ୍ପାଦକ ଡ଼. ସାରଦା ପ୍ରସାଦ ସାହୁ, ନୂତନ ଭାବେ ଦାୟିତ୍ୱ ନେଇଥି କ୍ରୀଡ଼ା ପରିଷଦର ସମ୍ପାଦକ ପ୍ରଫେସର ଧ୍ରୁବ ଚରଣ ପଣ୍ଡା ମଂଚାସୀନ ଥିଲେ । ୨୦୨୪-୨୫ ବର୍ଷରେ କ୍ରୀଡା ପରିଷଦର ବଜେଟ ୬୦ ଲକ୍ଷ ୭୦ ହଜାର ଟଙ୍କା ଥିଲା । ପୂର୍ବାଞ୍ଚଳ ମହିଳା ହେଣ୍ଡ ବଲ ପ୍ରତିଯୋଗିତା ନିମନ୍ତେ ୫ ଲକ୍ଷ ୮୩ ହଜାର ୭୪୭ ଟଙ୍କା ଅଧିକ ଖର୍ଚ୍ଚ ହୋଇଥିଲା । ଚଳିତ ବର୍ଷ ବଜେଟ ଆକାରକୁ ବୃଦ୍ଧି କରାଯାଇଛି । ୨୯ ଇଭେଣ୍ଟ ସହ ଓ ଆଇ ୟୁ ସି ୧୮ ଟି ଇଭେଣ୍ଟକୁ ନେଇ ବଜେଟ ପ୍ରସ୍ତୁତି ହୋଇଛି । ଏହି ଅବସରରେ କାର୍ଯ୍ୟକାରି ସଦସ୍ୟ ଚୟନ ହୋଇଥିଲା । କୁଳପତିଙ୍କ ପ୍ରତିନିଧି ଭାବେ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ,ସମସ୍ତ କଲେଜର ପ୍ରତିନିଧି ଭାବେ ଜିଲ୍ଲା ଆଥେଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ଜେ.କାମେଶ୍ୱର ରାଓ, ଖଲ୍ଲିକୋଟ ଆର ସି ଏମ ସାଇନ୍ସ କଲେଜର ଟି.ଶିବାନନ୍ଦ ବର୍ମା,ପୁରୁଷୋତ୍ତମପୁର ତାରା ତାରିଣୀ କଲେଜର ଶିବ ପ୍ରସାଦ ବେହେରା,ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ ଏଜୁକେସନର ସହଯୋଗୀ ପ୍ରାଧ୍ୟାପିକା ସୁନିତା ପାତ୍ରଙ୍କୁ ସର୍ବସମତି ଭାବେ ଚୟନ ହୋଇଛନ୍ତି । ବୈଠକରେ ଯୁଗ୍ମ କୁଳସଚିବ ଡ଼. ବାବୁଜୀ ସାମଲ, ସହ କୁଳସଚିବ ଡ. ସରୋଜ କୁମାର ଦାଶ,ପ୍ରଫେସର ଜୋତ୍ସ୍ନା ସାହୁ,କୋଚ ରାଜେଶ କୁମାର ମହାନ୍ତି ପି ଇ ଓ ରବି ଚରଣ ମିଶ୍ରଙ୍କ ସମେତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା କଲେଜର ପ୍ରତିନିଧି ଭାବେ ପ୍ରାୟ ୮୦ଜଣ ଯୋଗ ଦେଇଥିଲେ । ଏହି ଅବସରରେ କୁଳପତି ଗତବର୍ଷର ରହିଥିବା ପ୍ରସ୍ତାପକୁ କାର୍ଯ୍ୟକାରୀ କରିଥିବା ବେଳେ କୋଚ, ଚୟନ କମିଟି,ଅଫିସିଆଲଙ୍କ ପାଇଁ ଏକ ଶହ ଟଙ୍କା ବୃଦ୍ଧି ହୋଇଛି । ତାହାସହ ଚଳିତ ବର୍ଷ ପାଇଁ ୪୦୦ ମିଟର ଦୌଡ଼ ପାଇଁ ସିନ୍ଥେଟିକ ଟ୍ରାକ,ଆଲୋକୀକରଣ,ଇଣ୍ଡୋର ହଲର ଅନ୍ନତି କରଣ,ଜିମର ଆଧୁନିକରଣ, ୨ ବାସ୍କେଟ ବଲ ସିଥେଟିକ କୋର୍ଟ,ସଭା ମଣ୍ଡପକୁ ଉନ୍ନତି କରଣ, ଗ୍ୟାଲେରୀକୁ ସମ୍ପ୍ରସାରଣ,ଆଖ ପାଖ ଅଂଚଳର ବିଭିନ୍ନ ସ୍କୁଲର ଛାତ୍ର,ଛାତ୍ରୀଙ୍କ ଖେଳକୁଦ,କରିବା ପାଇଁ ପରାମର୍ଶ ଦେଇଛନ୍ତି । କ୍ରୀଡ଼ା ପରିଷଦର ପୂର୍ବତନ ସମ୍ପାଦକ ଡ଼ ସାହୁ ଗତବର୍ଷ ବଜେଟ ର ବିବରଣୀ ପାଠ ଧନ୍ୟବାଦ ଦେଇଥିଲେ । କ୍ରୀଡ଼ା ପରିଷଦ ସମ୍ପାଦକ ପ୍ରଫେସର ଧ୍ରୁବ ଚରଣ ପଣ୍ଡା ଅତିଥି ପରିଚୟ ସହ ଚଳିତ ବର୍ଷ ର ବଜେଟ ଉପସ୍ଥାପନ କରିଥିଲେ । ଏଥିରେ ରାମ ନାରାୟଣ ସାହୁ,ମନୋଜ କୁମାର ତ୍ରିପାଠୀ,ମହେଶ ରଞ୍ଜନ ମିଶ୍ର,ଧନେଶ୍ୱର ଦାସ ସହଯୋଗ କରିଥିଲେ ।

## ସଂକ୍ଷେପରେ

### ରାସ୍ତା ଉପରକୁ ମାଡ଼ି ଆସିଲାଣି ଗଛ ଡାଳ

ଗଞ୍ଜାମ,୨୦।୯(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ୍ କାଇଁଚପୁର ପଞ୍ଚାୟତ ମାଳି ଜଗନ୍ନାଥପୁର ଗ୍ରାମ ଠାରୁ କଲ୍ୟାଣପୁର ପର୍ଯ୍ୟନ୍ତ ରାସ୍ତା ବର୍ତ୍ତମାନ ବିପଦପୂର୍ଣ୍ଣ ପାଲଟିଛି। ୫ ପଞ୍ଚାୟତ ତଥା କାଇଁଚପୁର, ମଲାଡ଼, ସନ୍ତୋଷପୁର, ଖଣ୍ଡଦେଉଳୀ ଓ ପୋଇରାଣି ଆଦି ପଞ୍ଚାୟତବାସୀ ନିର୍ଭର କରୁଥିବା ମୁଖ୍ୟ ରାସ୍ତାରେ ବଡ଼ବଡ଼ କାଜୁ ଗଛର ଡାଳ ଗୁଡିକ ରାସ୍ତାକୁ ସମ୍ପୂର୍ଣ୍ଣ ମାଡି ଆସିଲାଣି। ଉକ୍ତ ରାସ୍ତା ଦେଇ ହଜାର ହଜାର ଲୋକ ଯିବା ଆସିବା କରୁଥିବା ବେଳେ ଲକ୍ଷ୍ମୀବସ୍ ମଧ ଉକ୍ତ ରାସ୍ତାରେ ଯାତାୟାତ କରୁଛି। କିନ୍ତୁ ରାସ୍ତାଟି ଅଣଓସାରିଆ ଥିବା ବେଳେ ଡାଳ ଗୁଡ଼ିକ ରାସ୍ତାକୁ ସମ୍ପୂର୍ଣ୍ଣ ଅବରୋଧ କରିଥିବା ଦେଖିବାକୁ ମିଳିଛି। ୪ ଚକିଆ ଯାନ ଯିବା ବେଳେ କିଛି ଦେଖାଯାଉନି ବୋଲି ମାଳି ଜଗନ୍ନାଥପୁର ଗ୍ରାମ ବାଲି ଲୋକନାଥ ମନ୍ଦିର ପରିଚାଳନା କମିଟି ସଭାପତି ବି ବନମାଳୀ କହିଛନ୍ତି। ପ୍ରଶାସନ ପକ୍ଷରୁ ଉପରୋକ୍ତ ସମସ୍ୟା ସମାଧାନ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

### ନବରାତ୍ର ପୂଜା ପାଇଁ ପ୍ରସ୍ତୁତି ବୈଠକ

ଖଲ୍ଲିକୋଟ,୨୦।୯(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ବ୍ଲକ୍ ଅନ୍ତର୍ଗତ ଶ୍ରୀକୃଷ୍ଣଶରଣ ପୁର ଶାସନରେ ଚଳିତ ବର୍ଷ ନବରାତ୍ର ପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ରବିନାରାୟଣ ଆଚାର୍ଯ୍ୟଙ୍କୁ କର୍ତ୍ତା ରୂପେ ଦାୟିତ୍ୱ ନିର୍ବାହ ପାଇଁ ସ୍ଥିର କରାଯାଇଥିଲା। ସେହିପରି ଶରତ ଚନ୍ଦ୍ର ରଥ ମୁଖ୍ୟ ପୁରୋହିତ ରୂପେ ରହିବେ। ଏହି ବୈଠକରେ ରାମପସାଦ ରଥ, ହରପ୍ରସାଦ ତ୍ରିପାଠୀ, ରତ୍ନାକର ମିଶ୍ର, ଲକ୍ଷ୍ମଣ ରଥ, ମନୋଜ ରଥ, ନୟନ ପ୍ରସାଦ ମିଶ୍ର, ସାରଦା ନନ୍ଦ, ପ୍ରଭାତ ଶିଶିର ପଣ୍ଡାଙ୍କ ସମେତ ସମସ୍ତ ଶାସନ ବ୍ରାହ୍ମଣ ଉପସ୍ଥିତ ଥିଲେ।

### ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

ବୁଗୁଡା,୨୦।୯(କାଳିଚରଣ ଦାଶ)

ଆଗାମୀ ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସ୍ଥାନୀୟ ବ୍ଲକ ଛକ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ପୁରୋହିତ ଭାବେ ଚିତ୍ତରଞ୍ଜନ ଦାଶ ଯୋଗ ଦେଇ ଯଥା ରୀତିନୀତି ପ୍ରକାରେ ପୂଜାପାଠ ସମ୍ପାଦନ କରିଥିଲା ବେଳେ ପ୍ରଫୁଲ୍ଲ ଡାକୁଆ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ପୂଜା କମିଟିର ସଦସ୍ୟବୃନ୍ଦ ସହଯୋ ଗ କରିଥିଲେ।

### ମନ୍ଦିର ସଫେଇ, ଚାରା ରୋପଣ କାର୍ଯ୍ୟକ୍ରମ

ଧରାକୋଟ,୨୦।୯ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକ୍ ଅନ୍ତର୍ଗତ ମାଣିକପୁର ମଣ୍ଡଳ ଅଧୀନସ୍ଥ ବାହାରପୁର ପଞ୍ଚାୟତ ଡାକିବଜା ଗ୍ରାମର ମା'କାଳୁଆ ମନ୍ଦିର ପରିସରରେ ଏକ୍ ପେଡ ମା'କେ ନାମ୍ ଅଭିଯାନ କାର୍ଯ୍ୟକ୍ରମରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ପୂର୍ବତନ ଧରାକୋଟ ମଣ୍ଡଳ ସଭାପତି ଯୁ ପାପା ରାଓ, ଜାହାଡା ମଣ୍ଡଳ ସଭାପତି ଜିତେନ୍ଦ୍ର ବିଷୋୟୀ, ଅଚ୍ୟୁତ ଗୌଡ, ପ୍ରମୋଦ ପାଢୀ, ବିପ୍ର ଚରଣ ସାହୁ, ଅଶୋକ ବରାଡ, କୃଷ୍ଣଚନ୍ଦ୍ର ସାହୁ, ଗଣପତି ଗୌଡ, ପଞ୍ଚୁନାଥ ଜେନା, ଉମା ଚରଣ ଜେନା, ଲଡୁ କିଶୋର ଗୌଡ, କେଶବ ସ୍ୱାଇଁ, ବାଉରୀ ବନ୍ଧୁ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଏହା ପରେ ସମସ୍ତେ ମନ୍ଦିର ପରିସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

### ବ୍ଲକସ୍ତରୀୟ ଜନଶୁଣାଣି ଶିବିର

ଗୋପାଳପୁର,୨୦।୯(ନବୀନ ରାଜ ଆଚାରୀ)

ରଙ୍ଗେଇଲୁଣ୍ଡା ବ୍ଲକ୍ ପରିସରରେ ଶନିବାର ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ସମ୍ପର୍କିତ ବ୍ଲକସ୍ତରୀୟ ଜନ ଶୁଣାଣି ଶିବର ଅନୁଷ୍ଠିତ ହୋଇଛି। ବ୍ଲକ ସଦଭାବନା ଗୃହରେ ଏବିଡ଼ିଓ ସଂଗୀତା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏବିଇଓ ସୁକାନ୍ତ ଜେନା, ଜିଲା ସାମାଜିକ ସମୀକ୍ଷକ ରବୀନ୍ଦ୍ର ନାଥ ମଲାଣା, ବ୍ଲକ ଯୋଗାଣ ଅଧିକାରୀ ଶକ୍ତି ପ୍ରସାଦ ରାମ ଯୋଗ ଦେଇଥିଲେ। ଏପିଓ ଗୋପାଳ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିବା ସହ ୨୦୨୪ -୨୫ ଆର୍ଥିକ ବର୍ଷର ବିବରଣୀ ପାଠ କରିଥିଲେ। ବ୍ଲକରେ ୪ ଲକ୍ଷ ୬୦ ହାଜର ଶ୍ରମ ଦିବସ ସୃଷ୍ଟି ଲକ୍ଷ୍ୟ ଧାର୍ଯ୍ୟ ଥିବା ବେଳେ ୧ ଲକ୍ଷ ୭୭ ହଜାର ୬୦୭ ଦିବସ ପୂରଣ ହୋଇଛି। ୬ କୋଟି ୩୮ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଉନ୍ନୟନ କାର୍ଯ୍ୟ ହୋଇଛି। ୫୮ ପରିବାର ୧୦୦ଦିନ ଶ୍ରମ କାର୍ଯ୍ୟ କରିଛନ୍ତି। ୯୩୯ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି। ୧୪ ହଜାର ୪୮୨ ଶ୍ରମ କାର୍ଡ କାର୍ଯ୍ୟ କରୁଛି ବୋଲି କୁହାଯାଇଥିଲା। ବୈଠକରେ ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ।

# ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି କଳିଙ୍ଗା ଘାଟି ରାସ୍ତା କାମ

ଜି.ଉଦୟଗିରି,୨୦।୯(ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ)



ଚାଲୁ ରହିଛି କଳିଙ୍ଗା ଘାଟି ରାସ୍ତା କାମ ।

କନ୍ଧମାଳ ଜିଲା ସହ ଗଞ୍ଜାମ ଜିଲାକୁ ସଂଯୋଗ କରୁଥିବା କଳିଙ୍ଗା ଘାଟିରେ ଗତ ୧୬ ତାରିଖରେ ଅତ୍ୟଧିକ ବର୍ଷା ଯୋଗୁ ଭୂସ୍ଖଳନ ହୋଇଛି। ଫଳରେ ଜାତୀୟ ରାଜପଥ ସମ୍ପୂର୍ଣ୍ଣ ଧୋଇ ହୋଇ ବିରାଟ ଖାଲ ହୋଇଛି। ଉକ୍ତ ସ୍ଥାନଟି ବର୍ତ୍ତମାନ ମଧ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। କେତେବେଳେ ପାହାଡ଼ ଉପରୁ ପୁଣି ମାଟି ଅତଡ଼ା ଖସି ବଡ଼ ବଡ଼ ପଥର ଖସିବ କହିହେବ ନାହିଁ। ଘଟଣା ଘଟିବାର ସପ୍ତାହେ ବିତିଗଲାଣି କିନ୍ତୁ ପଡ଼ୋଶୀ ଜିଲା ସହ କଳିଙ୍ଗା ଘାଟି ରାସ୍ତା ଦେଇ ଯାତାୟତ ସମ୍ଭବ ହୋଇପାରୁନି। ଜାତୀୟ ରାଜପଥ ବିଭାଗ ତରଫରୁ ଯୁଦ୍ଧ କାଳୀନ ଭିତ୍ତିରେ ଅସ୍ଥାୟୀ ରାସ୍ତା ତିଆରି କାମ କରାଯାଉଛି। ବହୁ ମାତ୍ରାରେ ପଥର, ମାଟି, ବାଲି ବସ୍ତା ସେହି ଖାଲରେ ଭର୍ତ୍ତି କରାଯାଉଛି। ତା ସହ ରାସ୍ତା ତିଆରି ପାଇଁ ବିଭିନ୍ନ ମେସିନ ଆସି ପହଞ୍ଚିଛି। ସୂଚନା ମିଳିଛି ଅସ୍ଥାୟୀ ରାସ୍ତା ତିଆରି ପାଇଁ ଏକ ବିରାଟ ପଥର ଚଟାଣକୁ ବ୍ଲାଷ୍ଟ କରାଯାଇପାରେ। ଏହି ରାସ୍ତା ଦେଇ ସ୍ଥାନୀୟ ଅଞ୍ଚଳର ବହୁ ସଂଖ୍ୟକ ଛୋଟ ପରିବା ତଥା ଅନ୍ୟ ସମାଗ୍ରୀ ବ୍ୟବସାୟୀ ନିର୍ଭରଶୀଳ ରହୁଥିବା ବେଳେ ବର୍ତ୍ତମାନ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯେଉଁମାନେ ନିକଟସ୍ଥ ପ୍ରମୁଖ ସହରକୁ ପନିପରିବା ରପ୍ତାନୀ କରି ବ୍ୟବସାୟ କରୁଥିଲେ ସେମାନେ ବର୍ତ୍ତମାନ ଜିବୀକା ହରାଇଛନ୍ତି। ଭଞ୍ଜନଗର ଯିବା ପାଇଁ ହେଲେ ଗାଡ଼ି ମୋଟର ଗୁଡ଼ିକ ପ୍ରାୟ ୫୦/୫୫ କିଲୋମିଟର ଅଧିକା ରାସ୍ତା ଦେଇ ଅଧିକା ଭଡ଼ା ଦେଲେ ବ୍ୟବସାୟରେ ବହୁତ କ୍ଷତି ହେଉଛି। ତେଣୁ କେହି ମଧ ବ୍ୟବସାୟୀ ଯାଇ ପାରୁନାହାନ୍ତି। ସେପଟେ କଳିଙ୍ଗା ଓ ଦୁର୍ଗାପ୍ରସାଦରେ ଥିବା ସମସ୍ତ ଦୋକାନୀଙ୍କ ସହ ଢାବା ମାଲିକ ଓ କର୍ମଚାରୀ ରୋଜଗାର ହରାଇଛନ୍ତି। ଗାଡ଼ି ମୋଟର ବନ୍ଦ ଯୋଗୁ ବ୍ୟବସାୟ କ୍ଷେତ୍ରରେ ପ୍ରତ୍ୟକ୍ଷ ଭାବେ ସ୍ଥାନୀୟ ଅଞ୍ଚଳର ଛୋଟ ବ୍ୟବସାୟୀ ଓ ଗ୍ରାହକ ମାନଙ୍କ ଉପରେ ଅଧିକା ପ୍ରଭାବ ପଡ଼ିଛି।

### ଅସୁବିଧାରେ ଦୈନନ୍ଦିନ ବୁଲା ବ୍ୟବସାୟୀ

ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରୁ ଆସୁଥିବା ଖାଦ୍ୟ ସମାଗ୍ରୀ ଦର ବଢ଼ିବାରେ ଲାଗିଛି। ଆମିଷ ନିରାମିଷ ସମସ୍ତ ସମାଗ୍ରୀ ଉପରେ ୨୦ ରୁ ୩୦ ଟଙ୍କା ଦର ବଢ଼ିଛି। ସ୍ଥାନୀୟ ବ୍ୟବସାୟୀଙ୍କ କହିବାନୁସାରେ ସମସ୍ତ ଗାଡ଼ି ଗୁଡ଼ିକ ଅଧିକା କିଲୋମିଟର ବୁଲି ଆସୁଥିବାରୁ ଲଗେଜ୍ ଦର ମଧ ବଢ଼ିଛି। ବିଭାଗୀୟ କର୍ତ୍ତୃପକ୍ଷ ଯୁଦ୍ଧ କାଳୀନ ଭିତ୍ତିରେ ପ୍ରତିଦିନ ବର୍ଷା ସତ୍ତ୍ୱେ ଅସ୍ଥାୟୀ ରାସ୍ତା ନିର୍ମାଣ କରୁଥିବା ବେଳେ ଆଗକୁ ଆଉ ଏକ ଲଘୁଚାପ ଜନିତ ବର୍ଷା ହେବା ସମ୍ଭାବନା ରହିଛି। କେବେ ରାସ୍ତା ଠିକ୍ ହେବ କେବେ ସମସ୍ତ ସମସ୍ୟାର ସମାଧାନ ହୋଇପାରିବ ତାର କିଛି ନିର୍ଦ୍ଦିଷ୍ଟ ସୂଚନା ନାହିଁ। ଯିଏ ବି ଭୂସ୍ଖଳନରେ କଳିଙ୍ଗା ଘାଟି ରାସ୍ତା ଅବସ୍ଥା ଦେଖୁଛି ମନରୁ ଆସୁଛି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାସ୍ତାରେ ସୁରକ୍ଷିତ ଯାତାୟତ ସମ୍ଭବ ନୁହେଁ।

## ଚଳନ୍ତା ବାଇକ୍‌ରେ ରିଲସ କରିବା ମହଙ୍ଗା ପଡିଲା

ମୋହନା,୨୦।୯(ମନ୍ମଥ ମିଶ୍ର)

ବାଇକ୍‌ରେ ରିଲ୍ସ କରିବା ୨ ଜଣ ଯୁବକଙ୍କୁ ମହଙ୍ଗା ପଡିଛି। ଆଗରେ ଯାଉଥିବା ଏକ ବାଇକ୍‌କୁ ଧକ୍କା ଦେଇ ସମସ୍ତେ ଆହତ ଅବସ୍ଥାରେ ରାସ୍ତାରେ ପଡିଥିଲେ। ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଡକାଇ ଡାକ୍ତରଖାନା ପଠାଇଥିଲେ। ଏପରି ଘଟିଛି ଗଜପତି ଜିଲା ମୋହନା ବ୍ଲକ ଅଞ୍ଚଳରେ। ବ୍ରାହ୍ମଣୀ ଗାଁ ଥାନା ଅନ୍ତର୍ଗତ ଲାଣ୍ଡାଗୁଡା ଗ୍ରାମରୁ ପାଣିଗଣ୍ଡା ଅଭିମୁଖେ ଏକ ବାଇକ୍‌ରେ ଧର୍ମେନ୍ଦ୍ର ଉଠାଣ ସିଂ (୨୬) ଓ ସୁଶାନ୍ତ ରଣଗଣ୍ଡ(୧୯) ଆସୁଥିବା ବେଳେ ଗରଡ଼ମା ପଞ୍ଚାୟତ ପାପିଜୁ ଗ୍ରାମରୁ ପାଣିଗଣ୍ଡାକୁ ଫିରୋଜ ମାଝୀ(୧୮) ଓ ଆଶିଷ ପାଟ୍ଟମାଝୀ (୨୦)ବାଇକ୍‌ରେ ବସି ମୋବାଇଲରେ ରିଲ କରି ଆସୁଥିଲେ। ପାଣିଗଣ୍ଡା ନିକଟସ୍ଥ ହାଟପଦା ଛକଠାରେ ଫିରୋଜ ଓ ଆଶିଷ ଆଗରେ ଯାଉଥିବା ଧର୍ମେନ୍ଦ୍ରଙ୍କ ବାଇକ୍‌କୁ ପଛପଟୁ ଧକ୍କା ଦେଇଥିଲେ। ଫଳରେ ସମସ୍ତେ ରାସ୍ତା ପାର୍ଶ୍ୱକୁ ଛିଟିକି ପଡି ଆହତ ହୋଇଥିଲେ। ସମସ୍ତଙ୍କୁ ମୋହନା ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ଗୁରୁତର ଧର୍ମେନ୍ଦ୍ର ଓ ସୁଶାନ୍ତଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ଭାଜପା ପକ୍ଷରୁ ରକ୍ତଦାନ ଶିବିର, ୭୦ ୟୁନିଟ ସଂଗ୍ରହ

ପାଟପୁର,୧୯।୯(ସୀମାଞ୍ଚଳ ସାହୁ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ପାଳନ ଅବସରରେ ଶନିବାର ସାନଖେମୁଣ୍ଡି ବ୍ଲକ୍ ଏରେଣ୍ଡା ପଞ୍ଚାୟତ କାର୍ଯ୍ୟାଳୟରେ ଭାଜପା ତରଫରୁ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସଦସ୍ୟ ଆକୁଳ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ପଞ୍ଚାୟତର ସରପଞ୍ଚ ଧୋବା ସ୍ୱାଇଁ, ରାଧାଦେଇପୁର ପଞ୍ଚାୟତ ସରପଞ୍ଚ ଡି.ରାକେଶ ପାତ୍ର, ଭାଜପା ଜିଲା ସମ୍ପାଦକ କେ.ନାଗେଶ୍ୱର ଦୋରା, ଭାଜପା ନେତା ସୁକାନ୍ତ ଖୁଣ୍ଟିଆ, ଓବିସି ଜିଲା ମୋର୍ଚ୍ଚା ସଭାପତି ଗଦାଧର ସ୍ୱାଇଁ, ଯୁବମୋର୍ଚ୍ଚା ଆକୁଳ ସ୍ୱାଇଁ, ପାଣ୍ଡା ପରିଡା, କୁରେସୁ ଦୋରା, ଅଙ୍ଗଦ ମହାନ୍ତି, ସଞ୍ଜୟ ସ୍ୱାଇଁ, ସୁନୀଲ ନାହାକ, ରତ୍ନାକର ପ୍ରଧାନ, କରୁଣାକର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଓଡିଶା ରକ୍ତ କେନ୍ଦ୍ର, ଭାଜପା କର୍ମୀ ଓ ପଞ୍ଚାୟତ ବାସୀଙ୍କ ସହଯୋଗୀରେ ସମୁଦାୟ ୭୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହି ଶିବିରରେ ଶତାଧିକ ବୁଦ୍ଧିଜୀବୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

## ଭାବ, ଭାବନା ପ୍ରକାଶ ପାଇଁ ହିନ୍ଦୀ ଭାଷା ଏକ ବଳିଷ୍ଠ ମାଧ୍ୟମ

ଛତ୍ରପୁର, ୨୦।୯(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

**ଶ୍ରୀନରସିଂହ ପଣ୍ଡା ଉଚ୍ଚ ବିଦ୍ୟାଳୟରେ ହିନ୍ଦୀ ଦିବସ**




ଉତ୍ସବାର ଉପସ୍ଥିତ ଆତିଥି।

ଜାତୀୟ ହିନ୍ଦୀ ସପ୍ତାହ ସେପ୍ଟେମ୍ବର ୧୪ରୁ ୨୦ ପର୍ଯ୍ୟନ୍ତ ପାଳନ କରାଯାଉଛି। ଏହି ଅବସରରେ ଭାଟକୁମର ଶ୍ରୀନରସିଂହ ପଣ୍ଡା ଉଚ୍ଚ ବିଦ୍ୟାଳୟରେ ଶନିବାର ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବାସନ୍ତୀ ବେହେରାଙ୍କ ପୌରୋହିତ୍ୟରେ ହୋଇଥିବା କାର୍ଯ୍ୟକ୍ରମରେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ଅଧ୍ୟକ୍ଷ ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ କାମରାଜୁ ମହାରଣା ମୁଖ୍ୟଅତିଥି ରୂପେ ଯୋଗଦେଇ ଭାରତରେ ଭାବ ଓ ଭାବନା ପ୍ରକାଶ କରିବା ପାଇଁ ହିନ୍ଦୀ ଭାଷା ଏକ ବଳିଷ୍ଠ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ହିନ୍ଦୀ ଭାଷା ଅଧିକ ପ୍ରସାର ପାଇଁ ହିନ୍ଦୀ ଭାଷାରେ ଏକ ଛୋଟ କବିତା ସଂକଳନ ପ୍ରସ୍ତୁତ କରିବାକୁ ସେ ପ୍ରସ୍ତାବ ଦେଇଥିଲ। ମୁଖ୍ୟବକ୍ତା ଆସ୍କା ବିଜ୍ଞାନ ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଭଗବାନ ତ୍ରିପାଠୀ ହିନ୍ଦୀ ଭାଷାର ଇତିବୃତ୍ତ, ଏହାର ପ୍ରସାର, ରାଜଭାଷାର ମାନ୍ୟତା ଉପରେ ବିବରଣୀ ରଖି ଜାତୀୟ ସଂହତି ସୁରକ୍ଷାରେ ହିନ୍ଦୀ ଭାଷାର ଅଧିକ ପ୍ରଚାର ହେବା ଜରୁରୀ ବୋଲି କହିଥିଲେ। ଏହି ଅବସରରେ ଗତ ଦଶମ ବୋର୍ଡ ପରୀକ୍ଷାରେ ହିନ୍ଦୀ ବିଷୟରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାର୍ଥୀ କୁସୁମ ବେହେରାଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ହିନ୍ଦୀ ଶିକ୍ଷକ ଅନ୍ତର୍ଯ୍ୟାମୀ ଗୌଡ଼ ଧନ୍ୟବାଦ ଦେଇଥିଲେ ।

## ପ୍ରଶିକ୍ଷଣ ଶିବିର

ଆସିକା, ୨୦।୯ (ସୁରେନ୍ଦ୍ରନାଥ ସାହୁ)

ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଶନିବାର ଆସିକା ବ୍ଲକ ସଭା ଗୃହରେ ରକ୍ତହୀନତା ମୁକ୍ତ ଗ୍ରାମ ପଞ୍ଚାୟତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଏବିଡିଓ ସୁଶାନ୍ତ ବେହେରା ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଜିପିଡିଓ ରାଜଶ୍ରୀ ସାହୁ, ସୁପରଭାଇଜର ସଂଯୁକ୍ତା ସ୍ୱାଇଁ, ବାଲିସିରା ଡାକ୍ତରଖାନାର କୁବେର ପାତ୍ର, ସରୋଜ ପାଢୀ ପ୍ରମୁଖ ଉପସ୍ଥିତ ରହି ତାଲିମ ଦେଇଥିଲେ । ଏହି ଅବସରରେ ଗ୍ରାମ ପଞ୍ଚାୟତରେ ମହିଳା, କିଶୋରୀ, ଗର୍ଭବତୀ, ପ୍ରସୂତି ଓ ଶିଶୁମାନେ ଯେପରି ରକ୍ତହୀନତାର ଶିକାର ନ ହେବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା ।

## ଶାରୀରିକ ସୁସ୍ଥତା ଦେଶର ପ୍ରଗତି: ସିଡ଼ିଏମ

କବିସୂର୍ଯ୍ୟନଗର,୨୦।୯(କୃପାସିନ୍ଧୁ ସ୍ୱାଇଁ)

ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ର ବୈଠକ ଗୃହରେ ଶନିବାର ସ୍ୱାସ୍ଥ୍ୟଧିକାରୀ ଡା.ସୁଶାନ୍ତ କୁମାରଙ୍କ ତତ୍ତ୍ୱାବଧାନରେ ସୁସ୍ଥନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶାରୀରିକ ସୁସ୍ଥତା ଦେଶର ପ୍ରଗତି। ବେଟି ବଞ୍ଚାଅ, ବେଟି ପଢାଅ ସରକାରଙ୍କ ସ୍ଲୋଗାନ ସାର୍ଥକ ହୋଇଛି। ସୁସ୍ଥତା ଘର, ପରିବାର, ଗାଁ, ସମାଜ ଓ ଦେଶପାଇଁ ମଙ୍ଗଳମୟ ତଥା ଅନୁରୂପ ଅଟେ ବୋଲି ମୁଖ୍ୟ ଅତିଥି କହିଥିଲେ । ବୈଠକ ହଲରେ ରକ୍ତହୀନତା, ଅଣସଂକ୍ରମଣ,ଟିବି ଆଦିର ସ୍କାନିଂ କରାଯାଇଥିଲେ। ଶିଶୁ ବିଶେଷଜ୍ଞ ଡା.ଦୀପକ ସାମନ୍ତରା, ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡା.ବିଜୟ ନାୟକ ରୋଗୀଙ୍କ ପରୀକ୍ଷା ନିରୀକ୍ଷା କରିବା ସହ ସେବା ଯୋଗାଇଥିଲେ। ଏଥିରେ ସିଡିପିଓ ଜାନକୀ ମାଝୀ, ଏମ୍‌ପି ପ୍ରତିନିଧି ଶ୍ରୀକାନ୍ତ ମହାପାତ୍ର, ଜିଲାଆଇନ ସେଲ ଉପଦେଷ୍ଟା ଦିଲ୍ଲୀପ ପଣ୍ଡା ମଞ୍ଚାସୀନ ଅତିଥି ଥିଲେ। ଅନ୍ୟାନ୍ୟ ଅତିଥି ମଧ୍ୟରେ ରୋଗୀ କଲ୍ୟାଣ ସମିତି ସଦସ୍ୟ ପୁଲିସ ଏସଆଇ ବିଜୟ ପ୍ରଧାନ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ପିତାମ୍ବର ସେଠି, ହାଇକୋର୍ଟ ଆଇନଜୀବୀ ପ୍ରଭାତ ସାମଲ, ଆଇନଜୀବୀ ବି. ଶଙ୍କର କୁମାର ପାତ୍ର,ଆଇନଜୀବୀ କୈଳାସ ବେହେରା, ରଜନୀକାନ୍ତ ନାହାକ ଉପସ୍ଥିତ ଥିଲେ। ବରିଷ୍ଠ ଚିକିତ୍ସା ପରିଦର୍ଶକ ଗୋପବନ୍ଧୁ ସୱାଇଁ, ପିପିଏମ ସୁଶାନ୍ତ କୁମାର ପଣ୍ଡା, ବାମ ସୀତାରାମ ଗୌଡ଼, ବିଡ଼ିଏମ ସୁଶାନ୍ତ କୁମାର ଦାସ ଓ ଷ୍ଟାଫ ପରିଚାଳନାରେ ସହଯୋଗ କରିଥିଲେ।

## ଅନ୍ତର୍ଜାତୀୟ ସମୁଦ୍ର ବେଳାଭୂମି ସଫେଇ ଦିବସ ପାଳିତ

ଗଞ୍ଜାମ,୨୦।୯(ଅଖିଳ ତରାଇ)

ଅନ୍ତର୍ଜାତୀୟ ଉପକୂଳ ସ୍ୱଚ୍ଛତା ଦିବସ ଅବସରରେ ସରକାରୀ ବିଜ୍ଞାନ ମହାବିଦ୍ୟାଳୟ, ଛତ୍ରପୁର ଓ ଜାତୀୟ ସମୁଦ୍ରତଟ ଗବେଷଣା କେନ୍ଦ୍ର (ଏନସିସିଆର) ଏବଂ ଭାରତ ସରକାରଙ୍କ ସହଭାଗିତାରେ ଗଞ୍ଜାମ ଋଷିକୂଲ୍ୟା ବେଳାଭୂମିଠାରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସମୁଦ୍ରତଟର ସୁରକ୍ଷା, ପରିବେଶ ରକ୍ଷା, ସମୁଦ୍ରିକ ପ୍ରାଣୀଙ୍କ ସୁରକ୍ଷାର ଆବଶ୍ୟକତା ଉପରେ ଆଲୋଚନା ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସୁଶାନ୍ତ ଦାସ ଏହାକୁ ଶୁଭାରମ୍ଭ କରି ବିଶ୍ୱ ଜଳବାୟୁ ପରିବର୍ତ୍ତନରେ ସମୁଦ୍ର ତଥା ଏହାର ବେଳାଭୂମିର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଅତିଥି ରୂପେ ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ଡ. ସିଦ୍ଧାର୍ଥ ଶଙ୍କର ପାଢୀ ଯୋଗଦେଇ ସମୁଦ୍ରତଟର ସୁରକ୍ଷା ସହିତ ପ୍ରାକୃତିକ ପରିବେଶକୁ ସୁରକ୍ଷା ପ୍ରଦାନ କରିବା ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ଅନ୍ୟତମ ଅତିଥି ପାଳିବନ୍ଧ ସରପଞ୍ଚ ସଞ୍ଜୁକ୍ତା ପ୍ରଧାନ ଏଭଳି ସଫେଇ ଅଭିଯାନର ପ୍ରଶଂସା କରି ଏପରି କାର୍ଯ୍ୟକ୍ରମ ଯୁବପିଢ଼ିଙ୍କୁ ଉତ୍ସାହିତ କରିବ ବୋଲି କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ୟକ୍ତିମାନେ ସ୍ୱଚ୍ଛତା ଶପଥ ନେଇଥିଲେ। ସଫେଇ ଅଭିଯାନରେ କଲେଜ ଅଧ୍ୟାପକ ଅଧ୍ୟାପିକା, ଏନସିସି, ଏନ୍ଏସ୍ଏସ୍, ୱାଇଆରସି ସମସ୍ତ ଛାତ୍ରୀଛାତ୍ର ଓ ସ୍ଥାନୀୟ ଲୋକେ ଅଂଶଗ୍ରହଣ କରିଥିଲେ। ସମୁଦ୍ରତଟରେ ପଡ଼ିଥିବା ପ୍ଲାଷ୍ଟିକ, ବୋତଲ, ଜାଲ, ପଲିଥିନ୍ ଏବଂ ଅନ୍ୟାନ୍ୟ ପ୍ଲାଷ୍ଟିକ ଅବଶିଷ୍ଟାଂଶ ସଂଗ୍ରହ କରାଯାଇଥିଲା।

## ବାଇଝାଲ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର

ଗୁମ୍ମା,୨୦।୯(ପ୍ରବୀଣ କୁମାର ଲିମା)

ଗୁମ୍ମା ବ୍ଲକ୍ ଅନ୍ତର୍ଗତ ବାଇଝାଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ନାଉମ ଗମାଙ୍ଗ ଏବଂ ସମ୍ମାନିତ ଅତିଥି ଜିଲାପରିଷଦ ସଭ୍ୟା ରେଣୁକା ପାତ୍ର ଉପସ୍ଥିତ ଥିଲେ। ଶିବିରରେ ମୋଟ ୩୨୨ ଜଣ ରୋଗୀଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ବିତରଣ କରାଯାଇଥିଲା। ବିଭିନ୍ନ ବିଭାଗର ୪ ଜଣ ଡାକ୍ତର ଉପସ୍ଥିତ ରହି ରୋଗୀଙ୍କ ଚିକିତ୍ସା କରିଥିଲେ। କରୁଣା ଟ୍ରଷ୍ଟ ଭୁବନେଶ୍ୱର ଆନୁକୂଲ୍ୟରେ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ବାଇଝାଲ ମେଡିକାଲର ଡା.ବନମାଳୀ ଜେନା ଓ ଡାକ୍ତର ପ୍ରଦୀପ ପାତ୍ରଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିବାବେଳେ ଏଥିରେ ବାଇଝାଲ ମେଡିକାଲର କର୍ମଚାରୀ ମାନେ ସହଯୋଗ କରିଥିଲେ।



କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକର ରାସ୍ତାରେ ଥିବା କାଶତଣ୍ଡି ପଥିକଙ୍କ ମନ ମୋହୁଛି।

## ମହିଳାଙ୍କୁ କର୍କଟ ରୋଗ ନିରାକରଣ ନେଇ ସଚେତନତା

ଆସିକା, ୨୦।୯ (ସୁରେନ୍ଦ୍ର ନାଥ ସାହୁ)

ଆସିକାସ୍ଥିତ ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟରେ ଶନିବାର ମହିଳାଙ୍କ କର୍କଟ ରୋଗ ନିରାକରଣ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଧ୍ୟାପକ ଗଣେଶ୍ୱର ମାଝୀଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ରେଡକ୍ରସ ସଂଯୋଜିକା ଅଧ୍ୟାପିକା ଡ. ଲିଲା ଲିନିୟନ, ଭୁବନେଶ୍ୱରସ୍ଥିତ ଉତ୍କଳ ହସ୍ପିଟାଲର ପ୍ରତିନିଧି ଡାକ୍ତର ରଞ୍ଜନ ମହାନ୍ତି, ସୁଭାଶିଷ ସେଠୀ, ସଞ୍ଜୟ ପୃଷ୍ଟି ଅତିଥି ରୂପେ ଯୋଗଦେଇ ବିଷୟଭିତ୍ତିକ ଆଲୋଚନା କରିଥିଲେ । ସଂପ୍ରତି ମହିଳାମାନଙ୍କ କ୍ଷେତ୍ରରେ ଦ୍ରୁତଗତିରେ ବୃଦ୍ଧି ପାଉଥିବା ସ୍ତନ କର୍କଟ, ଜରାୟୁ କର୍କଟର ଭୟାବହତା ସମ୍ପର୍କରେ ଆଲୋଚନା କରାଯିବା ସହ ମହିଳାମାନେ ବିଶେଷ କରି ଛାତ୍ରୀମାନେ ଏହି ରୋଗର ନିରାକରଣ ନିମନ୍ତେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରିବା ଓ ସାମାନ୍ୟ ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରିବା ଲାଗି ଅତିଥିମାନେ ପରାମର୍ଶ ଦେଇଥିଲେ।

## ମହିଳା ପୋଲିସ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଛତ୍ରପୁର, ୨୦।୯(ସନ୍ତୋଷ ପାଢ଼ୀ )




ମହିଳା ପୋଲିସ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ଗଞ୍ଜାମ ଜିଲ୍ଲାରେ ଜିଲ୍ଲାସ୍ତରୀୟ 'ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ' କାର୍ଯ୍ୟକ୍ରମ ୫୩୭ ମେଡିକାଲ ପକ୍ଷରୁ ଚାଲିଛି। ଏହି କାର୍ଯ୍ୟକ୍ରମ ଛତ୍ରପୁର ବ୍ଲକ ମୁନିସିପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଶୁଭାରମ୍ଭ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ସ୍ୱାଧୀନ ରଥଙ୍କ ତତ୍ତ୍ୱାବଧାନରେ ଶନିବାର ଛତ୍ରପୁରସ୍ଥିତ ଗଞ୍ଜାମ ଏସ୍‌ପିଙ୍କ ପୁରୁଣା କାର୍ଯ୍ୟାଳୟ କୋଠାରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ବିଭାଗର ବିଶେଷଜ୍ଞ ଯୋଗଦେଇ ମହିଳା ପୋଲିସ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ। ସେହିପରି କଣମଣା କଲ୍ୟାଣ ମଣ୍ଡପଠାରେ ମହିଳାମାନଙ୍କ ଚକ୍ଷୁ ପରୀକ୍ଷା ସହ ମାଗଣାରେ ଚଷମା ବଣ୍ଟନ କରାଯାଇଥିଲା। ପାଇକପଡାରେ ସ୍ୱାସ୍ଥ୍ୟ ସେବା ଶିବିର କରାଯାଇଥିଲା। ଆସନ୍ତା ଅକ୍ଟୋବର ୨ ପର୍ଯ୍ୟନ୍ତ ବିଭିନ୍ନ କଲେଜ, ହଷ୍ଟେଲ, ସ୍କୁଲ, ଥାନାକୁ ଯାଇ ମହିଳାମାନଙ୍କ ରୋଗ ଚିହ୍ନଟ, ସ୍କ୍ରିନିଂ ସହ ମାଗଣାରେ ଔଷଧ ବଣ୍ଟନ ଏବଂ ରକ୍ତଦାନ ଶିବିର କରାଯିବାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ନିଷ୍ପତ୍ତି ହୋଇଛି।

## ଦାଦନ ନ ଯାଇ ଚାଷ କଲେ ୪ ଭାଇ

ଦାରିଙ୍ଗବାଡି, ୨୦।୯ (ଅରୁଣ ସାହୁ)

**କ୍ଷେତରେ ସୁନା ଫଳୁଛି, ମିଳିଛି ସଫଳତା**

ରାଜ୍ୟ ବାହାରକୁ ଦାଦନ ନ ଯାଇ ନିଜ ଜମିରେ ଚାଷ କରି ବେସ୍ ଆନନ୍ଦ ଅନୁଭବ କରିଛନ୍ତି ଦାରିଙ୍ଗବାଡ଼ି ବ୍ଲକ୍ କିରିକୁଟି ପଞ୍ଚାୟତର ମାଗଲ ନାୟକ ଓ ତାଙ୍କ ୩ ଭାଇ। ନିଜର ପୈତୃକ ୫ ଏକର ଜମିରେ ଭେଣ୍ଡି, ବିନ, କାକୁଡି, ଟମାଟୋ, ବନ୍ଧାକୋବି, ବିଭିନ୍ନ ପ୍ରକାର ଶାଗ ଆଦି ସେମାନେ ଚାଷ କରିଛନ୍ତି। ମାତ୍ର ୩ ମାସ ପରିଶ୍ରମ କରି ଏବେ ଅମଳ ଆରମ୍ଭରୁ ପ୍ରାୟ ୧୫ ହଜାର ରୋଜଗାର କରିସାରିଲେଣି। ଏଥିସହ ମାଛଚାଷ ମଧ ରହିଛି। ଚାଷ ସଫଳତା ଆଡକୁ ନେଇଥିବାରୁ ମାଗଲଙ୍କ ପରିବାରରେ ହସ ଫୁଟିଛି। ମାଗଲଙ୍କ ସହ ତାଙ୍କ ସାନ ଭାଇ ଅଶ୍ୱିନ ଲକ୍ଷ୍ମନ ଏବଂ ପରିବାର ଏବେ ଚାଷ କାର୍ଯ୍ୟକୁ ଗୁରୁତ୍ୱ ଦେଇଛନ୍ତି। ପ୍ରକାଶ ଯେ, ଦୀର୍ଘ ୧୫ ବର୍ଷ ଧରି ବିଭିନ୍ନ ରାଜ୍ୟରେ ରହି ୪ ଭାଇ ଦାଦନ ଖଟୁଥିଲେ। ମାସିକ ୩୦ ହଜାର ରୋଜଗାର ହେଉଥିଲା, ଯେଉଁଥିରେ ପରିବାର ପ୍ରତିପୋଷଣ ହେବା କଷ୍ଟସାଧ ଥିଲା। ତେବେ ୪ ଭାଇ ଓ ପରିବାର ନିଷ୍ପତ୍ତି ନେଲେ ଆଉ ଦାଦନ ଖଟିବା ନାହିଁ। ଜୁନ୍ ମାସରେ ନିଜ ଭିଟାମାଟିକୁ ଫେରି ଉଜୁଡି ଯାଇଥିବା ଜମିକୁ ସଜାଡ଼ିଲେ। ତାର ବାଡ଼ ବୁଲାଇଲେ ଓ ଚାଷ କାର୍ଯ୍ୟ ଆରମ୍ଭ କରି ପ୍ରଥମେ ବିନ, କାକୁଡି, ଭେଣ୍ଡି ଆଦି ଅମଳ କରି ତାକୁ ବଜାରରେ ବିକ୍ରି କରି ଭଲ ଦୁଇ ପଇସା ରୋଜଗାର କଲେ।

## ଭତ୍ତା ପାଇଁ ଶତାୟୁ ବୃଦ୍ଧଙ୍କୁ ପଞ୍ଚାୟତ କାର୍ଯ୍ୟାଳୟ ଆଣିଲେ ପରିବାର ଲୋକେ

ଦିଗପହଣ୍ଡି,୨୦।୯(ଅଶେଷ ନାଥ ମିଶ୍ର)



ବୃଦ୍ଧ ସକୁରୁ ।

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ସହଦେବ ଟିକରପଡ଼ା ପଞ୍ଚାୟତ ବାଲିପାଟ ଗ୍ରାମର ଶତାୟୁ ବୃଦ୍ଧ ସୁକୁରୁ ଦଳେଇ(୧୦୫ ) ବାର୍ଦ୍ଧକ୍ୟ ଭତ୍ତା ପାଇଁ ହଟହଟା ହୋଇଥିବା ଶନିବାର ସାମ୍ନାକୁ ଆସିଛି। ପ୍ରାୟ ୧ ବର୍ଷ ପୂର୍ବେ ତାଙ୍କ ଅଣ୍ଟା ଓ ବାମ ଗୋଡ଼ ଭାଙ୍ଗି ଯାଇଥିବାରୁ ସେ ଘରେ ଶଯ୍ୟାଶାୟୀ ଅଛନ୍ତି। ତାଙ୍କ ନାତି ଭୀମ ଦଳେଇ ସୁକୁରୁଙ୍କ ଭତ୍ତା କାର୍ଡ ଧରି ପ୍ରତିମାସର ନିର୍ଦ୍ଧାରିତ ତାରିଖରେ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ଭତ୍ତା ଟଙ୍କା ନେଉଥିଲେ। ମାତ୍ର ହିତାଧିକାରୀ ସୁକୁରୁ ପଞ୍ଚାୟତ କାର୍ଯ୍ୟାଳୟକୁ ନ ଆସିଲେ ଗତ ଅଗଷ୍ଟ ମାସର ଭତ୍ତା ଟଙ୍କା ମିଳିବ ନାହିଁ ବୋଲି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମୁକ୍ତେଶ୍ୱରୀ ମଣ୍ଡଳ କହିଥିଲେ। ପରିବାର ଲୋକେ ତାଙ୍କୁ ଶନିବାର ଏକ ଅଟୋ ଯୋଗେ ପଞ୍ଚାୟତ କାର୍ଯ୍ୟାଳୟକୁ ଟେକି ଟେକି ଆଣିଥିଲେ। ଅନ୍ୟାନ୍ୟ କାର୍ଯ୍ୟ ପାଇଁ ପଞ୍ଚାୟତ କାର୍ଯ୍ୟାଳୟରେ ଉପସ୍ଥିତ ଥିବା ବହୁ ସଂଖ୍ୟକ ବ୍ୟକ୍ତି ଏହା ଜାଣିବା ପରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଯୁକ୍ତିତର୍କ କରି ପାଟିତୁଣ୍ଡ କରିଥିଲେ। ଏନେଇ ସେଠାରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ସରକାରୀ ନିୟମ ଅନୁସାରେ ଯଦି ଭତ୍ତା ପାଉଥିବା କୌଣସି ହିତାଧିକାରୀ ଶଯ୍ୟାଶାୟୀ ହୋଇଥାଏ ତା'ହେଲେ ପଞ୍ଚାୟତ ନିର୍ବାହୀ ଅଧିକାରୀ ହିତାଧିକାରୀଙ୍କ ଘରକୁ ଯାଇ ଭତ୍ତା ଟଙ୍କା ଦେବା ନିୟମ ରହିଛି। ଅଥଚ ଦିଗପହଣ୍ଡି ବ୍ଲକରେ ଚାଲିବାକୁ ଅକ୍ଷମ ହିତାଧିକାରୀଙ୍କୁ ସେବା ଯୋଗାଇବା ପରିବର୍ତ୍ତେ ହଇରାଣ କରାଯାଉଥିବା ଅଭିଯୋଗ ହେଉଛି। ଘଟଣା ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ସେ କହିଲେ, ଭତ୍ତା ପାଉଥିବା ସମସ୍ତ ହିତାଧିକାରୀ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିବା ନିୟମ ରହିଛି। ଯେଉଁ ହିତାଧିକାରୀ ଆସି ପାରୁନାହାନ୍ତି ସେମାନଙ୍କ ଘରକୁ ଯାଇ ସମ୍ପୃକ୍ତ ୱାର୍ଡ ସଭ୍ୟଙ୍କ ଉପସ୍ଥିତିରେ ଭତ୍ତା ଟଙ୍କା ପ୍ରଦାନ କରାଯାଉଛି। ବୃଦ୍ଧ ସୁକୁରୁଙ୍କ ନାତି ପ୍ରଥମେ ହିତାଧିକାରୀଙ୍କୁ ନ ଆଣି ଭତ୍ତା ଟଙ୍କା ଦେବାକୁ କହିବାରୁ ସେ ମନା କରିଥିବା କହିଛନ୍ତି। ଏ ସମ୍ପର୍କରେ ବିଡ଼ିଓ ଅନାମିକା ପାଣ୍ଡେଙ୍କୁ ପଚାରିବାରୁ ସେ କହିଲେ, ସରକାରଙ୍କ ନୂଆ ଗାଇଡ ଲାଇନ୍ ଅନୁଯାୟୀ ଏକ ଆପ୍ ମାଧ୍ୟମରେ ୩୫ ଶହ ଟଙ୍କା ଭତ୍ତା ପାଉଥିବା ୮୦ ବର୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀ ଭତ୍ତା ନେଉଥିବା ବେଳେ ତାଙ୍କ ଫଟୋ ଉଠାଯାଇ ଅପଲୋଡ଼ କରାଯିବା ବ୍ୟବସ୍ଥା ପ୍ରଣୟନ କରାଯାଇଛି। ଏନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସର୍କୁଲାର କରାଯାଇଥିବା ସେ କହିଥିଲେ।



ଅନେକ ବିମାନ ଉଡ଼ାଣ ବିଳମ୍ୱିତ ଓ ରଦ୍ଦ ହୋଇଥିବାରୁ ଗ୍ରେଟର ଲଣ୍ଡନସ୍ଥିତ ହିଥ୍ରୋ ଏୟାରପୋର୍ଟ ଚେକ୍-ଇନ୍ ଡେସ୍କ ନିକଟରେ ଶନିବାର ଯାତ୍ରୀମାନେ ଅପେକ୍ଷା କରିଛନ୍ତି।

# ୟୁରୋପୀୟ ଏୟାରପୋର୍ଟକୁ ସାଇବର ଆକ୍ରମଣ

■ଅନେକ ବିମାନ ଉଡ଼ାଣ ରଦ୍ଦ, ବିଳମ୍ୱିତ

■ଏୟାରପୋର୍ଟରେ ଫସିରହିଛନ୍ତି ଯାତ୍ରୀ

ବ୍ରସେଲ୍ସ/ଫ୍ରାଙ୍କଫର୍ଟ/ଲଣ୍ଡନ୍, ୨୦।୯(ଏପି/ରଏଟର୍ସ)

ୟୁରୋପୀୟ ବିମାନବନ୍ଦରଗୁଡ଼ିକ ଉପରେ ଶନିବାର ଏକ ବଡ଼ଧରଣର ସାଇବର ଆକ୍ରମଣ ହୋଇଛି। ଏଥିଯୋଗୁ ଅଧିକାଂଶ ଏୟାରପୋର୍ଟର ଚେକ୍-ଇନ୍ ସିଷ୍ଟମ୍ ଏକପ୍ରକାର ଅଚଳ ହୋଇଯାଇଛି। ଫଳରେ ଚେକ୍-ଇନ୍ ଡିଜିଟାଲି ହୋଇ ନ ପାରି କେବଳ କାଗଜକଲମରେ କରାଯାଉଥିବାରୁ ଅନେକ ବିମାନ ଉଡ଼ାଣ ରଦ୍ଦ କିମ୍ବା ବିଳମ୍ୱିତ ହୋଇଛି। ଏହି କାରଣରୁ ବଡ଼ ଏୟାରପୋର୍ଟଗୁଡ଼ିକରେ ଯାତ୍ରୀମାନେ ଫସିରହିଛନ୍ତି। ଏହା ବିମାନ ଉଡ଼ାଣ ନିର୍ଘଣ୍ଟକୁ ବହୁଳ ଭାବେ ପ୍ରଭାବିତ କରିଥିବା ବ୍ରସେଲ୍ସ ଏୟାରପୋର୍ଟ ପକ୍ଷରୁ ସୂଚନା ଦିଆଯାଇଛି।

ବ୍ରସେଲ୍ସ ଏୟାରପୋର୍ଟ ଏକ ବିବୃତିରେ ଜଣାଇଛି ଯେ, ସେପ୍ଟେମ୍ବର ୧୯ ରାତିରେ ଏହି ସାଇବର ଆଟାକ୍ ହୋଇଥିଲା। ଚେକ୍-ଇନ୍ ଓ ବୋର୍ଡିଂ ସିଷ୍ଟମ୍‌ର ସର୍ଭିସ୍ ପ୍ରୋଭାଇଡରକୁ ଏଥିରେ ଟାର୍ଗେଟ କରାଯାଇଥିଲା। ଏହି ସାଇବର ଆକ୍ରମଣରେ ଅନେକ ୟୁରୋପୀୟ ଏୟାରପୋର୍ଟ ପ୍ରଭାବିତ ହୋଇଛି। ସେହିପରି ବର୍ଲିନ୍‌ର ବ୍ରାଣ୍ଡେନ୍‌ବର୍ଗ ଏୟାରପୋର୍ଟ ପକ୍ଷରୁ କୁହାଯାଇଛି, ଯାତ୍ରୀ ପରିଚାଳନା ସମ୍ପର୍କିତ ଏକ ସର୍ଭିସ୍ ପ୍ରୋଭାଇଡରକୁ ଶୁକ୍ରବାର ରାତିରେ ସାଇବର ଆକ୍ରମଣ ହୋଇଥିଲା। ଏଥିଯୋଗୁ ଏୟାରପୋର୍ଟ ଅପରେଟରମାନେ ସିଷ୍ଟମ୍‌ରୁ ବିଚ୍ଛିନ୍ନ ହୋଇଯାଇଛନ୍ତି। ୟୁରୋପର ସବୁଠୁ ବ୍ୟସ୍ତବହୁଳ ବିମାନବନ୍ଦର ଲଣ୍ଡନସ୍ଥିତ ହିଥ୍ରୋ ଏୟାରପୋର୍ଟ କହିଛି, ଏହାର ସର୍ଭିସ୍ ପ୍ରୋଭାଇଡର ପାଇଁ 'ଏକ ବୈଷୟିକ ସମସ୍ୟା' ଦେଖାଦେଇଛି। ବିଶ୍ୱର ବହୁ ଏୟାରପୋର୍ଟ ପାଇଁ ଏୟାରଲାଇନ୍ସଗୁଡ଼ିକୁ ଚେକ୍-ଇନ୍ ଓ ବୋର୍ଡିଂ ସିଷ୍ଟମ୍ ଲାଗି ସେବା ପ୍ରଦାନ କରୁଥିବା କୋଲିନ୍ସ ଏରୋସ୍ପେସ୍ ବୈଷୟିକ ସମସ୍ୟା ଦେଇ ଗତି କରୁଛି। ଏଥିଯୋଗୁ ଯାତ୍ରୀଙ୍କ ପ୍ରସ୍ଥାନ ବିଳମ୍ୱିତ ହୋଇପାରେ ବୋଲି ହିଥ୍ରୋ ପକ୍ଷରୁ ଏକ ବିବୃତିରେ ସ୍ପଷ୍ଟ କରାଯାଇଛି। ଇତିମଧ୍ୟରେ ଏୟାରପୋର୍ଟଗୁଡ଼ିକ ଯାତ୍ରୀଙ୍କୁ ସେମାନଙ୍କ ଫ୍ଲାଇଟ୍ ଷ୍ଟାଟସ୍ ଯାଞ୍ଚ କରିବାକୁ ପରାମର୍ଶ ଦେବା ସହ ଅସୁବିଧାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି। ବ୍ରିଟେନ୍‌ର ନ୍ୟାଶନାଲ ସାଇବର ସିକ୍ୟୁରିଟି ସେଣ୍ଟର କୋଲିନ୍ସ ଏରୋସ୍ପେସ୍ ସହ ଯୋଗସୂତ୍ର ରଖି କାର୍ଯ୍ୟ କରୁଥିବା କହିଛି।

# ୨୮ ରାଜ୍ୟର ଋଣ ୫୯.୬ ଲକ୍ଷ କୋଟି

**୧୦ ବର୍ଷରେ ୩.୩ ଗୁଣ ବୃଦ୍ଧି ନେଇ ସିଏଜିଙ୍କ ଉଦ୍‌ବେଗ**

**ଓଡ଼ିଶାର ଋଣ ଅନୁପାତ ସର୍ବନିମ୍ନ**

ନୂଆଦିଲ୍ଲୀ,୨୦।୯



ଭାରତର ୨୮ ରାଜ୍ୟର ମୋଟ ସରକାରୀ ଋଣ ୧୦ ବର୍ଷ ମଧ୍ୟରେ ୩ ଗୁଣ ହୋଇଥିବା କମ୍ପଟ୍ରୋଲର ଆଣ୍ଡ ଅଡିଟ୍ ଜେନେରାଲ (ସିଏଜି)ଙ୍କ ଅନୁଧ୍ୟାନରୁ ଜଣାପଡ଼ିଛି। ସିଏଜି ପକ୍ଷରୁ ପ୍ରଥମଥର ପାଇଁ ଏଭଳି ୧୦ ବର୍ଷିଆ ବିଶ୍ଳେଷଣ କରାଯାଇଛି। କେତେକ ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ୨୦୧୩-୧୪ରେ ଦେଶର ସମସ୍ତ ୨୮ ରାଜ୍ୟର ମୋଟ ଋଣ ପରିମାଣ ୧୭.୫୭ ଲକ୍ଷ କୋଟି ଟଙ୍କା ଥିଲା। ୨୦୨୨-୨୩ରେ ଏହା ୫୯.୬୦ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଅର୍ଥାତ୍ ୧୦ ବର୍ଷରେ ଋଣ ପରିମାଣ ୩.୩ ଗୁଣରୁ ଅଧିକ ବୃଦ୍ଧି ପାଇଛି, ଯାହାକି ରାଜ୍ୟଗୁଡ଼ିକର ମୋଟ ଦ୍ରବ୍ୟ ଓ ସେବା ଉତ୍ପାଦ ମୂଲ୍ୟର ଏକ ବଡ଼ ଭାଗ।

ମୋଟ ରାଜ୍ୟ ଘରୋଇ ଉତ୍ପାଦ (ଜିଏସ୍‌ଡିପି) ଅନୁଯାୟୀ ଦେଖିଲେ ୨୦୧୩-୧୪ରେ ଋଣ ପରିମାଣ ଏହାର ୧୬.୬୬ ପ୍ରତିଶତ ଥିବାବେଳେ ୨୦୨୨-୨୩ରେ ଏହା ପାଖାପାଖି ୨୩ ପ୍ରତିଶତରେ ପହଞ୍ଚିଛି। ଶୁକ୍ରବାର ରାଜ୍ୟ ଅର୍ଥ ସଚିବମାନଙ୍କ ସମ୍ମିଳନୀରେ ସିଏଜି କେ. ସଞ୍ଜୟ ମୂର୍ତ୍ତି ଏହି ତଥ୍ୟ ପ୍ରକାଶ କରିଛନ୍ତି। ତେବେ ସବୁ ରାଜ୍ୟ ଉପରେ ସମାନ ଋଣ ବୋଝ ନାହିଁ। ୨୦୨୩ ଆର୍ଥିକ ବର୍ଷ ଶେଷ ସୁଦ୍ଧା ପଞ୍ଜାବର ଋଣ ଜିଏସ୍‌ଡିପି ଅନୁପାତ ସର୍ବାଧିକ ୪୦.୩୫ ପ୍ରତିଶତ ଥିବାବେଳେ ଦ୍ୱିତୀୟ ସ୍ଥାନରେ ନାଗାଲାଣ୍ଡ (୩୭.୧୫%) ଏବଂ ତୃତୀୟରେ ପଶ୍ଚିମବଙ୍ଗ (୩୩.୭୦%) ରହିଛି। ତେବେ ଓଡ଼ିଶାର ଋଣ ଏବଂ ଜିଏସ୍‌ଡିପି ଅନୁପାତ ସର୍ବନିମ୍ନ ୮.୪୫ ପ୍ରତିଶତ ରହିଛି। ମହାରାଷ୍ଟ୍ରର ଏହି ଅନୁପାତ ୧୪.୬୪% ହୋଇଥିବାବେଳେ ଗୁଜରାଟର ୧୬.୩୭%। ମୋଟାମୋଟି ଦେଖିଲେ ୮ଟି ରାଜ୍ୟର ସରକାରୀ ଋଣ ଜିଏସ୍‌ଡିପିର ୩୦ ପ୍ରତିଶତରୁ ଅଧିକ ରହିଥିବାବେଳେ ୬ ରାଜ୍ୟର ୨୦ ପ୍ରତିଶତରୁ କମ୍ ଏବଂ ଅବଶିଷ୍ଟ ରାଜ୍ୟଗୁଡ଼ିକର ୨୦ରୁ ୩୦ ପ୍ରତିଶତ ମଧ୍ୟରେ ରହିଛି। ରାଜ୍ୟଗୁଡ଼ିକର ମୋଟ ଋଣ ଭାରତର ଜିଡିପିର ୨୨.୧୭ ପ୍ରତିଶତ ସହ ସମାନ। ୨୦୨୩ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଭାରତର ଜିଡିପି ୨୬୮.୯ ଲକ୍ଷ କୋଟି ଟଙ୍କା ଥିଲା।

ସରକାରୀ ଋଣରୁ ସରକାର ତାଙ୍କ ବ୍ୟୟ ପାଇଁ କିଭଳି ଫଣ୍ଡିଂ କରୁଛନ୍ତି, ତାହା ଜଣାପଡ଼େ। ରିପୋର୍ଟ ଅନୁଯାୟୀ ରାଜ୍ୟ ଋଣ ହେଉଛି ରାଜସ୍ୱ ଗ୍ରହଣର ଏକ ଭାଗ, ଯାହା ଗତ ୧୦ ବର୍ଷରେ ୧୨୮ରୁ ୧୯୧ ପ୍ରତିଶତ ମଧ୍ୟରେ ଉଠାପକା ହୋଇଛି। ହାରାହାରି ଭାବେ ଦେଖିଲେ ଋଣ ପରିମାଣ ରାଜ୍ୟଗୁଡ଼ିକର ବାର୍ଷିକ ରାଜସ୍ୱର ପ୍ରାୟ ୧୫୦ ପ୍ରତିଶତ ରହିଛି। କୋଭିଡ୍ ମହାମାରୀ ଆର୍ଥିକ କାରବାରକୁ ପ୍ରଭାବିତ କରିବା ଫଳରେ ୨୦୨୧ ଆର୍ଥିକ ବର୍ଷରେ ଋଣ ପରିମାଣ ପୂର୍ବବର୍ଷର ଜିଏସ୍‌ଡିପିର ୨୧%ରୁ ବୃଦ୍ଧି ପାଇ ୨୫% ହୋଇଥିଲା। ୨୦୨୦-୨୧ ଏବଂ ୨୦୨୨-୨୩ ବର୍ଷରେ ଅଧିକ ଋଣ କେନ୍ଦ୍ର ସରକାରଙ୍କଠାରୁ ଜିଏସ୍‌ଟି କ୍ଷତିପୂରଣ ଋଣ ଏବଂ ସ୍ୱତନ୍ତ୍ର ସହାୟତା ପ୍ୟାକେଜ୍ ଜରିଆରେ ଆସିଥିଲା।

ସରକାର ପରିଚାଳନା ଖର୍ଚ୍ଚ ପାଇଁ ନୁହେଁ, କେବଳ ନିବେଶ ନିମନ୍ତେ ଋଣ ଉଠାଇବାର ତଥାକଥିତ ଗୋଲ୍ଡେନ୍ ରୁଲ୍ ଥିବାବେଳେ ଏଥିରେ ଉଲ୍ଲଂଘନ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ୨୦୨୩ ଆର୍ଥିକ ବର୍ଷରେ ଆନ୍ଧ୍ରପ୍ରଦେଶ, ପଞ୍ଜାବ, ପଶ୍ଚିମବଙ୍ଗ, କେରଳ, ବିହାର ଓ ତାମିଲନାଡୁ ଆଦି ୧୧ଟି ରାଜ୍ୟ ସେମାନଙ୍କ ଋଣ ଅର୍ଥର କିଛି ଅଂଶକୁ ପୁଞ୍ଜି ବ୍ୟୟ ପରିବର୍ତ୍ତେ ରାଜସ୍ୱ ନିଅଣ୍ଟ ଭରଣା କରିବାରେ ବିନିଯୋଗ କରିଥିଲେ।

ରାଜ୍ୟଗୁଡ଼ିକର ଋଣ ବୋଝକୁ ନେଇ ସିଏଜି ରିପୋର୍ଟ ପ୍ରକାଶ ପାଇବା ପରେ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛି। କେନ୍ଦ୍ର ସରକାର ସଂଘୀୟ ସହଯୋଗରେ ଏକଚାଟିଆ ମନୋଭାବ ପୋଷଣ କରୁଥିବାରୁ ରାଜ୍ୟଗୁଡ଼ିକର ସ୍ୱାଧୀନତା ବିପନ୍ନ ହୋଇଥିବା କଂଗ୍ରେସ ଅଭିଯୋଗ କରିଛି। ଦେଶର ସଂଘବାଦ ଏବେ ଅଭୂତପୂର୍ବ ଚାପ ମଧ୍ୟରେ ରହିଥିବା କଂଗ୍ରେସ ସାଧାରଣ ସମ୍ପାଦକ ରଣଦୀପ୍ ସୁର୍ଜେୱାଲା କହିଛନ୍ତି।

## ଆତଙ୍କବାଦୀଙ୍କ ଗୁଳିରେ ଯବାନ ମୃତ

ଜମ୍ମୁ,୨୦।୯(ପି.ଟି.)


ଜମ୍ମୁ-କଶ୍ମୀରର ଉଧମପୁର ଜିଲାର ଏକ ଦୁର୍ଗମ ଜଙ୍ଗଲ ଅଞ୍ଚଳରେ ଶୁକ୍ରବାର ରାତିରେ ଆତଙ୍କବାଦୀଙ୍କ ସହ ଗୁଳି ବିନିମୟ ବେଳେ ଗୁରୁତର ଆହତ ହୋଇଥିବା ଜଣେ ଯବାନଙ୍କ ମୃତ୍ୟୁ ଘଟିଛି। ଉଧମପୁର ସୀମାନ୍ତ ସେଓଜଧାର ଜଙ୍ଗଲ ସୀମାରେ ଲୁଚି ରହିଥିବା ଆତଙ୍କବାଦୀମାନଙ୍କୁ ଧରିବା ପାଇଁ ସେନା ଏବଂ ଜମ୍ମୁ-କଶ୍ମୀର ପୋଲିସର ସ୍ୱତନ୍ତ୍ର ଅପରେଶନ ଗ୍ରୁପ୍ (ଏସ୍‌ଓଜି) ପକ୍ଷରୁ ମିଳିତ ତଲାସି ଅଭିଯାନ ଚାଲିଥିବାବେଳେ ଆତଙ୍କବାଦୀମାନେ ଗୁଳି ଚଳାଇଥିଲେ। ଗୁଳିମାଡ଼ରେ ଆହତ ହୋଇଥିବା ଯବାନଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଉକ୍ତ ଅଞ୍ଚଳକୁ ସେନା ଘେରାବନ୍ଦୀ କରି ରଖିବା ସହ ଶନିବାର ସକାଳୁ ପୁନର୍ବାର ତଲାସି ଅଭିଯାନ ଆରମ୍ଭ କରିଛି। ଉକ୍ତ ଅଞ୍ଚଳରେ ୨ରୁ ୩ ଜଣ ଆତଙ୍କବାଦୀ ଆତ୍ମଗୋପନ କରିଥିବା ବିଶ୍ୱାସ କରାଯାଉଛି।

## ଜୁବିନ୍‌ଙ୍କ ମୃତ୍ୟୁର ତଦନ୍ତ କରିବ ପୋଲିସ

ଗୁଆହାଟୀ,୨୦।୯

ଖ୍ୟାତନାମା ଗାୟକ ଜୁବିନ୍ ଗର୍ଗ(୫୨)ଙ୍କ ମୃତ୍ୟୁର ତଦନ୍ତ ହେବ ବୋଲି ଆସାମ ସରକାର କହିଛନ୍ତି। ଜୁବିନ୍ ବିନା ଲାଇଫ୍ ଜାକେଟ୍‌ରେ ସନ୍ତରଣ କରୁଥିବାରୁ ଜୀବନ ହରାଇଲେ ବୋଲି ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି। ସିଙ୍ଗାପୁର ରାଷ୍ଟ୍ରଦୂତଙ୍କ ସୂଚନା ଅନୁଯାୟୀ ଜୁବିନ୍ ନିଜ ଟିମ୍‌ର ୪ ସଦସ୍ୟ ଓ ଅନ୍ୟ ୧୧ ଜଣ ଅସମୀୟା ଯୁବକଙ୍କ ସହ ଶୁକ୍ରବାର ସ୍ଥାନୀୟ ସମୟ ଅପରାହ୍ନ ୨ଟାରେ ଏକ ନୌକା ଭ୍ରମଣରେ ଯାଇଥିଲେ। କିଛି ସମୟ ପରେ ସେମାନେ ଗୋଟିଏ ସ୍ଥାନରେ ଅଟକିଯାଇ ସନ୍ତରଣ କରିଥିଲେ। ପ୍ରଥମେ ଜୁବିନ୍ ଲାଇଫ୍ ଜାକେଟ ପିନ୍ଧିଥିଲେ। ତେବେ ଲାଇଫ୍ ଜାକେଟ୍ ବଡ଼ ଥିବାରୁ ସେ ଏହାକୁ ଓହ୍ଲାଇଦେଇ ପୁଣି ସନ୍ତରଣ ଆରମ୍ଭ କରିଥିଲେ। ସେ ବୁଡ଼ିଯାଉଥିବା ଦେଖି ବୋଟ୍‌ର କ୍ରିଉ ସଦସ୍ୟ ପାଣିକୁ ଡେଇଁ ତାଙ୍କୁ ଉପରକୁ ଆଣିଥିଲେ। ଡାକ୍ତର ଓ ତଟରକ୍ଷୀମାନେ ତାଙ୍କୁ ସିପିଆର୍ ଦେଇଥିଲେ ମଧ୍ୟ କିଛି ଲାଭ ହୋଇ ନ ଥିଲା। ସିଙ୍ଗାପୁର ଜେନେରାଲ ହସ୍ପିଟାଲକୁ ନେବା ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବିମାନ ଦୁର୍ଘଟଣାରେ ଗ୍ରାମୀ ବିଜୟୀ ଗୀତିକାର ବ୍ରେଟ୍ ଜେମ୍ସଙ୍କ ପରଲୋକ



ଲସ୍ ଏଞ୍ଜେଲ୍ସ,୨୦।୯

ଏକ କ୍ଷୁଦ୍ର ବିମାନ ଦୁର୍ଘଟଣାରେ ଗ୍ରାମୀ ପୁରସ୍କାର ବିଜୟୀ ଆମେରିକାର ଲୋକପ୍ରିୟ ଗୀତିକାର ତଥା ଗାୟକ ବ୍ରେଟ୍ ଜେମ୍ସଙ୍କ ପରଲୋକ ହୋଇଛି। ତାଙ୍କୁ ୫୭ ବର୍ଷ ହୋଇଥିଲା। ଜିଶୁସ୍ ଟେକ୍ ଦି ହ୍ୱିଲ୍ ଏବଂ ହେଭେନ୍ ଦି ସନ୍ ଗୋଜ୍ ଡାଉନ୍ ତାଙ୍କର ସବୁଠୁ ହିଟ୍ ଗୀତ ଥିଲା। ଜେମ୍ସଙ୍କ ସମେତ ୩ ଜଣଙ୍କୁ ନେଇ ଯାଉଥିବା କ୍ଷୁଦ୍ର ବିମାନଟି ଗୁରୁବାର ଅପରାହ୍ନରେ ଫ୍ରାଙ୍କଲିନ୍‌ସ୍ଥିତ ଜଙ୍ଗଲରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାର କାରଣ ଜଣାପଡ଼ି ନ ଥିବା ସଂଘୀୟ ବିମାନ ଚଳାଚଳ ପ୍ରଶାସନ ପକ୍ଷରୁ କୁହାଯାଇଛି। ବିମାନରେ ଥିବା ସମସ୍ତଙ୍କର ମୃତ୍ୟୁ ଘଟିଥିବା ନର୍ଥ କାରୋଲିନା ରାଜ୍ୟ ହାଇୱେ ପାଟ୍ରୋଲ ପକ୍ଷରୁ କୁହାଯାଇଛି। ବିମାନଟି ଜେମ୍ସଙ୍କ ନାମରେ ଥିବାବେଳେ ଏହାକୁ ସେ ଚଳାଉଥିଲେ କି ନାହିଁ ସ୍ପଷ୍ଟ ହୋଇ ନାହିଁ। ବିମାନରେ ଥିବା ଅନ୍ୟ ୨ ଜଣ ହେଲେ ମେଲୋଡି କାରୋଲ ଏବଂ ମେରିଲ୍ ମାକ୍ସୱେଲ ୱିଲ୍‌ସନ୍।

# ଅନ୍ୟ ରାଷ୍ଟ୍ର ଉପରେ ନିର୍ଭରଶୀଳତା ଭାରତର ବଡ଼ ଶତ୍ରୁ: ମୋଦି

ଭାବନଗର,୨୦।୯


ଗୁଜରାଟର ଭାବନଗରଠାରେ ଏକ ରୋଡ୍‌ଶୋ'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହାତ ହଲାଇ ଲୋକମାନଙ୍କୁ ଅଭିନନ୍ଦନ ଜଣାଉଛନ୍ତି।

ଅନ୍ୟ ରାଷ୍ଟ୍ରଗୁଡ଼ିକ ଉପରେ ନିର୍ଭରଶୀଳତା ଭାରତର ମୁଖ୍ୟ ଶତ୍ରୁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର କହିବା ସହ ଆତ୍ମନିର୍ଭରଶୀଳତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେମିକଣ୍ଡକ୍ଟର ଚିପ୍‌ଠାରୁ ଆରମ୍ଭ କରି ଜାହାଜ ପର୍ଯ୍ୟନ୍ତ ସବୁକିଛି ସ୍ୱଦେଶୀ ଉତ୍ପାଦନ ପାଇଁ ସେ ଆହ୍ୱାନ ଦେଇଛନ୍ତି।

ଗୁଜରାଟର ଭାବନଗରଠାରେ 'ସମୁଦ୍ର ସେ ସମୃଦ୍ଧି' କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବା ଅବସରରେ ବିଦେଶ ଉପରେ ଅତ୍ୟଧିକ ନିର୍ଭରଶୀଳତା ବଡ଼ ଜାତୀୟ ବିଫଳତା ସୃଷ୍ଟି କରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସେ ୩୪,୨୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ। ସବୁ ସମସ୍ୟାର ଏକମାତ୍ର ସମାଧାନ ହେଉଛି ଆତ୍ମନିର୍ଭରଶୀଳତା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଭାରତ ବୈଶ୍ୱିକ ଭ୍ରାତୃଭାବ ଭାବନା ନେଇ ଆଗକୁ ବଢ଼ୁଛି ଓ ଏବେ ବିଶ୍ୱରେ ଏହାର କେହି ବଡ଼ ଶତ୍ରୁ ନାହାନ୍ତି। ଏହାର ସବୁଠୁ ବଡ଼ ଶତ୍ରୁ ହେଉଛି ଅନ୍ୟ ରାଷ୍ଟ୍ରଗୁଡ଼ିକ ଉପରେ ଅତ୍ୟଧିକ ନିର୍ଭରଶୀଳତା। ଏହି ନିର୍ଭରଶୀଳତାକୁ ସାମୂହିକ ଭାବେ ହଟାଇବାକୁ ହେବ। ବୈଶ୍ୱିକ ଶାନ୍ତି, ସ୍ଥିରତା ଏବଂ ସମୃଦ୍ଧି ପାଇଁ ବିଶ୍ୱର ସବୁଠୁ ଜନବହୁଳ ରାଷ୍ଟ୍ରକୁ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ପଞ୍ଜାବ ବନ୍ୟାକୁ ଗମ୍ଭୀର ବିପର୍ଯ୍ୟୟ ଘୋଷଣା କଲା କେନ୍ଦ୍ର

ଚଣ୍ଡିଗଡ଼,୨୦।୯

କେନ୍ଦ୍ର ସରକାର ପଞ୍ଜାବ ବନ୍ୟାକୁ ଗମ୍ଭୀର ବିପର୍ଯ୍ୟୟ ଘୋଷଣା କରିଛନ୍ତି। ବନ୍ୟା କ୍ଷୟକ୍ଷତି ସମ୍ପର୍କିତ ଆକଳନ ରିପୋର୍ଟ ୩ ମାସ ମଧ୍ୟରେ ପଠାଇବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପଞ୍ଜାବ ସରକାରଙ୍କୁ ନିର୍ଦ୍ଦେଶ ଦେଇଛି। ଗମ୍ଭୀର ବିପର୍ଯ୍ୟୟ ଘୋଷଣା ହୋଇଥିବାରୁ ଅନ୍ତଃମନ୍ତ୍ରଣାଳୟ ଟିମ୍ କ୍ଷୟକ୍ଷତି ଆକଳନ କରିବା ପରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ଜରିଆରେ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଏଥିପାଇଁ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ଅର୍ଥ ପ୍ରଦାନ କରାଯିବ। କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଏବଂ ଜିତିନ ପ୍ରସାଦ ମଧ୍ୟ କ୍ଷୟକ୍ଷତି ଆକଳନ ପାଇଁ ପଠାନକୋଟ ଓ ଗୁରଦାସପୁର ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ସୂଚନାଯୋଗ୍ୟ, ଅଗଷ୍ଟ ୨୬ ଓ ୨୭ରେ ପ୍ରବଳ ବର୍ଷା ହେବାରୁ ରଞ୍ଜିତ ସାଗର ଡ୍ୟାମ୍‌ରୁ ୨.୧୨ ଲକ୍ଷ କ୍ୟୁସେକ୍ ଜଳ ଛଡ଼ାଯାଇଥିଲା। ଅପରେଶନ ସିନ୍ଦୂର ପରେ ପାକିସ୍ତାନକୁ ପାଣି ବନ୍ଦ କରିବାକୁ ମାଧୋପୁର ବ୍ୟାରେଜ୍‌ର ୫୪ଟି ଗେଟ୍‌କୁ ବନ୍ଦ କରାଯାଇଥିଲା। ପ୍ରବଳ ପାଣି ଚାପରୁ ୨ଟି ଗେଟ୍ ଭୁଶୁଡ଼ି ପଡ଼ିବାରୁ ବନ୍ୟା ଆସିଥିଲା।


## ସରପଞ୍ଚଙ୍କୁ ଭୋଟ ଦେଇ ନ ଥିବାରୁ ପରିବାର ବାସନ୍ଦ, ଘର ଭାଙ୍ଗିଦେଲେ

ରାୟପୁର,୨୦।୯

ଛତିଶଗଡ଼ର ବେମେତାରା ଜିଲାରେ ଅନୁଷ୍ଠିତ ପଞ୍ଚାୟତ ନିର୍ବାଚନରେ ସରପଞ୍ଚଙ୍କୁ ଭୋଟ ଦେଇ ନ ଥିବାରୁ ଗୋଟିଏ ପରିବାରକୁ ସାମାଜିକ ବାସନ୍ଦ କରାଯିବା ସହ ସେମାନଙ୍କ ଘର ଭାଙ୍ଗିଦିଆଯାଇଛି। ସରପଞ୍ଚଙ୍କ ନିର୍ଦ୍ଦେଶକ୍ରମେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଅଭିଯୋଗ ହୋଇଛି। ନଭଗଡ଼ ତହସିଲ୍ ଅନ୍ତର୍ଗତ ଗାଡ଼ାମୋଡ ପଞ୍ଚାୟତର ଉକ୍ତ ପରିବାର ଏବଂ ସରପଞ୍ଚ ସତନାମୀ (ଅନୁସୂଚିତ ଜାତି) ସମ୍ପ୍ରଦାୟର। ଉକ୍ତ ପରିବାରର ୧୦ ସଦସ୍ୟ ଭୟଭୀତ ଅବସ୍ଥାରେ ରହିଛନ୍ତି। ସରପଞ୍ଚ ମହାଜନ ମାନହାରେଙ୍କ ନିର୍ଦ୍ଦେଶକ୍ରମେ ବୁଲ୍‌ଡୋଜର ଲଗାଇ ସେମାନଙ୍କ ୨୫ ବର୍ଷର ପୁରୁଣା ଘରକୁ ଭଙ୍ଗାଯିବା ବେଳେ ତହସିଲଦାର ଓ ସ୍ଥାନୀୟ ପୋଲିସ ଉପସ୍ଥିତ ଥିଲେ। ସରପଞ୍ଚଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରିବାକୁ ଉକ୍ତ ପରିବାରକୁ ସୁଯୋଗ ଦିଆଯାଇ ନ ଥିଲା। ନ୍ୟାୟ ଓ କ୍ଷତିପୂରଣ ପାଇଁ ଏସ୍‌ଡିଏମ୍, ଜିଲା ପୋଲିସ ମୁଖ୍ୟ ଏବଂ ତହସିଲଦାରଙ୍କ ନିକଟରେ ଦାବି ହୋଇଛି। ବେଆଇନ ଭାବେ ଜମି ଦଖଲ କରି ଘର କରିଥିବାରୁ ଏହାକୁ ଖାଲି କରିବା ପାଇଁ ସରପଞ୍ଚ ନୋଟିସ୍ ଜାରି କରିଥିଲେ।

# ମୋହନଲାଲ୍‌ଙ୍କୁ ଦାଦାସାହେବ ଫାଲ୍‌କେ

ନୂଆଦିଲ୍ଲୀ,୨୦।୯(ପି.ଟି.)



ମାଲୟାଲମ୍ ସୁପରଷ୍ଟାର ମୋହନଲାଲ୍‌ଙ୍କୁ ୨୦୨୩ ବର୍ଷ ପାଇଁ ଦାଦାସାହବ ଫାଲ୍‌କେ ପୁରସ୍କାର ପ୍ରଦାନ ଲାଗି ମନୋନୀତ କରାଯାଇଥିବା ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଶନିବାର ଘୋଷଣା କରିଛି। ସିନେମା କ୍ଷେତ୍ରରେ ଦେଶର ସର୍ବୋଚ୍ଚ ସ୍ୱୀକୃତି ଭାବେ ଦାଦାସାହେବ ପୁରସ୍କାର ପ୍ରଦାନ କରାଯାଇଥାଏ। ଭାରତୀୟ ସିନେମାକୁ ଉଲ୍ଲେଖନୀୟ ଅବଦାନ ପାଇଁ ଅଭିନେତା, ନିର୍ଦ୍ଦେଶକ ଓ ଫିଲ୍ମ ନିର୍ମାତା ମୋହନଲାଲଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରିବା ନିମନ୍ତେ ଦାଦାସାହେବ ଫାଲ୍‌କେ ଆୱାର୍ଡ ସିଲେକ୍ସନ କମିଟି ସୁପାରିସ କରିଥିଲା ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଆସନ୍ତା ୨୩ ତାରିଖରେ ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଉତ୍ସବରେ ୬୫ ବର୍ଷୀୟ ମୋହନଲାଲ୍‌ଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ମୋହନଲାଲ୍‌ଙ୍କ ଅତୁଳନୀୟ ଦକ୍ଷତା, ବହୁମୁଖୀ ପ୍ରତିଭା ଏବଂ ଅବିଶ୍ରାନ୍ତ କଠିନ ପରିଶ୍ରମ ଭାରତୀୟ ସିନେମା ଇତିହାସରେ ଏକ ସ୍ୱର୍ଣ୍ଣିମ ମାନ ସୃଷ୍ଟି କରିଥିଲା ବୋଲି ମନ୍ତ୍ରଣାଳୟ କହିଛି। ୪ ଦଶନ୍ଧିର କ୍ୟାରିୟରରେ ମୋହନଲାଲ୍ ୩୫୦ରୁ ଊର୍ଦ୍ଧ୍ୱ ମାଲୟାଲମ୍, ତାମିଲ, ତେଲୁଗୁ, ହିନ୍ଦୀ ଓ କନ୍ନଡ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ତାଙ୍କର ସବୁଠୁ ଲୋକପ୍ରିୟ ଚଳଚ୍ଚିତ୍ର ମଧ୍ୟରେ ରହିଛି ଥାନମଥ୍ରା, ଦୃଶ୍ୟମ୍, ବାନପ୍ରସ୍ଥମ୍ ଏବଂ ପୁଲିମୁରୁଗାନ୍। ସେ ଶ୍ରେଷ୍ଠ ଅଭିନେତା ଭାବେ ୨ ଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସାଙ୍ଗକୁ ୯ ଥର କେରଳ ରାଜ୍ୟ ପୁରସ୍କାର ଓ ଅନ୍ତର୍ଜାତୀୟ ସମ୍ମାନ ପାଇଛନ୍ତି। ୨୦୦୧ରେ ତାଙ୍କୁ ପଦ୍ମଶ୍ରୀ ଏବଂ ୨୦୧୯ରେ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା।

ଦାଦାସାହେବ ଫାଲ୍‌କେ ପୁରସ୍କାର ପାଇଁ ମନୋନୀତ ହୋଇଥିବା ମୋହନଲାଲ୍‌ଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିନନ୍ଦନ ଜଣାଇଛନ୍ତି। ମୋହନଲାଲ୍ ଉତ୍କର୍ଷତା ଓ ବହୁମୁଖୀ ପ୍ରତିଭାର ପ୍ରତୀକ ବୋଲି ଏକ ସୋସିଆଲ ମିଡିଆ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି।

# ଖଣିଶିଳ୍ପକୁ ପ୍ରଭାବିତ କରିବ ନିମ୍ନ ଗ୍ରେଡ୍ ଲୁହାପଥର ଉପରେ ରପ୍ତାନି ଶୁଳ୍କ

ଭୁବନେଶ୍ୱର,୨୦।୯

ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍ (ୟୁସିସିଆଇଏଲ୍) ନିମ୍ନ ଗ୍ରେଡ୍ ଲୁହାପଥର (୫୮% ଏଫ୍‌ଇ ତଳେ) ରପ୍ତାନି ଉପରେ ଶୁଳ୍କ ଲାଗୁ କରିବା ସମ୍ପର୍କରେ କେନ୍ଦ୍ର ସରକାରଙ୍କ ଦ୍ୱାରା ସମ୍ପ୍ରତି ଆଲୋଚନାକୁ ଦୃଷ୍ଟିରେ ରଖି ରାଜ୍ୟର ଲୁହାପଥର ଖଣି ଶିଳ୍ପକୁ ସୁରକ୍ଷା ଦେବା ପାଇଁ ଓଡ଼ିଶା ସରକାରଙ୍କୁ ଅନୁରୋଧ କରିଛି। ଏପରି ପଦକ୍ଷେପ ଖଣି ପ୍ରମୁଖ ରାଜ୍ୟଗୁଡ଼ିକର ରାଜକୋଷକୁ ୧୬୨୦୦ କୋଟିରୁ ଅଧିକ ସାମୂହିକ କ୍ଷତି କରିବା ସହ ରାଜ୍ୟଗୁଡିକରେ ୫ ଲକ୍ଷରୁ ଅଧିକ ଖଣି ନିର୍ଭରଶୀଳଙ୍କ ଜୀବିକା ବିପନ୍ନ କରିବ ବୋଲି ବୋଲି ୟୁସିସିଆଇଏଲ୍ କହିଛି। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲେଖିଥିବା ଏକ ଚିଠିରେ, ଅଗଷ୍ଟ ୨୬ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକ ବିଷୟରେ ଉଲ୍ଲେଖ କରିଛି। ଏହି ବୈଠକର ଅଧ୍ୟକ୍ଷତା ଭାରତ ସରକାରଙ୍କ ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ କରିଥିଲେ ଏବଂ ଓଡ଼ିଶା ପକ୍ଷରୁ ଏସିଏସ୍ ଇସ୍ପାତ ଏବଂ ଖଣି ବିଭାଗ ମଧ୍ୟ ଯୋଗଦେଇଥିଲେ। ଆଲୋଚନାରେ ନିମ୍ନ-ଗ୍ରେଡ୍ ଲୁହାପଥର (୫୮%ରୁ କମ୍) ଉପରେ ସମ୍ଭାବ୍ୟ ରପ୍ତାନି ଶୁଳ୍କ ଲାଗୁ କରିବା ସମେତ ବିଭିନ୍ନ ପଦକ୍ଷେପ ଅନୁସନ୍ଧାନ କରାଯାଉଛି। ୟୁସିସିଆଇଏଲ୍ କହିଛି, ଏପରି ଯେକୌଣସି ପଦକ୍ଷେପ କେବଳ ରାଜ୍ୟ ରାଜସ୍ୱ ନୁହେଁ ବରଂ ଖଣି କାର୍ଯ୍ୟର କାର୍ଯ୍ୟକ୍ଷମତା ଏବଂ କ୍ଷେତ୍ର ଉପରେ ନିର୍ଭରଶୀଳ ଅନେକ ହଜାର ଲୋକଙ୍କ ଜୀବିକା ଉପରେ ବିଶେଷକରି ଦୂରଦୂରାନ୍ତ ଏବଂ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଅଞ୍ଚଳରେ ପ୍ରତିକୂଳ ପ୍ରଭାବ ପକାଇବ। ଶିଳ୍ପ ଆକଳନ ଏବଂ ତଥ୍ୟ ମଡେଲ ଅନୁଯାୟୀ, ନିମ୍ନ-ଗ୍ରେଡ୍ ଲୁହାପଥର ଉପରେ ପ୍ରସ୍ତାବିତ ରପ୍ତାନି ଶୁଳ୍କ ଲାଗୁହେବା ଦ୍ୱାରା ଓଡ଼ିଶାର ରାଜକୋଷକୁ ବାର୍ଷିକ ୧୦,୦୦୦ କୋଟିରୁ ଅଧିକ କ୍ଷତି ହୋଇପାରେ। କେବଳ ଓଡ଼ିଶା ଖଣି ନିଗମ (ଓଏମ୍‌ସି) ପ୍ରାୟ ୫,୭୦୦ କୋଟି ରାଜସ୍ୱ କ୍ଷତି ସହିବ ବୋଲି ଆକଳନ କରାଯାଇଛି।

# ଆପଲ ଆଇଫୋନ ୧୭ ସିରିଜର ଲଞ୍ଚ

ଭୁବନେଶ୍ୱର,୨୦।୯

ଇଲେକ୍ଟ୍ରୋନିକ୍ସ ରିଟେଲ ଚେନ ରିଲାଏନ୍ସ ଡିଜିଟାଲ ବହୁ ପ୍ରତୀକ୍ଷିତ ଆପଲ ଆଇଫୋନ ୧୭ ସିରିଜର ଲଞ୍ଚ ଘୋଷଣା କରିଛି। ମେଟ୍ରୋ ସହରଠାରୁ ଆରମ୍ଭ କରି ଛୋଟ ସହର ପର୍ଯ୍ୟନ୍ତ ଭାରତୀୟ ଆପଲ ପ୍ରେମୀମାନେ ନୂଆ ଆଇଫୋନ ପାଇପାରିବେ। ରିଲାଏନ୍ସ ଡିଜିଟାଲ ଆଇଫୋନ ୧୬ ପ୍ଲସ ଏବଂ ଆଇଫୋନ ୧୬ଇ ଉପରେ ବର୍ତ୍ତମାନ ପର୍ଯ୍ୟନ୍ତର ସର୍ବନିମ୍ନ ମୂଲ୍ୟ ଘୋଷଣା କରିଛି। ପ୍ରଥମ ଥର ପାଇଁ, ଆଇଫୋନ ୧୬ ପ୍ଲସ ୫୭,୯୯୦ ଟଙ୍କାରେ ଏବଂ ଆଇଫୋନ ୧୬ଇ ୪୨,୯୯୦ ଟଙ୍କାରେ ଉପଲବ୍ଧ। ଆଇଫୋନ ୧୬ ପ୍ଲସର ବୃହତ୍ ସ୍କ୍ରିନ ଭିଡିଓ ଦେଖିବା, ଗେମ ଖେଳିବା ଏବଂ ମଲ୍ଟିଟାସ୍କିଂ ପାଇଁ ସ୍ୱତନ୍ତ୍ର ଅଭିଜ୍ଞତା ପ୍ରଦାନ କରେ।

# ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଅଗ୍ରଣୀ ଶ୍ରୀ ସିମେଣ୍ଟ: ବାଙ୍ଗୁର

ଭୁବନେଶ୍ୱର,୨୦।୯(ଅନୁରାଧା ମହାରଣା)



ଶ୍ରୀ ସିମେଣ୍ଟ ୬୬.୮ ଏମ୍‌ଟିପିଏ କ୍ଷମତା ସହ ଭାରତର ଅନ୍ୟତମ ଶ୍ରେଷ୍ଠ ସିମେଣ୍ଟ ନିର୍ମାତା ହୋଇଥିବା ବେଳେ ୨୦୨୮ ସୁଦ୍ଧା କ୍ଷମତାକୁ ୮୦ ଏମ୍‌ଟିପିଏ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ଲକ୍ଷ୍ୟ ରଖିଛି। ଏହି ସମ୍ପ୍ରସାରଣ ମୂଳରେ ରହିଛି ସ୍ଥାୟିତ୍ୱ। ୱେଷ୍ଟ ହିଟ୍ ରିକଭରି, ବିକଳ୍ପ ଇନ୍ଧନ ଓ ୫୯୦ ମେଗାୱାଟରୁ ଅଧିକ ସବୁଜ ଶକ୍ତି କ୍ଷମତା ସହ ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷେତ୍ରରେ କମ୍ପାନୀ ଅଗ୍ରଣୀ ରହିଛି। ଏହା ଲୋ-କାର୍ବନ ମିଶା ସିମେଣ୍ଟ ବ୍ୟବହାରକରି କାର୍ବନ ଫୁଟ୍‌ପ୍ରିଣ୍ଟକୁ ଉଲ୍ଲେଖନୀୟ ଭାବେ ହ୍ରାସ କରିଥିବା ବେଳେ ଏହାର ପରିଚାଳନାରେ ୮ ଗୁଣା 'ୱାଟର ପଜିଟିଭିଟି' ବଜାୟ ରଖିଛି ଯାହା ଶିଳ୍ପ ମାନଦଣ୍ଡଠାରୁ ଅଧିକ। ଶ୍ରୀ ସିମେଣ୍ଟର ଅଧ୍ୟକ୍ଷ ଏଚ୍.ଏମ୍.ବାଙ୍ଗୁର ଏପରି ସୂଚନା ଦେଇଛନ୍ତି। କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଟେକ୍ନୋଲୋଜି (କିଟ୍) ଭୁବନେଶ୍ୱର ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି। ଏହି ସମ୍ମାନକୁ ଗ୍ରହଣକରି ବାଙ୍ଗୁର କହିଛନ୍ତି, ଭାରତର ଅଭିବୃଦ୍ଧି କାହାଣୀରେ ଓଡ଼ିଶା ଏକ ମୂଳଦୁଆ ହୋଇରହିବ ଏବଂ ଆମେ ଆମ ଉପସ୍ଥିତିରେ ସମ୍ପ୍ରସାରଣ କରୁଥିବା ବେଳେ ଏକ ଆଧୁନିକ, ସବୁଜ ସିମେଣ୍ଟ ବ୍ୟବସାୟ ଗଠନ କରିବାକୁ ପ୍ରତିବଦ୍ଧ ରହିଛୁ। ପରିବେଶ ବ୍ୟତୀତ ଶ୍ରୀ ସିମେଣ୍ଟ ଏହାର ଅଭିବୃଦ୍ଧି ମଡେଲରେ ସାମାଜିକ ଦାୟିତ୍ୱବୋଧକୁ ସମନ୍ୱିତ କରିଛି। ଏହି ଉଦ୍ୟମଗୁଡ଼ିକ ବଳରେ ଶ୍ରୀ ସିମେଣ୍ଟ ଇଏସ୍‌ଜି ରେଟିଂ ହାସଲ କରିଛି ଏବଂ ବ୍ୟବସାୟ ଅଭିବୃଦ୍ଧି ସହ ପରିବେଶ ଦାୟିତ୍ୱ ଓ ଅନ୍ତର୍ଭୁକ୍ତୀକରଣ ବିକାଶ ମଧ୍ୟରେ ସନ୍ତୁଳନ ରକ୍ଷା କରିବାରେ ଶିଳ୍ପର ମାପଦଣ୍ଡ ହୋଇଛି। ବିପୁଳ ପ୍ରାକୃତିକ ସମ୍ବଳ ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶ୍ରମଶକ୍ତି ସମର୍ଥନ ସହ ଭାରତର ଶିଳ୍ପ ଅଭିବୃଦ୍ଧିରେ ଓଡ଼ିଶାର ପ୍ରମୁଖ ଭୂମିକାକୁ ବାଙ୍ଗୁର ଆଲୋକପାତ କରିଥିଲେ। ସରକାରଙ୍କ ବୃହତ୍ ନିବେଶ ସହ ଶିଳ୍ପ ଅନୁକୂଳ ନୀତି ଓଡ଼ିଶା ପାଇଁ ମେଗା ପ୍ରକଳ୍ପ ହାସଲ କରୁଛି ଯାହା ନିଯୁକ୍ତି ସୁଯୋଗ ସୃଷ୍ଟି କରୁଥିବା ବେଳେ ଅର୍ଥନୈତିକ ପ୍ରଗତିକୁ ବଢ଼ାଉଥିବା ସେ କହିଛନ୍ତି।

# ୟୁକୋ ବ୍ୟାଙ୍କର ରି-କେୱାଇସି କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୦।୯

ୟୁକୋ ବ୍ୟାଙ୍କ ପକ୍ଷରୁ ବାଲେଶ୍ୱର ଜିଲା ବାସୁଦେବପୁର ବ୍ଲକ୍‌ର ଗୋପବନ୍ଧୁ ନଗର ଗ୍ରାମପଞ୍ଚାୟତରେ ପୁନଃ ଗ୍ରାହକ ପରିଚୟ ପ୍ରକ୍ରିୟା(ରି-କେୱାଇସି) ଏବଂ ଜନସୁରକ୍ଷା ପରିପୂର୍ଣ୍ଣତା ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରାମୀଣ ଭାରତର ପ୍ରତ୍ୟେକ ନାଗରିକଙ୍କୁ ବ୍ୟାଙ୍କିଙ୍ଗ୍ ସେବା ସହ ଯୋଡ଼ି କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ





କରାଯାଇଥିବା ବିଭିନ୍ନ ସାମାଜିକ ସୁରକ୍ଷା ତଥା ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସମ୍ବନ୍ଧରେ ସଚେତନତା ସୃଷ୍ଟି କରାଯାଇଥିଲା। ଏଥିରେ ବିଶିଷ୍ଟ ଅତିଥି ଭାବେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର କ୍ଷେତ୍ରୀୟ ନିର୍ଦ୍ଦେଶକ ଡ. ସାରଦା ପ୍ରସନ୍ନ ମହାନ୍ତି, ୟୁକୋ ବ୍ୟାଙ୍କ ବାଲେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ସୁଦୀପ ଡାକୁଆ, ଭଦ୍ରକ ଅଗ୍ରଣୀ ଜିଲା ପ୍ରବନ୍ଧକ ରାଜୀବ କୁମାର ରଞ୍ଜନ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ବାଲେଶ୍ୱରର କ୍ଷେତ୍ରୀୟ ପ୍ରବନ୍ଧକ ଆଶିଷ କୁମାର ନାୟକ, ବାଲେଶ୍ୱର ଅଞ୍ଚଳର ଉପ ଆଞ୍ଚଳିକ ମୁଖ୍ୟ ମୟଙ୍କ ଅଗ୍ରୱାଲ, ମୁଖ୍ୟ ପ୍ରବନ୍ଧକ ପଞ୍ଚାନନ ସାହୁ, ବିଦେଇପୁର ଶାଖାର ବରିଷ୍ଠ ପ୍ରବନ୍ଧକ ମନୋଜ ଜେନା ଏବଂ ଗୋପବନ୍ଧୁ ନଗର ଗ୍ରାମପଞ୍ଚାୟତର ସରପଞ୍ଚ ବଳରାମଗିରି ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇଥିଲେ। ଏହି ଅବସରରେ ସମସ୍ତଙ୍କୁ ସାମାଜିକ ସୁରକ୍ଷା ଯୋଜନା, ଭାରତୀୟ ରିଜର୍ଭ ବ୍ୟାଙ୍କର ଅଣ ଦାବିକୃତ ଜମାରେ ସ୍ଥାନାନ୍ତରିତ ହୋଇଥିବା ରାଶି କିପରି ଦାବି କରିବେ, ବ୍ୟାଙ୍କିଙ୍ଗ୍ ଲୋକପାଳ ଯୋଜନା, ଡିଜିଟାଲ ଠକେଇ ତଥା ନିବାରଣର ଉପାୟ ସମେତ ବ୍ୟାଙ୍କର ବ୍ୟବସାୟ ପ୍ରତିନିଧିମାନଙ୍କ ଦ୍ୱାରା ଖାତା ଖୋଲାଯାଇଥିବା ସହ ପୁନଃ ଗ୍ରାହକ ପରିଚୟ ପ୍ରକ୍ରିୟା (ରି- କେୱାଇସି) କାର୍ଯ୍ୟ କରାଯାଇଥିଲା।

# ଇଙ୍ଗା ମହାଗିରି ଖଣି ପୁରସ୍କୃତ





କାଳିଆପାଣି,୨୦।୯ (ଅସିତ୍ ମହାନ୍ତ)

ଇଙ୍ଗା କମ୍ପାନୀର ମହାଗିରି କ୍ରୋମାଇଟ ଖଣିକୁ ବୃତ୍ତିଗତ ସ୍ୱାସ୍ଥ୍ୟ ଓ ନିରାପତ୍ତା ଉତ୍କର୍ଷ ନିମନ୍ତେ ଫିମି (ଫେଡେରେଶନ ଅଫ୍ ଇଣ୍ଡିଆନ ମିନେରାଲ ଇଣ୍ଡଷ୍ଟ୍ରିଜ୍) ପକ୍ଷରୁ ପୁରସ୍କୃତ କରାଯାଇଛି। ନୂଆଦିଲ୍ଲୀଠାରେ ଫିମି ପକ୍ଷରୁ ଆୟୋଜିତ ୫୯ତମ ସମାବେଶରେ କେନ୍ଦ୍ର କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ମହାଗିରି ଖଣିର ଉପସାଧାରଣ ପ୍ରବନ୍ଧକ ରାଜେଶ ରମଧାର ଶର୍ମା, ପ୍ରବନ୍ଧକ ଲେନିନ ଦାସ ମହାପାତ୍ର, ସ୍ମୃତିରେଖା ପାତ୍ର ଓ ନିଶି ଗୁପ୍ତା ପ୍ରମୁଖ ମୁଖ୍ୟ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଏହି ପୁରସ୍କାର ଲାଗି ଇଙ୍ଗା ଖଣି ସମୂହର ପରିଚାଳନା ନିର୍ଦ୍ଦେଶକ ଖୁସି ପ୍ରକାଶ କରିବା ସହିତ କମ୍ପାନୀର ଖଣି ମୁଖ୍ୟ ସନ୍ଦୀପ ବି ନାରାଡେ ସମସ୍ତ କର୍ମଚାରୀଙ୍କୁ ଶୁଭେଚ୍ଛା ବାର୍ତ୍ତା ଦେଇଛନ୍ତି।


**IN THE COURT OF THE CIVIL JUDGE, (SENIOR DIVISION) ASKA, GANJAM, ODISHA**

Civil Suit 195/2015

**State Bank of India, Aska Branch, At/P.O. - Aska, Dist. - Ganjam**

Plaintiff

Versus

**Jogendra Kumar Behera and others**

Defendant no.2

**NOTICE U/O 5 RULE-20 C.P.C**

To,

2) Sri Jogendra Kumar Behera aged about 51 years, S/o Ghanashyam Behera, Revenue Inspector, Vill/P.O.- B.Karadabadi, Via-Buguda, Dist- Ganjam

WHEREAS the Plaintiff bank above named, has instituted a suit against you for realization of Rs.2,33,998/- with P.I. & F.I. In spite of repeated summons in both ways through court process and postal R.P. with A.D. issued by this Court, you are avoiding in attending court. You are hereby summoned to appear in this court in person or by a pleader duly instructed, on the 09th day of Oct 2025 at 10.30 A.M. to answer the claim.

Take notice that in default of your appearance on the day before mentioned the suit will be heard and determined in your absence.

Given under my hand & Seal of the Court, this 19th day of Sept. 2025

**Sd./- Civil Judge, Sr. Division,Aska, Ganjam**



## ବିଜ୍ଞାପନ

PR-

**ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର**

ପ୍ଲଟ ନଂ-୧/ଏ, ଜାଭିୟର୍ ଛକ, ଜୟଦେବ ବିହାର, ଭୁବନେଶ୍ୱର - ୭୫୧୦୧୩

Email:gkcmorc@gmail.com, Website: gkcmorc.org

ଗୁରୁ କେଳୁ ଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଓଡ଼ିଶୀ ନୃତ୍ୟ ଏବଂ ସଙ୍ଗୀତ (କଣ୍ଠ,ମର୍ଦ୍ଦଳ, ଯନ୍ତ୍ର ସଙ୍ଗୀତ)ରେ ଦୁଇ ବର୍ଷିଆ ପ୍ରଗାଢ ଅଗ୍ରୀମ ପାଠ୍ୟକ୍ରମ (Intensive advanced Course) ନିମନ୍ତେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଛାତ୍ରଛାତ୍ରୀ ଗ୍ରହଣ କରାଯିବ। ଶିକ୍ଷା ନବିଶମାନଙ୍କୁ ରହିବା ପାଇଁ ହଷ୍ଟେଲର ସୁବିଧା ସହିତ ମାସିକ ଟ.୫୦୦୦/- ହାରରେ ଷ୍ଟାଇପେଣ୍ଡ ପ୍ରଦାନ କରାଯିବ। ନିମ୍ନଲିଖିତ ଯୋଗ୍ୟତା ସମ୍ପନ୍ନ ପ୍ରାର୍ଥୀମାନେ ସବିଶେଷ ବିବରଣୀ ଏବଂ ଫଟୋଗ୍ରାଫ୍ ସହିତ ବିଜ୍ଞାପନ ପ୍ରକାଶିତ ହେବାର ୪୦ଦିନ ମଧ୍ୟରେ ନିମ୍ନଲିଖିତ ଯୋଗ୍ୟତା ସମ୍ପନ୍ନ ପ୍ରାର୍ଥୀନୀ/ପ୍ରାର୍ଥୀମାନେ ଉପରୋକ୍ତ Website କୁ ଯାଇ Online ମାଧ୍ୟମରେ ଆବେଦନ କରିପାରିବେ କିମ୍ବା Website ରୁ Application form download କରି ଡାକ ଦ୍ୱାରା ମଧ୍ୟ ଆବେଦନ କରିପାରିବେ। ନୃତ୍ୟ ଏବଂ ସଂଗୀତର ପ୍ରତିଷ୍ଠିତ ଗୁରୁମାନଙ୍କ ଦ୍ୱାରା ଶିକ୍ଷାଦାନ ଦିଆଯିବ। ଛାତ୍ରଛାତ୍ରୀଙ୍କର ସର୍ବାଙ୍ଗୀନ ଉନ୍ନତି ସାଧନ ନିମନ୍ତେ ନୃତ୍ୟ-ସଂଗୀତ ସହିତ ଆନୁସଂଗିକ ବିଷୟ ଗୁଡ଼ିକର ମଧ୍ୟ ପ୍ରଶିକ୍ଷଣ ଦିଆଯିବ।

**ଆବଶ୍ୟକୀୟ ଯୋଗ୍ୟତା**

(୧) ପ୍ରାର୍ଥୀଙ୍କର ବୟସ ସୀମା ୧୮ ବର୍ଷରୁ ୩୦ ବର୍ଷ ମଧ୍ୟରେ ହୋଇଥିବ। (୨) ପ୍ରାର୍ଥୀ କୌଣସି ବିଶ୍ୱବିଦ୍ୟାଳୟ କିମ୍ବା ତତ୍ତୁଲ୍ୟ ସ୍ୱୀକୃତିପ୍ରାପ୍ତ ନୃତ୍ୟ ଏବଂ ସଙ୍ଗୀତରେ ଉଚ୍ଚତର ଶିକ୍ଷା ଲାଭ କରିଥିବେ କିମ୍ବା ପ୍ରତିଷ୍ଠିତ ଗୁରୁଙ୍କ ଅଧୀନରେ ଅନ୍ୟୁନ ୬ ବର୍ଷ ଶିକ୍ଷା ଲାଭ କରିଥିବେ। (୩) ସାଧାରଣ ଶିକ୍ଷା କ୍ଷେତ୍ରରେ ଅନ୍ୟୁନ ମାଟ୍ରିକ୍ ପାସ୍ କରିଥିବେ। (୪) ଶିକ୍ଷାର୍ଥୀମାନଙ୍କର ପରିବେଷଣ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ।

ବିଶେଷ ଦ୍ରଷ୍ଟବ୍ୟ : ଏହି ପାଠ୍ୟକ୍ରମ ୨୦୨୬ ଜାନୁୟାରୀ ମାସରୁ ଆରମ୍ଭ କରାଯିବ। ନୃତ୍ୟ ଏବଂ ସଂଗୀତ ବିଭାଗ ନିମନ୍ତେ ପ୍ରାର୍ଥୀ ପୃଥକ ପୃଥକ ଭାବରେ ଆବେଦନ କରିବେ।

OIPR-03004/11/0006/2526

ମୁଖ୍ୟ ନିର୍ବାହୀ



**ସାମାଜିକ ଦାୟିତ୍ୱ ପରିଷଦ (ଏସ୍‌ଆର୍‌ସି)**

୧୧୪, ୧ମ ମହଲା, ପ୍ରତାପ ଭବନ, ୫ ବିଏସ୍‌ଜେଡ୍ ମାର୍ଗ, ନୂଆଦିଲ୍ଲୀ-୧୧୦୦୦୨

ସନ୍ଦର୍ଭ ସଂ.: ଏନ୍‌ଏସ୍‌ଟିଏଫ୍‌ଡିସି/ସିଏସ୍‌ଆର୍-ଇଏମ୍‌ଆର୍‌ଏସ୍ ମଲ୍ଟିପଲ୍ ପ୍ରୋଜେକ୍ଟ-ଟି୧/୨୦୨୫-୨୬ ତାରିଖ: ୨୧।୦୯।୨୦୨୫

**ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ (ଇଏମ୍‌ଆର୍‌ଏସ୍) ଗୁଡ଼ିକରେ ଏକାଧିକ ସିଏସ୍‌ଆର୍ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ପାଇଁ ଭେଣ୍ଡରମାନଙ୍କ ଚୟନ ନିମନ୍ତେ ପ୍ରସ୍ତାବ ଆମନ୍ତ୍ରଣ ବିଜ୍ଞପ୍ତି**

ଟେଣ୍ଡର ଦସ୍ତାବିଜ ତା୨୧।୦୯।୨୦୨୫ରିଖଠାରୁ ସାମାଜିକ ଦାୟିତ୍ୱ ପରିଷଦ (ଏସ୍‌ଆର୍‌ସି)ଙ୍କ ଆନୁଷ୍ଠାନିକ ୱେବ୍‌ସାଇଟ୍ **www.srcouncil.in** ରେ ଉପଲବ୍ଧ ହେବ। ଆଗ୍ରହୀ ଆବେଦନକାରୀଙ୍କୁ ଏସ୍‌ଆର୍‌ସି ୱେବ୍‌ସାଇଟ୍ **www.srcouncil.in** ରୁ ଟେଣ୍ଡର ଦସ୍ତାବିଜ ଡାଉନଲୋଡ୍ କରିବାକୁ ହେବ ଏବଂ ସେମାନଙ୍କର ପ୍ରସ୍ତାବଗୁଡ଼ିକୁ **ତା୦୫।୧୦।୨୦୨୫ରିଖ, ୧୭.୦୦ ଘଟିକା (ଆଇଏସ୍‌ଟି)** କିମ୍ବା ତାହା ପୂର୍ବ ସୁଦ୍ଧା କେବଳ ଇମେଲ୍ ଜରିଆରେ **pro@srcouncil.in** ରେ ଦାଖଲ କରିବାକୁ ହେବ। ବୈଷୟିକ ବିଡ଼ଗୁଡ଼ିକୁ **ତା୦୬।୧୦।୨୦୨୫ରିଖ, ୧୧.୦୦ ଘଟିକା (ଆଇଏସ୍‌ଟି)**ରେ ଖୋଲାଯିବ। କୌଣସି କାରଣ ନ ଦର୍ଶାଇ ଯେକୌଣସି ପର୍ଯ୍ୟାୟରେ ଯେକୌଣସି କିମ୍ବା ସମସ୍ତ ପ୍ରସ୍ତାବକୁ ନାକଚ କରିବାର ଅଧିକାର କର୍ତ୍ତୃପକ୍ଷଙ୍କ ନିକଟରେ ସଂରକ୍ଷିତ।

**ଦ୍ରଷ୍ଟବ୍ୟ: ପ୍ରତ୍ୟେକ ବର୍ଗ ପାଇଁ ପୃଥକ୍ ବିଡ଼୍ ଦାଖଲ କରାଯିବାକୁ ପଡ଼ିବ।**

ପିଆର୍‌ଓ-ଏସ୍‌ଆର୍‌ସି



## ADVERTISEMENT

Online applications are invited in Nayagarh Kalaparisad (A Govt aided Child Care Institution) for the post of **Store Keeper cum Accountant, House Mother, PT Instructor cum Yoga Trainer, Cook, Helper cum Night Watchman, Housekeeper.** For Advertisement details & Online Application please go to the notice section of www.nayagarhkalaparisad.org

**Sd./- Secretary**
**Nayagarh Kalaparisad**

## ବିଜ୍ଞାପନ

ନୟାଗଡ଼ କଳାପରିଷଦ (ଏକ ସରକାରୀ ସହାୟତା ପ୍ରାପ୍ତ ଶିଶୁ ଯତ୍ନ ପ୍ରତିଷ୍ଠାନ) ରେ ଷ୍ଟୋରକିପର ଏବଂ ଆକାଉଣ୍ଟାଣ୍ଟ, ହାଉସ ମଦର, ପି.ଟି ପ୍ରଶିକ୍ଷକ ଏବଂ ଯୋଗ ପ୍ରଶିକ୍ଷକ, ରୋଷେୟା, ହେଲପର ଏବଂ ରାତ୍ରି ଜଗୁଆଳି ଓ ହାଉସକିପର ପଦବୀ ପାଇଁ ଅନଲାଇନ୍ ଆବେଦନ ଆମନ୍ତ୍ରିତ କରାଯାଉଛି। ବିଜ୍ଞାପନ ବିବରଣୀ ଏବଂ ଅନଲାଇନ୍ ଆବେଦନ ପାଇଁ ଦୟାକରି www.nayagarhkalaparisad.org ର ନୋଟିସ୍ ସେକ୍ସନକୁ ଯାଆନ୍ତୁ।

ସମ୍ପାଦିକା
ନୟାଗଡ଼ କଳାପରିଷଦ



**GOVERNMENT OF ODISHA**
**SUPERINTENDING ENGINEER, BOUDH (R&B) DIVISION, BOUDH**

E-mail : eeboudhrb@gmail.com

**INVITATIONS FOR BIDS (IFB)**

"e" procurement Notice

No.B-537

**Letter No.4451 dtd.16.09.2025**

**Bid Identification No. SE (R&B)-BDH 12/2025-26**

| | | |
|---|---|---|
| 1) | Number of work | : 01 (One) No. of Civil work (Single Cover) & 02 (Two) Nos. of Civil work (Double Cover) |
| 2) | Estimated Cost | : 32.58 lakhs to 87.10 lakhs |
| 3) | Period of Completion | : 04 (Four) to 06 (Six) months |
| 4) | Date & Time of availability of Bid documents in the portal | : From 22.09.2025, 10.00 AM to 06.10.2025 5.00 P.M. |
| 5) | Last date/time for seeking of Tender Clarification | : 06.10.2025 up to 1.00 P.M. |
| 6) | Last date / time for receipt of bids in the portal | : Up to 5.00 P.M. of dated 06.10.2025 |
| 7) | Date & time of opening of tender / Bid | : 08.10.2025 at 11.30 A.M. |
| 8) | Name and address of the O.I.T | : Superintending Engineer, Boudh (R&B) Division, Boudh |

Further details corrigendum (s) if any issued can be seen from the website http://tendersorissa.gov.in

OIPR-34134/11/0027/2526

**Sd./- Superintending Engineer, Boudh (R&B) Division, Boudh**



**e-Procurment Notice for Road Works Identification No. 05/SERW/JLS/2025-26**

No.O-794

| | | |
|---|---|---|
| 1. | Procurement Officer | : Superintending Engineer, Rural Works Division, Jaleswar |
| 2. | Name of the Work | : Buildings |
| 3. | Total No. of Works | : 3 Nos. |
| 4. | Estimated Cost | : Approx. Estimated Cost ₹ 72.00 Lakh to ₹ 86.00 Lakh |
| 5. | Class of Contractor | : 'B' Class |
| 6. | Time of Completion | : Four months (As per annexure) |
| 7. | Availability of tender On-line for bidding | : From 22.09.2025 at 11.00 A.M. to 04.10.2025 upto 5.00 P.M. |
| 8. | Last date & time of seeking tender clarification | : 03.10.2025 upto 5.00 P.M. |
| 9. | Date & Time of Opening of tender in the office of the Superintending Engineer, R.W.Division, Jaleswar | : Date & Time Opening of Technical bid - 06.10.2025 at 11.00 A.M. |

Further details can be seen from the website - **www.tendersodisha.gov.in**

OIPR-25051/11/0015/2526

**Sd./- Superintending Engineer R.W.Division, Jaleswar**


# ୭୫ ହଜାର ଚାରା ରୋପଣ କଲା ଜିନ୍ଦଲ ଫାଉଣ୍ଡେସନ

ଭୁବନେଶ୍ୱର,୨୦।୯

ଜିନ୍ଦଲ ଷ୍ଟିଲ୍‌ର ସାମାଜିକ ଶାଖା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ 'ଏକ୍ ପେଡ୍ ମା କେ ନାମ୍ ୨.୦' ଅଭିଯାନ ଅଧୀନରେ ଭାରତରେ ୭୫ ହଜାରରୁ ଅଧିକ ଚାରା ରୋପଣ କରାଯାଇଛି। ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଜିନ୍ଦଲ ଷ୍ଟିଲ୍‌ର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ମାର୍ଗଦର୍ଶନରେ କେବଳ ଓଡ଼ିଶାରେ ୫୫,୦୦୦ ଚାରା ରୋପଣ କରାଯାଇଛି। ଅନୁଗୋଳ,ବଡ଼ବିଲ, ଟେନ୍‌ସା ଏବଂ କାଶିଆରେ ଏହାର ପ୍ରମୁଖ କାର୍ଯ୍ୟକ୍ଷମ ସ୍ଥାନଗୁଡ଼ିକରେ ରୋପଣ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଅନୁଗୋଳରେ ଏଡିଏମ୍ ପ୍ରତାପ ପ୍ରୀତିମୟଙ୍କ ସହ ସବ୍ କଲେକ୍ଟର ମାୟାଧର ବେହେରା, ତହସିଲଦାର ସୁଶାନ୍ତ ମିଶ୍ର ବେଣାଗାଡ଼ିଆ ଏବଂ ଡେରଜାଙ୍ଗ ଗ୍ରାମରେ ଚାରା ରୋପଣ କରିଥିଲେ। ଜିନ୍ଦଲ ଷ୍ଟିଲ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଭାରପ୍ରାପ୍ତ) ପଙ୍କଜ ମାଲହାନ, ସଭାପତି ଏବଂ ଗୋଷ୍ଠୀ ମୁଖ୍ୟ ସିଏସ୍‌ଆର୍ ପ୍ରଶାନ୍ତ ହୋତା, ଇଭିପି ଆଶିଷ ପାଣ୍ଡେ, ଇଭିପି ପ୍ରସନ୍ନ ପଣ୍ଡା ଏବଂ ଉପାଧ୍ୟକ୍ଷ ଏସ୍.କେ. ଶର୍ମାଙ୍କ ସହ ସିଡିଏଓ ଉମାଶଙ୍କର ମିଶ୍ର, ନାବାର୍ଡର ଡିଡିଏମ୍ ଆଶୁତୋଷ ରାୟ, ପ୍ରମୁଖ ବୈଜ୍ଞାନିକ କୃଷି ବିଜ୍ଞାନ କେନ୍ଦ୍ର ଡ. ଦେବାଶିଷ ମିଶ୍ର ପ୍ରମୁଖ ଅଭିଯାନରେ ଯୋଗଦେଇଥିଲେ, ଯେଉଁଥିରେ ୪୩,୦୦୦ ଚାରା ରୋପଣ କରାଯାଇଥିଲା। ସରପଞ୍ଚ ଅନିଲ ପ୍ରଧାନ, ସରପଞ୍ଚ ଚୁନି ସାହୁ, ଜିଲା ପରିଷଦ ସଦସ୍ୟ ଦିଲୀପ ପ୍ରଧାନ, ଏମ୍‌ପିଙ୍କ ପ୍ରତିନିଧି ବିଜୟ ମାଝୀ ଏବଂ ସାମାଜିକ କର୍ମୀ କୁମୁଦା ସାହୁ, ସୌରଭ ବେହେରା ଏବଂ କୁମାର ବେହେରା ଉପସ୍ଥିତ ଥିଲେ।


**केंद्रीय पेट्रोकेमिकल्स इंजीनियरिंग एवं तकनीकी संस्थान (सिपेट):आईपीटी**
**CENTRAL INSTITUTE OF PETROCHEMICALS ENGINEERING & TECHNOLOGY (CIPET):IPT**
(Dept . of Chemicals & Petrochemicals, Ministry of Chemicals & Fertilizers, Govt.of India)

B-25, C.N.I. Complex,Patia, Bhubaneswar – 751 024 (Odisha), Phone No. 91-674-2743462, 2743767
E-mail: cipetbbsr@gmail.com & bhubaneswar@cipet.gov.in

**Advertisement No: CIPET/IPT/RECT/CONT/2025-26/01** **Date : 01.09.2025**

**ADVERTISEMENT FOR ENGAGEMENT FOR LIMITED OR FIXED PERIOD ON CONTRACT IN CIPET: IPT-BHUBANESWAR**

**Central Institute of Petrochemicals Engineering & Technology (CIPET)** is a Premier National Institution in the field of Polymer Science & Technology with a focus on Academic, Technology Support, Research & Application Development. CIPET offers UG and PG programmes at its Centers located at Ahmedabad, Bhubaneswar, Chennai, Lucknow and Kochi. CIPET also offers AICTE approved Diploma, Post Diploma & Post Graduation Diploma programmes in the field of Plastics Technology, Mould Technology, Mould Design with CAD/CAM and Plastics Processing & Testing.

**CIPET: IPT-Bhubaneswar** invites applications from eligible candidates for contractual engagement on below mentioned positions on Contract basis one year (renewable up to 03 years based on the performance and requirement).

| Sl.No. | Position | Course | Remuneration range / Consolidated remuneration positions to be paid per month | No. of |
|---|---|---|---|---|
| 01 | Associate Professor (Production/ Mechanical Engineering) | UG/PG | Rs.46,400/- p.m | 2 |
| 02 | Associate Professor (Plastics /Polymer Engineering) | UG/PG | Rs.46,400/- p.m | 1 |
| 03 | Assistant Professor (Production/Mechanical Engineering) | UG /PG | Rs. 35,000 to 40,000/- p.m. | 1 |
| 04 | Assistant Professor (Plastics /Polymer Engineering) | UG/PG | Rs. 35,000 to 40,000/- p.m. | 1 |
| 05 | Assistant Professor (Material Science/Physics) | UG/PG | Rs. 35,000 to 40,000/- p.m. | 1 |
| 06 | Assistant Professor (Computer Science) | UG/PG | Rs. 35,000 to 40,000/- p.m. | 1 |
| 07 | Assistant Professor (Mathematics) | UG/PG | Rs. 35,000 to 40,000/- p.m. | 1 |
| 08 | Assistant Professor (English) | UG/PG | Rs. 35,000 to 40,000/- p.m. | 1 |
| 09 | Assistant Professor (Chemistry) | UG/PG | Rs. 35,000 to 40,000/- p.m. | 1 |

For detailed information on eligibility criteria, educational qualifications & experience, general terms and conditions etc., please visit our website: **www.cipet.gov.in.**

Candidates may submit their application in online mode by logging into the link:
**https://cbtexam.co.in/cipet-Bhubaneswar/**

Date of Opening of Link: **07.09.2025** | Date of closing of the link: **28.09.2025**

*Sd/-* **Principal Director & Head**



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, BHADRAK**

No.O-791

E-mail : ee_rwbdk@yahoo.com

**"e" Procurement Notice for Building Works**

**Bid Identification No. Online Tender 06 of 2025-26**

1. Name of the Work : Building. 2. Total No. of Works : 2 Nos. 3. Estimated Cost : Rs.5.40 Lakh to Rs.45.45 Lakhs. 4. Class of Contractor : "B", "C" & "D" Class. 5. Period of Completion : As per Annexure. 6. Type of Tender : Single Cover. 7. Other Details :

| Procurement Officer | Bid Identification No. | Availability of Tender On-line for bidding | | Last Date & Time of seeking Tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-I, Bhadrak | Online-06 of 2025-26 | 22.09.2025 At - 11.00 A.M. | 04.10.2025 up to 4.00 P.M. | 04.10.2025 up to 2.00 P.M. | 06.10.2025 At - 11.00 A.M. |

Further details can be seen from the e-procurement portal "https://tendersorissa.gov.in"

OIPR-25060/11/0018/2526

**Sd./- Er. Ganesh Chandra Hembram**
**Executive Engineer**
**R.W. Division, Bhadrak**



**वरीय पुलिस अधीक्षक का कार्यालय, रॉंची**

सर्वसाधारण के लिए सूचना



नाम—पवन कुमार,
पहनावा—भूरा रंग का टी शर्ट एवं काला रंग का फुल पैंट पहने हुए है।

उपरोक्त पवन नामक बालक, पिता का नाम मान सिंह, पेशा बोरिंग लेबर, माता—जूली, भाई—शिवम होने तथा रॉंची से गुमशुदा होने की बात बालक द्वारा बताई जा रही है। वर्तमान में पवन नामक बालक को बाल सहयोग अनाथालय, दिल्ली C-ब्लॉक, कनोट पैलेस, नई दिल्ली—110001 में सुरक्षार्थ रखा गया है।

इनके माता—पिता एवं भाई का नाम राँची जिला के किस थाने अन्तर्गत से है, पवन नामक बालक द्वारा पता बताने में असमर्थ है। अतः सभी जन साधारण से अनुरोध है कि यदि उपरोक्त पवन नामक बालक को बाल सहयोग अनाथालय, दिल्ली C-ब्लॉक, कनोट पैलेस, नई दिल्ली—110001 में सुरक्षार्थ रखा गया है। जिसका मो0 नं0—9599194805 है। पवन नामक बालक के अभिभावक के बारे जानकरी कहीं मिलती हैं तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

पुलिस उपाधीक्षक, मु0, द्वितीय, राँची। —9431706142
वेलफेर पदा0 दिल्ली। —8383000294

पुलिस उप—महानिरीक्षक—सह—वरीय पुलिस अधीक्षक, राँची

PR 362507 (Police)25-26*D



ଫର୍ମ ନଂ. ୧୩

**ଋଣ ଅସୁଲି ପ୍ରାଧିକରଣ, କଟକ, ଓଡ଼ିଶା**

ସି-୭୧, ସେକ୍ଟର-୭, ସିଡ଼ିଏ, କଟକ, ଓଡ଼ିଶା

ଓ.ଏ. ନଂ. ୧୪୭ / ୨୦୨୫

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, SARB, ଭୁବନେଶ୍ୱର .....ଆବେଦନକାରୀ

ବନାମ

ମେସର୍ସ ଜୟ ଜଗନ୍ନାଥ ଫିଲିଂ ଷ୍ଟେସନ୍ ଏବଂ ଅନ୍ୟମାନେ .....ପ୍ରତିବାଦୀ(ମାନେ)

ପ୍ରାପ୍ତେଷୁ,

(୧) **ମେସର୍ସ ଜୟ ଜଗନ୍ନାଥ ଫିଲିଂ ଷ୍ଟେସନ,** ଏହାକୁ ପ୍ରତିନିଧିତ୍ୱ କରୁଥିବା ସ୍ୱତ୍ତ୍ୱାଧିକାରୀ **ଶ୍ରୀମତୀ ମନୋରମା ପାତ୍ର,** ପିତା: ବିଜୟ କୁମାର ପାତ୍ର, ସା/ପୋ: ଓଳେଇଚନ୍ଦନପୁର, ସିଂହପୁର ରୋଡ୍, ଥାନା/ଭାୟା: ବିଂଝାରପୁର, ପିନ୍-୭୫୫୦୧୬, ଜିଲ୍ଲା: ଯାଜପୁର, ଓଡ଼ିଶା

(୨) **ଶ୍ରୀମତୀ ମନୋରମା ପାତ୍ର,** ପିତା: ବିଜୟ କୁମାର ପାତ୍ର, ସା/ପୋ: ଓଳେଇଚନ୍ଦନପୁର, ସିଂହପୁର, ଥାନା/ଭାୟା: ବିଂଝାରପୁର, ପିନ୍-୭୫୫୦୧୬, ଜିଲ୍ଲା: ଯାଜପୁର

(୩) **ବିଜୟ କୁମାର ପାତ୍ର,** ପିତା: ⁄ ଧନେଶ୍ୱର ପାତ୍ର, ସା/ପୋ: ଓଳେଇଚନ୍ଦନପୁର, ସିଂହପୁର, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୬

(୪) **ଶ୍ରୀମତୀ ସୁକାନ୍ତୀ ପାତ୍ର,** ସ୍ୱାମୀ: ବିଜୟ କୁମାର ପାତ୍ର, ସା/ପୋ: ଓଳେଇଚନ୍ଦନପୁର, ସିଂହପୁର, ପିନ୍-୭୫୫୦୧୬, ଜିଲ୍ଲା: ଯାଜପୁର, ଓଡ଼ିଶା

(୫) **ଶ୍ରୀ ବିଶ୍ୱନାଥ ପାତ୍ର,** ପିତା: ⁄ ଧନେଶ୍ୱର ପାତ୍ର, ସା/ପୋ: ଓଳେଇଚନ୍ଦନପୁର, ସିଂହପୁର, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୬, ଓଡ଼ିଶା

**ପ୍ରାର୍ଥନା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଦ୍ୱାରା ଜାରୀ ସମନ୍**

ଏତଦ୍ୱାରା ଜଣାଇ ଦିଆଯାଉଛି କି ଆବେଦନକାରୀ **ଓ.ଏ. ନଂ. ୧୪୭/୨୦୨୫** ଦ୍ୱାରା **ଟ.୫୧,୯୫,୬୭୦.୦୦** ମାତ୍ର ଋଣ ରାଶି ଓ ତତସହିତ ଚଳିତ ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ଋଣ ଅସୁଲି ପ୍ରାଧିକରଣ, କଟକଙ୍କ ଇଜଲାସରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି। ତେଣୁ ଏତଦ୍ୱାରା ଉପର ଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଛି କି ଏହି ନୋଟିସ୍ ପ୍ରକାଶନର **୩୦ ଦିନ** ମଧ୍ୟରେ କିମ୍ବା **ତା.୧୬.୧୦.୨୦୨୫ରିଖ ପୂର୍ବାହ୍ନ ୧୦.୩୦ ଘଟିକା** ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପାର୍ଥନା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ।

ଏହି ନୋଟିସ୍ ମାଧ୍ୟମରେ ଅବଗତ କରାଇ ଦିଆଯାଉଛି କି ଯଦି ସେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣୀ ଏବଂ ବିଚାର କରାଯିବ।

ଏହି ପ୍ରାଧିକରଣର ସହି ମୋହର ସହ ମୋ ଦ୍ୱାରା **ତା.୦୫.୦୮.୨୦୨୫ରିଖରେ** ଆଦିଷ୍ଟ।

ସ୍ୱା/- ନିଖିଳ ରଞ୍ଜନ ପତି
ରେଜିଷ୍ଟ୍ରାର

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଜି ବର୍ଷର ଶେଷ ସୂର୍ଯ୍ୟୋପରାଗ

ଭୁବନେଶ୍ୱର,୨୦।୯(ସୁଚିସ୍ମିତା ସାହୁ): ଚଳିତବର୍ଷର ଦ୍ୱିତୀୟ ତଥା ଶେଷ ସୂର୍ଯ୍ୟୋପରାଗ ରବିବାର ସଂଘଟିତ ହେବ। ପ୍ରଶାନ୍ତ ମହାସାଗର, ଆଣ୍ଟାର୍କଟିକା ଓ ନ୍ୟୁଜିଲାଣ୍ଡର ଅନେକ ଅଞ୍ଚଳରେ ଏହା ଆଂଶିକ ରୂପେ ଦେଖାଯିବ। ତେବେ ଭାରତ ତଥା ଓଡ଼ିଶାରେ ଏହି ପରାଗ ଦେଖାଯିବ ନାହିଁ। ଭାରତୀୟ ସମୟ ପ୍ରାୟ ରାତି ୧୧ଟାରେ ସୂର୍ଯ୍ୟୋପରାଗ ଆରମ୍ଭ ହୋଇ ୩ଟା ୨୩ ବେଳକୁ ଶେଷହେବ। ରାତି ୧ଟା ୧୨ ସମୟରେ ଏହା ସର୍ବାଧିକ ପରାଗ ସଂଘଟିତ ହେବ ବୋଲି ଜନବିଜ୍ଞାନୀ ଡ. ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି।


## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**୰କୈଳାସ ଚନ୍ଦ୍ର ଦେବ୍**
୫୩୧, ମହତାବ୍ ରୋଡ୍, (ଡାକବଙ୍ଗଳା ଛକ), ଭୁବନେଶ୍ୱର
ଆବିର୍ଭାବ-୦୫।୦୮।୧୯୪୦
ତିରୋଧାନ- ୧୧।୦୯।୨୦୨୫
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
-ସ୍ମୃତି ଅର୍ଘ୍ୟରେ-
ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ
ଧ-୧୯୯୮

**4th Death Anniversary**



LATE NABANITA DEY (MAMONI)
Kokila Home, Pokhariput
Bhubaneswar
Born: 20.11.1983 (Kartik Purnima)
Death: 06.10.2021 (Mahalaya Amavashya)
*Your Life was a blessing,*
*Your memory a treasure,*
*You are Loved beyond words*
*and missed beyond measure.*
**In Grief**
Satyajit Dey (Father)
Rita Dey (Mother)
and Rajiv Mitra (Husband)
ଧ-୭୬୯୪୦


# ଭାଜପାରେ ମିଶିଲେ ୩ ଜିଲାର ବହୁ କଂଗ୍ରେସ ଓ ବିଜେଡି କର୍ମୀ



ଭୁବନେଶ୍ୱର, ୨୦।୯ (ସୁନିତ୍ ମିଶ୍ର)

ବୌଦ୍ଧ, କନ୍ଧମାଳ ଓ କେନ୍ଦ୍ରାପଡ଼ା ଜିଲାର ଶତାଧିକ ସରପଞ୍ଚ, ସମିତିସଭ୍ୟ ଓ କାର୍ଯ୍ୟକର୍ତ୍ତା ବିଜେଡି ଓ କଂଗ୍ରେସ ଦଳ ଛାଡ଼ି ଶନିବାର ଭାଜପାରେ ସାମିଲ ହୋଇଛନ୍ତି। ଏହି ଯୋଗଦାନ ତୃଣମୂଳସ୍ତରରୁ ଦଳକୁ ଅଧିକ ଶକ୍ତିଶାଳୀ କରିବ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବୌଦ୍ଧ ଜିଲାର ଆଇନଜୀବୀ ପୃଥ୍ୱୀରାଜ ମେହେରଙ୍କ ସମେତ ଉକ୍ତ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ତେଲିବନ୍ଧର ପୂର୍ବତନ ସରପଞ୍ଚ ଭୋଳାଗିରି ସାହୁ, କଷ୍ଟେଶ୍ୱର ଖଟୁଆ, ସରପଞ୍ଚ ପ୍ରଦୀପ କୁମାର କହଁର, ପ୍ରବାସିନୀ ଜୋଷୀ, ସୀତା ଝଙ୍କାର, ସନ୍ଧ୍ୟାରାଣୀ ପାତ୍ର, ବିଭୂତି ପ୍ରକାଶ ମେହେର ପ୍ରମୁଖ ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ସେହିପରି କେନ୍ଦ୍ରାପଡ଼ା ଜିଲା ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଘମାରୀର ସରପଞ୍ଚ ଭବାନୀ ପାତ୍ର, ସମିତି ସଭ୍ୟ ମନୋରଞ୍ଜନ ମଣ୍ଡଳ, ଦିହୁଡିପୁର ସରପଞ୍ଚ ନରେଶ ଚନ୍ଦ୍ର ମଲିକ, ସମିତି ସଭ୍ୟ ପ୍ରମିଳା ଖଟୁଆ, ପଞ୍ଚାନନ ପରମାଣିକ, ମହାଦେବ ବେହେରା, ଚନ୍ଦନ ସାହୁ, ସୁଶାନ୍ତ ମଣ୍ଡଳ, ସୁରେଶ ପୃଷ୍ଟି, ତୀର୍ଥନାଦ ଖଟୁଆ, କ୍ଷୀରୋଦ ମଲିକ, ମୁକ୍ତିକାନ୍ତ ପାତ୍ର, ବାସୁଦେବ ଗିରି ପ୍ରମୁଖ ଶତାଧିକ କର୍ମୀ ବିଜେଡି ଓ କଂଗ୍ରେସ ଦଳ ପରିତ୍ୟାଗକରି ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ସେହିପରି କନ୍ଧମାଳ ଜିଲା ବାଲିଗୁଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କେ. ନୂଆଗାଁର ବରିଷ୍ଠ ନେତା କୃଷ୍ଣମୋହନ ପାଣିଗ୍ରାହୀ, ବାସୁଦେବ ପଣ୍ଡା, ଚାଙ୍ଗେଡି ପଞ୍ଚାୟତର ଜିତେନ୍ଦ୍ର ପ୍ରଧାନ, ତାରାକାନ୍ତ ଦଳବେହେରା, ଲେଡିଙ୍ଗିଆ ପଞ୍ଚାୟତର ଉପେନ୍ଦ୍ର କୁମାର ସାହୁ ପ୍ରମୁଖ ଶତାଧିକ କର୍ମୀ ବିଜେଡି ଓ କଂଗ୍ରେସ ପରିତ୍ୟାଗକରି ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତ୍ତରୀୟ ପ୍ରଦାନକରି ସ୍ୱାଗତ କରିଛନ୍ତି। କନ୍ଧମାଳ ଲୋକ ସଭା ସଦସ୍ୟ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ, ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।


SPOT ADMISSION 2025-27
**B.Ed**
Approved by NCTE & Govt of Odisha
BAJIRAO B.ED ACADEMY LLP
Education For All !!!
Near Ganjam Kala Parishad, Berhampur -760001
99380 25554
63708 53214


# ୨୩ରେ ବିଧାନସଭା ଘେରିବ ବିଜେଡି

ଭୁବନେଶ୍ୱର,୨୦।୯(ସୁନିତ୍ ମିଶ୍ର)

ବିଜେଡି ପକ୍ଷରୁ ଆସନ୍ତା ୨୩ରେ ବିଧାନସଭା ଘେରାଉ କରାଯିବ। ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ସୁଦୃଢ଼ୀକରଣକରି ଗ୍ରାମାଞ୍ଚଳର ବିକାଶ ଜନସାଧାରଣଙ୍କ ହାତରେ ଦେବା ପାଇଁ ସମ୍ବିଧାନରେ ଉଲ୍ଲେଖ ଥିଲାବେଳେ ଭାଜପା ସରକାର କ୍ଷମତାଲୋଭରେ ପ୍ରତ୍ୟେକ ଦିନ ଏହାକୁ ଉଲ୍ଲଂଘନ କରୁଥିବା ବିଜେଡି ଅଭିଯୋଗ କରିଛି। ଶଙ୍ଖ ଭବନଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ଅରୁଣ କୁମାର ସାହୁ କହିଛନ୍ତି, ନିର୍ବାଚନ ପୂର୍ବରୁ ବଡ଼ ବଡ଼ ପ୍ରତିଶ୍ରୁତି ଦେଇଥିବା ଭାଜପା ସରକାରକୁ ଆସିବା ପରେ ପ୍ରତ୍ୟେକ ବିଭାଗରେ ବଜେଟ କାଟ୍ କରୁଛନ୍ତି। ପିଏମ୍ ଆବାସ, ଅନ୍ତ୍ୟୋଦୟ ଯୋଜନା, ଜଳ ଜୀବନ ମିଶନ, ସର୍ବୋପରି ଗ୍ରାମସଭା ଦ୍ୱାରା ଅନୁମୋଦିତ ହୋଇଥିବା ବିକାଶମୂଳକ କାର୍ଯ୍ୟକୁ ଯୋଜନାବଦ୍ଧ ଭାବେ ହ୍ରାସ କରାଯାଉଛି। ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲା ପରିଷଦ ସ୍ତରରେ ବିଧି ବ୍ୟବସ୍ଥାକୁ ଦଳିଚକଟି ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ପଙ୍ଗୁକରିଦେବା ପାଇଁ ଭାଜପା ବାରମ୍ବାର ଅପଚେଷ୍ଟା କରୁଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ନିୟୋଜିତ ଶ୍ରମିକମାନଙ୍କୁ ସେମାନଙ୍କ ପ୍ରାପ୍ୟ ମିଳୁନାହିଁ। ଗ୍ରାମାଞ୍ଚଳରେ ଲୋକଙ୍କ ମନରେ ଥିବା ଆକ୍ରୋଶ ଓ କ୍ଷୋଭକୁ ନେଇ ଆସନ୍ତା ୨୩ରେ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ସକାଳ ୧୦ଟା ସମୟରେ ବିଧାନସଭା ଘେରାଉ କରିବା ପାଇଁ ବିଜେଡି ନିଷ୍ପତ୍ତି ନେଇଛି। ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ, ଜିଲା ପରିଷଦ ସଭ୍ୟ ତଥା ଅଧ୍ୟକ୍ଷଙ୍କୁ ସମ୍ବିଧାନ ପ୍ରଦତ୍ତ କ୍ଷମତା ଓ ଅଧିକାରକୁ ଭାଜପା ସରକାର ସଙ୍କୁଚିତ କରିବା ପାଇଁ ଅପଚେଷ୍ଟା କରୁଛନ୍ତି। ଆସନ୍ତା ୨୩ରେ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତର ୱାର୍ଡମେମ୍ବର, ସରପଞ୍ଚ, ସମିତି ସଭ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ, ଜିଲା ପରିଷଦ ସଭ୍ୟ ଓ ଜିଲା ପରିଷଦ ଅଧ୍ୟକ୍ଷ ପ୍ରମୁଖ ବିଧାନସଭା ଘେରାଉ କାର୍ଯ୍ୟକ୍ରମରେ ସାମିଲହୋଇ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ସୁରକ୍ଷା ପାଇଁ ଅଗଣତାନ୍ତ୍ରିକ, ଅସାମ୍ବିଧାନିକ ନିର୍ଦ୍ଦେଶନାମାକୁ ବାତିଲକରିବା ନିମନ୍ତେ ଦୃଢ଼ ଦାବି ଉପସ୍ଥାପନ କରାଯିବ ବୋଲି ଅରୁଣ କହିଛନ୍ତି।

# ଆଲ୍‌ଜିମର୍ସକୁ ନେଇ ସତର୍କ ରହିବା

**ଆଜି ବିଶ୍ୱ ଆଲ୍‌ଜିମର୍ସ ଦିବସ**

ଆମେ ସମ୍ମୁଖୀନ ହେଉଥିବା ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟରୁ 'ଆଲ୍‌ଜିମର୍ସ' ଅନ୍ୟତମ। ଆଲୋଏ ଆଲ୍‌ଜିମର୍ସ ନାମକ ଜଣେ ଡାକ୍ତରଙ୍କ ନାମରେ ଏହି ରୋଗଟି ନାମିତ। କାରଣ ସେ ଥିଲେ ଏହି ରୋଗର ଆବିଷ୍କର୍ତ୍ତା। ହେଲେ ୧୯୦୭ ମସିହାରେ ଆବିଷ୍କୃତ ଏହି ରୋଗଟି ଚିକିତ୍ସା ବିଜ୍ଞାନୀଙ୍କ ସ୍ୱୀକୃତି ପାଇଲା। ଉକ୍ତ ରୋଗରେ ସ୍ମରଣଶକ୍ତି ଲୋପ ପାଇଯିବା ହେଉଛି ପ୍ରଧାନ ଲକ୍ଷଣ। ଏ ସମ୍ପର୍କରେ ଡା. ନିତ୍ୟାନନ୍ଦ ସ୍ୱାଇଁ କହନ୍ତି, ‘‘ଆଲ୍‌ଜିମର୍ସ ରୋଗ ହେଲେ ରୋଗୀର ଶରୀର ଓ ମନ ପରସ୍ପରଠାରୁ ବିଚ୍ଛିନ୍ନ ହୋଇପଡ଼ିବା ଭଳି ଅବସ୍ଥା ଉପୁଜିଥାଏ। ତେଣୁ ଏହାକୁ କୁହାଯାଉଛି 'ମନ ହଜି ଯାଇଥିବା ରୋଗ' ଓ ରୋଗୀକୁ କୁହାଯାଉଛି 'ମନ ନ ଥିବା ମଣିଷ'। ରୋଗୀଠାରେ ସ୍ମରଣ ଶକ୍ତି, ବିଶେଷକରି ସଦ୍ୟ ସ୍ମୃତି ଲୋପ ପାଇଯିବାରୁ ତାହାର ଜୀବନ ହୋଇ ଉଠେ ଦୁର୍ବିଷହ। ଏକ ଅଭିଶପ୍ତ ଜୀବନକୁ ବୋହି ସେ ହୁଏ ଶ୍ମଶାନବାସୀ। ପ୍ରତିବର୍ଷ ସେପ୍ଟେମ୍ବର ୨୧ ତାରିଖରେ ପାଳନ ହୋଇଥାଏ 'ବିଶ୍ୱ ଆଲ୍‌ଜିମର୍ସ ଦିବସ'। ଏହି ଦିବସ ଅବସରରେ ଚଳିତବର୍ଷର ପ୍ରସଙ୍ଗ ରହିଛି -'ଆସ୍କ ଏବାଉଟ୍ ଡେମିଣ୍ଟିଆ' ଅର୍ଥାତ୍, 'ଡେମିଣ୍ଟିଆ ବିଷୟରେ ପଚାରିବା'। ସୁତରାଂ ଆଲ୍‌ଜିମର୍ସ ପ୍ରତି ସତର୍କ ରହିବା ନିହାତି ଜରୁରୀ। ପାଶ୍ଚାତ୍ୟ ଅଧିବାସୀଙ୍କ ତୁଳନାରେ ଆମ ଦେଶରେ ଆଲ୍‌ଜିମର୍ସ ରୋଗୀସଂଖ୍ୟା ଯଥେଷ୍ଟ କମ୍। ଆଲ୍‌ଜିମର୍ସ ରୋଗ ପ୍ରକାଶ ପାଏ ୫୦ ବର୍ଷ ବୟସ ପରେ। ଜାଣିରଖିବା କଥା ଯେ, ଆଲ୍‌ଜିମର୍ସର ଲକ୍ଷଣ ପ୍ରକାଶ ପାଇବା ପୂର୍ବରୁ ମସ୍ତିଷ୍କରେ ରୋଗଟିର ମୂଳଦୁଆ ପଡ଼ିସାରିଥାଏ। ରୋଗୀ ଅନେକ କଥା ସହଜରେ ମନେପକେଇ ପାରେନି। ଭୁଲିଯାଏ ସେମାନଙ୍କ ନାଁ। ଘର ଛାଡ଼ି ବାହାରକୁ ଯାଇଥିଲେ ଫେରିବା ରାସ୍ତାକୁ ଠଉରେଇ ନ ପାରି ଘରକୁ ଫେରିପାରେନି। ପଇସାପତ୍ର ଧାର ଦେଇଥିଲେ ତାହାକୁ ପରିଶୋଧ କରିବାକୁ ଭୁଲିଯାଏ। କଥାବାର୍ତ୍ତା କରିବା ସମୟରେ ଠିକ୍ ଶବ୍ଦ ଠିକ୍ ଜାଗାରେ ମୁଣ୍ଡକୁ ଢୁକି ନ ଥାଏ। ଏପରି କି ଆତ୍ମୀୟଙ୍କ ମୃତ୍ୟୁରେ ବି ତା'ଠାରେ କୌଣସି ପ୍ରତିକ୍ରିୟା ପରିଲକ୍ଷିତ ହୋଇ ନ ଥାଏ।

ବୟସ ୬୫ରୁ ଉର୍ଦ୍ଧ୍ୱ ହୋଇଗଲେ ଆଲ୍‌ଜିମର୍ସ ବାହାରିବା ଆଶଙ୍କା ବେଶି। ପୁରୁଷମାନଙ୍କ ଅପେକ୍ଷା ମହିଳାମାନେ ଏବଂ ଶିକ୍ଷିତ ବ୍ୟକ୍ତିଙ୍କ ଅପେକ୍ଷା ଅଶିକ୍ଷିତ ବ୍ୟକ୍ତି ରୋଗଟି ପ୍ରତି ବେଶୀ ସମ୍ବେଦନଶୀଳ। ଏପରିକି ୨୦୫୦ ମସିହା ବେଳକୁ ଆଲ୍‌ଜିମର୍ସ ରୋଗୀଙ୍କ ସଂଖ୍ୟା ତିନିଗୁଣ ବଢ଼ିଯାଇଥିବ ବୋଲି ଆକଳନ କରାଗଲାଣି। ସୁତରାଂ କାଳ ବିଳମ୍ବ ନ କରି ଏଥିପ୍ରତି ସତର୍କ ହୋଇଯିବା ବାଞ୍ଛନୀୟ। ତେବେ ଏହି ରୋଗଟିକୁ ସଅଳ ଚିହ୍ନଟ କରାଯାଇପାରୁନି କି ରୋଗରୁ ଉପଶମ ମିଳିପାରୁନି। ତେବେ ନିୟମିତ ବହି ଓ ଖବରକାଗଜ ପଢ଼ିବା, ସଭାସମିତିରେ ଯୋଗ ଦେବା, ଗପ, କବିତା ଲେଖିବା, ନୂଆ ଭାଷା ଶିଖିବା, ଚିତ୍ର ଆଙ୍କିବା ଏବଂ ନୂଆ ନୂଆ ରୁଚିରେ ମନ ଦେବା ଦ୍ୱାରା ରୋଗର ଆଗମନକୁ ବିଳମ୍ବିତ କରାଯାଇପାରେ। ତେବେ ଏହି ରୋଗ ପ୍ରକାଶ ପାଇଲେ ପରିବାର ସମସ୍ୟା ବହୁତ ବଢ଼ିଯାଏ। ତେଣୁ ବ୍ୟକ୍ତିଗତ ସ୍ତରରେ ପ୍ରତ୍ୟେକ ସୁସ୍ଥ ଜୀବନଶୈଳୀ ଅବଲମ୍ବନ କରିବା ଅପରିହାର୍ଯ୍ୟ।’’


# Classified Everyday

0674-2580101, 9692975378



MATRIMONIAL

## BRIDE WANTED

Handsome Brahmin Boy 1984, 5'10" serving officer Nationalised Bank. "Sunasansar" 9937512659. D-01

## GROOM WANTED

ମା'ଙ୍କ ସହିତ ରହୁଥିବା 28 ବୟସ୍କା ଅବିବାହିତା କରଣ ଜାତିର ଚାକିରିଆ କନ୍ୟାଙ୍କ ପାଇଁ Anycaste ବରପାତ୍ର ଆବଶ୍ୟକ। 7852970280. D-2053



REAL ESTATE

## SALE

**CDA and RERA approved plot near Trisulia, CISF Campus, Black Loan facilities, Bank top road, Water supply, Electricity, Drainage. Contact- 7008513309.** D-2062

ପୁରୀ ବାଟମଙ୍ଗଳା ସମ୍ମୁଖ **200** ଫୁଟ **Bypass** ରୋଡ୍ ପାଖରେ ଅତିଶୀଘ୍ର ଘରକରିବାଯୋଗ୍ୟ ପ୍ଲଟ୍ ଡିସିମିଲକୁ **12** ଲକ୍ଷ ଟଙ୍କା। ଯୋଗାଯୋଗ: **9438109040/ 8144658008.** D-2034

**Ready to move 1/2BHK flat for sale @ 18/24lakh at Gudiapokhari Bhubaneswar, Call- 9861642492.** D-2018

**Ready to move 1/2BHK flat for sale @18/24lakh at Gudiapokhari Bhubaneswar. Call- 9827439338.** D-1803

ଭୁବନେଶ୍ୱର **NISER, IIT** ଜଟଣୀ ପାଖରେ ପ୍ରସ୍ତାବିତ **BDA 200ft** ରୋଡକୁ ଲାଗି **investment** ପ୍ଲଟ୍ ପୋଜେସନ ଥାଇ **Sqft.- 650/-, 850/-** ବିକ୍ରି ହେଉଛି- **9337166296.** D-1942

**Commercial cum residential plot, Gharabari with compoundwall touching to NH-316 Road (Nakhara to Niali) 10 K.M. from Nakhara & 15 K.M. to Bhubaneswar 80x30=2400sqft. highland from road level. @2750/- per sqft. 7809525452.** D-76494





Newly open Jyoti SPA positively health benefits (expert therapist). 8458067955. D-76936

The massage felt totally professional & comfortable at all times-7978109255. D-76495

Newly open health benefits spa by experts therapist con 8658088274. D-1866

## AFFIDAVIT

I, Satyanarayan Dash, S/o- Bhikari Charan Das, Village- Santarapur, P.O.-Bankuala, P.S.-Kamakhyanagar, Dist.- Dhenkanal, Odisha, solemnly declare that, I have changed my minor 9 year old son's name from SAHEB DAS to BADRINATH DASH dated- 01.09.2025 before Executive Magistrate, Kamakhyanagar. D-2051

By virtue of an affidavit sworn before Executive Magistrate, Puri, dt.- 18.09.25 I, Rajesh Kumar Kap Resident of Nuabudhakera of Mahura G.P. that my minor daughter's actual name RAJESWARI KAP but Rajshree Kap wrongly mentioned in aadhaar card. I change her name Rajashree Kap to RAJESWARI KAP for all purposes.
RAJESH KUMAR KAP D-2059

By virtue of an affidavit sworn before the Notary Public, Birmaharajpur, date 18.09.25 I, Guna Jagadala, W/o- Trilochan Luha, R/o- Village- Baghamari, P.O./P.S.- Birmaharajpur, Dist.- Subarnapur declare that I have changed my name from Gunabati Luha to Guna Jagadala. Henceforth I shall be known as Guna Jagadala for all purposes.
Guna Jagadala D-2057

By virtue of an affidavit, sworn in before the Executive Magistrate, Vyasanagar, I, Nirupama Swain aged about 43 years, addressed at present, At/P.O./P.S.: Panikoili, Dist.- Jajpur- 755043, do hereby declare that henceforth I will be known as NIRUPAMA NAYAK for all official purpose w.e.f. dated 18.09.2025. That Nirupama Swain and Nirupama Nayak is the same person that is me only. D-2052

By virtue of an affidavit sworn before the Executive Magistrate, Athgarh, District- Cuttack, dated- 08.09.2025 I, Ranjan Kumar Behera, S/o- Sukuta Behera, Address of Village- Mahalpada, P.O.- Kakhadi, P.S.- Choudwar, Dustrict- Cuttack, Odisha, PIN Code No.- 754027 declare that I have changed my son's name from Sai Behera(Old name) to Dibyanshu Behera(New name). Henceforth, he shall be known as Dibyanshu Behera for all purposes.
Ranjan Ku Behera D-2060

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Swikruti Subhadarshini Pradhan D/o- Sarat Chandra Pradhan and Tulasi Biswal of village Santhasara, P.S.- Gondia, Dist.- Dhenkanal, PIN-759016, Odisha declare by this affidavit CF. No.- 33, dtd- 17/09/2025 in the Court of The Executive Magistrate, Bhubaneswar, that I have changed my name from Swikruti Subhadarshini Pradhan to Hanshika Shaamal W/o- Tusharr Ranjan Samal of village/P.O.- Aruha, P.S.- Dharmasala, Dist- Jajpur, PIN-755024, Odisha, that now onwards I shall be known as Hanshika Shaamal for all future purposes.
Hanshika Shaamal D-2055

By virtue of an affidavit sworn before Executive Magistrate, Bhubaneswar, dated.- 20.09.2025, I, Sushree Sasmita Satpathy, At./P.O.- Sanda, P.S.- Parjang, Dist.- Dhenkanal, PIN- 759019 declare that I have changed my name from Sashmita Satapathy to Sushree Sasmita Satpathy. Henceforth, I shall be known as Sushree Sasmita Satpathy for all purposes.
Sushree Sasmita Satpathy D-2029

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

ଏହି ସତ୍ୟପାଠଟିର ଶପଥ ଥିବା ହେତୁରୁ ଏହାକୁ ନୋଟାରୀଙ୍କ ଦ୍ୱାରା, ଭୁବନେଶ୍ୱରରେ ତା- ୨୦।୦୯।୨୦୨୫ରିଖରେ କରିଅଛି। ମୁଁ ସଲ ମାନ ଲୋ, ଠିକଣା:କ୍ୱାର୍ଟର ନଂ ଓ/୫, ଷ୍ଟେଜ୍-୩, ପୋ- ବୁଦ୍ଧେଶ୍ୱରୀ କଲୋନୀ, ଥାନା- ଲକ୍ଷ୍ମୀସାଗର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ପିନ୍- ୭୫୧୦୦୬। ମୁଁ ଘୋଷଣା କରୁଅଛି ଯେ ମୋର ନାମ ପରିବର୍ତ୍ତନ କରି ସଲମାନ ତାମଙ୍ଗା ରୁ ସଲ ମାନ ଲୋ (ନୂତନ ନାମ)। ଆଜି ପରଠାରୁ ମୁଁ ସଲ ମାନ ଲୋ (ନୂତନ ନାମ) ନାମରେ ସମସ୍ତ କ୍ଷେତ୍ରରେ ସ୍ୱାକ୍ଷର କରି ପରିଚିତ ହେବି।
ସଲ ମାନ ଲୋ ଧ-୨୦୫୬

By virtue of an affidavit sworn before Notary Public, Bhubaneswar, dated 19.09.2025, Address: Flat No.508, S-Block, Trident Galaxy, Kalinga Vihar, Near TATA Ariana, Andharua, Bhubaneswar, Dist- Khordha, I, PRIYADARSHINI BEHARA, D/o Prashant Kumar Behara declare that my father's actual name is PRASANT KUMAR BEHARA. But some documents my father's name wrongly mentioned PRASANT BEHARA. So PRASANT KUMAR BEHARA and PRASANT BEHARA is same and one person.
PRIYADARSHINI BEHARA D-2061

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before Executive Magistrate, Angul on dated 20.09.2025, I, Sarika Kalo, aged about 42 years, W/o- Malaya Ranjan Kalo, resident of At-Tasarda, P.O.- Paraposi, Dist.- Deogarh, Odisha, PIN- 768108 at present residing at Soubhagya Nagar, P.O./P.S./Dist.- Angul, Odisha, PIN- 759122 do hereby solemnly affirm and state as follows. That, my actual name is Sarika Kalo which has been mentioned in my Aadhaar Card vide No.- XXXX XXXX 3531. But my name has been wrongly mentioned as Sharikarani Kalo in the old Birth Certificate. Henceforth, she shall be known as Sarika Kalo for all purposes.
Sarika kalo D-2063

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ୧୨.୪୨ କୋଟି ଠକେଇ: ବିଜେଡି ନେତା ଦିଲୀପ ନାୟକ ଗିରଫ

ଭୁବନେଶ୍ୱର,୨୦।୯(ସତ୍ୟଜିତ ରାଉତ)



ଜଣେ ବ୍ୟକ୍ତିଙ୍କୁ ୧୨.୪୨ କୋଟି ଟଙ୍କା ଠକେଇ ଅଭିଯୋଗରେ କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ବିଜେଡି ନେତା ଦିଲୀପ କୁମାର ନାୟକଙ୍କୁ ଶନିବାର ଗିରଫ କରିଛି। ଅଭିଯୁକ୍ତ ଦିଲୀପଙ୍କୁ କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିଲା। ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗକାରୀ କଟକ ମଙ୍ଗଳାବଗ ଥାନା ରାଣୀହାଟ ମାଳିସାହିର ବିଜୟ ରାଉତ ୯.୪୨କୋଟି ଟଙ୍କା ଠକେଇ ନେଇ ପ୍ରଥମେ ବାଦାମବାଡ଼ି ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ୨୦୨୩ ନଭେମ୍ବର ୨୨ରେ ବାଦାମବାଡ଼ି ପୋଲିସ ମାମଲା(ନଂ. ୪୧୭/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବଡ଼ ଧରଣର ଠକେଇ ହୋଇଥିବାରୁ ପୋଲିସ ଏହି ମାମଲାକୁ ଇଓଡବ୍ଲ୍ୟୁକୁ ଟ୍ରାନ୍ସଫର କରିଥିଲା। ଏନେଇ ଇଓଡବ୍ଲ୍ୟୁ ଗୁରୁବାର ମାମଲା (ନଂ.୧୩/୨୦୨୫) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

ଇଓଡବ୍ଲ୍ୟୁ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ୨୦୧୫ରୁ ୨୦୧୭ ମଧ୍ୟରେ ବିଜୟଙ୍କ ଠାରୁ ଦିଲୀପ ବ୍ୟବସାୟରେ ନିବେଶ କରିବାକୁ ୩ କୋଟି ଟଙ୍କା ନେଇଥିଲେ। ୨୦୧୮ରେ ଦିଲୀପ କଟକ ବଜ୍ରକବାଟିରେ ଜମି ଦେବା ପାଇଁ ପୁଣି ତାଙ୍କ ଠାରୁ ୪ କୋଟି ଟଙ୍କା ନେଇଥିଲେ। ହେଲେ ପ୍ରତିଶ୍ରୁତି ଅନୁଯାୟୀ ଜମି ଦେଇ ନ ଥିଲେ। ପରେ ପଟିଆରେ ବିଜୟଙ୍କୁ ଏକ ଭଲ ଜମି ଦେବା ପାଇଁ କହି ଆଉ ୩.୪୨ କୋଟି ଟଙ୍କା ନେଇଥିଲେ। ଏହାବ୍ୟତୀତ ଏକ କମ୍ପାନୀ କରିବାକୁ ବିଜୟଙ୍କଠାରୁ ୨କୋଟି ଏବଂ ତାଙ୍କ ସ୍ତ୍ରୀଙ୍କ ଠାରୁ କୋଟିଏ ଟଙ୍କା ମଧ୍ୟ ଦିଲୀପ ନେଇଥିଲେ। ଇତିମଧ୍ୟରେ ଦିଲୀପ କୋଟିଏ ଟଙ୍କା ଫେରାଇଥିବାବେଳେ ଆଉ ବାକି ଟଙ୍କା ଦେଇ ନ ଥିଲେ। ତେବେ ପରେ ୨୦୨୧ରେ କଟକ ତ୍ରିଶୂଳିଆରେ ଉଭୟଙ୍କ ମାଲିକାନାରେ ଏକ ଜମି କିଣିବାକୁ ବିଜୟଙ୍କୁ ଦିଲୀପ ପ୍ରବର୍ତ୍ତାଇଥିଲେ। ସେମାନେ ୩.୫ କୋଟି ଟଙ୍କାରେ ୫ ଏକର ପରିମିତ ଏକ ଜମି କିଣିଥିଲେ। ହେଲେ ପରେ ବିଜୟଙ୍କୁ ନ ଜଣାଇ ଦିଲୀପ ଉକ୍ତ ଜମିରୁ ଅଢ଼େଇ ଏକର ବିକ୍ରି କରିଦେଇଥିଲେ ବୋଲି ତଦନ୍ତରୁ ଜଣାପଡ଼ିଥିବା ଇଓଡବ୍ଲ୍ୟୁ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଶୁକ୍ରବାର ବାଦାମବାଡ଼ିସ୍ଥିତ ଦିଲୀପଙ୍କ ଘର ଯାଞ୍ଚ ବେଳେ ଜମି କିଣା ସଂକ୍ରାନ୍ତୀୟ ଦସ୍ତାବିଜ, ବ୍ୟାଙ୍କ ଆକାଉଣ୍ଟ ଆଦି ଇଓଡ଼ବ୍ଲ୍ୟୁ ଜବତ କରିଥିବା ସୂଚନା ଦେଇଛି। ଇଓଡବ୍ଲ୍ୟୁ ଦିଲୀପଙ୍କ ଘରେ ଚଢ଼ାଉ କରି ତାଙ୍କୁ ଉଠାଇ ଆଣିଥିଲା। ସୂଚନାଯୋଗ୍ୟ, ୨୦୨୪ ସାଧାରଣ ନିର୍ବାଚନରେ ଦିଲୀପ ନିମାପଡ଼ା ନିର୍ବାଚନମଣ୍ଡଳୀରେ ବିଜେଡି ବିଧାୟକ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ୯୦, ୬୬୮ ଖଣ୍ଡ ଭୋଟ ପାଇଥିବାବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥିନୀ ପ୍ରଭାତୀ ପରିଡ଼ାଙ୍କଠାରୁ ୪,୪୫୮ ଖଣ୍ଡରେ ହାରି ଯାଇଥିଲେ। ୨୦୧୯ ନିର୍ବାଚନରେ ନିମାପଡ଼ାରୁ ଦିଲୀପ କଂଗ୍ରେସ ଟିକେଟରେ ବିଧାୟକ ପ୍ରାର୍ଥୀ ଭାବେ ଲଢ଼ିଥିଲେ। ହେଲେ ସେ ୩୩, ୫୭୬ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ।

### ପାର୍ବଣ ପୂର୍ବରୁ ବଲାଙ୍ଗୀରରେ ଗଡ଼ିଲା ମୁଣ୍ଡ

# ମା' ସାମ୍ନାରେ ପୁଅକୁ ଟାଙ୍ଗିଆରେ ହାଣି ହତ୍ୟା

ବଲାଙ୍ଗୀର, ୨୦।୯ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ଖଦାଲପଡ଼ା ମଙ୍ଗଳା ମନ୍ଦିର ନିକଟରେ ଶନିବାର ଦିନ ଦ୍ୱିପ୍ରହରରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମା' ସାମ୍ନାରେ ପୁଅକୁ ଦୁର୍ବୃତ୍ତମାନେ ଟାଙ୍ଗିରେ ହାଣି ହତ୍ୟାକରି ଫେରାର ହୋଇଯାଇଛନ୍ତି। ମୃତ ଯୁବକ ହେଲେ ରାଜ ବେହେରା (୨୧)। କେଉଁ କାରଣରୁ ରାଜଙ୍କୁ ହତ୍ୟା କରାଯାଇଛି ତାହା ସ୍ପଷ୍ଟ ହୋଇନାହିଁ।

ଅଭିଯୋଗ ଅନୁଯାୟୀ, ଅପରାହ୍ଣ ପ୍ରାୟ ସାଢ଼େ ୨ଟା ବେଳେ ରାଜ ତାଙ୍କ ଘର ସାମ୍ନାରେ ଠିଆହୋଇଥିଲେ। ଏହି ସମୟରେ ୨ ଜଣ ଯୁବକ ଆସି ରାଜଙ୍କ ସହ ଯୁକ୍ତିତର୍କକରି ଟାଙ୍ଗିଆ ଓ ଖଣ୍ଡାରେ ଆକ୍ରମଣ ପାଇଁ ଉଦ୍ୟମ କରିଥିଲେ। ଏତିକି ବେଳେ ରାଜ ପାଟିକରି ତାଙ୍କ ମା'ଙ୍କୁ ଡାକିଥିଲେ। ଘର ଭିତରୁ ମା' ବାସନ୍ତୀ ବେହେରା ବାହାରି ଆସିଥିଲେ। କିନ୍ତୁ ଦୁର୍ବୃତ୍ତମାନେ ବାସନ୍ତୀଙ୍କୁ ଗାଳିଗୁଲଜ କରିବା ସହ ଠେଲିଦେଇ ତାଙ୍କ ସାମ୍ନାରେ ରାଜଙ୍କୁ ହାଣିଦେଇ ସେଠାରୁ ଫେରାର ହୋଇଯାଇଥିଲେ। ପାଖରେ



ମୃତ ରାଜ ବେହେରା

ଥିବା ରାଜଙ୍କ ବାଇକ୍‌କୁ ମଧ୍ୟ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଥିଲେ। ଦୁର୍ବୃତ୍ତମାନଙ୍କ ଅତର୍କିତ ଆକ୍ରମଣରେ ଯୁବକ ଜଣକ ଗୁରୁତର ହୋଇ ପଡ଼ିଥିଲେ । ତାଙ୍କ ଦେହ ସାରା ଚୋଟ ଉପରେ ଚୋଟ ମରାଯାଇଥିବା ଦେଖିବାକୁ ମିଳିଥିଲା। ରକ୍ତାକ୍ତ ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ପ୍ରାୟ ୨ଦିନ ତଳେ କେତେଜଣ ଯୁବକ ରାଜଙ୍କ ଘରକୁ ଆସି ତାଗିଦା କରିବା ସହ ଜୀବନରେ ମାରିଦେବାର ଧମକ ଦେଇଥିଲେ। ଜଣେ ଝିଅ ସହ ପ୍ରେମ

### ହାଣିବା ପରେ ଫେରାର ହୋଇଗଲେ ୨ ଅଭିଯୁକ୍ତ

ସମ୍ପର୍କକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା କୁହାଯାଇଛି। ବଲାଙ୍ଗୀର ଟାଉନ ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ପରିବାର ଲୋକେ ଟାଉନ ଥାନାକୁ ଯାଇ ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ଏକ ମାମଲା (ନଂ. ୬୦୭/୨୫) ରୁଜୁ କରିଛି । ଉକ୍ତ ଘଟଣାରେ ୩– ୪ ଜଣ ସମ୍ପୃକ୍ତ ଥିବା ଅନୁମାନ କରାଯାଉଛି । ଏହି ହତ୍ୟାକାଣ୍ଡ ପରେ ଖଦାଲପଡ଼ା ଅଞ୍ଚଳରେ ଉତ୍ତେଜନା ଓ ଭୟର ବାତାବରଣ ଦେଖାଦେଇଛି। ପାର୍ବଣ ପୂର୍ବରୁ ବଲାଙ୍ଗୀର ସହରରେ ଏହି ହତ୍ୟାକାଣ୍ଡକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ସହରରେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିଯାଇଥିବା ଚର୍ଚ୍ଚାର ବିଷୟ ହୋଇଛି। ଟାଉନ ଥାନା ପୋଲିସ ଉକ୍ତ ଘଟଣାରେ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି।

# ଲାଞ୍ଚ ନେଇ କିରାଣି ଗିରଫ

ବଣାଇଁ,୨୦।୯(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ରୁକୁରା ଜଳସେଚନ ପ୍ରକଳ୍ପର ଜମି ଅଧିଗ୍ରହଣ ଏବଂ ପୁନର୍ବାସ କାର୍ଯ୍ୟାଳୟର କ୍ଲର୍କ କମ୍ କ୍ୟାଶିଅର ପୃଥ୍ୱୀରାଜ କାମିଲା ଶନିବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ରୁକୁରା ଜଳସେଚନ ପ୍ରକଳ୍ପର ଜଣେ ଜମିହରାଙ୍କୁ କ୍ଷତିପୂରଣ ରାଶି ପ୍ରଦାନ ପାଇଁ ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଅଧିକାରୀମାନେ ଉକ୍ତ କ୍ଲର୍କଙ୍କୁ ଗିରଫ କରିଛନ୍ତି। ଏ ନେଇ ରାଉରକେଲା ଭିଜିଲାନ୍ସରେ ଏକ ମାମଲା (ନଂ.୧୦/୨୫) ରୁଜୁ ହୋଇ ତଦନ୍ତ ଚାଲିଛି।



ପୃଥ୍ୱୀରାଜ କାମିଲା

ସୂଚନା ଅନୁଯାୟୀ, ରୁକୁରା ଜଳସେଚନ ପ୍ରକଳ୍ପର କ୍ଷତିଗ୍ରସ୍ତ କଟୁରିଧୁଆ ଗ୍ରାମର ବୁଦ୍ଧୁ ଓରାମଙ୍କୁ ସରକାରଙ୍କ ପକ୍ଷରୁ ପ୍ରଥମ କିସ୍ତିରେ ୨ ଲକ୍ଷ ୭୦ ହଜାର ଟଙ୍କା ମଞ୍ଜୁର ହୋଇଛି। ହେଲେ ତାହାକୁ ପ୍ରଦାନ କରିବା ପାଇଁ ପୃଥ୍ୱୀରାଜ ତାଙ୍କୁ ୨୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ପ୍ରଥମ ପର୍ଯ୍ୟାୟରେ ବୁଦ୍ଧୁ ତାଙ୍କୁ ୧୦ ହଜାର ଟଙ୍କା ଦେଇଥିଲେ। ପରେ ପୃଥ୍ୱୀରାଜ ତାଙ୍କୁ ଅବଶିଷ୍ଟ ଟଙ୍କା ମାଗିଥିଲେ। ଏନେଇ ବୁଦ୍ଧୁ ଶୁକ୍ରବାର ରାଉରକେଲା ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ପହଞ୍ଚି ଘଟଣା ବିଷୟରେ କହିଥିଲେ। ପୂର୍ବ ଯୋଜନା ଅନୁଯାୟୀ ଶନିବାର ବୁଦ୍ଧୁ ତାଙ୍କୁ ୭ ହଜାର ଟଙ୍କା ଲାଞ୍ଚ ଦେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ ମାଡିବସିଥିଲା। ପୃଥ୍ୱୀରାଜଙ୍କଠାରୁ ଭିଜିଲାନ୍ସ ୭ ହଜାର ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରି ରାଉରକେଲା ନେଇଛି।

# ଅନ୍‌ଲାଇନ୍ ଗେମ୍ ଖେଳି ଜୀବନ ହାରିଲେ ଯୁବକ

ରେମୁଣା, ୨୦।୯(ରବୀନ୍ଦ୍ର ମହାକୁଡ)

ଅନ୍‌ଲାଇନ୍ ଗେମ୍ ପୁଣି ନେଲା ଏକ ଜୀବନ। ଲକ୍ଷାଧିକ ଟଙ୍କା ହରାଇବା ପରେ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଛନ୍ତି ରେମୁଣା ଥାନା ପୁରୁଷୋତ୍ତମପୁର ଗାଁର ଦିବ୍ୟଜ୍ୟୋତି ପତି (୨୫)। ଦିବ୍ୟଜ୍ୟୋତି ବିଭିନ୍ନ ସମୟରେ ମୋବାଇଲରେ ଅନ୍‌ଲାଇନ୍ ଗେମ୍ ଖେଳିଥାନ୍ତି। ପରିବାର ଲୋକେ ଏଥିରୁ ନିବୃତ୍ତ ରହିବା ଲାଗି ତାଙ୍କୁ ବାରମ୍ବାର ବାରଣ କରୁଥିଲେ ମଧ୍ୟ ସେ ଏହାକୁ ନ ମାନି ଗେମ୍‌ରେ ମସ୍‌ଗୁଲ ରହୁଥିଲେ। ଅନ୍‌ଲାଇନ୍ ଗେମ୍‌ରେ ଲକ୍ଷାଧିକ ଟଙ୍କା ହାରିବା ପରେ ଅଧିକ ଖେଳିବା ପାଇଁ ସେ ଉଧାରରେ ଟଙ୍କା ମଧ୍ୟ ଆଣୁଥିଲେ। ଗୁରୁବାର ରାତିରେ ସେ ଗେମ୍ ଖେଳୁଥିବା



ଦିବ୍ୟଜ୍ୟୋତି

ଦେଖି ମା'ବାପା ଶୋଇପଡ଼ିବାକୁ କହିଥିଲେ। ଶୁକ୍ରବାର ସକାଳେ ଦୀର୍ଘ ସମୟ ଧରି ସେ କବାଟ ନ ଖୋଲିବାରୁ ପରିବାର ଲୋକେ ତାଙ୍କୁ ଡାକିଥିଲେ। ମାତ୍ର ସେ କୌଣସି ଉତ୍ତର ଦେଇ ନ ଥିଲେ। ବେକରେ ଗାମୁଛା ଦେଇ ପଙ୍ଖାରେ ଝୁଲୁଥିବା ତାଙ୍କୁ ଦେଖି ପରିବାର ଲୋକେ ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

# ୨ ବୃଦ୍ଧଙ୍କୁ ଆଜୀବନ କାରାଦଣ୍ଡ

ଜଗତ୍‌ସିଂହପୁର, ୨୦।୯ (ପ୍ରମୋଦ କୁମାର ନାୟକ)

### ବାଲିକୁଦା ନାବାଳିକା ବଳାତ୍କାର ମାମଲା

ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅଞ୍ଚଳରେ ୨୦୨୪ରେ ଅଭାବନୀୟ ଘଟଣା ଘଟିଥିଲା। ଜଣେ ନାବାଳିକାଙ୍କୁ ୬୦ ବର୍ଷରୁ ଉର୍ଦ୍ଧ୍ୱ ୨ ଜଣ ବ୍ୟକ୍ତି ବଳାତ୍କାର କରିଥିଲେ। ଏହାପରେ ନାବାଳିକା ଜଣକ ଏକ ସନ୍ତାନ ଜନ୍ମ କରିବାକୁ ବାଧ୍ୟ ହୋଇଥିଲେ। ଶନିବାର ଏହି ମାମଲାର ରାୟ ପ୍ରକାଶ ପାଇଛି। ଜଗତ୍‌ସିଂହପୁର ଫାଷ୍ଟ ଟ୍ରାକ୍ କୋର୍ଟ (ପୋକ୍‌ସୋ) ବିଚାରପତି ଏସ୍‌ଏକେ ଜେଡ୍. ଅହମ୍ମଦ ମାମଲାର ଏହି ବିଚାର କରି ଅଭିଯୁକ୍ତ ବାଲିକୁଦା ଥାନା ଅଞ୍ଚଳର ନଟବର ପରିଡ଼ା (୬୮) ଓ କୁଶା ମଲ୍ଲିକ (୬୩)ଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୫ ହଜାର ଟଙ୍କା ଲେଖାଏ ଜରିମାନା ଧାର୍ଯ୍ୟ କରିଛନ୍ତି। ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜିଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏ ସମ୍ପର୍କରେ ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିବା ସ୍ୱତନ୍ତ୍ର ପିପି (ପବ୍ଲିକ ପ୍ରସିକ୍ୟୁସନ୍) ଦୋଳଗୋବିନ୍ଦ ଦାସ କହିଛନ୍ତି, ନାବାଳିକା ବାଲିକୁଦା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଏକଦା ସନ୍ଧ୍ୟା ସମୟରେ ସେ ତାଙ୍କ ଘରେ ବସି ପାଠ ପଢୁଥିଲେ। ଏହି ସମୟରେ ନଟବର ଓ କୁଶା ଦୁହେଁ ଘରେ ପଶି ଜଣକ ପରେ ଜଣେ ତାଙ୍କୁ ବଳାତ୍କାର କରିଥିଲେ। ଆଉ ଗଲାବେଳକୁ ଧମକ ଦେଇ ଯାଇଥିଲେ ଯେ ଘରେ କାହାରିକୁ କହିଲେ ତୋତେ ହେଉ ଅବା ତୋ ମା'ବାପାଙ୍କୁ ଜୀବନରେ ମାରିଦେବୁ। ଏଥିରେ ସେ ଭୟଭୀତ ହୋଇ ଘରେ କାହାରିକୁ କିଛି କହି ନ ଥିଲେ। ଗର୍ଭର ୫ ମାସ ବେଳକୁ ସେ ତାଙ୍କ ମା'ଙ୍କୁ ସବୁକଥା କହିବାକୁ ବାଧ୍ୟ ହୋଇଥିଲେ। ଏହାପରେ ଅର୍ଥାତ୍ ୨୦୨୪ ଫେବୃଆରୀ ୧୩ରେ ମା' ତାଙ୍କୁ ନେଇ ବାଲିକୁଦା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବାଲିକୁଦା ଥାନା ପକ୍ଷରୁ ମାମଲା (ନଂ.୫୩/୨୪) ରୁଜୁ ହୋଇଥିଲା। ଏହାପରେ ସେ ଏକ ସନ୍ତାନ ଜନ୍ମ ଦେଇଥିଲେ। ଡିଏନ୍‌ଏ ପରୀକ୍ଷାରେ ମଧ୍ୟ ଅଭିଯୁକ୍ତମାନଙ୍କ ସମ୍ପର୍କର ପ୍ରମାଣ ମିଳିଥିଲା। ଏହି ମାମଲାରେ ୨୮ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ଡେପୁଟି ଡାଇରେକ୍ଟର ପବ୍ଲିକ ପ୍ରୋସିକ୍ୟୁଟର ବିରେନ କୁମାର ପଣ୍ଡା ଏହି ମାମଲା ତଦାରଖ କରିଥିଲେ।

# ଲାଞ୍ଚ ନେଇ ଫାଣ୍ଡି ଅଧିକାରୀ ଗିରଫ

ସୋର, ୨୦।୯(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ଥାନା ଅଧୀନ ଅନନ୍ତପୁର ଫାଣ୍ଡି ଅଧିକାରୀ ହୃଷୀକେଶ ବିଶ୍ୱାଳ ଲାଞ୍ଚ ନେବା ବେଳେ ଭିଜିଲାନ୍ସ ବିଭାଗ ଦ୍ୱାରା ଗିରଫ ହୋଇଛନ୍ତି। ୧୫ଦିନ ତଳେ କୁରୁଡ଼ା ଗ୍ରାମର ଶଶିଭୂଷଣ ପାତ୍ର ବାଇକରେ ଅନନ୍ତପୁର ଅଭିମୁଖେ ଆସୁଥିବା ବେଳେ ରାସ୍ତାରେ ଶୋଇଥିବା ଏକ ଶଣ୍ଢକୁ ଧକ୍କା ଦେଇଥିଲେ। ସ୍ଥାନୀୟ ଲୋକେ ଯୁବକଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅନନ୍ତପୁର ଫାଣ୍ଡି ପୋଲିସ ପହଞ୍ଚି ବାଇକକୁ ଜବତ କରି ଥାନାରେ ରଖି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପରେ ଗାଡ଼ିକୁ ରିଲିଜ କରିବା ପାଇଁ ଫାଣ୍ଡି ଅଧିକାରୀ ବିଶ୍ୱାଳ ଉକ୍ତ ଯୁବକଙ୍କଠାରୁ ୧୫ହଜାର ଟଙ୍କା ଦାବି କରିଥିଲେ। ଏନେଇ ଶଶିଭୂଷଣ ଭିଜିଲାନ୍ସଠାରେ ଜଣାଇଥିଲେ। ପୂର୍ବ ଯୋଜନା ଅନୁସାରେ ଶନିବାର ୫୦୦୦ ଟଙ୍କା ଦେବା ବେଳେ ଭିଜିଲାନ୍ସ ଫାଣ୍ଡି ଅଧିକାରୀଙ୍କୁ ଗିରଫ କରିଥିବା ଜଣାପଡିଛି।

### ମହିଳା ଟ୍ରାଫିକ୍ କନ୍‌ଷ୍ଟେବଲଙ୍କୁ ହତ୍ୟା ଘଟଣା

# ଜେସିବି ମାଲିକ, ଡ୍ରାଇଭରଙ୍କୁ ଜେରା

କେନ୍ଦୁଝର/ଘଟଗାଁ, ୨୦।୯(ନରେଶ ଚନ୍ଦ୍ର ପଟ୍ଟନାୟକ/ ରାଜେନ୍ଦ୍ର ପଟ୍ଟନାୟକ)

ମହିଳା ଟ୍ରାଫିକ୍ କନ୍‌ଷ୍ଟେବଲ ଶୁଭମିତ୍ରା ସାହୁ ହତ୍ୟା ଘଟଣାରେ କମିଶନରେଟ୍ ପୋଲିସ ଶନିବାର କେନ୍ଦୁଝର ଜିଲା ଘଟଗାଁରେ ଅଧିକ ତଦନ୍ତ କରିଛି। ତଦନ୍ତକାରୀ ଅଧିକାରୀ ବିପିନ ବିହାରୀ ହୋତାଙ୍କ ନେତୃତ୍ୱରେ ଏକ ୩ ଜଣିଆ ଦଳ ମୃତଦେହ ପୋତିବା ନେଇ ଗାତ ଖୋଳିଥିବା ଜେସିବି ମାଲିକ ଓ ଡ୍ରାଇଭରଙ୍କୁ ଜେରା କରିଛି। ଏଥିସହ ଜେସିବି (ନଂ. ଓଡି ୦୯ ଏଏ ୦୧୦୫)କୁ ପୋଲିସ ଜବତ କରିଛି। ଟିମ୍ ଘଟଗାଁର ଜେସିବି ମାଲିକ ଜିତୁ ସାହା ଓ ଡ୍ରାଇଭର ବୃନ୍ଦାବନ ମହାନ୍ତଙ୍କୁ ଘଟଣା ସମ୍ପର୍କରେ ଦୀର୍ଘ ସମୟ ଧରି ପଚରାଉଚୁରା କରିଥିଲା। ଜଟିଆ ମହାନ୍ତଙ୍କ ପାଇଖାନା ଟାଙ୍କି ଖୋଳିବାକୁ ଭଡ଼ାରେ ଡାକି ନେଇଥିଲେ। ଏଥିପାଇଁ ୯୦୦ ଟଙ୍କା ଦେଇଥିଲେ ବୋଲି ଜେସିବି ମାଲିକ କହିଛନ୍ତି। ପଚରାଉଚୁରା ପରେ ପୋଲିସ ଟିମ୍ ଭୁବନେଶ୍ୱର ଫେରିଯାଇଛନ୍ତି। ଘଣ୍ଟାକୁ ୧୨ ଶହ ଟଙ୍କାରେ ଜେସିବି ମେସିନ ଭଡ଼ାରେ ଦିଆଯାଇଥାଏ। ତେବେ ଏହି ଘଟଣାରେ ଏତେ କମ୍ ଟଙ୍କାରେ କିପରି ଜେସିବି ଯୋଗାଇଲେ ସେନେଇ ସନ୍ଦେହ ବଢ଼ିବାରେ ଲାଗିଛି।

# ମହିଳାଙ୍କୁ ଉଲଗ୍ନ କରି ଗାଁ ଦାଣ୍ଡରେ ମାଡ଼ ମାରି ବୁଲାଇଲେ

### ସ୍ୱାମୀଙ୍କ ସହ ୪ ଅଟକ
### ଭିଡିଓ ଭାଇରାଲ

ବଡ଼ଗାଁ,୨୦।୯(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଟିମନା ଗାଁ ନିକଟ ବିରିମୁଣ୍ଡା ଗ୍ରାମରେ ଜଣେ ମହିଳାଙ୍କୁ ଉଲଗ୍ନ କରି ମାଡ଼ ମାରିବା ଘଟଣାରେ ଶନିବାର ପୋଲିସ ତାଙ୍କ ସ୍ୱାମୀଙ୍କ ସହ ୪ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଖବର ଲେଖା ହେବା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି। ସୂଚନା ଅନୁଯାୟୀ, ମହିଳାଙ୍କ ସ୍ୱାମୀ ବେଙ୍ଗାଲୁରୁରେ ରହି କାମ କରନ୍ତି। ଏହାର ସୁଯୋଗ ନେଇ ଉକ୍ତ ମହିଳାଙ୍କ ସହ ଜଣେ ଅବିବାହିତ ଯୁବକଙ୍କ ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। ଗତ କିଛିଦିନ ତଳେ ୪ ଦିନ ଧରି ଯୁବକ ଜଣଙ୍କ ମହିଳାଙ୍କ ଘରେ ରହିଥିଲେ। ଏହି ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଖବରପାଇ ଗତ ବୁଧବାର ମହିଳାଙ୍କ ସ୍ୱାମୀ ବେଙ୍ଗାଲୁରୁରୁ ଫେରିଥିଲେ। ସେ ତାଙ୍କ ସ୍ତ୍ରୀଙ୍କୁ ଉଲଗ୍ନ କରି ଗାଁ ଦାଣ୍ଡରେ ମାଡ ମାରି ବୁଲାଇଥିଲେ। ପରେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ନେଇ ଚିକିତ୍ସା କରିଥିଲେ।


## GOVERNMENT OF ODISHA
## ELECTRICAL LICENSING BOARD
### OFFICE OF THE ENGINEER-IN-CHIEF ELECTRICITY-CUM-PRINCIPAL CHIEF ELECTRICAL INSPECTOR, ODISHA
### 3RD FLOOR, HEADS OF DEPARTMENT BUILDING
### BHUBANESWAR-751001

ଓଡ଼ିଶା ସରକାର

Email-secyelbo@od.gov.in, Phone-0674-2394572

**NOTICE**

No.1289/ dated 19.09.2025/

**No.AA-28:** The Supervisor Certificate of Competency (MV (General & Mining) & HT) Examination-2025 will be conducted on 21st September, 2025 (Sunday) in Computer Based Test (CBT) mode at designated centres in Bhubaneswar and Cuttack. The examination will be held in three sittings as per the following schedule:

| | | |
|---|---|---|
| 1st Sitting | : | 08:30 AM to 10:30 AM |
| 2nd Sitting | : | 12:00 Noon to 02:00 PM |
| 3rd Sitting | : | 03:30 PM to 05:30 PM |

All the best for the examination

Sd./- Addl. Chief Engineer-cum-Secretary
OIPR-04003/11/0019/2526 ELBO, Bhubaneswar

## GOVERNMENT OF ODISHA
## e-Procurement Notice

No. O-816 E.Mail: rw_boudh@yahoo.co.in

**Bid Identification No. Online tender/04/S.E.R.W. BOUDH/2025-26**

**NATIONAL COMPETITIVE BIDDING THROUGH e-Procurement**

| | | |
|---|---|---|
| Name of the Work | : | Building Works - 09 Nos. |
| 1. Estimated Cost | : | Rs.16.49 lakhs to 99.75 lakhs (approximately) |
| 2. Period of Completion | : | 03 Calendar Months to 06 Calendar Months |
| 3. Date & time of availability of Bid documents in the portal | : | From 25.09.2025 10.00 A.M. to 14.10.2025, 5.00 P.M. |
| 4. Last date/time for receipt of bids in the portal | : | 14.10.2025 upto 5.00 P.M. |
| 5. Last date/time for seeking of tender clarification | : | 13.10.2025 upto 5.00 P.M. |
| 6. Date & time of opening of Tender/Bid | : | 15.10.2025 at 11.00 A.M. |
| 7. Name & address of the Officer Inviting Bid | : | Executive Engineer, R.W. Division, Boudh |

Further details, corrigendum(s) etc. can be seen from the e-procurement portal "https://www.tendersorissa.gov.in".

Sd./- Executive Engineer, R.W. Division, Boudh
OIPR-25061/11/0021/2526

## JEYPORE MUNICIPALITY, JEYPORE

Phone No.06854231098, Fax No.06854230104
email:ulbjeypore@gmail.com & jayporem.hud@nic.in

Letter No.4140/JM Date:18.09.2025

**QUOTATION CALL ADVERTISEMENT**

**No.C-1122:** Sealed quotations as per the prescribed format in the quotation call notice are hereby invited from reputed Agencies/Firms/Contractors having experience in

**"Supply & Installation of Theatre Foldable Chairs and Synthetic leather Sofa for Auditorium at Jeypore Municipality"**

| | |
|---|---|
| No. of Works | 01 |
| Details of the Work | As per QCN, which can be obtained by depositing paper costs at the office of the undersigned or can also be downloaded from the website, i.e.,www.jeyporemunicipality.in |
| Date & Time of Bidding | From **20.09.2025** at 11.00 hours to **03.10.2025** upto 11.00 hours. |
| Offline Documents Received through Speed Post | **20.09.2025** at 11.00 Hours to **03.10.2025** Upto 11.00 Hours (Working Days Only) |
| Offline Documents shall be opened in the presence of the Participating Bidders | **04.10.2025** at 16.00 Hours onwards |
| Paper Cost (INR) | **Rs.600/-** |
| Security Deposit (INR) | **Rs.5000/-** |

Sd./- Executive Officer
Jeypore Municipality
OIPR-13079/11/0067/2526

## DIRECTORATE OF MEDICAL EDUCATION & TRAINING, ODISHA

Email- odishanursingboard1@gmail.com
NO. 906 /NEB-05/2024 BBSR, Dt- 17.09.2025

**TENDER CALL NOTICE FOR HIRING VEHICLES FOR ON&MEB**

**No.E-395 :** Odisha Nurses & Midwives Examination Board **(ON&MEB)**, Odisha invites sealed tender from intending reputed travel agencies having GST registration, for hiring to Odisha Nurses & Midwives Examination Board, Bhubaneswar. The details specification and terms & conditions are available in the official websites i.e., www.onmeb.in. Interested parties may submit their tender in a sealed cover super-scribing **"Tender for hiring vehicles of ON&MEB"** at the top of the envelope should reach **"The Secretary, Odisha Nurses & Midwives Examination Board, O/o the DMET(O), Heads of the Department Building, Bhubaneswar, 751001"** through speed post/registered post only, which should reach on or before **5:30 P.M of 04.10.2025** positively. The tender received after the stipulated date and time shall not be entertained in any circumstance and shall be summarily rejected. The tender will be opened on **08.10.2025 at 3:00 P.M.** The undersigned reserves the right to reject any or all the tender without assigning any reason thereof.

Sd/- Secretary, ONMEB

## DIRECTORATE OF MEDICAL EDUCATION & TRAINING, ODISHA

Email- odishanursingboard1@gmail.com
NO. 908 /NEB-05/2024 BBSR, Dt- 17.09.2025

**TENDER CALL NOTICE FOR PRINTING MATERIALS FOR ON&MEB**

Odisha Nurses & Midwives Examination Board **(ON&MEB)**, Odisha invites sealed tender from interested/firms/agencies having GST registration, adequate experience in taking up the works of print and supply of **Answer Booklet & Additional Answer Booklet for ON&MEB**. The detailed quantity, specifications and term & conditions are available in the official websites i.e. **www.onmeb.in**. Interested parties may submit their tender in a sealed cover super-scribing **"Tender for Printing Materials for ON&MEB"** at the top of the envelope should reach **"The Secretary, Odisha Nurses & Midwives Examination Board, O/o the DMET(O), Heads of the Department Building, Bhubaneswar, 751001"** through speed post/registered post only, which should reach on or before 5:30 P.M of 04.10.2025 positively. The tender received after the stipulated date and time shall not be entertained in any circumstance and shall be summarily rejected. The tender will be opened on 08.10.2025 at 4:00 P.M. The undersigned reserves the right to reject any or all the tender without assigning any reason thereof.

OIPR-10016/11/0030/2526 Sd/- Secretary, ONMEB

See Career Appointment on every Wednesday & Saturday

## ODISHA PUBLIC SERVICE COMMISSION CUTTACK

**NOTICE**

No. 6748 / P.S.C., Dt. 19.09.2025
1E-14-2025/26 (DR-III)

**Recruitment to the Post of Post Graduate Teacher in Discipline - ZOOLOGY**

**(Advertisement No.25 of 2023-24)**

**No.D-221** : In continuation to this Office Notice No. 5314/PSC, dtd. 23.07.2025, it is for information of all 'shortlisted candidates' that the **Document Verification and Interview/Personality Test** for recruitment to the post of **Post Graduate Teacher in Zoology Discipline**, pursuant to Advertisement No. 25 of 2023-24 will be held from **22.10.2025 to 24.10.2025** in the Office of OPSC, 19, Dr. P.K. Parija Road, Cuttack-753001 as per programme detailed below.

**PROGRAMME OF DOCUMENT VERIFICATION & INTERVIEW**

| Date | Time of Verification | Time of Interview | ROLL NO. of Candidates |
|---|---|---|---|
| 22.10.2025 | 08.30 A.M. | 10.30 A.M. | 103983, 103993, 103994, 104008, 104010, 104025, 104043, 104057, 104068, 104092, 104108, 104125, 104129, 104136, 202720, 202723, 202726, 202729, 202743, 202744, 202758, 202774, 202793, 202806, 290016, 310048, 310074, 310080, 310081, 310082, 310098, 310121 & 310125 **= 33 Candidates** |
| | 12.30 P.M. | 02.30 P.M. | 310132, 310134, 310138, 310140, 310145, 310156, 310170, 310171, 310172, 310194, 310199, 310217, 310218, 310282, 310291, 310295, 310332, 310333, 310342, 310382 & 310383 **= 21 Candidates** |
| 23.10.2025 | 08.30 A.M. | 10.30 A.M. | 310389, 310393, 310423, 310424, 310428, 310466, 310469, 310475, 310498, 310504, 310538, 310555, 310564, 310583, 310599, 310603, 310608, 310614, 404557, 404559, 404573, 404574, 404578, 404586, 404600, 404604, 404634, 404636, 404654, 404655, 404662, 404665 & 404666 **= 33 Candidates** |
| | 12.30 P.M. | 02.30 P.M. | 404687, 404702, 404703, 404706, 404709, 404713, 490026, 506245, 506251, 506285, 506289, 506291, 506298, 506306, 506321, 506332, 506337, 506341, 506350, 506351 & 506356 **= 21 Candidates** |
| 24.10.2025 | 08.30 A.M. | 10.30 A.M. | 506358, 506359, 506373, 506380, 506381, 506382, 506386, 506390, 506392, 506397, 506423, 506426, 506431, 506432, 506444, 506449, 506451, 506473, 506493, 506495, 506506, 506515, 506516, 506517, 506524, 506526, 506545 & 506548 **= 28 Candidates** |

**N.B. -** The candidates are advised to report at the office of the Commission **30 minutes before** the commencement of Document Verification in each 'time slot' allotted in the 'Scheduled Programme'.

**NOTE :- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

**The Candidates are required to submit the following 'original certificates' along with a set of 'Self-attested photocopy' of the following documents at the time of verification (All the Certificates/ Documents should be issued within the last date of submission of Online Application i.e. 18.03.2024).**

1. **Hard Copy** of Online Application form mentioning **Roll No.** at the **Top Right-hand Corner**. (Online Applications are available on the website of the Commission. The candidates are required to download the same using their respective e-mail ID/Phone Number and Password/ OTP etc through OPSC e-Chayan Portal via www.opscechayan.in)
2. Four **(04)** 'passport size photographs' (Unsigned & Unattested) which have been uploaded with application form.
3. **Matriculation Certificate** in support of declaration of age.
4. **Bachelor's Degree** Certificate.
5. **Post-Graduation Certificate/ Master's Degree Certificate** in the subject concerned in respect of Educational Qualification prescribed.
6. **B.Ed.** Certificate.
7. Mark Sheets in support of all the Examinations (H.S.C, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University.
8. Degree or Diploma Certificate in **Computer Application** in respect of Educational Qualification prescribed.
9. **Caste Certificate by birth** in support of claim as **SEBC/ST/SC** whichever applicable. (which has been **uploaded** with online Application Form)
10. **Odia Test Pass** Certificate from the 'competent authority', wherever applicable.
11. Permanent Disability Certificate (indicating percentage of permanent disability i.e. **40% and more**), wherever applicable.
12. **Ex-Servicemen** claiming reservation are required to submit/upload Release Certificate issued as per Orissa Ex-Servicemen (Recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., dt.16.10.1985. Further, Ex-Servicemen candidates must submit an affidavit undertaking that he/ she has not been appointed against any civil post after retirement from military service, wherever applicable.
13. Identity Card for **Sports Persons** issued by the Director of Sports, Odisha, wherever applicable.
14. Any proof of identity.
15. Any other documents as per Para-9 of the Advertisement.
16. Attestation form duly filled in by the candidate and signed by the Gazetted Officer (downloaded from the website of the OPSC)
17. Candidate Information Form (CIF)/ Bio-data form duly filled in & affixed with 'passport size photograph' (downloaded from the website of the OPSC)

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

**OIPR-12002/11/0319/2526** **Sd./- Secretary**

# ଆଜି ଭାରତ-ପାକିସ୍ତାନ ମ୍ୟାଚ୍

## ଏସିଆ କପ୍ କ୍ରିକେଟ

ଦୁବାଇ,୨୦।୯(ପି.ଟି.)

ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଚଳିତ ଏସିଆ କପ୍‌ର ସୁପର-୪ ପର୍ଯ୍ୟାୟରେ ରବିବାର ଏକ ହାଇଭୋଲ୍ଟେଜ ମ୍ୟାଚ୍‌ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ଏହି ମ୍ୟାଚ୍ ପୂର୍ବରୁ ଠିକ୍ ଏକ ସପ୍ତାହ ତଳେ ଦୁଇ ଦଳ କ୍ରିକେଟ ପଡ଼ିଆରେ ମୁହାଁମୁହିଁ ହୋଇଥିଲେ। ମ୍ୟାଚ୍‌ରେ ପ୍ରତିପକ୍ଷ ଦଳର ଖେଳାଳିଙ୍କ ସହ ଭାରତୀୟ ଖେଳାଳିଙ୍କର ହାତ ନ ମିଳାଇବା ନିଷ୍ପତ୍ତିକୁ ନେଇ ପ୍ରବଳ ବିବାଦ ହୋଇଥିଲା। ଭାରତୀୟ ଦଳର ନୋ-ହ୍ୟାଣ୍ଡସେକ ପଲିସି ରବିବାର ହେବାକୁ ଥିବା ମ୍ୟାଚ୍‌ରେ ମଧ୍ୟ ଜାରି ରହିବ। ମ୍ୟାଚ୍ ପୂର୍ବରୁ ଶନିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କୁ ଯେତେବେଳେ ହ୍ୟାଣ୍ଡସେକ୍ ପ୍ରସଙ୍ଗ ଏବଂ ପାଇକ୍ରଫ୍ଟଙ୍କ ଉପସ୍ଥିତି


ଖବରଦାତା ସମ୍ମିଳନୀରେ ସୂର୍ଯ୍ୟକୁମାର ଯାଦବ।

ସମ୍ପର୍କରେ ପଚରାଗଲା, ସେ ବିଷୟବସ୍ତୁ ଏଡାଇ ମ୍ୟାଚରେ ବଲ୍ ଓ ବ୍ୟାଟ୍ ମଧ୍ୟରେ ଏକ ସଂଘର୍ଷ ଦେଖିବାକୁ ମିଳିବ ବୋଲି କହିଛନ୍ତି। ଟୁର୍ନାମେଣ୍ଟରେ ସୂର୍ଯ୍ୟକୁମାରଙ୍କ ନେତୃତ୍ୱାଧୀନ ଦଳ ଏପର୍ଯ୍ୟନ୍ତ ଅପରାଜିତ ରହିବା ସହ ପ୍ରତ୍ୟେକ ମ୍ୟାଚ୍‌ରେ ପ୍ରଭାବୀ ପ୍ରଦର୍ଶନ କରିଛି। ଭାରତୀୟ ଦଳରେ ପ୍ରାୟତଃ କୌଣସି ପ୍ରକାର ସମସ୍ୟା ନାହିଁ। ହେଲେ ଓମାନ ବିପକ୍ଷ ମ୍ୟାଚ୍‌ରେ ଏକ କ୍ୟାଚ୍ ଧରିବା ବେଳେ ଅକ୍ଷର ପଟେଲଙ୍କ ମୁଣ୍ଡରେ ବଲ ବାଜିଥିଲା। ଏହି ଆହତ ସମସ୍ୟା ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କୁ ଚିନ୍ତିତ କରିପାରେ। କିନ୍ତୁ ଅକ୍ଷର ସମ୍ପୂର୍ଣ୍ଣ ଫିଟ୍ ଥିବା ଫିଲ୍ଡିଂ କୋଚ୍ ଟି. ଦିଲୀପ କହିଛନ୍ତି। ପାକିସ୍ତାନ ବିପକ୍ଷ ମ୍ୟାଚ୍ ପୂର୍ବରୁ ସୂର୍ଯ୍ୟ ଭାରତୀୟ ଦଳର ସମସ୍ତ ଗୁରୁତ୍ୱପୂର୍ଣ୍ଣ ଖେଳାଳିଙ୍କ ପ୍ରଦର୍ଶନ ଯାଞ୍ଚ କରିବାକୁ ଚାହୁଁଥିଲେ। ହର୍ଷିତ ରାଣା ଓ ଅର୍ଶଦୀପ ସିଂ ଭଲ ପ୍ରଦର୍ଶନ କରିପାରି ନ ଥିଲେ। ପାକିସ୍ତାନରେ ଜନ୍ମିତ ଓମାନର ୪୩ ବର୍ଷୀୟ ଅମିର କାଲିମ ଓ ହାମଦ ମିର୍ଜା ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ। ଏହି ମ୍ୟାଚ୍ ଲାଗି ଯଶପ୍ରୀତ ବୁମରା ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ବିଶ୍ରାମ ଦିଆଯାଇଥିଲା। ଦୁବାଇ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମର ପିଚ୍ ଧିମା ବୋଲରଙ୍କୁ ସୁହାଏ। ଏଣୁ ଭାରତୀୟ ଦଳ ଟୁର୍ନାମେଣ୍ଟରେ ସର୍ବାଧିକ ୮ ଉଇକେଟ ନେଇଥିବା କୁଲଦୀପ ଯାଦବ, ଅକ୍ଷର ଓ ବରୁଣଙ୍କୁ ଖେଳାଇବ। ଯଦି ଅକ୍ଷର ଫିଟ୍ ନ ଥାନ୍ତି, ତେବେ ୱାଶିଂଟନ ସୁନ୍ଦର କିମ୍ବା ରିୟାନ ପରାଗଙ୍କୁ ଡାକରା ଦିଆଯିବ। ନଂ-୩ରେ ସଞ୍ଜୁ ସାମସନ ଓମାନ ବିପକ୍ଷରେ ଅର୍ଦ୍ଧଶତକ କରିଥିଲେ। ହେଲେ ତାଙ୍କ ବଦଳରେ ସୂର୍ଯ୍ୟ ଏହି ପୋଜିଶନରେ ବ୍ୟାଟିଂ କରିବେ। ଯଦି ପାୱାରପ୍ଲେ ମଧ୍ୟରେ ଅଭିଷେକ ଶର୍ମା ଆଉଟ୍ ହୁଅନ୍ତି, ତେବେ ବାମହାତୀ ତିଲକ ବର୍ମା ନଂ-୩ରେ ଆସିବେ।

ଅନିଶ୍ଚିତତା ପାଇଁ ଜଣାଯାଉଥିବା ପାକିସ୍ତାନର ବର୍ତ୍ତମାନ ଦଳରେ କ୍ୱାଲିଟିରେ ଅଭାବ ରହିଛି। ମୁଖ୍ୟତଃ ବ୍ୟାଟିଂ ବିଭାଗ ଦଳର ଦୁର୍ବଳତା। ଦଳର କୌଣସି ବ୍ୟାଟର ସ୍ପିନରଙ୍କୁ ପଢ଼ିପାରୁ ନାହାନ୍ତି। ଓପନର ସଇମ ଆୟୁବ ୩ଟି ମ୍ୟାଚ୍‌ରେ ରନଠାରୁ ଅଧିକ ଉଇକେଟ ନେଇଛନ୍ତି। କେବଳ ଫଖର ଜମାନ ଓ ଶାହିନ ଶାହ ଆଫ୍ରିଦି ଚଳିତ ଟୁର୍ନାମେଣ୍ଟରେ ଭଲ ବ୍ୟାଟିଂ କରିଛନ୍ତି। ଗତ ଭାରତ ବିପକ୍ଷ ମ୍ୟାଚ୍‌ରେ ପାକିସ୍ତାନ ୩ ସ୍ପିନରଙ୍କୁ ଖେଳାଇଥିଲା। କିନ୍ତୁ ରବିବାର ହାରିସ ରୌଫଙ୍କୁ ସାମିଲ କରାଯିବାର ବିଶେଷ ସମ୍ଭାବନା ରହିଛି।

**ମ୍ୟାଚ୍ ସମୟ- ରାତି ୮ଟା**
**ସ୍ଥାନ - ଦୁବାଇ**
**ପ୍ରସାରଣ- ସୋନୀ ସ୍ପୋର୍ଟ୍ସ ନେଟୱର୍କ**

## ପାଇକ୍ରଫ୍ଟଙ୍କୁ ରେଫରି ଦାୟିତ୍ୱ

ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ (ଆଇସିସି) ପୁଣି ଥରେ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ହାଇଭୋଲ୍ଟେଜ ଏସିଆ କପ୍ ସୁପର-୪ ମ୍ୟାଚ୍ ଲାଗି ମ୍ୟାଚ୍ ରେଫରି ଭାବେ ଆଣ୍ଡି ପାଇକ୍ରଫ୍ଟଙ୍କୁ ନିଯୁକ୍ତ କରିଛି। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପକ୍ଷରୁ ବାରମ୍ବାର ଅନୁରୋଧ ସତ୍ତ୍ୱେ ଆଇସିସି ଏଭଳି ନିଷ୍ପତ୍ତି ନେଇଥିବା ସୂତ୍ରରୁ ଜଣାପଡ଼ିଛି। ତେବେ ମ୍ୟାଚ୍ ଅଫିସିଆଲଙ୍କ ତାଲିକା ଏପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁ। ଏସିଆ କପ୍ ଟୁର୍ନାମେଣ୍ଟ ଲାଗି ନିଯୁକ୍ତ ଅନ୍ୟ ରେଫରି ହେଉଛନ୍ତି ୱେଷ୍ଟଇଣ୍ଡିଜର ପୂର୍ବତନ ଅଧିନାୟକ ରିଚି ରିଚାର୍ଡସନ। ଗତ ରବିବାର ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ପଡ଼ୋଶୀଙ୍କ ମଧ୍ୟରେ ଖେଳାଯାଇଥିବା ଲିଗ୍ ମ୍ୟାଚ୍‌ରେ ପାଇକ୍ରଫ୍ଟ ହିଁ ରେଫରି ଥିଲେ। ଏହି ମ୍ୟାଚ୍‌ରେ ଭାରତୀୟ ଦଳ ପ୍ରତିପକ୍ଷ ଦଳ କିମ୍ବା ମ୍ୟାଚ୍ ଅଫିସିଆଲଙ୍କ ସହ ହାତ ନ ମିଳାଇବା ନିଷ୍ପତ୍ତି ନେଇଥିଲା। କିନ୍ତୁ ଟସ୍ ବେଳେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ପରମ୍ପରା ପାଳନ ନ କରିବାରୁ ପାଇକ୍ରଫ୍ଟ ବିବାଦରେ ଫସି ଯାଇଥିଲେ। ଏଥିଯୋଗୁ ପାଇକ୍ରଫ୍ଟଙ୍କୁ ଟୁର୍ନାମେଣ୍ଟରୁ ହଟାଇବା ଲାଗି ପିସିବି ପକ୍ଷରୁ ଆଇସିସିକୁ ଦୁଇ ଥର ମେଲ୍ କରାଯାଇଥିଲା। ଉଭୟ ଅନୁରୋଧକୁ ଆଇସିସି ପ୍ରତ୍ୟାଖ୍ୟାନ କରିବା ସହ ପାଇକ୍ରଫ୍ଟ କିଛି ଭୁଲ୍ କରି ନ ଥିବା କୁହାଯାଇଥିଲା। ଏସିଆ କ୍ରିକେଟ କାଉନ୍‌ସିଲ (ଏସିସି)ର ଭେନ୍ୟୁ ମ୍ୟାନେଜର ଦେଇଥିବା ବାର୍ତ୍ତାକୁ ପାଇକ୍ରଫ୍ଟ ଉଭୟ ଅଧିନାୟକଙ୍କୁ ଜଣାଇଥିଲେ। ପରେ ଆଇସିସି ଦ୍ୱାରା ପାଇକ୍ରଫ୍ଟ ଓ ପାକିସ୍ତାନ ଦଳର ଅଧିନାୟକ ସଲମାନ ଅଲୀ ଆଘା, ମୁଖ୍ୟ କୋଚ୍ ମାଇକ ହେସନ ଓ ମ୍ୟାନେଜର ନବିଦ ଆକ୍ରମ ଚିମାଙ୍କ ସହ ଏକ ବୈଠକ କରାଯାଇଥିଲା, ଯେଉଁଠାରେ ସେ ଭୁଲ୍ ବୁଝାମଣା ଲାଗି କ୍ଷମାପ୍ରାର୍ଥନା କରିଥିଲେ।

### ଖବରଦାତା ସମ୍ମିଳନୀକୁ ଏଡ଼ାଇଲା ପାକିସ୍ତାନ

ପାକିସ୍ତାନ ଟିମ୍ ମ୍ୟାନେଜମେଣ୍ଟ ଭାରତ ବିପକ୍ଷ ମ୍ୟାଚ୍ ପୂର୍ବରୁ ଖବରଦାତା ସମ୍ମିଳନୀରେ ଯୋଗ ନ ଦେବାକୁ ନିଷ୍ପତ୍ତି ନେଇଛି। ପାଇକ୍ରଫ୍ଟଙ୍କ ନିଯୁକ୍ତି ସମ୍ପର୍କରେ ପ୍ରଶ୍ନରୁ ବର୍ତ୍ତିବା ପାଇଁ ପାକିସ୍ତାନ ପୁଣି ଥରେ ମ୍ୟାଚ୍ ପୂର୍ବରୁ ପ୍ରେସ୍ କନ୍‌ଫରେନ୍ସକୁ ବୟକଟ୍ କରିଦେଇଛି।


ଟୋକିଓ: ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ମହିଳା ୫,୦୦୦ ମିଟର ଫାଇନାଲରେ ଯଥାକ୍ରମେ ସ୍ୱର୍ଣ୍ଣ ଓ ଓ ରୌପ୍ୟ ବିଜେତା କେନିଆର ବିଟ୍ରିସ ଚେବେଟେ ଓ ଫେଥ୍ କିପ୍‌ୟେଗନ ଖୁସି ମୁହୂର୍ତ୍ତରେ।

## ସୂର୍ଯ୍ୟକୁମାରଙ୍କୁ ଓମାନ ଅଧିନାୟକଙ୍କ ଧନ୍ୟବାଦ

ଆବୁଧାବି,୨୦।୯

ଓମାନ ବିପକ୍ଷ ମ୍ୟାଚ୍‌କୁ ୨୧ ରନରେ ଜିତିବା ପରେ ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ପ୍ରତିପକ୍ଷ ଦଳର ଖେଳାଳିଙ୍କ ସହ କଥା ହୋଇଥିଲେ। ପୂର୍ବତନ ୱାର୍ଲ୍ଡ ନଂ-୧ ଟି୨୦ ବ୍ୟାଟରଙ୍କ ଲାଗି ଓମାନ ଦଳର ସମସ୍ତ ଖେଳାଳି ତାଳି ମାରିଥିଲେ। ଏପରିକି ସମସ୍ତଙ୍କ ସହ ଫଟୋ ଉଠାଇଥିଲେ। ଏ ସମ୍ପର୍କରେ ଓମାନ ଅଧିନାୟକ ଜତିନ୍ଦର ସିଂ କହିଛନ୍ତି, ସେ ଆମ ସହ କଥା ହୋଇଥିବାରୁ ମୁଁ ତାଙ୍କ ନିକଟରେ କୃତଜ୍ଞ। ସେ କେବଳ କ୍ରିକେଟ ଓ ମୁଖ୍ୟତଃ ଟି୨୦ରେ କେଉଁ ଭଳି ଖେଳିବାକୁ ହୁଏ, ସେ ସମ୍ପର୍କରେ କଥା ହୋଇଥିଲେ। ଆମ ଖେଳାଳିମାନେ ତାଙ୍କୁ ଅନେକ ପ୍ରଶ୍ନ ପଚାରିଥିଲେ। ତାଙ୍କଠାରୁ ଉତ୍ତର ପାଇବା ପରେ ଖେଳାଳିଙ୍କୁ ସ୍ୱଷ୍ଟତା ମିଳିଥିଲା। ସେ ଆମକୁ ଖୁବ ପ୍ରଶଂସା କରିଥିଲେ।

## ଗୁଲବୀର, ଅନୁ ଫାଇନାଲକୁ ଉନ୍ନୀତ ହୋଇପାରିଲେନି

### ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍

ଟୋକିଓ, ୨୦।୯ (ପି.ଟି.)

ଜାତୀୟ ରେକର୍ଡଧାରୀ ଗୁଲବୀର ସିଂ ଓ ଅନୁ ରାଣୀ ଯଥାକ୍ରମେ ଏଠାରେ ଚାଲିଥିବା ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ପୁରୁଷ ୫,୦୦୦ ମିଟର ରେସ୍ ଓ ମହିଳା ଜାଭେଲିନ୍ ଥ୍ରୋ'ର ଫାଇନାଲକୁ ଉନ୍ନୀତ ହୋଇପାରିନାହାନ୍ତି। ପୁରୁଷ ୫୦୦୦ ମିଟର ହିଟ୍-୨ରେ ଗୁଲବୀରଙ୍କ ଟାଇମିଂ ୧୩ ମିନିଟ ୪୨.୩୪ ସେକେଣ୍ଡ ରହିଥିଲା। ଚଳିତ ସିଜନରେ ଏହା ତାଙ୍କର ସବୁଠାରୁ ଖରାପ ପ୍ରଦର୍ଶନ ଥିଲା। ତାଙ୍କ ଜାତୀୟ ରେକର୍ଡ ଟାଇମିଂ ୧୨:୫୯.୭୭ଠାରୁ ମଧ୍ୟ ଏହା ନିମ୍ନରେ ରହିଥିଲା। ଦୁଇଟି ହିଟ୍‌ରୁ ଶ୍ରେଷ୍ଠ ୮ ମେଡାଲ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ୩୯ ପ୍ରତିଯୋଗୀଙ୍କ ମଧ୍ୟରେ ସେ ଓଭର ଅଲ୍ ୨୭ତମ ସ୍ଥାନରେ ରହିଥିଲେ। ସେପ୍ଟେମ୍ବର ୧୪ରେ ଅନୁଷ୍ଠିତ ୧୦,୦୦୦ ମିଟର ରେସ୍‌ରେ ଗୁଲବୀର ୧୬ତମ ସ୍ଥାନରେ ରହିଥିଲେ। ଅନ୍ୟପକ୍ଷରେ ୩୩ ବର୍ଷୀୟା ଅନୁଙ୍କର ହେଉଛି ୫ମ ବିଶ୍ୱ ଚାମ୍ପିୟନଶିପ। କ୍ୱାଲିଫିକେଶନ ରାଉଣ୍ଡର ଗ୍ରୁପ୍ 'ଏ'ରେ ସେ ୧୫ତମ ସ୍ଥାନରେ ରହିଥିଲେ। ତାଙ୍କର ଶ୍ରେଷ୍ଠ ଥ୍ରୋ ୫୫.୧୮ ମିଟର ଥିଲା। ୩୬ ଆଥ୍‌ଲେଟଙ୍କ ମଧ୍ୟରେ ସେ ୨୯ତମ ସ୍ଥାନରେ ରହିଥିଲେ।

## ରାଜ୍ୟଗୋଷ୍ଠୀ ବିଚ୍ ହ୍ୟାଣ୍ଡବଲ୍
## ଆର୍ଯ୍ୟନଙ୍କ ଚମତ୍କାର ପ୍ରଦର୍ଶନ



ଭୁବନେଶ୍ୱର, ୨୦।୯ (ବିଜୟ ରଣା)

ମାଳଦ୍ୱୀପରେ ଚଳିତ ମାସ ୧୫-୨୪ ପର୍ଯ୍ୟନ୍ତ ଚାଲିଥିବା ପ୍ରଥମ ରାଜ୍ୟଗୋଷ୍ଠୀ ବିଚ୍ ହ୍ୟାଣ୍ଡବଲ୍ ପ୍ରତିଯୋଗିତାରେ ଆର୍ଯ୍ୟନ ଚମତ୍କାର ପ୍ରଦର୍ଶନ କରିଛନ୍ତି, ଯାହାଫଳରେ ଭାରତ ୨- ୧ ସେଟ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ଶ୍ରୀଲଙ୍କା ବିପକ୍ଷରେ ଖେଳିବ। ଆର୍ଯ୍ୟନଙ୍କ ଏହି ସଫଳତା ପାଇଁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, ଡ. ଗଗନେନ୍ଦୁ ଦାଶ ଓ ଓଡ଼ିଶା ହ୍ୟାଣ୍ଡବଲ ସଂଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ଇଂ ମାନସ କୁମାର ସିଂ ଓ କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ ଆର୍ଯ୍ୟନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଭାରତୀୟ ଦଳର ନେତୃତ୍ୱ ନେବେ ଜ୍ୟୋତି

### ଜୁନିୟର ମହିଳା ହକି

ନୂଆଦିଲ୍ଲୀ, ୨୦।୯ (ପି.ଟି.)

ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଅଷ୍ଟ୍ରେଲିଆ ଟୁର୍ ପାଇଁ ମନୋନୀତ ୨୩ ଜଣିଆ ଜୁନିୟର ଭାରତୀୟ ମହିଳା ହକି ଦଳର ନେତୃତ୍ୱ ନେବେ ଡିଫେଣ୍ଡର ଜ୍ୟୋତି ସିଂ। ସେପ୍ଟେମ୍ବର ୨୬ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ଏହି ମ୍ୟାଚଗୁଡ଼ିକ କାନବେରାସ୍ଥିତ ନ୍ୟାଶନାଲ ହକି ସେଣ୍ଟରଠାରେ ଖେଳାଯିବ। ଭାରତୀୟ ଦଳ ଅଷ୍ଟ୍ରେଲିଆ ଜୁନିୟର ଦଳ ବିପକ୍ଷରେ ତିନୋଟି ଏବଂ ଅଷ୍ଟ୍ରେଲିଆର ହକି ୱାନ ଲିଗ୍‌ରେ ଭାଗ ନେଉଥିବା କ୍ଲବ କାନବେରା ଚିଲ୍ ସହିତ ଦୁଇଟି ମ୍ୟାଚ ଖେଳିବ। ଡିସେମ୍ବରରେ ଚିଲିର ସାଣ୍ଟିଆଗୋଠାରେ ଖେଳାଯିବାକୁଥିବା ଏଫ୍‌ଆଇଏଚ୍ ଜୁନିୟର ମହିଳା ହକି ବିଶ୍ୱକପ୍ ୨୦୨୫ ପାଇଁ ଏହି ଟୁର୍‌କୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବିବେଚନା କରାଯାଉଛି। ଡିଫେଣ୍ଡର, ମିଡ୍‌ଫିଲ୍ଡର ଓ ଫରୱାର୍ଡରେ ସନ୍ତୁଳିତ ମିଶ୍ରଣ ବିଶିଷ୍ଟ ଏହି ଦଳର ନେତୃତ୍ୱ ନେବେ। ଜ୍ୟୋତି ଇତିମଧ୍ୟରେ ଚଳିତବର୍ଷ ପ୍ରାରମ୍ଭରେ ଏଫ୍‌ଆଇଏଚ୍ ହକି



ଜ୍ୟୋତି ସିଂ

ପ୍ରୋ-ଲିଗ୍‌ରେ ସିନିୟର ଦଳ ତରଫରୁ ଖେଳିସାରିଛନ୍ତି। ଡିଫେନ୍ସ ପାଇଁ ମନୀଷା, ଜ୍ୟୋତି ଲାଲ୍‌ଥାଣ୍ଟ ଲୁଆଙ୍ଗି, ମମିତା ଓରାମ, ସାକ୍ଷୀ ଶୁକ୍ଲା, ପୂଜା ସାହୁ ଏବଂ ନନ୍ଦିନୀଙ୍କୁ ମନୋନୀତ କରାଯାଇଛି। ମିଡ୍‌ଫିଲ୍ଡରରେ ପ୍ରିୟଙ୍କା ଯାଦବ, ସାକ୍ଷୀ ରାଣା, ଖାଇଦେମ ଶିଲିମା ଚାନୁ, ରଜନୀ କେରକେଟା, ବିନିମା ଧନ୍, ଇଶିକା, ସୁନେଲିତା ଟୋପ୍ପୋ ଓ ଅନିଶା ସାହୁ ଦାୟିତ୍ୱ ସମ୍ଭାଳିବାକୁ ଥିବାବେଳେ ଫରୱାର୍ଡ ଲାଇନ୍‌ରେ ଲାଲ୍‌ରିନ୍‌ପୁଇ, ନିଶା ମିଞ୍ଜ, ପୂର୍ଣ୍ଣିମା ଯାଦବ, ସୋନମ କନିକା ସିୱାଚ ଓ ସୁଖବୀର କୌର ରହିଛନ୍ତି।

## ଝିଲିଲତା ଲେଭଲ-୨ ଭଲିବଲ କୋଚ୍

### ଓଡ଼ିଶାର ପ୍ରଥମ

ଭୁବନେଶ୍ୱର, ୨୦।୯ (ବିଜୟ ରଣା)

ଝିଲିଲତା ସେଣ ଓଡ଼ିଶାର ପ୍ରଥମ ଏଫ୍‌ଆଇଭିବି ଲେଭଲ-୨ ମହିଳା ଭଲିବଲ୍ କୋଚ୍ ହେବାର ଗୌରବ ଅର୍ଜନ କରିଛନ୍ତି। ଇଣ୍ଟରନ୍ୟାଶନାଲ ଭଲିବଲ୍ ଫେଡେରେଶନ (ଏଫ୍‌ଆଇଭିବି) ଅଧୀନରେ ବାହାରିନର ମାନାମାଠାରେ ସେପ୍ଟେମ୍ବର ୧୪ରୁ ୧୮ ପର୍ଯ୍ୟନ୍ତ ବାହାରିନ ଭଲିବଲ ଆସୋସିଏଶନ ଅଧୀନରେ ଅୟୋଜିତ କୋଚିଂ ପାଠ୍ୟକ୍ରମ ସେ ଶେଷ କରିଛନ୍ତି। ଏଫ୍‌ଆଇଭିବି କୋଚିଂ ପାଠ୍ୟକ୍ରମ ଯଦିଓ ଲେଭଲ-୧ ସହ ଆରମ୍ଭ ହୋଇଥାଏ, ଝିଲିଲତା ଜଣେ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ହୋଇଥିବାରୁ ସେ ସିଧାସଳଖ ଲେଭଲ-୨ ପାଠ୍ୟକ୍ରମରେ ଭର୍ତ୍ତି ହୋଇପାରି ଥିଲେ। ବର୍ତ୍ତମାନ ସେ ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ଏବଂ ସବୁଠାରୁ ଯୋଗ୍ୟତା ସମ୍ପନ୍ନ ମହିଳା ଭଲିବଲ କୋଚ୍ ହେବାର ଗୌରବ ଅର୍ଜନ କରିଛନ୍ତି। ଝିଲିଲତା ବର୍ତ୍ତମାନ ଇଷ୍ଟକୋଷ୍ଟ ରେଲୱେର




ଜଣେ କର୍ମଚାରୀ। ସେ ଭୁବନେଶ୍ୱରରେ ନିଯୁକ୍ତି ପାଇଛନ୍ତି। ଭାରତୀୟ ରେଲୱେ ଭଲିବଲ ଦଳର ସେ ଜଣେ ସହକାରୀ କୋଚ୍ ମଧ୍ୟ। ଏଫ୍‌ଆଇଭିବି ଲେଭଲ-୨ କୋଚିଂ ସାର୍ଟିଫିକେଟ ହାସଲ କରିବା ଦ୍ୱାରା ଏଣିକି ସେ ଜାତୀୟ ଦଳର କୋଚ୍ ଦାୟିତ୍ୱ ସମ୍ପାଦନ କରିପାରିବେ। ଝିଲିଲତା ଜଣେ ଖେଳାଳି ହିସାବରେ ତାଙ୍କ କ୍ୟାରିୟରରେ ୨୦୦୨ରୁ ୨୦୦୯ ପର୍ଯ୍ୟନ୍ତ ଭାରତୀୟ ଦଳରେ ପ୍ରତିନିଧିତ୍ୱ କରିଛନ୍ତି। ଦେଶ ପାଇଁ ସେ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ଜିତିପାରିଛନ୍ତି।

## ମନ୍ଧାନାଙ୍କ ରେକର୍ଡ

ନୂଆଦିଲ୍ଲୀ,୨୦।୯(ପି.ଟି.)

ବିସ୍ଫୋରକ ଓପନର ସ୍ମୃତି ମନ୍ଧାନା ଅଷ୍ଟ୍ରେଲିଆ ବିପକ୍ଷରେ ଶନିବାର ଖେଳାଯାଇଥିବା ତୃତୀୟ ଦିନିକିଆ ମ୍ୟାଚ୍‌ରେ ୫୦ ବଲରେ ଶତକ ପୂରଣ କରିଥିଲେ। ଏହା ମହିଳା ଦିନିକିଆ କ୍ରିକେଟ ଇତିହାସର ଦ୍ୱିତୀୟ ଦ୍ରୁତତମ ଶତକ ଥିଲା। ସେ କମ୍ ସଂଖ୍ୟକ ବଲରେ ଶତକ ହାସଲ କରିବାରେ ଅଷ୍ଟ୍ରେଲିଆର ପୂର୍ବତନ ବ୍ୟାଟର କାରେନ ରଲ୍ଟନଙ୍କୁ ପଛରେ ପକାଇଛନ୍ତି। ରଲ୍ଟନ ୨୦୦୦-୦୧ରେ ଅଷ୍ଟ୍ରେଲିଆ ବିପକ୍ଷରେ ୫୭ ବଲରେ ଶତକ ପୂରଣ କରିଥିଲେ। ମହିଳା ଦିନିକିଆ କ୍ରିକେଟରେ ଦ୍ରୁତତମ ଶତକ ହାସଲ କରିବାର ରେକର୍ଡ ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟିକା ମେଗ ଲାନିଂଙ୍କ ନାମରେ ରହିଛି। ସେ ୨୦୧୨-୧୩ ସିଜନରେ ନ୍ୟୁଜିଲାଣ୍ଡ ବିପକ୍ଷରେ ୪୫ ବଲରେ ଶତକ ପୂରଣ କରିଥିଲେ। ୨୯ ବର୍ଷୀୟା ମନ୍ଧାନା ୬୩ ବଲରେ ୧୭ ଚୌକା ଓ ୫ ଛକା ସହାୟତାରେ ୧୨୫ ରନ କରି ଆଉଟ୍ ହୋଇଥିଲେ। ଏହା ତାଙ୍କର ୧୩ତମ ଦିନିକିଆ ଶତକ ଥିଲା।

## ମନ୍ଧାନାଙ୍କ ବିସ୍ଫୋରକ ଶତକ ବୃଥା

### ସିରିଜ୍ ଜିତିଲା ଅଷ୍ଟ୍ରେଲିଆ

ନୂଆଦିଲ୍ଲୀ,୨୦।୯

ସ୍ମୃତି ମନ୍ଧାନାଙ୍କ ବିସ୍ଫୋରକ ଶତକ ସତ୍ତ୍ୱେ ସ୍ଥାନୀୟ ଅରୁଣ ଜେଟଲି ଷ୍ଟାଡିୟମରେ ଖେଳାଯାଇଥିବା ତୃତୀୟ ତଥା ହାଇସ୍କୋରିଂ ମହିଳା ଦିନିକିଆ ମ୍ୟାଚ୍‌ରେ ଭାରତ ୪୩ ରନରେ ଅଷ୍ଟ୍ରେଲିଆଠାରୁ ପରାଜିତ ହୋଇଛି। ଏହି ବିଜୟ ସହ ଅଷ୍ଟ୍ରେଲିଆ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌କୁ ୨-୧ ବ୍ୟବଧାନରେ ଜିତି ନେଇଛି। ଅଷ୍ଟ୍ରେଲିଆ ପକ୍ଷରୁ ଧାର୍ଯ୍ୟ ୪୧୩ ରନର ବିଶାଳ ଟାର୍ଗେଟ ଆଗରେ ଭାରତ ୩୬୯ ରନ କରିବାକୁ ସକ୍ଷମ ହୋଇଥିଲା।

ଟସ୍ ଜିତି ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ୪୭.୫ ଓଭରରେ ୪୧୨ ରନ କରି ଅଲଆଉଟ୍ ହୋଇଯାଇଥିଲା। ଏହା ଭାରତୀୟ ମହିଳା ଦଳ ବିପକ୍ଷରେ ଦିନିକିଆ ଫର୍ମାଟରେ ସର୍ବାଧିକ ଦଳଗତ ସ୍କୋର। ଅଷ୍ଟ୍ରେଲିଆ ପାଇଁ ବେଥ ମୁନି ୨୩ ଚୌକା ଓ ୧ ଛକା ସହିତ ୧୩୮ ରନ କରିଥିଲେ। ଏହା ତାଙ୍କର ଚତୁର୍ଥ ଦିନିକିଆ ଶତକ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଜର୍ଜିଆ ଭଲ ୮୧, ଏଲିସେ ପେରୀ ୬୮, ଆଶଲେ ଗାର୍ଡନର ୩୯ ରନ କରିଥିଲେ। ଭାରତ ପାଇଁ ବୋଲିଂରେ ଅରୁନ୍ଧତୀ ରେଡ୍ଡୀ ୩ ଉଇକେଟ ନେଇଥିବା ବେଳେ ରେଣୁକା ସିଂ ଓ ଦୀପ୍ତି ଶର୍ମା ୨ ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ଭାରତ ୪୭ ଓଭରରେ ୩୬୯ ରନ କରି ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ସ୍ମୃତି ମନ୍ଧାନା ୬୩ ବଲରେ ୧୭ ଚୌକା ଓ ୫ ଛକା ସହିତ ୧୨୫ ରନ କରିଥିଲା। ଏହା ତାଙ୍କର ୧୩ତମ ଶତକ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଦୀପ୍ତି ଶର୍ମା ୭୨, ହରମନପ୍ରୀତ କୌର ୫୨, ସ୍ନେହ ରାଣା ୩୫ ରନ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ କିମ ଗାର୍ଥ ୩ ଓ ମେଗାନ ସ୍କଟ ୨ ଉଇକେଟ ନେଇଥିଲେ।





ଶତକ ହାସଲ ପରେ ଭାରତର ସ୍ମୃତି ମନ୍ଧାନା ଓ ଅଷ୍ଟ୍ରେଲିଆର ବେଥ ମୁନି।

### ପିଙ୍କ୍ ଜର୍ସିରେ ଖେଳିଲା ଭାରତ

ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଦିନିକିଆ ମ୍ୟାଚ୍‌ରେ ଭାରତୀୟ ମହିଳା ଦଳ ପିଙ୍କ୍ ଜର୍ସି ପରିଧାନ କରିଥିଲା। ସ୍ତନ କର୍କଟ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଭାରତୀୟ ଦଳ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ: ୪୭.୫ ଓଭରରେ ୪୧୨/ଅଲଆଉଟ୍(ବେଥ ମୁନି-୧୩୮, ଜର୍ଜିଆ ଭଲ-୮୧, ଏଲିସେ ପେରୀ-୬୮, ଅରୁନ୍ଧତୀ ରେଡ୍ଡୀ-୩/୮୬, ଦୀପ୍ତି ଶର୍ମା-୨/୭୫)। ଭାରତ: ୪୭ ଓଭରରେ ୩୬୯/ଅଲଆଉଟ୍ (ସ୍ମୃତି ମନ୍ଧାନା-୧୨୫, ଦୀପ୍ତି ଶର୍ମା-୭୨, ହରମନପ୍ରୀତ କୌର-୫୨, ସ୍ନେହ ରାଣା-୩୫, କିମ ଗାର୍ଥ-୩/୬୯, ମେଗାନ ସ୍କଟ-୨/୫୩)।

## ସାତ୍ୱିକ-ଚିରାଗ ଫାଇନାଲରେ

ଶେନଝେନ୍ (ଚାଇନା), ୨୦।୯ (ପି.ଟି.)

ଷ୍ଟାର ଭାରତୀୟ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ପୂର୍ବତନ ବିଶ୍ୱ ଚାମ୍ପିୟନ ମାଲେସିଆର ଆରୋନ ଚିଆ ଓ ସୋହ୍ ଉଇ ୟିକ୍‌ଙ୍କୁ ସିଧାସଳଖ ଗେମ୍‌ରେ ହରାଇ ଚାଇନା ମାଷ୍ଟର୍ସ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏହା ସେମାନଙ୍କର କ୍ରମାଗତ ଦ୍ୱିତୀୟ ଫାଇନାଲ। ନିକଟରେ ବିଶ୍ୱ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ଜିତିବା ସହ ଗତ ସପ୍ତାହରେ ହଂକଂ ଓପନରେ ରନରଅପ୍ ତଥା ଏସିଆନ ଗେମ୍ସ ଚାମ୍ପିୟନ ଏହି ଭାରତୀୟ ଯୋଡ଼ି ସେମାନଙ୍କର ଦୀର୍ଘଦିନର ପ୍ରତିଦ୍ୱନ୍ଦ୍ୱୀ ଆରୋନ ଓ ସୋହ୍‌ଙ୍କୁ ୨୧-୧୭, ୨୧-୧୪ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ପୂର୍ବରୁ ମାଲେସୀୟ ଯୋଡ଼ିଙ୍କ ବିପକ୍ଷରେ ସାତ୍ୱିକ ଓ ଚିରାଗଙ୍କ ହେଡ୍-ଟୁ-ହେଡ୍ ରେକର୍ଡ ୪-୧୧ ରହିଥିଲା, ଯେଉଁ ଯୋଡ଼ି ହେଉଛନ୍ତି ଦୁଇଥର ଅଲିମ୍ପିକ ବ୍ରୋଞ୍ଜ ବିଜେତା। ତେବେ ଭାରତୀୟ ଯୋଡ଼ି ନିକଟରେ ପ୍ୟାରିସରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ଆରୋନ ଓ ସୋହ୍‌ଙ୍କୁ ପଛରେ ପକାଇ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

# ଫେଷ୍ଟିଭ୍ ଅଫର




ପାର୍ବଣ ଋତୁରେ ଶପିଂ କରିବାକୁ ସମସ୍ତେ ଚାହିଁ ରହିଥାନ୍ତି । ଆଉ ଯଦି କିଣିବାକୁ ଇଚ୍ଛାଥିବା ଯେକୌଣସି ସାମଗ୍ରୀ ଉପରେ ଭଲ ଡିସ୍କାଉଣ୍ଟ ମିଳିଯାଏ, ତେବେ ସୁଯୋଗକୁ କିଏ ବା ହାତଛଡ଼ା କରିବାକୁ ଚାହିଁବ ! ହେଲେ କେବେକେବେ ସେଲ୍ କିମ୍ବା ସ୍ପେଶାଲ୍ ଡିସ୍କାଉଣ୍ଟ ଅଫର୍ ନିଶାରେ ଆଗପଛ ବିଚାର ନ କରି ହଠାତ୍ ସାମଗ୍ରୀ କିଣି ନେଇ ଅନେକେ ଠକାମିର ଶିକାର ହୋଇଥିବାର ନଜିର ରହିଛି । କାରଣ ଫେଷ୍ଟିଭ୍ ସିଜନ୍‌ରେ ବିଭିନ୍ନ ସାମଗ୍ରୀ ଉପରେ ସ୍ପେଶାଲ୍ ଡିସ୍କାଉଣ୍ଟ, ଅନ୍ୟାନ୍ୟ ଆକର୍ଷଣୀୟ ଅଫର ଦେଇ ଗ୍ରାହକଙ୍କୁ ଆକୃଷ୍ଟ କରିବା ଅନେକ ବ୍ୟବସାୟିକ ସଂସ୍ଥାଗୁଡ଼ିକର ଏକ ଚାଲ୍ ହୋଇଥାଏ । ତେଣୁ ଅନ୍‌ଲାଇନ୍‌ରେ ହେଉ ଅବା ଅଫ୍‌ଲାଇନ୍‌ରେ ଫେଷ୍ଟିଭ୍ ଅଫର ଦେଖି ଶପିଂ କରୁଥିଲେ କେତେକ ଦିଗ ପ୍ରତି ସଜାଗ ରହିବା ନିହାତି ଆବଶ୍ୟକ ।

**ଜାଣିରଖନ୍ତୁ:**

❖ପ୍ରଥମେ ଶପିଂ ପୂର୍ବରୁ ନିଜର ଆବଶ୍ୟକ ସାମଗ୍ରୀର ଏକ ଲିଷ୍ଟ କରିନିଅନ୍ତୁ ଏବଂ ସର୍ବୋପରି ବଜେଟ ସେଟ୍ କରନ୍ତୁ, ଅର୍ଥାତ୍ କେତେ ଟଙ୍କା ଭିତରେ ଶପିଂ କରିବେ ନିର୍ଦ୍ଧାରିତ କରି ରଖନ୍ତୁ । ଅଫର୍ ଦେଖି ଛୋଟ ଛୋଟ ଜିନିଷ ବିଶେଷକରି ଅଳ୍ପ ଦାମ୍‌ର ଜିନିଷ କିଣିବା ବେଳେ ବଜେଟ ଉପରେ ବି ଧ୍ୟାନ ଦିଅନ୍ତୁ । କାରଣ ଗୋଟିଏ ଗୋଟିଏ ଜିନିଷ କିଣିବା ଭିତରେ କେତେବେଳେ ଆବଶ୍ୟକତାଠାରୁ ଅଧିକ ଖର୍ଚ୍ଚ ହୋଇଯାଏ ଜଣାପଡ଼େନାହିଁ । ତେଣୁ ଭଲ ଲାଗୁଥିବା ସବୁ ଜିନିଷ ବଦଳରେ କେଉଁସବୁ ସାମଗ୍ରୀ ବାସ୍ତବରେ ଜରୁରୀ ଏକ ଲିଷ୍ଟ ପ୍ରସ୍ତୁତ କରି କିଣନ୍ତୁ ।




**ଆରମ୍ଭ ହୋଇଯାଇଛି ପାର୍ବଣ ଋତୁ। ବର୍ତ୍ତମାନ ଶପିଂ ମଲ୍, ଛୋଟ ବଡ଼ ଦୋକାନ ଏବଂ ଅନ୍‌ଲାଇନ୍ ଶପିଂ ସାଇଟ୍‌ଗୁଡ଼ିକରେ ଡ୍ରେସ୍‌ଠୁ ଆରମ୍ଭ କରି ଇଲେକ୍‌ଟ୍ରୋନିକ୍ସ ଏବଂ ଅନ୍ୟାନ୍ୟ ସାମଗ୍ରୀ ଉପରେ ପୂଜା ପାଇଁ ମିଳୁଛି ସ୍ପେଶାଲ୍ ଡିସ୍କାଉଣ୍ଟ। ଆଉ ଏହି ଫେଷ୍ଟିଭ୍ ଅଫରର ଭରପୂର ଫାଇଦା ନେବାକୁ ବେଶ୍ ଉତ୍କଣ୍ଠିତ ଯୁବପିଢ଼ି। ହେଲେ ଅଫର ନିଶାରେ କେବେକେବେ ଠକାମିର ଶିକାର ହେବାକୁ ପଡ଼ିଥାଏ। ତେଣୁ ଫେଷ୍ଟିଭ୍ ଅଫରରେ ଶପିଂ କରିବା ବେଳେ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ...**

❖ଫେଷ୍ଟିଭ୍ ଅଫର୍ ନିର୍ଦ୍ଦିଷ୍ଟ ସମୟ ପାଇଁ ଥିବାରୁ ଗ୍ରାହକଙ୍କ ଦୃଷ୍ଟି ଆକର୍ଷଣ କରିବା ଲାଗି ବିଭିନ୍ନ ସାମଗ୍ରୀରେ ଲାଷ୍ଟ ଡେଟ୍, ଲିମିଟେଡ୍ ଡିସ୍କାଉଣ୍ଟ ଅଫର୍, ରିହାତି, ମାଗଣା ଉପହାର ଆଦି ଭଳି ବିଭିନ୍ନ ଅଫର ଦିଆଯାଇଥାଏ, ଯାହାକୁ ଦେଖିବାମାତ୍ରେ ଅନେକେ ଅଫର ହାତଛଡ଼ା ନ ହୋଇଯିବା ଲୋଭରେ କାଳବିଳମ୍ବ ନ କରି ଶୀଘ୍ର କିଣିନିଅନ୍ତି । ଫଳରେ ସେମାନେ ଅଫର୍‌ରେ ଶସ୍ତାରେ ପାଇଯିବା ଆଳରେ ଠକାମିର ଶିକାର ହୋଇଥା'ନ୍ତି । ତେଣୁ ଠକାମିର ଶିକାର ନ ହେବା ଲାଗି ଅନ୍ୟ ଦୋକାନ କିମ୍ବା ଅନ୍‌ଲାଇନ୍ ସାଇଟ୍‌ରେ ଏହାର ମୂଲ୍ୟ କେତେ ରହିଛି ଦେଖିବା ପରେ ହିଁ କିଣନ୍ତୁ । କାରଣ ବେଳେବେଳେ ପ୍ରଡକ୍ଟ ଉପରେ ଅଧିକ ଦାମ୍ ଲେଖାଯାଇ ଅଫର୍ ଦିଆଯାଇଥାଏ ଏବଂ ଡିସ୍କାଉଣ୍ଟ ଦାମ୍ ହିଁ ଉକ୍ତ ସାମଗ୍ରୀର ପ୍ରକୃତ ଦାମ୍ ହୋଇଥାଏ ।

❖ଯୁବପିଢ଼ି ସାଧାରଣତଃ ଡ୍ରେସ୍, ଜୋତା, ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ କିଣିବା ପ୍ରତି ବେଶି ଆଗ୍ରହୀ, ଯାହାକୁ ଦୃଷ୍ଟିରେ ରଖି ଏହିସବୁ ସାମଗ୍ରୀରେ ଅଧିକ ଡିସ୍କାଉଣ୍ଟ କିମ୍ବା ବିଭିନ୍ନ ଆକର୍ଷଣୀୟ ଅଫର୍ ଦିଆଯାଇଥାଏ । ହେଲେ କେବେକେବେ ଷ୍ଟକ୍ ମାଲ୍‌ଗୁଡ଼ିକୁ ଶୀଘ୍ର ବିକ୍ରି ହେବା ଲାଗି ମଧ୍ୟ ଅଫର୍ ଦିଆଯାଇଥାଏ । ତେଣୁ କିଣିବା ପୂର୍ବରୁ ଏହାର ଫେବ୍ରିକ୍ ବା ମ୍ୟାଟେରିଆଲ୍ କ୍ୱାଲିଟି ଯାଞ୍ଚ କରନ୍ତୁ । ଅନ୍‌ଲାଇନ୍‌ରେ କିଣୁଥିଲେ ଅନ୍ୟ ଗ୍ରାହକମାନଙ୍କ ରିଭ୍ୟୁ କ'ଣ ରହିଛି, ରେଟିଂ କେତେ ପଢ଼ନ୍ତୁ ।

❖ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଅଧିକାଂଶ ଡିସ୍କାଉଣ୍ଟ ଅଫର୍ ଥିବା ବା ସେଲ୍‌ରେ ଥିବା ଆଇଟମ୍‌ରେ ରିଟର୍ନ କିମ୍ବା ରିଫଣ୍ଡ ଅପ୍ସନ ନ ଥାଏ । ତେଣୁ ବିଭିନ୍ନ ସାମଗ୍ରୀ ଉପରେ କିଛି ନିର୍ଦ୍ଦିଷ୍ଟ ପ୍ରତିଶତ ରିହାତି, ବାଏ ୱାନ୍ ଗେଟ୍ ୱାନ୍ ଫ୍ରି, ଲକି ଡ୍ର କୁପନ୍, କ୍ୟାଶ୍ ବ୍ୟାକ୍ ଅଫର୍ ଆଦି ଦେଖିବାମାତ୍ରେ ଲୋଭରେ ଆଗ ପଛ ବିଚାର ନ କରି ଜିନିଷ କିଣି ନିଅନ୍ତୁ ନାହିଁ । ପ୍ରଥମେ ଏଥିରେ ଥିବା ବିଭିନ୍ନ ସର୍ତ୍ତାବଳୀ ବା ଟର୍ମ ଆଣ୍ଡ କଣ୍ଡିଶନ୍ସ ପଢ଼ନ୍ତୁ । ନଚେତ୍ ପରବର୍ତ୍ତୀ ସମୟରେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି । ସେହିପରି ଅନ୍‌ଲାଇନ୍ ଶପିଂ କରୁଥିଲେ ପେମେଣ୍ଟ କରିବା ପୂର୍ବରୁ କ୍ୟାଶ୍ ଅନ୍ ଡେଲିଭରର ସୁବିଧା ଅଛି କି ନାହିଁ ଜାଣିବା ପରେ ଅର୍ଡର କରନ୍ତୁ । ନଚେତ୍ ଥରେ କିଣିବା ପରେ ସାମଗ୍ରୀ ପସନ୍ଦ ନ ହେଲେ ନା ଆପଣ ଏହାକୁ ବଦଳାଇପାରିବେ ନା ଟଙ୍କା ଫେରସ୍ତ ପାଇପାରିବେ ।

❖ଯଦି ଅନ୍‌ଲାଇନ୍ ସାଇଟ୍‌ରେ ଶପିଂ କରୁଛନ୍ତି, ତେବେ ଅନ୍‌ନୋନ୍ ଶପିଂ ସାଇଟ୍ କିମ୍ବା ହ୍ୱାଟ୍ସଆପ୍‌ରେ ଆସୁଥିବା ଶପିଂ ଅଫର୍‌ରେ ଜିନିଷ କିଣିବାଠୁ ଦୂରେଇ ରହନ୍ତୁ । ବିଶେଷକରି ପର୍ସନାଲ୍ ଡାଟା ମାଗୁଥିବା କିମ୍ବା ସ୍କାନ୍ କୋଡ୍ ଆଦି ସାହାଯ୍ୟରେ ପେମେଣ୍ଟ ଅପ୍ସନ୍ ମାଗୁଥିବା ସାଇଟ୍‌ରୁ ଶପିଂ କଲେ ଠକାମିର ଶିକାର ହୋଇପାରନ୍ତି, ସେଥିପ୍ରତି ବିଶେଷ ଭାବେ ସତର୍କ ରହିବା ଆବଶ୍ୟକ ।







### ସେଲ୍ସ ସମୟରେ ଦିଆଯାଇଥିବା ଅଫର୍‌ର ଅର୍ଥ...

**ଅପ୍ ଟୁ ୭୦% ଅଫ୍:** ଅନେକେ ଏହି ଅଫର ଦେଖିବା ମାତ୍ରେ ୭୦% ଅଫ୍ ଭାବି ଜିନିଷ କିଣିବା ଆରମ୍ଭ କରିଦିଅନ୍ତି ଏବଂ ବିଲ୍ କରିବାବେଳେ ଅସୁବିଧାର ସମ୍ମୁଖୀନ ହୋଇଥା'ନ୍ତି । ତେବେ ଏହି ଅଫର୍‌ର ଅର୍ଥ ହେଉଛି ଭିନ୍ନ ଭିନ୍ନ ପ୍ରଡକ୍ଟ ଉପରେ ୭୦% ପର୍ଯ୍ୟନ୍ତ ରିହାତି, ତାହା ୫%, ୧୦% ରୁ ୭୦% ପର୍ଯ୍ୟନ୍ତ କିଛି ବି ହୋଇପାରେ ।

**ଫ୍ଲାଟ୍ ୩୦%:** ଯେଉଁଠି ଫ୍ଲାଟ୍ ଲେଖାଯାଇଥାଏ, ଏହାର ଅର୍ଥ ସେଠାରେ ଥିବା ସବୁ ପ୍ରଡକ୍ଟ ଉପରେ ଲେଖାଯାଇଥିବା ରିହାତି ପ୍ରତିଶତ ସମାନ ।

**ଫ୍ଲାଶ୍ ସେଲ୍:** ଏହି ଅଫର୍ ଅଧିକ ଡିସ୍କାଉଣ୍ଟ ସହିତ ଥାଏ, ଯାହାକି ଖୁବ୍ କମ୍ ସମୟ ପାଇଁ ଅର୍ଥାତ୍ ମାତ୍ର କିଛି ଘଣ୍ଟା କିମ୍ବା ଗୋଟିଏ ଦିନ ପାଇଁ ରହିଥାଏ । ଏଥିରେ ବ୍ୟବସାୟିକ ସଂସ୍ଥାଗୁଡ଼ିକର ଅଳ୍ପ ସମୟରେ ଅଧିକ ବିକ୍ରି ଟାର୍ଗେଟ୍ ରହିଥାଏ ।

**କ୍ଲିଅରାନ୍ସ ସେଲ୍:** ଏଥିରେ ଅଧିକ ଡିସ୍କାଉଣ୍ଟ ଦେଖି ଗ୍ରାହକ ଏକାଧିକ ସାମଗ୍ରୀ କିଣି ନିଅନ୍ତି । ହେଲେ ଏହାର ଅର୍ଥ ହେଉଛି ଏଣ୍ଡ ଅଫ୍ ଷ୍ଟକ୍ ସେଲ୍ ବା ଷ୍ଟକ୍ ରହିଯାଇଥିବା ସାମଗ୍ରୀକୁ ଶସ୍ତାରେ ଗ୍ରାହକଙ୍କୁ ବିକ୍ରୟ କରିବା, ଯେଉଁଥିରେ ସାଧାରଣତଃ ଏକ୍ସଚେଞ୍ଜ ଏବଂ ରିଟର୍ନ ସୁବିଧା ଉପଲବ୍ଧ ନ ଥାଏ ।

**ବାଏ ୱାନ୍ ଗେଟ୍ ୱାନ୍ ଫ୍ରି:** ଏହା ମଧ୍ୟ ଗ୍ରାହକଙ୍କୁ ଆକୃଷ୍ଟ କରିବାର ଏକ ବଡ଼ ବିଜ୍‌ନେସ୍ ଷ୍ଟ୍ରାଟେଜି, ଯେଉଁଥିରେ ପ୍ରଥମ ପ୍ରଡକ୍ଟର ଦାମ ଯଥେଷ୍ଟ ଅଧିକ କରାଯାଇ ଦ୍ୱିତୀୟକୁ ସେଥିରେ ଫ୍ରି କରାଯାଇଥାଏ ।








## ଏ ସପ୍ତାହର ପ୍ରଶ୍ନ ?

୧– ଟିପେଶ୍ୱର ଅଭୟାରଣ୍ୟ .......... ରାଜ୍ୟରେ ଅବସ୍ଥିତ ?
୨– ୱାର୍ଲ୍ଡ ଇଣ୍ଟେଲେକ୍ଚୁଆଲ୍ ପ୍ରପର୍ଟି ଅର୍ଗାନାଇଜେଶନ୍ ଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁଯାୟୀ ଗ୍ଲୋବାଲ୍ ଇନୋଭେଶନ୍ ଇଣ୍ଡେକ୍ସ ୨୦୨୫ରେ ଭାରତର ର୍‍ୟାଙ୍କ୍ .......... ରହିଛି ?
୩– ୫ମ କୋଷ୍ଟ ଗାର୍ଡ ଗ୍ଲୋବାଲ୍ ସମିଟି ......... ଠାରେ ଆୟୋଜନ ହେବ ?
୪– ନାଟ୍ରନ୍ ହ୍ରଦ .......... ଏବଂ ........... ଦୁଇ ଦେଶର ସୀମାରେ ଅବସ୍ଥିତ ?
୫– ବିଶ୍ୱ ଛାତ୍ର ଦିବସ ........... ତାରିଖରେ ପାଳନ କରାଯାଏ ?

## ଗତ ଥରର ଉତ୍ତର

୧ ଆମେରିକା
୨ ତାମିଲନାଡୁ
୩ ଅପରେଶନ୍ ବ୍ଲାକ୍ ଫରେଷ୍ଟ
୪ ପ୍ରଧାନମନ୍ତ୍ରୀ ଆବାସ ଯୋଜନା– ଅର୍ବାନ ୨.୦
୫ ସୈଦ୍ ଅମୀର୍ ଅଲି

## ଉତ୍ତର ଦାତା


ମାନସ ରଞ୍ଜନ ପଟ୍ଟନାୟକ, ଭୁବନେଶ୍ୱର


ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର


ଚିନ୍ତାମଣି ବିଶାଲ, ବରଗଡ଼

## ଟପ୍ ଟେନ୍ ୧୦

### ପୃଥିବୀର ବଡ଼ ପ୍ଲାନେଟାରିୟମ



୧– ସେଣ୍ଟ ପିଟର୍ସବର୍ଗ ପ୍ଲାନେଟାରିୟମ୍........ ରୁଷିଆ
୨– ନାଗୋୟା ସିଟି ସାଇନ୍ସ ମ୍ୟୁଜିୟମ୍ ........ ଜାପାନ
୩– ଜେନିଫର୍ ଚାଲ୍ସି ପ୍ଲାନେଟାରିୟମ୍ ........ ଆମେରିକା
୪– ଜେଇସ୍ ମେଜର ପ୍ଲାନେଟାରିୟମ୍ ........................ ଜର୍ମାନୀ
୫– ବିର୍ଲା ପ୍ଲାନେଟାରିୟମ୍ ........................ କୋଲକାତା, ଭାରତ
୬– ପ୍ଲାନେଟାରିୟମ୍ ଅଫ୍ ରୟାଲ୍ ଅବ୍‌ଜର୍ଭେଟୋରି........... ବେଲ୍‌ଜିୟମ୍
୭– ମୋରିସନ୍ ପ୍ଲାନେଟାରିୟମ୍ ........................ କାଲିଫର୍ନିଆ
୮– ସାମୁଏଲ୍ ଅଶ୍ଚିନ୍ ପ୍ଲାନେଟାରିୟମ୍........................ ଆମେରିକା
୯– ଆଡ୍‌ଲର୍ ପ୍ଲାନେଟାରିୟମ୍ ........................ ଆମେରିକା
୧୦– ହୋଠନ୍ ପ୍ଲାନେଟାରିୟମ୍ ........................ ଆମେରିକା

ଜାଣନ୍ତୁ ଦୁନିଆ

## ପୃଥିବୀର ସବୁଠୁ ଶକ୍ତିଶାଳୀ ରକେଟ୍

**ସ୍ପେଶ୍‌ଏକ୍ସର ଷ୍ଟାରଶିପ୍ ହେଉଛି ପୃଥିବୀର ସବୁଠୁ ଶକ୍ତିଶାଳୀ ରକେଟ୍, ଯେଉଁଥିରେ ରକେଟ୍ ସହିତ ସ୍ପେଶ୍‌ଶିପ୍ ମଧ୍ୟ ରହିଛି। ଏହି ରକେଟ୍ ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରିଲେ ସ୍ପେଶ୍ ସାଇଣ୍ଟିଷ୍ଟଙ୍କ ସହ ପୃଥିବୀବାସୀଙ୍କ ପାଇଁ ଏକ ବଡ଼ ସଫଳତା ହୋଇପାରିବ ଏବଂ ଅନ୍ୟ ଗ୍ରହରେ ଜନବସତି ସ୍ଥାପନାର ସ୍ୱପ୍ନ ଶାକାର ହୋଇପାରିବ। ଜାଣନ୍ତୁ ଏହା ସମ୍ପର୍କରେ କିଛି ତଥ୍ୟ...**

– ୧୨୦ ମିଟର (୩୯୮ଫୁଟ) ଉଚ୍ଚତା ବିଶିଷ୍ଟ ଏହି ରକେଟ୍‌ର ୧୦୦ରୁ ୧୫୦ ଟନ୍ ଓଜନର ସାମଗ୍ରୀ ବହନ କରିବାର କ୍ଷମତା ରହିଛି ।

– ଏହି ରକେଟ୍‌ର ଦୁଇଟି ଭାଗ ରହିଛି । ତଳ ଭାଗ ହେଉଛି ସୁପର ହେଭି ବୁଷ୍ଟର, ଯେଉଁଥିରେ ୩୩ଟି ୭୧ ମିଟର ଉଚ୍ଚ ଏବଂ ୯ ମିଟର ଗୋଲେଇ ବିଶିଷ୍ଟ ୩୩ଟି ରାପ୍ଟର ଇଞ୍ଜିନ୍ ରହିଛି, ଯାହାକି ରକେଟ୍‌କୁ ଜୋର୍ ବଳ ପ୍ରୟୋଗ କରି ଉପରକୁ ଠେଲିଥାଏ । ଦ୍ୱିତୀୟ ଭାଗ ବା ଉପର ଅଂଶ ହେଉଛି ପେଲୋଡ୍ ବା କ୍ରୁ କ୍ୟାରିଂ ଭର୍ସନ, ଯାହାକି ମହାକାଶଚାରୀ, ବୈଜ୍ଞାନିକ ଏବଂ ବିଭିନ୍ନ ଯାନ୍ତ୍ରିକ ଉପକରଣ ବହନ କରିଥାଏ । ଏଥିରେ ପ୍ରାୟ ୧୦୦ ଜଣ ପର୍ଯ୍ୟନ୍ତ ଯାତ୍ରା କରିପାରିବାର କ୍ଷମତା ରହିଛି ।

– ଏହି ରକେଟ୍ ସମ୍ପୂର୍ଣ୍ଣ ଭାବେ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ରେ ପ୍ରସ୍ତୁତ କରାଯାଇଛି । ଏହି ରକେଟ୍‌ର ସବୁଠୁ ଭଲ କଥା ହେଲା ଏହା ପୁନଃ ବ୍ୟବହାର ଉପଯୋଗୀ । ଏହା ଥରେ ସ୍ପେଶ୍‌କୁ ଯାଇ ଫେରିବା ପରେ ପୁଣିଥରେ ଯାଇପାରିବ । ଏଥିରେ କକ୍ଷପଥରେ ଇନ୍ଧନ ପୁନର୍ବାର ଭର୍ତ୍ତି କରିବାର ସୁବିଧା ରହିଛି ।

– ସ୍ପେଶ୍‌ଏକ୍ସର ହେଡ୍‌କ୍ୱାର୍ଟରରେ ଏହାର ନିର୍ମାଣ କାର୍ଯ୍ୟ ସହିତ ପରୀକ୍ଷଣ ମଧ୍ୟ କରାଯାଉଛି । ବର୍ତ୍ତମାନ ସୁଦ୍ଧା ଏହା ୧୦ ଥର ପରୀକ୍ଷଣ କରାଯାଇ ସାରିଛି, ଯେଉଁଥିରୁ କେତେକ ପରୀକ୍ଷଣ ଅସଫଳ ମଧ୍ୟ ରହିଥିଲା । ହେଲେ ଏଲନ୍ ମସ୍କଙ୍କ କହିବା ଅନୁଯାୟୀ, ୬ ମାସ ମଧ୍ୟରେ ଷ୍ଟାର୍‌ଶିପ୍ ସମ୍ପୂର୍ଣ୍ଣ ସଫଳ ପରୀକ୍ଷଣ ହୋଇପାରିଲେ ଏହା ଚନ୍ଦ୍ର ଏବଂ ମଙ୍ଗଳକୁ ଯାତ୍ରା କରିପାରିବ । ଆଗାମୀ ୨୦୫୦ ସୁଦ୍ଧା ମଙ୍ଗଳ ଗ୍ରହରେ ଏକ ସିଟି ନିର୍ମାଣର ସ୍ୱପ୍ନ ସାକାର ହୋଇପାରିବ । ପୃଥିବୀରେ ମଧ୍ୟ ଏହା ଯୋଗୁ ତୀବ୍ର ଗତିରେ ଯାତାୟାତ ସହଜ ହୋଇପାରିବ ।



ୟୁଥ୍ ଆଲର୍ଟ

## କାନରେ ପାଣି ପଶିଗଲେ


**ଗାଧୋଇବା କିମ୍ବା ପହଁରିବା ବେଳେ କେବେକେବେ କାନରେ ପାଣି ପଶିଯିବା ଏକ ସାଧାରଣ କଥା। ଏହାଦ୍ୱାରା କାନ ଭାରି ଲାଗିବା, କୁଣ୍ଡେଇ ହେବା କିମ୍ବା ତାବ୍‌ଦା ଲାଗିବା ଭଳି ଲକ୍ଷଣ ଦେଖାଦିଏ ଏବଂ ପାଣି ବାହାରିଗଲେ ବା ପୋଛି ଦେଲେ କାନ ସାଧାରଣ ଅବସ୍ଥାକୁ ଚାଲିଆସେ। ହେଲେ କେବେକେବେ ଏହାକୁ ଠିକ୍ ଭାବେ ସଫା ନ କଲେ କିମ୍ବା ଅଣଦେଖା କଲେ କାନରେ ଇନ୍‌ଫେକ୍‌ଶନ ହୋଇ ଜଟିଳ ସମସ୍ୟା ବି ସୃଷ୍ଟି ହୋଇପାରେ। ଜାଣିରଖନ୍ତୁ କାନରେ ପାଣି ପଶିଗଲେ କ'ଣ କରିବେ...**

➔ଯେଉଁ କାନରେ ପାଣି ପଶିଛି, ସେହି ପାଖ ମୁଣ୍ଡକୁ ତଳକୁ କରି କାନ ଉପରେ ପାପୁଲି ରଖି କିଛି ସମୟ ଚାପି ଧରନ୍ତୁ ଏବଂ ଛାଡ଼ି ଦିଅନ୍ତୁ, ଦେଖିବେ ପାଣି ବାହାରି ଆସିବ ।

➔ଏପରି ନ ବାହାରିଲେ ମୁଣ୍ଡକୁ ପୂର୍ବ ଅବସ୍ଥାରେ ନୁଆଁଇ ରଖି କାନ ଫରିକୁ ଧୀରେ ଧୀରେ ହଲାନ୍ତୁ । ଏହାଦ୍ୱାରା କାନର ନଳୀ ସିଧା ହୋଇ ପାଣି ବାହାରି ଆସିବ ।

➔ଶୁଖିଲା କପଡ଼ାରେ ଧୀରେ ଧୀରେ କାନକୁ ପୋଛି ଆଣନ୍ତୁ । ଏପରି କଲେ ମଧ୍ୟ ପାଣି ଶୁଖିଯିବ ଏବଂ ଫଙ୍ଗାଲ୍ ଇନ୍‌ଫେକ୍‌ଶନ ହେବ ନାହିଁ । ମନେରଖନ୍ତୁ, ଏହା ଯେପରି କାନ ଭିତରକୁ ଆଦୌ ନ ଯାଏ ସେଥିପ୍ରତି ଧ୍ୟାନ ଦିଅନ୍ତୁ ।

➔ପାଣି ଭିତରକୁ ଥିଲେ ଏପରି କଲେ ବି କୌଣସି ଉପକାର ମିଳି ନ ଥାଏ । ଏମିତିରେ ହେୟାର୍ ଡ୍ରାୟର ମଧ୍ୟ କାମରେ ଆସିପାରେ । ଏଥିପାଇଁ ହେୟାର୍ ଡ୍ରାୟରକୁ ଲୋ ହିଟ୍ ମୋଡ୍‌ରେ ସେଟ୍ କରି କାନଠାରୁ ଏକ ଫୁଟ୍ ଦୂରରେ ରଖି ଅନ୍ କରନ୍ତୁ । ହାଲୁକା ଗରମ ପବନ ବାଜିଲେ କାନରେ ପଶି ରହିଥିବା ପାଣି ବାହାରି ଆସିବ ଏବଂ କାନ ଭିତରେ ଓଦା ନ ରହି ଶୀଘ୍ର ଶୁଖି ମଧ୍ୟ ଯିବ । ହେଲେ ଏଥିପାଇଁ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ସହ ନିଜେ ହେୟାର ଡ୍ରାୟର ନ ଧରି ଅନ୍ୟର ସାହାଯ୍ୟ ନେବା ଭଲ ।





➔ଯଦି ଏହିସବୁ ଉପାୟ ପରେ ବି କାନରୁ ପାଣି ନ ବାହାରେ କିମ୍ବା କାନରେ ଯନ୍ତ୍ରଣା ଅନୁଭବ ହୁଏ, ତେବେ ଡାକ୍ତରଙ୍କ ପରାମର୍ଶ କ୍ରମେ ଇୟର ଡ୍ରପ୍ ପକାଇପାରିବେ କିମ୍ବା ଡାକ୍ତରଖାନାରେ ପାଣି ବାହାର କରିପାରିବେ ।

➔ମନେରଖନ୍ତୁ, ଇୟର ବଡ୍ କିମ୍ବା କୌଣସି କାଠି ଯେପରି ଦିଆସିଲି କାଠିରେ ତୁଳା ଗୁଡ଼ାଇ କିମ୍ବା ଚାବି ଆଦିକୁ ପାଣି ବାହାର କରିବା ଲାଗି କାନରେ ଆଦୌ ପୂରାନ୍ତୁ ନାହିଁ । ଏହାଦ୍ୱାରା କାନକୁ କ୍ଷତି ପହଞ୍ଚିପାରେ ।



4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ




**SHOWROOMS: ODISHA:** RENAULT **BHUBANESWAR** Ph: 8860076082, RENAULT **BHUBANESWAR CENTRAL** Ph: 7428190232. RENAULT **BHAWANIPATNA** Ph: 9311733963. RENAULT **CUTTACK** Ph: 9311772648. RENAULT **JEYPORE** Ph: 9311596618. RENAULT **SAMBALPUR** Ph: 8448890323.